

**'ସକାଳ'ର ଛୁଟି**

ଶ୍ରମିକ ଦିବସ ଉପଲକ୍ଷେ ମେ ୧ ତାରିଖ 'ସକାଳ' କାର୍ଯ୍ୟାଳୟ ଛୁଟି ରହୁଥିବାରୁ ୨ ତାରିଖ ସଂସ୍କରଣ ବନ୍ଦ ରହିବ। ପରବର୍ତ୍ତୀ ସଂସ୍କରଣ ୩ ତାରିଖ (ରବିବାର) ପ୍ରକାଶ ପାଇବ।

-ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-303 ◆FRIDAY ◆01 MAY 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୩୦୩ ◆ଶୁକ୍ରବାର ◆୦୧ ମେ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


**ଟଙ୍କା ମୂଲ୍ୟରେ ହ୍ରାସ ଧାରା ଜାରି**

## ୧ ଡଲାର = ୯୫.୨୬ ଟଙ୍କା

■ ନୂଆଦିଲ୍ଲୀ, ୩୦।୪ (ଏଜେନ୍ସି): ଅଶୋଧିତ ତୈଳ ମୂଲ୍ୟରେ ବୃଦ୍ଧି ଏବଂ ଆମଦାନୀକାରୀଙ୍କ ନିକଟରେ ଚାହିଦା ବୃଦ୍ଧି ଯୋଗୁଁ ଭାରତୀୟ ମୁଦ୍ରା 'ଟଙ୍କା' ରେକର୍ଡ ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ଗୁରୁବାର କାରବାରରେ ଟଙ୍କା ଚାପର ସମ୍ମୁଖୀନ ହୋଇ ଏହା ଆମେରିକୀୟ ଡଲାର ତୁଳନାରେ ୪୪ ପଇସା ହ୍ରାସ ଘଟିଛି। ଏହାଫଳରେ ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟର ରେକର୍ଡ ୯୫ ଟଙ୍କା ୨୬ ପଇସା ସ୍ତରକୁ ଖସିଆସିଛି। ମାର୍ଚ୍ଚ ୩୦ ପରଠାରୁ ପ୍ରଥମ ଥର ପାଇଁ ଡଲାର ତୁଳନାରେ ଟଙ୍କା ୯୫ ସ୍ତର



ଅତିକ୍ରମ କରିଛି। ଟଙ୍କା ମୂଲ୍ୟରେ ଏହି ନୂତନ ହ୍ରାସ ଫେଡେରାଲ ରିଜର୍ଭର ନୀତିନିର୍ଦ୍ଧାରକଙ୍କ ତୀକ୍ଷ୍ଣ ନଜର ରଖୁଥିବାର ସଙ୍କେତ ପରେ ଆସିଛି, ଯାହା ଡଲାର ଏବଂ ଆମେରିକୀୟ ବଣ୍ଡ ଇଲ୍‌ଡକୁ ସୁଦୃଢ଼ କରିଛି। ଟ୍ରେଡରଙ୍କ ଅନୁଯାୟୀ ଉଚ୍ଚ ଆମେରିକୀୟ ବଣ୍ଡ ଇଲ୍ଡ ଏବଂ ଡଲାରର ଶକ୍ତି ବୃଦ୍ଧି ପାଇବା ଫଳରେ ଟଙ୍କା ଉଦୀୟମାନରେ ଆକର୍ଷଣ ହରାଇଛି। ବିଦେଶୀ ପାଣ୍ଠିର ନିରନ୍ତର ପ୍ରବାହ ଏବଂ ଆମଦାନୀକାରୀମାନଙ୍କ ନିକଟରେ ଡଲାର ଚାହିଦାରେ ବୃଦ୍ଧି ଟଙ୍କା ଦୁର୍ବଳ ହେବାର ପ୍ରାଥମିକ କାରଣ ବୋଲି କୁହାଯାଉଛି।

**କେବେ ଖୋଲିବ ହରମୁଜ୍ ତାଲା**

## ୧୨୬ ଡଲାର ଟପିଲା ଅଶୋଧିତ ତୈଳ

■ ନୂଆଦିଲ୍ଲୀ, ୩୦।୪ (ଏଜେନ୍ସି): ଗୁରୁବାର ବିଶ୍ୱ ବଜାରରେ ଅଶୋଧିତ ତୈଳ ମୂଲ୍ୟରେ ଏକ ବଡ଼ ଧରଣର ବୃଦ୍ଧି ଦେଖିବାକୁ ମିଳିଛି। ଇରାନ ଏବଂ ଆମେରିକା ମଧ୍ୟରେ ବୃଦ୍ଧି ପାଉଥିବା ଉତ୍ତେଜନା ଏବଂ ହର୍ମୁଜ୍ ପ୍ରଣାଳୀରେ ଅବରୋଧ ଯୋଗୁଁ ତୈଳ ଯୋଗାଣ ବାଧାପ୍ରାପ୍ତ ହୋଇଛି। ଏହି ଯୋଗାଣ ଜନିତ ଅଭାବରେ ତୈଳ ମୂଲ୍ୟ ୭% ପର୍ଯ୍ୟନ୍ତ ବୃଦ୍ଧି ପାଇଛି, ଯାହା ବ୍ୟାରେଲ ପିଛା ୧୨୬ ଡଲାର ସୀମା ଅତିକ୍ରମ କରିଛି। ୨୦୨୨ ପରେ ଏହାକୁ ଅଶୋଧିତ ତେଲ ଦରର ସର୍ବୋଚ୍ଚ ସ୍ତର



**୨୦୨୨ ପରେ ସର୍ବାଧିକ**

**ଘାରିଲାଣି ମୁଦ୍ରାସ୍ଫୀତି ଭୟ**

କୁହାଯାଉଛି। ତେବେ ବିଶ୍ୱ ବଜାରରେ ଅଶୋଧିତ ତୈଳ ମୂଲ୍ୟରେ ଏହି ବୃଦ୍ଧି ଭାରତ ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇବ ବୋଲି ଆଶଙ୍କା କରାଯାଉଛି। ଗୁରୁବାର ଜୁନ୍ ଡେଲିଭରୀ ପାଇଁ ଉର୍ଦ୍ଧିଷ୍ଟ ବ୍ରେଣ୍ଟ କ୍ରୁଡ୍ ବ୍ୟାରେଲ ପିଛା ୧୨୬ ଡଲାରରେ ଟପିଛି। ଏହି ସମୟରେ ଆମେରିକୀୟ ଅଶୋଧିତ ତେଲ (ଡବ୍ଲ୍ୟୁଟିଆଇ) ମୂଲ୍ୟରେ ୩.୩% ବୃଦ୍ଧି ପାଇ ଏହା ୧୧୦ ଡଲାର ପ୍ରତି ବ୍ୟାରେଲରେ କାରବାର ହେଉଛି। ଅଶୋଧିତ ତେଲ ଦରରେ ଏହି ବୃଦ୍ଧି ପାଇଁ ଟ୍ରମ୍ପଙ୍କ କଠୋରପନ୍ଥୀ ମନୋଭାବକୁ ଦାୟୀ ▶ପୃଷ୍ଠା-୭

**ବିଧାନସଭାର ସ୍ୱତନ୍ତ୍ର ଦିନିକିଆ ଅଧିବେଶନ**

# ସରକାର-ବିରୋଧୀ ମୁହାଁମୁହିଁ

ଗୁରୁବାର ଅନୁଷ୍ଠିତ ହୋଇଛି ବିଧାନସଭାର ଦିନିକିଆ ସ୍ୱତନ୍ତ୍ର ଅଧିବେଶନ। ଏହି ଅଧିବେଶନରେ ଭାରତୀୟ ଗଣତନ୍ତ୍ରରେ ମହିଳାଙ୍କ ଯୋଗଦାନ ସଂକ୍ରାନ୍ତ ଆଲୋଚନା ଅବସରରେ ସରଗରମ ହୋଇଛି ରାଜ୍ୟ ରାଜନୀତି। କେନ୍ଦୁଝର ଜିଲ୍ଲାରେ ସଦ୍ୟ ଘଟିଥିବା 'କଙ୍କାଳ' ପ୍ରସଙ୍ଗକୁ ନେଇ ବିରୋଧୀ ସରକାରଙ୍କୁ କଟୁ ସମାଲୋଚନା କରି ମହିଳା ସଶକ୍ତୀକରଣର ଏହା କେଉଁ ଉଦାହରଣ ବୋଲି ପ୍ରଶ୍ନ କରିଛନ୍ତି। ମୁଖ୍ୟମନ୍ତ୍ରୀ, ଶାସକ ଦଳର ବିଧାୟକମାନେ କେବଳ ବିଜେପି ମହିଳା ସଶକ୍ତୀକରଣ ପାଇଁ ପ୍ରତିବଦ୍ଧ ବୋଲି ଉଲ୍ଲେଖ କରିଥିବାବେଳେ ମହିଳା ସଂରକ୍ଷଣକୁ ନେଇ ବିଜେପି ରାଜନୀତି କରୁଥିବା ବିରୋଧୀ ଅଭିଯୋଗ କରିଛନ୍ତି। ବିରୋଧୀଦଳ ନେତା ନବୀନ ପଟ୍ଟନାୟକ 'କଙ୍କାଳ' ପ୍ରସଙ୍ଗ ସରକାରଙ୍କ ଅସମ୍ବେଦନଶୀଳତାକୁ ସମାଲୋଚନା କରିବା ସହ ଏହି ଘଟଣା ଅନ୍ତର୍ଜାତୀୟସ୍ତରରେ ଓଡ଼ିଶାର ଛବିକୁ ମଳିନ କରିଥିବା ଅଭିଯୋଗ କରିଛନ୍ତି। ମୁଖ୍ୟମନ୍ତ୍ରୀ ବିବୃତି ରଖିବା ସମୟରେ ଗୃହ ମଧ୍ୟଭାଗରେ କଂଗ୍ରେସ ସଦସ୍ୟମାନେ ପ୍ଲାକାର୍ଡ ପ୍ରଦର୍ଶନ କରିବା ପରେ କକ୍ଷତ୍ୟାଗ କରିଥିଲେ।

## ରାଜନୈତିକ ସଂରକ୍ଷଣ ବିନା ମହିଳା ସଶକ୍ତୀକରଣ ସମ୍ଭବ ନୁହେଁ: ମୁଖ୍ୟମନ୍ତ୍ରୀ

**ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ମହିଳା ସଶକ୍ତୀକରଣ ପାଇଁ ନିଆଯାଇଛି ପଦକ୍ଷେପ**

**ଓଡ଼ିଶାର ପ୍ରତିଟି ମା'ଙ୍କୁ 'ଲକ୍ଷପତି ଦିଦି' ଭାବେ ଗଢ଼ିବା ଆମ ସରକାରଙ୍କ ଲକ୍ଷ୍ୟ**

**ଗଣତନ୍ତ୍ରରେ ମହିଳାମାନେ କେବଳ ଭୋଟର ନୁହନ୍ତି, ବରଂ ସକ୍ରିୟ ଭାଗୀଦାର**

■ ଭୁବନେଶ୍ୱର, ୩୦।୪ (ସମିସ): ମହିଳାମାନଙ୍କୁ ରାଜନୈତିକ ସଂରକ୍ଷଣ ପ୍ରଦାନ ବିନା ସେମାନଙ୍କର ସଶକ୍ତୀକରଣ ସମ୍ଭବ ନୁହେଁ। ସେମାନଙ୍କର ଆର୍ଥିକ, ସାମାଜିକ ବିକାଶ ନିମନ୍ତେ ରାଜନୈତିକ ସଂରକ୍ଷଣ ଏକାନ୍ତ ଆବଶ୍ୟକ। ତେଣୁ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ କେବଳ ଏକ ବିଲ୍‌କୁ ନେଇ ସୀମିତ ନୁହେଁ।



ସଶକ୍ତୀକରଣର ଅର୍ଥ କେବଳ ଅର୍ଥନୈତିକ ସ୍ୱାବଲମ୍ବନତା ନୁହେଁ; ନିଜ ଜୀବନ, ପରିବାର ଓ ସମାଜ ପାଇଁ ନିଷ୍ପତ୍ତି ନେବାର ଅଧିକାର ହିଁ ପ୍ରକୃତ ସଶକ୍ତୀକରଣ ବୋଲି ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ▶ପୃଷ୍ଠା-୭

## ମୁଁ ଥିବା ଯାଏଁ ଓଡ଼ିଶାକୁ କେହି ହକ୍‌ରୁ ବଞ୍ଚିତ କରି ପାରିବେ ନାହିଁ: ନବୀନ

**ମହିଳା ସଶକ୍ତୀକରଣ ବିଷୟରେ କହିବାର ଅଧିକାର ବିଜେପିର ନାହିଁ**

**କଙ୍କାଳ କାହାଣୀ ସାରା ବିଶ୍ୱରେ ଓଡ଼ିଶାର ମୁଣ୍ଡ ତଳକୁ କରିଦେଇଛି**

**ବିନା ଆଲୋଚନାରେ ସୀମା ନିର୍ଦ୍ଧାରଣକୁ ଲଦି ଦେବା ହୀନ ଚକ୍ରାନ୍ତ**

■ ଭୁବନେଶ୍ୱର, ୩୦।୪ (ସମିସ): ରାଜ୍ୟରେ ଥିବା ବିଜେପି ସରକାରଙ୍କ ମହିଳାଙ୍କ ସମ୍ମାନ ଏବଂ ସଶକ୍ତିକରଣ ବିଷୟରେ କହିବାର କୌଣସି ଅଧିକାର ନାହିଁ। ଶାସନ କେବଳ ମିଛ ପ୍ରଚାର ଏବଂ ଦେଖାଣିଆ ପ୍ରଦର୍ଶନରେ ସୀମିତ। ଜନସାଧାରଣଙ୍କୁ ଭଣ୍ଡାଇବା ପାଇଁ ମିଛ କାହାଣୀ ଗଢ଼ିବା ବ୍ୟତୀତ



ଓଡ଼ିଶାରେ ବିଜେପି ଆଉ କିଛି କରିନାହିଁ। ଓଡ଼ିଶାବାସୀଙ୍କୁ ମୁଁ ଭରସା ଦେଉଛି; ମୁଁ ଥିଲା ପର୍ଯ୍ୟନ୍ତ ଓଡ଼ିଶାକୁ ତା'ର ହକ୍‌ରୁ କେହି ବଞ୍ଚିତ କରି ପାରିବ ନାହିଁ ବୋଲି ବିଧାନସଭାରେ ▶ପୃଷ୍ଠା-୭

**ଶାନ୍ତି ପ୍ରସ୍ତାବକୁ ଟ୍ରମ୍ପଙ୍କ ପ୍ରତ୍ୟାଖ୍ୟାନ**

## ଇରାନର 'ହୃଦ୍‌ଘାତ୍' ଅସ୍ତ୍ର ଧମକ

■ ତେହେରାନ/ୱାସିଂଟନ, ୩୦।୪ (ଏଜେନ୍ସି): ପ୍ରଥମେ ହର୍ମୁଜରୁ ସାମରିକ ଅବରୋଧ ହଟାଅ। ପରମାଣୁ ସଂପର୍କରେ ପରବର୍ତ୍ତୀ ସମୟରେ ଆଲୋଚନା କରାଯାଇପାରିବ। ଇରାନ ଦେଇଥିବା ଏଭଳି ପ୍ରସ୍ତାବକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସିଧାସଳଖ ପ୍ରତ୍ୟାଖ୍ୟାନ କରିଛନ୍ତି। ସେ କହିଛନ୍ତି ଯେ ବୋମାମାଡ଼ ଅପେକ୍ଷା ଆର୍ଥିକ ଅବରୋଧ ଅଧିକ ପ୍ରଭାବଶାଳୀ। ଇରାନକୁ କୌଣସି ପରିସ୍ଥିତିରେ ପରମାଣୁ ଅସ୍ତ୍ର ତିଆରି କରିବାକୁ ଦିଆଯିବ ନାହିଁ। ତେବେ ଇରାନ ଆକ୍ରମଣ ପାଇଁ ପୁଣିଥରେ ପରୋକ୍ଷରେ ଦେଇଥିବା ଧମକ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି ଇରାନ। ଆମେରିକା ବିରୋଧରେ "ରହସ୍ୟମୟ ଅସ୍ତ୍ର' ବ୍ୟବହାର କରିବାକୁ ଧମକ ଦେଇଛି। ଇରାନ ନୌସେନା ମୁଖ୍ୟ ଆଡମିରାଲ ଶହରାମ ଇରାନୀ କହିଛନ୍ତି ଯେ, ଇରାନ ଖୁବଶୀଘ୍ର ଏଭଳି ଏକ ଅସ୍ତ୍ର ବ୍ୟବହାର କରିବ ଯାହାକୁ ଶତ୍ରୁପକ୍ଷ ଭୟ କରନ୍ତି। ଏହି ଅସ୍ତ୍ର ଶତ୍ରୁଙ୍କୁ "ହାର୍ଟ ଆଟାକ୍' (ହୃଦ୍‌ଘାତ) କରିଦେଇପାରେ ବୋଲି ସେ ପରିହାସ କରି କହିଛନ୍ତି।

ଇରାନ ଦାବି କରିଛି ଯେ ଆମେରିକାର



ବିମାନବାହୀ ଜାହାଜ 'ଆବ୍ରାହମ ଲିଙ୍କନ' ଉପରେ ଏହା ୭ ଥର କ୍ଷେପଣାସ୍ତ୍ର ଆକ୍ରମଣ କରିଛି, ଯାହାଫଳରେ ଆମେରିକାର ବାୟୁସେନା କାର୍ଯ୍ୟାନୁଷ୍ଠାନ କିଛି ସମୟ ପାଇଁ ବାଧାପ୍ରାପ୍ତ ହୋଇଥିଲା। ଇରାନୀ କମାଣ୍ଡର ଆମେରିକାକୁ "ସୋମାଲିଆ ଡକାୟତ"ଙ୍କ ସହ ତୁଳନା କରିଛନ୍ତି। ଆମେରିକା ବେଆଇନ ଭାବେ ଇରାନର ଜାହାଜ ଓ କର୍ମଚାରୀଙ୍କୁ ବନ୍ଧକ ରଖିଥିବା ସେ ଅଭିଯୋଗ କରିଛନ୍ତି। ଇରାନ ଓ ଆମେରିକା ପୁଣି ଥରେ ମୁହାଁମୁହିଁ ଅବସ୍ଥାକୁ ଆସିଥିବାରୁ ପାରସ୍ୟ ଉପସାଗର ଅଞ୍ଚଳରେ ଯୁଦ୍ଧ ଆହୁରି ଭୟଙ୍କର ରୂପ ନେଇପାରେ ବୋଲି ଅନ୍ତର୍ଜାତୀୟ ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି। ▶ପୃଷ୍ଠା-୭

**ଟ୍ରମ୍ପଙ୍କ ସହ କଥାହେଲେ ପୁଟିନ**

**ଟଙ୍କା ପାଇଁ ବ୍ୟାଙ୍କ ଆଗରେ କଙ୍କାଳ ରଖିବା ଘଟଣାର ଆର୍‌ଡିସି ତଦନ୍ତ**

## ବ୍ୟାଙ୍କ, ମେଡିକାଲ କର୍ତ୍ତୃପକ୍ଷ କରିଥିଲେ ଅବହେଳା

■ ତୁରୁମୁଙ୍ଗା, ୩୦।୪ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଡିଆନାଳି ଗ୍ରାମର ଜିତୁ ମୁଣ୍ଡା। ନିଜ ମୃତ ବଡ଼ଭଉଣୀ କାଲାରା ମୁଣ୍ଡାଙ୍କ ନାମରେ ଥିବା ଟଙ୍କାକୁ ଉଠାଇବା ପାଇଁ ମଲ୍ଲୀପଶି ଗ୍ରାମ୍ୟବ୍ୟାଙ୍କକୁ ଗତ ସୋମବାର ଯାଇଥିଲେ। ବ୍ୟାଙ୍କ ମ୍ୟାନେଜର ଟଙ୍କା ଦେବାକୁ ମନା କରିବା ସହ ଭଉଣୀକୁ ଆଣିକି ଆସ କହିବା ପରେ ସେ ବ୍ୟାଙ୍କରୁ ଆସି ମଶାଣିରୁ ଶବକୁ ଖୋଳି କଙ୍କାଳକୁ କାନ୍ଧରେ ବୋହି ନେଇ ଖରାରେ



ଚାଲି ଚାଲି ଯାଇ ବ୍ୟାଙ୍କ ସମ୍ମୁଖରେ ରଖିଥିଲେ। ଏହି ଘଟଣା ସାରା ଓଡ଼ିଶାରେ ଚର୍ଚ୍ଚା ହୋଇଥିବା ବେଳେ ଗୁରୁବାର ଉତ୍ତରାଞ୍ଚଳ ଆରଡିସି ସଂଗ୍ରାମ କେଶରୀ ମହାପାତ୍ର ଉକ୍ତ ଗାଁକୁ ଯାଇ ଅନୁଧ୍ୟାନ କରିବା ସହ ତଦନ୍ତ କରିବା ପରେ ବ୍ୟାଙ୍କ ଓ ମେଡିକାଲ କର୍ତ୍ତୃପକ୍ଷଙ୍କ ଅବହେଳାକୁ ସାମନାକୁ ଆସିଛି। ତଦନ୍ତର ଏକ ପୁଙ୍ଖାନୁପୁଙ୍ଖ ରିପୋର୍ଟ ସରକାରଙ୍କୁ ପ୍ରଦାନ କରାଯିବ ବୋଲି ଶ୍ରୀ ମହାପାତ୍ର କହିଛନ୍ତି।

ଆରଡିସିଙ୍କ ସହ କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂ, ଅତିରିକ୍ତ ▶ପୃଷ୍ଠା-୭

**୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଅର୍ଥନୈତିକ ସ୍ୱାସ୍ଥ୍ୟ ସୂଚକାଙ୍କ**

## 'ନବୀନ ଗଣିତ'କୁ 'ନିତି' ମୋହର: ଦେଶରେ ଓଡ଼ିଶା ଶ୍ରେଷ୍ଠ

**ମୋଟ ୫ ବର୍ଗ ମଧ୍ୟରୁ ୪ଟିରେ ଓଡ଼ିଶା ଏକ ନମ୍ବର**

**ଓଡ଼ିଶାର ଆର୍ଥିକ ସ୍ୱାସ୍ଥ୍ୟକୁ ସର୍ବାଧିକ ୭୩.୧ ନମ୍ବର**

**ଗୁଣାତ୍ମକ ବ୍ୟୟ ଓ ଋଣ ପରିଚାଳନାରେ ଓଡ଼ିଶା ସର୍ବଶ୍ରେଷ୍ଠ**

■ ଭୁବନେଶ୍ୱର, ୩୦।୪ (ସମିସ): ନବୀନ ପଟ୍ଟନାୟକଙ୍କ ସରକାର ରାଜ୍ୟରୁ କ୍ଷମତାରୁ ଯିବା ଇତିମଧ୍ୟରେ ଦୁଇ ବର୍ଷ ବିତିଲାଣି । ମାତ୍ର ନବୀନ ସରକାରଙ୍କ ବିତ୍ତୀୟ ଗଣିତ ଏବେ ବି ସାରା ଦେଶରେ ଓଡ଼ିଶାକୁ ଶ୍ରେଷ୍ଠ କରି ରଖିଛି। ଦେଶର ବିଭିନ୍ନ ରାଜ୍ୟର ଆର୍ଥିକ ସ୍ୱାସ୍ଥ୍ୟକୁ ନେଇ ନିତି ଆୟୋଗର ସଦ୍ୟତମ ରିପୋର୍ଟରେ ଓଡ଼ିଶାକୁ ପୁଣି ମିଳିଛି ଦେଶର ଶ୍ରେଷ୍ଠ ରାଜ୍ୟ ମାନ୍ୟତା। କ୍ଷମତାରୁ ଯିବାର ଦୁଇ ବର୍ଷ ପରେ ବି ବିଭିନ୍ନ କେନ୍ଦ୍ରୀୟ ରିପୋର୍ଟରେ ତତ୍କାଳୀନ ନବୀନ ପଟ୍ଟନାୟକ ସରକାରଙ୍କ ବିକାଶର ଛବି, ଅର୍ଥନୀତି, ସ୍ୱାସ୍ଥ୍ୟ ସେବା ଆଦି ପ୍ରଶଂସିତ ହୋଇଛି।

ଅତୀତରେ ବିଜେଡି ସରକାରର ଆର୍ଥିକ ପରିଚାଳନାକୁ ବିଭିନ୍ନ ସମୟରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ସଂସ୍ଥା ପ୍ରଶଂସା କରି ଆସିଛନ୍ତି। ଏକ ନିଅଣ୍ଟିଆ ଓ ରୋଗୀଣା ଅର୍ଥନୀତିରୁ ରାଜ୍ୟକୁ ଏକ ରାଜସ୍ୱ ବଳକା ରାଜ୍ୟରେ ପରିଣତ କରିବା ସହ ସୁସ୍ଥ ବିତ୍ତୀୟ ପରିଚାଳନା ଯୋଗୁଁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟିକୁ ସାରା ଦେଶ ପ୍ରଶଂସା କରିଛି। ▶ପୃଷ୍ଠା-୭


सत्यमेव जयते



**ମଇ ଦିବସ-୨୦୨୬ ଅବସରରେ**

**ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା**

"ମଇ ଦିବସ" ଅବସରରେ ମୁଁ ରାଜ୍ୟର ସମସ୍ତ ଶ୍ରମିକ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ନିଜ ନିଜ ପରିସରରେ ପ୍ରତ୍ୟେକ ନିଷ୍ଠାପର ଭାବେ କର୍ମ କରି ନିଜ ପାଇଁ ତଥା ରାଜ୍ୟ ପାଇଁ ଗର୍ବ ଓ ଗୌରବର କାରଣ ହେବା ସହିତ ଏକ "ବିକଶିତ ଓଡ଼ିଶା–ବିକଶିତ ଭାରତ" ଗଠନ ଦିଗରେ ଅବଦାନ ରଖିବାକୁ ମୁଁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମପାଟି)

OIPR-1001/1001/2/26-27/0001

1001/31/2627



**ଆନ୍ତର୍ଜାତିକ ଶ୍ରମିକ ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା**

ଆନ୍ତର୍ଜାତିକ ଶ୍ରମିକ ଦିବସ ଅବସରରେ ଓଡ଼ିଶାର ଶ୍ରମିକ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି । ରାଜ୍ୟର ବିକାଶ କ୍ଷେତ୍ରରେ ଆପଣମାନଙ୍କ ଅମୂଲ୍ୟ ଯୋଗଦାନ ପ୍ରତି ମୁଁ ସମ୍ମାନ ଜଣାଉଛି । ଶ୍ରମିକ ସମାଜର ସର୍ବାଙ୍ଗୀନ ଉନ୍ନତି, କଲ୍ୟାଣ ତଥା ଅଧିକାରର ସୁରକ୍ଷା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ ।

ଆସନ୍ତୁ, ଏକ ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନରେ ସମସ୍ତେ ସମ୍ମିଳିତ ହୋଇ କାମ କରିବା ।

(ମୋହନ ଚରଣ ମାଝୀ)

ମୁଖ୍ୟମନ୍ତ୍ରୀ, ଓଡ଼ିଶା





ସକାଳ
THE SAKALA
www.sakalaepaper.com

## ଚନ୍ଦ୍ରଯାନ-୫ ପାଇଁ କାଉଣ୍ଟଡାଉନ୍ ଆରମ୍ଭ

**ବେଙ୍ଗାଲୁରୁ/ଟୋକିଓ,୩୦।୪(ଏଜେନ୍ସି):** ଭାରତର ପରବର୍ତ୍ତୀ ମହତ୍ୱାକାଂକ୍ଷୀ ଚନ୍ଦ୍ର ଅଭିଯାନ ଚନ୍ଦ୍ରଯାନ-୫ ପାଇଁ ପ୍ରସ୍ତୁତି ଜୋରଦାର ହୋଇଛି। ଏହି ମିଶନର ପ୍ରସ୍ତୁତି ଓ ଉତକ୍ଷେପଣ ସ୍ଥଳର ଅନୁଧ୍ୟାନ କରିବା ପାଇଁ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ର ଏକ ପ୍ରତିନିଧି ଦଳ ଜାପାନ ଗସ୍ତ କରିଛନ୍ତି। ଚନ୍ଦ୍ରଯାନ-୫ ମିଶନରେ ଭାରତର 'ଇସ୍ରୋ' ଏବଂ ଜାପାନର ମହାକାଶ ସଂସ୍ଥା 'ଜାକ୍ସା' ମିଳିତ ଭାବେ କାର୍ଯ୍ୟ କରୁଛନ୍ତି। ୨୦୨୮ ମସିହାରେ ଏହି ମିଶନକୁ ଜାପାନରୁ ଉତକ୍ଷେପଣ କରାଯିବାର ଯୋଜନା ରହିଛି। ଇସ୍ରୋ ଟିମ୍ ଜାପାନର ଲଞ୍ଚ୍ ପ୍ୟାଡ୍, ବୈଷୟିକ ସୁବିଧା ଏବଂ ଗଭୀର ମହାକାଶ ଅଭିଯାନ ପାଇଁ ଆବଶ୍ୟକ ପରିବେଶର ଯାଞ୍ଚ କରିବେ। ଏହାସହ ରକେଟ୍ ଏବଂ ପେଲୋଡ୍ ମଧ୍ୟରେ ବୈଷୟିକ ସମନ୍ୱୟ ରକ୍ଷା କରିବା ଏହି ଗସ୍ତର ମୂଳ ଲକ୍ଷ୍ୟ। ଚନ୍ଦ୍ରଯାନ-୩ ର ସଫଳତା ପରେ ଚନ୍ଦ୍ରଯାନ-୫ରେ ଅଧିକ ଉନ୍ନତ ସେନସର ଏବଂ ଲ୍ୟାଣ୍ଡିଂ ସିଷ୍ଟମ ବ୍ୟବହାର କରାଯିବ। ଚନ୍ଦ୍ରର ଦକ୍ଷିଣ ମେରୁରେ ଜଳର ସନ୍ଧାନ ଏବଂ ଗବେଷଣା ପାଇଁ ଏହି ମିଳିତ ଅଭିଯାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ସହଯୋଗ ଦ୍ୱାରା ଉଭୟ ଦେଶ ମଧ୍ୟରେ ତଥ୍ୟ ଆଦାନପ୍ରଦାନ ସହଜ ହେବ ଏବଂ ଅଭିଯାନର ଖର୍ଚ୍ଚ ମଧ୍ୟ କମିବ। ଏହି ମିଶନ ବିଶ୍ୱ ମହାକାଶ ବିଜ୍ଞାନ କ୍ଷେତ୍ରରେ ଭାରତ ଓ ଜାପାନର ବଢୁଥିବା ବନ୍ଧୁତାକୁ ଏକ ନୂତନସ୍ତରକୁ ନେଇଯିବ।



## ଚୀନ ପୋଷାକ ପିନ୍ଧି ବିବାଦରେ ଆମେରିକା ପ୍ରତିରକ୍ଷା ମନ୍ତ୍ରୀଙ୍କ ପତ୍ନୀ

**ୱାଶିଂଟନ, ୩୦।୪ (ଏଜେନ୍ସି):** ଏକ ହାଇ-ପ୍ରୋଫାଇଲ୍ କାର୍ଯ୍ୟକ୍ରମରେ ପିଟ୍ ହେଗସେଥଙ୍କ ପତ୍ନୀ ଜେନିଫର ରୌଚେଟ୍ ପିନ୍ଧିଥିବା ପୋଷାକକୁ ନେଇ ଏବେ ସୋସିଆଲ ମିଡିଆରେ ବଡ଼ ବିତର୍କ ସୃଷ୍ଟି ହୋଇଛି। ମାତ୍ର ୪,୦୦୦ ଟଙ୍କା (୫୦ ଡଲାର) ମୂଲ୍ୟର ଏହି ପୋଷାକ ରାଜନୀତି, ଅର୍ଥନୀତି ଏବଂ ନୈତିକତାକୁ ନେଇ ନୂଆ ବିବାଦ ଆରମ୍ଭ କରିଛି। ଜେନିଫର ପିନ୍ଧିଥିବା ଗାଉନ୍‌ଟି ଚୀନ୍‌ର ଶସ୍ତା ଫ୍ୟାଶନ ପ୍ଲାଟଫର୍ମ 'ସିଇନ୍‌ର' କିମ୍ବା 'ଟେମୁ'ର ପୋଷାକ ଭଳି ଦେଖାଯାଉଥିବା ଦାବି କରାଯାଉଛି। ଏହାର ମୂଲ୍ୟ ପ୍ରାୟ ୪୦ ରୁ ୬୦ ଡଲାର ମଧ୍ୟରେ ବୋଲି କୁହାଯାଉଛି। ପିଟ୍ ହେଗସେଥ ଏବଂ ତାଙ୍କ ରାଜନୈତିକ ଗୋଷ୍ଠୀ ସବୁବେଳେ 'ଆମେରିକା ଫାଷ୍ଟ' (ପ୍ରଥମେ ଆମେରିକା) ନୀତି ଏବଂ ଚୀନ୍ ସହ ବାଣିଜ୍ୟିକ କଟକଣା ସପକ୍ଷରେ କଥା ହୁଅନ୍ତି। ଏଭଳି ସ୍ଥିତିରେ ଚୀନ୍‌ର ଶସ୍ତା ପୋଷାକ ପିନ୍ଧିବା ଦ୍ୱାରା ତାଙ୍କର କଥା ଓ କାମରେ ସମାନତା ନାହିଁ ବୋଲି ସମାଲୋଚକମାନେ ପ୍ରଶ୍ନ ଉଠାଇଛନ୍ତି। ସମାଲୋଚକଙ୍କ କହିବା କଥା ହେଉଛି, 'ସିଇନ୍' ଭଳି କମ୍ପାନୀଗୁଡ଼ିକ ଶ୍ରମିକ ଶୋଷଣ ଏବଂ ପରିବେଶ ପ୍ରଦୂଷଣ ପାଇଁ ବଦନାମ। ଜଣେ ଜଣାଶୁଣା ବ୍ୟକ୍ତିତ୍ୱ ଏହାକୁ ବ୍ୟବହାର କରିବା ଅନୁଚିତ। ଅନ୍ୟପଟେ ଅନେକ ଲୋକ ଜେନିଫରଙ୍କୁ ସମର୍ଥନ ମଧ୍ୟ କରିଛନ୍ତି।

## ଭ୍ୟାନ୍ ଦୁର୍ଘଟଣାରେ ଗଲା ୧୬ ଜୀବନ

**ଧାର୍,୩୦।୪(ଏଜେନ୍ସି):** ମଧ୍ୟପ୍ରଦେଶର ଧାର୍ ଜିଲ୍ଲାରେ ବୁଧବାର ରାତିରେ ଘଟିଥିବା ଭୟଙ୍କର ପିକଅପ୍ ଭ୍ୟାନ୍ ଦୁର୍ଘଟଣାରେ ପ୍ରାଣ ହରାଇଥିବା ୧୬ ଜଣଙ୍କର ଆଜି ଶୋକାକୁଳ ପରିବେଶରେ ଅନ୍ତିମ ସଂସ୍କାର କରାଯାଇଛି। ଗୋଟିଏ ଚିତାରେ ୪ ଜଣ ମହିଳାଙ୍କ ଶବ ରଖି ଦାହ କରାଯିବା ଦୃଶ୍ୟ ସମସ୍ତଙ୍କୁ ସ୍ତବ୍ଧ କରିଦେଇଛି। ପ୍ରାୟ ୪୬ ଜଣ ଶ୍ରମିକଙ୍କୁ ନେଇ ଯାଉଥିବା ଏକ ପିକଅପ୍ ଭ୍ୟାନର ଟାୟାର୍ ଫାଟିଯିବାରୁ ଏହା ପ୍ରାୟ ୧୦୦ କିମି ବେଗରେ ଡିଭାଇଡରରେ ପିଟି ହୋଇ ଓଲଟି ପଡ଼ିଥିଲା। ଏହାପରେ ବିପରୀତ ଦିଗରୁ ଆସୁଥିବା ଏକ ସ୍କର୍ପିଓ ସହ ଏହାର ଧକ୍କା ହୋଇଥିଲା। ଏହି ଦୁର୍ଘଟଣାରେ ୬ ଶିଶୁଙ୍କ ସମେତ ମୋଟ ୧୬ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୩୦ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକମାନେ ନୟାପୁରା, ସେମଲିପୁରା ଓ ରାମପୁରା ଗ୍ରାମର ବୋଲି ଜଣାପଡ଼ିଛି। ଇନ୍ଦୋର ଗ୍ରାମୀଣ ଡିଆଇଜି ମନୋଜ କୁମାର ସିଂହ ଘଟଣାସ୍ଥଳ ପରିଦର୍ଶନ କରି କହିଛନ୍ତି ଯେ, ଅତ୍ୟଧିକ ବେଗ ଏବଂ ରାସ୍ତା ନିର୍ମାଣରେ ତ୍ରୁଟି ଯୋଗୁଁ ଏହି ଦୁର୍ଘଟଣା ଘଟିଛି। ଘଟଣାସ୍ଥଳରେ କୌଣସି ସାଇନ୍ ବୋର୍ଡ କିମ୍ବା ଷ୍ଟପ୍ ସିଗନାଲ୍ ନଥିବା ସେ ସୂଚନା ଦେଇଛନ୍ତି।

## ହସ୍ପିଟାଲ କାନ୍ଥ ଭୁଶୁଡ଼ି ୭ ମୃତ

**ବେଙ୍ଗାଲୁରୁ,୩୦।୪(ଏଜେନ୍ସି):** ବେଙ୍ଗାଲୁରୁରେ ପ୍ରବଳ ବର୍ଷା ଯୋଗୁଁ ଏକ ବଡ଼ ଧରଣର ଅଘଟଣ ଘଟିଛି। ସହରର ବୋରିଂ ଏବଂ ଲେଡି କର୍ଜନ ହସ୍ପିଟାଲର ପୁରୁଣା କାନ୍ଥ ଭୁଶୁଡ଼ି ପଡ଼ିବାରୁ ୭ ଜଣଙ୍କର ମୃତ୍ୟୁ ଘଟିଛି, ଯେଉଁଥିରେ ୩ ଜଣ ଶିଶୁ ରହିଛନ୍ତି। ବୁଧବାର ପ୍ରବଳ ବର୍ଷା ଯୋଗୁଁ ହସ୍ପିଟାଲର କାନ୍ଥଟି ଦୁର୍ବଳ ହୋଇ ଭୁଶୁଡ଼ି ପଡ଼ିଥିଲା। ସେହି ସମୟରେ ରାସ୍ତା କଡ଼ରେ ଥିବା ଉଠା ଦୋକାନୀ ଏବଂ ବାଟୋଇମାନେ ପଥର ଗଦା ତଳେ ଚାପି ହୋଇଯାଇଥିଲେ। ଉଦ୍ଧାରକାରୀ ଦଳ ଧ୍ୱଂସାବଶେଷ ତଳୁ ୭ ଜଣଙ୍କୁ ଆହତ ଅବସ୍ଥାରେ ଉଦ୍ଧାର କରିଛନ୍ତି। ଆହତଙ୍କ ମଧ୍ୟରେ କେରଳରୁ ବୁଲିବାକୁ ଆସିଥିବା ୩ ଜଣ ପର୍ଯ୍ୟଟକ ମଧ୍ୟ ରହିଛନ୍ତି। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ କିଛି ଲୋକ ନିଜର ହାତଗୋଡ଼ ମଧ୍ୟ ହରାଇଛନ୍ତି। ମୁଖ୍ୟମନ୍ତ୍ରୀ ସିଦ୍ଧାରାମୈୟା ଘଟଣାସ୍ଥଳ ପରିଦର୍ଶନ କରି ମୃତକଙ୍କ ପରିବାର ପାଇଁ ୫ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର କହିଛନ୍ତି ଯେ ଏହି ଘଟଣା ପାଇଁ ଦାୟୀ ବ୍ୟକ୍ତିଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପଟେ ବିରୋଧୀ ଦଳ ଏହାକୁ ପ୍ରଶାସନିକ ବିଫଳତା ବୋଲି ସମାଲୋଚନା କରିଛନ୍ତି। ବେଙ୍ଗାଲୁରୁରେ ପ୍ରବଳ ବର୍ଷା ଯୋଗୁଁ ରାସ୍ତାଘାଟରେ ପାଣି ଜମି ରହିବା ସହ ଶିବାଜୀନଗର ଅଞ୍ଚଳରେ ପ୍ରବଳ ଟ୍ରାଫିକ୍ ଜାମ୍ ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ ଯେ, ୨୦୨୪ ଅକ୍ଟୋବରରେ ମଧ୍ୟ ବେଙ୍ଗାଲୁରୁରେ ବର୍ଷା ଯୋଗୁଁ ଏକ ୭ ମହଲା କୋଠା ଭୁଶୁଡ଼ି ୮ ଜଣଙ୍କର ମୃତ୍ୟୁ ଘଟିଥିଲା।

# ନେତାଙ୍କ ନିଦ ହଜାଇଛି ଏକ୍‌ଜିଟ୍ ପୋଲ୍



**ନୂଆଦିଲ୍ଲୀ,୩୦।୪(ଏଜେନ୍ସି):** ୪ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ର ଶାସିତ ଅଞ୍ଚଳର ବିଧାନସଭା ନିର୍ବାଚନ ଶେଷ ହୋଇଛି। ଆସନ୍ତା ୪ ତାରିଖରେ ଫଳାଫଳ ପ୍ରକାଶ ପାଇବାକୁ ଥିବା ବେଳେ ସମସ୍ତ ଦଳର ନେତାଙ୍କୁ ବାୟା କରିଛି ଏକ୍‌ଜିଟ ପୋଲ୍। ଗତକାଲି ପଶ୍ଚିମ ବଙ୍ଗରେ ଅନ୍ତିମ ପର୍ଯ୍ୟାୟ ମତଦାନ ଶେଷ ହେବାପରେ ବିଭିନ୍ନ ସଂସ୍ଥା ପକ୍ଷରୁ କରାଯାଇଥିବା ବୁଥ ବାହୁଡ଼ା ମତ ବା ଏକ୍‌ଜିଟ ପୋଲ୍ ଆସାମକୁ ଛାଡ଼ିଦେଲେ ଅନ୍ୟ ତିନିଟି ରାଜ୍ୟ ଓ ଗୋଟିଏ କେନ୍ଦ୍ର ଶାସିତ ଅଞ୍ଚଳ ସଂପର୍କରେ ଭିନ୍ନ ଭିନ୍ନ ତଥ୍ୟ ଦେଉଛି। ଅନେକ ସମୟରେ ଏକଜିଟ୍ ପୋଲ୍ ଭୁଲ ପ୍ରମାଣିତ ହେଉଥିବା ବେଳେ ଏଥର ଫେଲ୍ ମାରିବ ନାହିଁ ତ? ଏହି ଚିନ୍ତାରେ ନେତାମାନଙ୍କର ନିଦ ହଜିଯାଇଛି। ତେଣୁ ଏକଜିଟ୍ ପୋଲ୍ ତଥ୍ୟ ଉପରେ ଭରସା ନକରି ନେତାମାନେ ନିଜ ନିଜର ଦଳର ଆଭ୍ୟନ୍ତରୀଣ ରିପୋର୍ଟକୁ ନେଇ ଆକଳନ କରିବାରେ ଲାଗିଛନ୍ତି।

ଗତକାଲି ପ୍ରାୟ ସମସ୍ତ ସଂସ୍ଥା ପୂର୍ବାନୁମାନ କଲେ ତାମିଲନାଡୁରେ ଡିଏମକେକୁ ସ୍ପଷ୍ଟ ବହୁମତ ମିଳିବ। ଏବେ ଆଉ କିଛି ସଂସ୍ଥା କହୁଛନ୍ତି ଯେ ଅଭିନେତା ବିଜୟଙ୍କ ଟିଭିକେ ଦଳ ଅପ୍ରତ୍ୟାଶିତ ଭାବେ ଡିଏମକେକୁ ଝଟକା ଦେଇପାରେ। କେରଳରେ କିଏ ଜିତିବ, ତାହାକୁ ନେଇ ବି ଏକଜିଟ୍ ପୋଲ୍ ସଂସ୍ଥା ନିଶ୍ଚିତ ନୁହନ୍ତି। ପୁଡୁଚେରୀକୁ ନେଇ ମଧ୍ୟ ସସ୍‌ପେନ୍ସ ଜାରି ରହିଛି। ତେବେ ସମସ୍ତଙ୍କର ନଜର ରହିଛି ପଶ୍ଚିମ ବଙ୍ଗ ଉପରେ। ମମତାଙ୍କ ଟିଏମସି ଜିତିବ ବୋଲି ଦୁଇ ତିନିଟି ସଂସ୍ଥାକୁ ଛାଡ଼ିଦେଲେ ଅନ୍ୟ କେତେକ ସଂସ୍ଥା କହୁଛନ୍ତି ବିଜେପି ଜିତିବ। ପୁଣି ସେହିମାନେ କହୁଛନ୍ତି କଡ଼ା ଟକ୍କର ହୋଇଛି। ଏହାକୁ ନେଇ ସସପେନ୍ସ ଜାରି ରହିଥିବା ବେଳେ ଦେଶର ଅନ୍ୟତମ ପ୍ରମୁଖ ସର୍ଭେ ସଂସ୍ଥା 'ଆକ୍ସିସ୍ ମାଇ ଇଣ୍ଡିଆ' ଚଳିତ ଥର ପଶ୍ଚିମବଙ୍ଗ ପାଇଁ କୌଣସି ତଥ୍ୟ ଜାରି କରିବ ନାହିଁ ବୋଲି ସ୍ପଷ୍ଟ କରିଛି। ସଂସ୍ଥାର ପ୍ରତିଷ୍ଠାତା ପ୍ରଦୀପ ଗୁପ୍ତା କହିଛନ୍ତି ଯେ, ସର୍ଭେ ସମୟରେ ପ୍ରାୟ ୬୦-୭୦% ଭୋଟର କୌଣସି ପ୍ରତିକ୍ରିୟା ଦେଇନାହାନ୍ତି। କେବଳ ୨୦-୩୦ ପ୍ରତିଶତ ନମୁନାକୁ ନେଇ କୌଣସି ନିର୍ଦ୍ଦିଷ୍ଟ ଆକଳନ କରିବା ଠିକ୍ ହେବନାହିଁ।

**ପଶ୍ଚିମବଙ୍ଗ ନେଇ 'ଆକ୍ସିସ୍ ମାଇ ଇଣ୍ଡିଆ'ର ଖୁଲାସା**
**ଭୋଟର ନୀରବ, ଏକଜିଟ୍ ପୋଲ୍ ଠିକ୍ ହେବ କେମିତି?**
**ଆମେ ୨୨୬ ଆସନ ଜିତିବୁ: ମମତା**

ଅନ୍ୟପକ୍ଷେରେ ଟିଏମସି ସୁପ୍ରିମୋ ତଥା ପଶ୍ଚିମ ବଙ୍ଗ ମୁଖ୍ୟମନ୍ତ୍ରୀ ମମତା କହିଛନ୍ତି ଯେ ଗତ ନିର୍ବାଚନ ଅପେକ୍ଷା ଏଥର ତାଙ୍କ ପାର୍ଟି ଅଧିକ ଆସନ ପାଇବ। ତାଙ୍କ ଦଳକୁ ୨୨୬ରୁ ଅଧିକ ଆସନ ମିଳିବ। ସେ କହିଛନ୍ତି ଯେ ବିଜେପି ଜିତିବ ବୋଲି କହି ବିଭିନ୍ନ ଏକଜିଟ୍ ପୋଲ୍ ସଂସ୍ଥା ବିଭ୍ରାନ୍ତି ସୃଷ୍ଟି କରୁଛନ୍ତି। ଗତ ତିନିଟି ନିର୍ବାଚନରେ ସେମାନେ ଏଭଳି ଭୁଲ ଆକଳନ କରିଥିଲେ। ସେମାନେ ବିଜେପିର ସଂସ୍ଥା ହୋଇଥିବାରୁ ସେମାନଙ୍କୁ ବିଶ୍ୱାସ ନକରିବାକୁ ସେ ଦଳୀୟ କର୍ମୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଏଭଳି ରିପୋର୍ଟ ଦେଇ ସେମାନେ ଟିଏମସି କର୍ମୀଙ୍କୁ ହତୋତ୍ସାହିତ କରିବାକୁ ଚାହୁଁଛନ୍ତି। କେବଳ ଏତିକି ନୁହେଁ ଏଭଳି ରିପୋର୍ଟକୁ ଢାଲ କରି ବିଜେପି ଇଭିଏମରେ ଗଡ଼ବଡ଼ି କରିପାରେ ବୋଲି ସେ ଅଭିଯୋଗ କରିଛନ୍ତି। ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ଇଭିଏମ୍ ଉପରେ ୨୪ ଘଣ୍ଟିଆ ନଜର ରଖିବା ଲାଗି ସେ ଆହ୍ୱାନ ଦେଇଛନ୍ତି।

# ଆମେରିକାକୁ ପାକିସ୍ତାନର ଝଟ୍‌କା

**ଇରାନ ପାଇଁ ଖୋଲିଲା ୬ଟି ସ୍ଥଳପଥ, ଟ୍ରମ୍ପଙ୍କ ରଣନୀତି ଫେଲ୍ !**



**ୱାଶିଂଟନ,୩୦।୪(ଏଜେନ୍ସି):** ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ଉତ୍ତେଜନା ମଧ୍ୟରେ ପାକିସ୍ତାନ ଏକ ବଡ଼ ପଦକ୍ଷେପ ନେଇଛି। ଆମେରିକା ପକ୍ଷରୁ ଇରାନ ଉପରେ ଲଗାଯାଇଥିବା ଆର୍ଥିକ କଟକଣାକୁ ବାଇପାସ୍ କରିବା ପାଇଁ ପାକିସ୍ତାନ ୬ଟି ନୂଆ ସ୍ଥଳପଥ ଖୋଲିବାକୁ ଅନୁମତି ଦେଇଛି। ଏହି ପଦକ୍ଷେପ ପରେ ପାକିସ୍ତାନ ଉପରେ 'ଦୋମୁହାଁ ନୀତି' ଅବଲମ୍ବନ କରୁଥିବା ଅଭିଯୋଗ ଆଣିଛି ଆମେରିକା। ଆରବ ସାଗରରେ ଆମେରିକା ପକ୍ଷରୁ ସାମୁଦ୍ରିକ ଅବରୋଧ କରାଯାଇଥିବାରୁ ଇରାନର ବାଣିଜ୍ୟ ପ୍ରଭାବିତ ହୋଇଛି। ପାକିସ୍ତାନ ଦେଇ ୬ଟି ସ୍ଥଳପଥ ଖୋଲିବା ଦ୍ୱାରା ଇରାନ ଏବେ ସହଜରେ ରୁଷ, ଚୀନ୍ ଏବଂ ଅନ୍ୟ ଦେଶଗୁଡ଼ିକ ସହ ବ୍ୟବସାୟ ଜାରି ରଖିପାରିବ। ଆମେରିକାର ଜାତୀୟ ସୁରକ୍ଷା ବିଶେଷଜ୍ଞ ଡେରେକ୍ ଜେ ଗ୍ରସମ୍ୟାନ ଚେତାବନୀ ଦେଇଛନ୍ତି ଯେ, ପାକିସ୍ତାନର ଏହି ନିଷ୍ପତ୍ତି ଟ୍ରମ୍ପ ପ୍ରଶାସନର 'ଅତ୍ୟଧିକ ଆର୍ଥିକ ଚାପ' ରଣନୀତିକୁ ଦୁର୍ବଳ କରିଦେବ। ପାକିସ୍ତାନ ପୁଣିଥରେ ଆମେରିକାକୁ ଠକିଛି ବୋଲି ସେ କହିଛନ୍ତି। ପାକିସ୍ତାନ ବର୍ତ୍ତମାନ ଆମେରିକା ଏବଂ ଇରାନ ମଧ୍ୟରେ ମଧ୍ୟସ୍ଥି ଭାବେ କାର୍ଯ୍ୟ କରୁଛି। କିନ୍ତୁ ଇସ୍ରାଏଲ ଏବଂ ନିଜେ ଇରାନ ମଧ୍ୟ ପାକିସ୍ତାନର ନିରପେକ୍ଷତା ଉପରେ ପ୍ରଶ୍ନ ଉଠାଇଛନ୍ତି। ଇରାନର କହିବା କଥା ଯେ ପାକିସ୍ତାନ ଆମେରିକା ସପକ୍ଷରେ କାମ କରୁଛି, ଅନ୍ୟପଟେ ଇସ୍ରାଏଲ ଏହାକୁ ଏକ 'ଅବିଶ୍ୱାସୀ' ଦେଶ ବୋଲି କହିଛି। ପାକିସ୍ତାନ ବନ୍ଦରରେ ପ୍ରାୟ ୩,୦୦୦ ରୁ ଅଧିକ ଇରାନ ଅଭିମୁଖୀ କଣ୍ଟେନର ଅଟକି ରହିଛି।

## ଭାରତୀୟ ସେନା ଉପରେ ଚୀନ୍ କ୍ୟାମେରାର ନଜର

**ଜଲନ୍ଧର,୩୦।୪(ଏଜେନ୍ସି):** ପଞ୍ଜାବ ପୋଲିସର ଜଲନ୍ଧର କାଉଣ୍ଟର ଇଣ୍ଟେଲିଜେନ୍ସ ୟୁନିଟ୍ ଏକ ବଡ଼ ସଫଳତା ହାସଲ କରିଛି। ପାକିସ୍ତାନୀ ଗୁପ୍ତଚର ସଂସ୍ଥା ଆଇଏସ୍‌ଆଇ ଦ୍ୱାରା ପରିଚାଳିତ ଏକ ଗୁପ୍ତଚର ନେଟୱାର୍କକୁ ପୋଲିସ ଧରାଶାୟୀ କରିବା ସହ ଜଣେ ମୁଖ୍ୟ ଅଭିଯୁକ୍ତ ସୁଖବିନ୍ଦର ସିଂ ଓରଫ୍ ସୁଖାକୁ ଗିରଫ କରିଛି। ଅଭିଯୁକ୍ତ ଓ ତାର ସହଯୋଗୀମାନେ ବିଭିନ୍ନ ସମ୍ବେଦନଶୀଳ ସ୍ଥାନ, ବିଶେଷକରି ସେନା କ୍ୟାମ୍ପ ନିକଟରେ ସୌରଶକ୍ତି ଚାଳିତ ସିସିଟିଭି କ୍ୟାମେରା ଲଗାଉଥିଲେ। ଏଥିରେ ୪-ଜି ସଂଯୋଗ ରହିଥିଲା, ଯାହା ମାଧ୍ୟମରେ ସେନାର ଗତିବିଧିର ସିଧାପ୍ରସାରଣ ପାକିସ୍ତାନରେ ଥିବା ସେମାନଙ୍କ ମାଲିକଙ୍କ ପଠାଯାଉଥିଲା। କପୁରଥଲାରୁ ଚୀନ୍ ପ୍ରସ୍ତୁତ ଅତ୍ୟାଧୁନିକ ସୌରଚାଳିତ ସିସିଟିଭି ଉପକରଣ ଏବଂ ସିମ୍ କାର୍ଡ ଜବତ କରାଯାଇଛି। ମୋବାଇଲ୍ ଆପ୍ଲିକେସନ୍ ଜରିଆରେ ଏହି ସବୁ ତଥ୍ୟ ପାକିସ୍ତାନକୁ ପଠାଯାଉଥିଲା। ଗିରଫ ଅଭିଯୁକ୍ତ ଫିରୋଜପୁରର ବାସିନ୍ଦା। ଏହି ମାମଲାରେ ଅମୃତସର ସ୍ଥିତ ସ୍ୱତନ୍ତ୍ର ସେଲ୍‌ରେ ଏକ ଆପରାଧିକ ମାମଲା ରୁଜୁ କରାଯାଇଛି। ପଞ୍ଜାବ ପୋଲିସ ମୁଖ୍ୟ ଗୌରବ ଯାଦବ କହିଛନ୍ତି ଯେ ରାଜ୍ୟର ଶାନ୍ତି ଓ ସୁରକ୍ଷା ବଜାୟ ରଖିବା ସହ ଶତ୍ରୁ ଦେଶର ଏଭଳି ଚକ୍ରାନ୍ତକୁ ପଣ୍ଡ କରିବା ପାଇଁ ପୋଲିସ ସମ୍ପୂର୍ଣ୍ଣ ପ୍ରସ୍ତୁତ। ବର୍ତ୍ତମାନ ପୋଲିସ ଏହି ନେଟୱାର୍କ ସହ ଜଡ଼ିତ ଅନ୍ୟ ସଦସ୍ୟମାନଙ୍କୁ ଧରିବା ପାଇଁ ତଦନ୍ତ ଜାରି ରଖିଛି।

■ ନାବାଳିକା ଗର୍ଭପାତ ମାମଲା

## ଆଇନ ବଦଳାଇବାକୁ କେନ୍ଦ୍ରକୁ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୩୦।୪(ଏଜେନ୍ସି):** ଜଣେ ୧୫ ବର୍ଷୀୟା ଦୁଷ୍କର୍ମ ପୀଡ଼ିତାଙ୍କ ୩୧ ସପ୍ତାହର ଗର୍ଭପାତକୁ ନେଇ ସୁପ୍ରିମକୋର୍ଟ ଆଜି କେନ୍ଦ୍ର ସରକାରଙ୍କୁ କଡ଼ା ଭାଷାରେ ଭର୍ତ୍ସନା କରିଛନ୍ତି। ବ୍ୟକ୍ତିଗତ ପସନ୍ଦ ଏବଂ ଗରିମାର ସହ ବଞ୍ଚିବାର ଅଧିକାରକୁ ସମ୍ମାନ ଦେବାକୁ କୋର୍ଟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ କହିଛନ୍ତି ଯେ, ଯଦି ଦୁଷ୍କର୍ମ ଯୋଗୁଁ ଗର୍ଭଧାରଣ ହୋଇଥାଏ, ତେବେ ଗର୍ଭପାତ ପାଇଁ କୌଣସି ସମୟ ସୀମା ରହିବା ଅନୁଚିତ। ସମୟ ସହିତ ଆଇନରେ ପରିବର୍ତ୍ତନ ହେବା ଦରକାର। ଜଷ୍ଟିସ ଜୟମାଲ୍ୟ ବାଗଚୀ କହିଛନ୍ତି, ଆମେ ବ୍ୟକ୍ତିଗତ ପସନ୍ଦକୁ ସମ୍ମାନ କରୁ, ଆପଣଙ୍କୁ ମଧ୍ୟ କରିବା ଉଚିତ। ପୀଡ଼ିତା ବା ତାଙ୍କ ପରିବାର ହିଁ ନିଷ୍ପତ୍ତି ନେବେ ଯେ ସେମାନେ ଗର୍ଭପାତ ଚାହାଁନ୍ତି କି ନାହିଁ, ଏଥିରେ ସରକାରଙ୍କ ହସ୍ତକ୍ଷେପ ଅନାବଶ୍ୟକ। କୋର୍ଟ କହିଛନ୍ତି ଯେ ଜଣେ ୧୫ ବର୍ଷର ଶିଶୁ ପ୍ରତି ମୁହୂର୍ତ୍ତରେ ମାନସିକ ଯନ୍ତ୍ରଣା ଦେଇ ଗତି କରୁଛି। ଯଦି ଜଣେ ଶିଶୁ ଏବଂ ଭ୍ରୂଣ ମଧ୍ୟରେ ଲଢେଇ ହୁଏ, ତେବେ ଶିଶୁଟିକୁ ସମ୍ମାନର ସହ ବଞ୍ଚିବାକୁ ସୁଯୋଗ ମିଳିବା ଉଚିତ। ସରକାରଙ୍କ ପକ୍ଷରୁ ଏମ୍ସର ଏକ ରିପୋର୍ଟ ଦର୍ଶାଇ କୁହାଯାଇଥିଲା ଯେ, ଏହି ସମୟରେ ଗର୍ଭପାତ କଲେ ଜନ୍ମ ହେବାକୁ ଥିବା ଶିଶୁ ବିକଳାଙ୍ଗ ହୋଇପାରେ ଏବଂ ନାବାଳିକା ମା'ର ସ୍ୱାସ୍ଥ୍ୟ ଉପରେ ମଧ୍ୟ ଏହାର ଖରାପ ପ୍ରଭାବ ପଡ଼ିପାରେ। ସରକାର ଶିଶୁଟିକୁ ଜନ୍ମ ଦେଇ ପୋଷ୍ୟ ସନ୍ତାନ ଭାବେ ଅନ୍ୟକୁ ଦେବାକୁ ପରାମର୍ଶ ଦେଇଥିଲେ।



ଗତ ସପ୍ତାହରେ କୋର୍ଟ ନାବାଳିକାଙ୍କୁ ଗର୍ଭପାତ ପାଇଁ ଅନୁମତି ଦେଇଥିଲେ। କୋର୍ଟ କହିଥିଲେ ଯେ ପୀଡ଼ିତା ଦୁଇଥର ଆତ୍ମହତ୍ୟା ଉଦ୍ୟମ କରିସାରିଛନ୍ତି ଏବଂ ତାଙ୍କୁ ଗର୍ଭଧାରଣ ପାଇଁ ବାଧ କରିବା ତାଙ୍କର ମୌଳିକ ଅଧିକାରର ଉଲ୍ଲଂଘନ। ସୁପ୍ରିମକୋର୍ଟଙ୍କ ଏହି ଆଭିମୁଖ୍ୟ ମହିଳାମାନଙ୍କ ପ୍ରଜନନ ସ୍ୱାଧୀନତା ଏବଂ ନିଜ ଶରୀର ଉପରେ ନିଜର ଅଧିକାର ଦିଗରେ ଏକ ବଡ଼ ପଦକ୍ଷେପ ବୋଲି ବିବେଚନା କରାଯାଉଛି।

## 'ମୁଁ କ'ଣ ଦୁର୍ଦ୍ଧାନ୍ତ ଅପରାଧୀ?'

**ନୂଆଦିଲ୍ଲୀ,୩୦।୪(ଏଜେନ୍ସି):** କଂଗ୍ରେସ ନେତା ପବନ ଖେରାଙ୍କୁ ନେଇ ଚାଲିଥିବା ଆଇନଗତ ଲଢେଇ ଏବେ ସୁପ୍ରିମକୋର୍ଟରେ ପହଞ୍ଚିଛି। ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମାଙ୍କ ପତ୍ନୀଙ୍କ ବିରୋଧରେ କଥିତ ଅପମାନଜନକ ମନ୍ତବ୍ୟ ମାମଲାରେ ଖେରାଙ୍କ ଅଗ୍ରିମ ଜାମିନ ଆବେଦନ ଉପରେ ଶୁଣାଣି କରି କୋର୍ଟ ନିଜର ରାୟ ସଂରକ୍ଷିତ ରଖିଛନ୍ତି। ଖେରାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଅଭିଷେକ ମନୁ ସିଙ୍ଘଭୀ କୋର୍ଟରେ କହିଥିଲେ ଯେ, ସମ୍ବିଧାନର ଧାରା ୨୧ ଅନୁଯାୟୀ ପ୍ରତ୍ୟେକ ବ୍ୟକ୍ତିଙ୍କ ବ୍ୟକ୍ତିଗତ ସ୍ୱାଧୀନତା ରକ୍ଷା କରାଯିବା ଉଚିତ। ସିଙ୍ଘଭୀ କହିଥିଲେ ଯେ ପୱନ ଖେରା କୌଣସି ଦୁର୍ଦ୍ଧାନ୍ତ ଅପରାଧୀ ନୁହନ୍ତି। ତେଣୁ ତାଙ୍କୁ ଗିରଫ କରି ଜେରା କରିବାର କୌଣସି ଆବଶ୍ୟକତା ନାହିଁ। ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମାଙ୍କୁ ସେ 'କନ୍‌ଷ୍ଟିଚ୍ୟୁସନାଲ କାଉବୟ' ବା 'ରାମ୍ବୋ' ବୋଲି ସମ୍ବୋଧନ କରି କହିଥିଲେ ଯେ, ସେ ଜଣେ ସାମ୍ବିଧାନିକ ପଦବୀରେ ଥାଇ ଜଣେ ବ୍ୟକ୍ତିଙ୍କୁ ଆଜୀବନ କାରାଦଣ୍ଡର ଧମକ ଦେଉଛନ୍ତି। ଅନ୍ୟପକ୍ଷରେ, ଆସାମ ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଗିରଫଦାରୀକୁ ସମର୍ଥନ କରିଥିଲେ। ସେ କହିଥିଲେ ଯେ, ଖେରା ଦେଖାଇଥିବା ଦସ୍ତାବିଜଗୁଡ଼ିକର ଉତ୍ସ ଜାଣିବା ପାଇଁ ତାଙ୍କୁ ହେପାଜତକୁ ନେଇ ଜେରା କରିବା ଜରୁରୀ।

## ୬୫୭ଟି ପ୍ରାଚୀନ କଳାକୃତି ଫେରାଇଲା ଆମେରିକା





**ନ୍ୟୁୟର୍କ,୩୦।୪(ଏଜେନ୍ସି):** ଆନ୍ତର୍ଜାତୀୟ ଚୋରା ଚାଲାଣକାରୀଙ୍କ କବଳରୁ ଉଦ୍ଧାର କରାଯାଇଥିବା ପ୍ରାୟ ୬୫୭ଟି ପ୍ରାଚୀନ କଳାକୃତି ଆମେରିକା ଭାରତକୁ ଫେରସ୍ତ କରିଛି। ଏହି ସମସ୍ତ କଳାକୃତିର ମୋଟ ମୂଲ୍ୟ ପ୍ରାୟ ୧.୪ କୋଟି ଡଲାର (ପ୍ରାୟ ୧୧୫ କୋଟି ଟଙ୍କା) ହେବ ବୋଲି ଆକଳନ କରାଯାଇଛି। ନ୍ୟୁୟର୍କର ମ୍ୟାନହଟନ ଡିଷ୍ଟ୍ରିକ୍ଟ ଆଟର୍ଣ୍ଣିଙ୍କ କାର୍ଯ୍ୟାଳୟ ପକ୍ଷରୁ ଆନ୍ତର୍ଜାତୀୟ ଚୋରା ଚାଲାଣ ନେଟୱାର୍କ ବିରୋଧରେ କରାଯାଇଥିବା ତଦନ୍ତ ସମୟରେ ଏହି ମୂଲ୍ୟବାନ ସାମଗ୍ରୀଗୁଡ଼ିକ ଜବତ କରାଯାଇଥିଲା। ବିଶେଷକରି କୁଖ୍ୟାତ କଳାକୃତି ବ୍ୟବସାୟୀ ସୁଭାଷ କପୁର ଏବଂ ନୈନ୍ସି ୱିନରଙ୍କ ସହ ଜଡ଼ିତ ନେଟୱାର୍କରୁ ଏଗୁଡ଼ିକ ମିଳିଥିଲା। ଛତିଶଗଡ଼ର ରାୟପୁର ସଂଗ୍ରହାଳୟରୁ ଚୋରି ହୋଇଥିବା ଏହି ମୂର୍ତ୍ତିର ମୂଲ୍ୟ ପ୍ରାୟ ୨୦ ଲକ୍ଷ ଡଲାର। ଲାଲ୍ ବାଲୁଆ ପଥରରେ ନିର୍ମିତ ଏକ ପ୍ରାଚୀନ ବୁଦ୍ଧ ମୂର୍ତ୍ତି ମଧ୍ୟ ଫେରସ୍ତ ହୋଇଛି, ଯାହାର ମୂଲ୍ୟ ୭୫ ଲକ୍ଷ ଡଲାର ବୋଲି କୁହାଯାଉଛି। ମଧ୍ୟପ୍ରଦେଶର ଏକ ମନ୍ଦିରରୁ ଚୋରି ହୋଇଥିବା ପ୍ରଭୁ ଗଣେଶଙ୍କ ଏକ ପ୍ରାଚୀନ ମୂର୍ତ୍ତି ମଧ୍ୟ ଏହି ତାଲିକାରେ ଅନ୍ତର୍ଭୁକ୍ତ। ନ୍ୟୁୟର୍କସ୍ଥିତ ଭାରତୀୟ ମହାବାଣିଜ୍ୟ ଦୂତ ବିନୟ ପ୍ରଧାନ ଏହି ପଦକ୍ଷେପ ପାଇଁ ଆମେରିକୀୟ ଏଜେନ୍ସିଗୁଡ଼ିକୁ ଧନ୍ୟବାଦ ଜଣାଇଛନ୍ତି। ସାଂସ୍କୃତିକ ସମ୍ପତ୍ତିର ସୁରକ୍ଷା ପାଇଁ ଏହା ଏକ ବଡ଼ ସଫଳତା। ଆମେରିକା ଅଧିକାରୀଙ୍କ ସୂଚନା ଅନୁଯାୟୀ, ବର୍ତ୍ତମାନ ସୁଦ୍ଧା ସେମାନେ ବିଭିନ୍ନ ଦେଶର ୬,୨୦୦ରୁ ଅଧିକ କଳାକୃତି ଉଦ୍ଧାର କରିସାରିଛନ୍ତି। ବିଦେଶରେ ଥିବା ଅନ୍ୟ ସମସ୍ତ ଭାରତୀୟ ଐତିହ୍ୟକୁ ଫେରାଇ ଆଣିବା ପାଇଁ ତଦନ୍ତ ଏବଂ ଆଇନଗତ ପ୍ରକ୍ରିୟା ଜାରି ରହିଛି।

## ଅଷ୍ଟ୍ରେଲିଆରେ ଭାରତୀୟ ଏବେ ସର୍ବବୃହତ୍ ପ୍ରବାସୀ ଗୋଷ୍ଠୀ

**ଇଂଲଣ୍ଡକୁ ପଛରେ ପକାଇଲା**



**କାନବେରା,୩୦।୪(ଏଜେନ୍ସି):** ଅଷ୍ଟ୍ରେଲିଆର ଜନସଂଖ୍ୟା ତାଲିକାରେ ଏକ ଐତିହାସିକ ପରିବର୍ତ୍ତନ ଦେଖିବାକୁ ମିଳିଛି। ପ୍ରଥମ ଥର ପାଇଁ ଅଷ୍ଟ୍ରେଲିଆରେ ବସବାସ କରୁଥିବା ଭାରତୀୟ ବଂଶୋଭବଙ୍କ ସଂଖ୍ୟା ଇଂଲଣ୍ଡରୁ ଆସିଥିବା ନାଗରିକଙ୍କୁ ଅତିକ୍ରମ କରିଛି। ଅଷ୍ଟ୍ରେଲିଆ ବ୍ୟୁରୋ ଅଫ୍ ଷ୍ଟାଟିଷ୍ଟିକ୍ସ (ଏବିଏସ୍) ପକ୍ଷରୁ ଜାରି କରାଯାଇଥିବା ସଦ୍ୟତମ ତଥ୍ୟରୁ ଏହା ସ୍ପଷ୍ଟ ହୋଇଛି। ଜୁନ୍ ୨୦୨୫ ସୁଦ୍ଧା ଅଷ୍ଟ୍ରେଲିଆରେ ଭାରତୀୟ ବଂଶୋଭବଙ୍କ ସଂଖ୍ୟା ପ୍ରାୟ ୯,୭୧,୦୨୦ ରେ ପହଞ୍ଚିଛି। ଅନ୍ୟପଟେ ଇଂଲଣ୍ଡରୁ ଆସିଥିବା ପ୍ରବାସୀଙ୍କ ସଂଖ୍ୟା ୯,୭୦,୯୫୦ ରହିଛି। ୧୯୦୧ ମସିହା ପରଠାରୁ ଅଷ୍ଟ୍ରେଲିଆରେ ସବୁଠାରୁ ବଡ଼ ବିଦେଶୀ ଗୋଷ୍ଠୀ ଭାବେ ଇଂଲଣ୍ଡ ସର୍ବଦା ପ୍ରଥମ ସ୍ଥାନରେ ରହିଆସୁଥିଲା। କିନ୍ତୁ ଦୀର୍ଘ ୧୨୪ ବର୍ଷ ପରେ ଭାରତ ଏହି ସ୍ଥାନ ଦଖଲ କରିଛି। ସୂଚନାଯୋଗ୍ୟ ଯେ, ଅଷ୍ଟ୍ରେଲିଆର ମୋଟ ୨.୭୬ କୋଟି ଜନସଂଖ୍ୟା ମଧ୍ୟରୁ ପ୍ରାୟ ୩୨ ପ୍ରତିଶତ (୮୮ ଲକ୍ଷ) ଲୋକ ବିଦେଶରେ ଜନ୍ମଗ୍ରହଣ କରିଛନ୍ତି। ତାଲିକାରେ ଚୀନ ତୃତୀୟ ସ୍ଥାନରେ ରହିଛି। ଅଷ୍ଟ୍ରେଲିଆରେ ପ୍ରାୟ ୭,୩୧,୫୪୦ ଚୀନ ବଂଶୋଭବ ବସବାସ କରୁଛନ୍ତି। ୨୦୧୫ ମସିହା ପରଠାରୁ ଅଷ୍ଟ୍ରେଲିଆରେ ଭାରତୀୟଙ୍କ ପ୍ରବାସ ହାରରେ ଆଶାତୀତ ବୃଦ୍ଧି ଘଟିଛି। ବିଶେଷକରି ଶିକ୍ଷା ଏବଂ କର୍ମସଂସ୍ଥାନ ପାଇଁ ଭାରତୀୟମାନେ ଅଷ୍ଟ୍ରେଲିଆକୁ ପସନ୍ଦ କରୁଛନ୍ତି।

## ଭାରତକୁ କୋହିନୂର ଫେରାଉ ବ୍ରିଟେନ: ମାମ୍‌ଦାନୀ



**ନ୍ୟୁୟର୍କ,୩୦।୪(ଏଜେନ୍ସି):** ବ୍ରିଟେନର ରାଜା କିଙ୍ଗ ଚାର୍ଲସଙ୍କ ଆମେରିକା ଗସ୍ତ ସମୟରେ କୋହିନୂର ହୀରାକୁ ଭାରତକୁ ଫେରାଇବା ପାଇଁ ଦାବି ଜୋର ଧରିଛି। ନ୍ୟୁୟର୍କର ପ୍ରଥମ ଭାରତୀୟ ବଂଶୋଭବ ମେୟର ଜୋହରାନ ମାମଦାନୀ ଏହି ଦାବିକୁ ସମର୍ଥନ କରିଛନ୍ତି। ୯/୧୧ ଆତଙ୍କବାଦୀ ଆକ୍ରମଣର ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ କିଙ୍ଗ ଚାର୍ଲସ ନ୍ୟୁୟର୍କ ଗସ୍ତରେ ଅଛନ୍ତି। ଏହି ଅବସରରେ ଏକ ସମ୍ବାଦିକ ସମ୍ମିଳନୀରେ ମେୟର ମାମଦାନୀ କହିଛନ୍ତି ଯେ, ସେ ରାଜାଙ୍କୁ ବ୍ୟକ୍ତିଗତ ଭାବେ ଭେଟିଲେ କୋହିନୂର ହୀରାକୁ ଭାରତକୁ ଫେରସ୍ତ କରିବା ପାଇଁ ନିଶ୍ଚିତ ଭାବେ ଅନୁରୋଧ କରିବେ। କୋହିନୂର ହୀରା ବର୍ତ୍ତମାନ ବ୍ରିଟିଶ ରାଜମୁକୁଟର ଶୋଭା ବଢ଼ାଉଛି। କିନ୍ତୁ ଭାରତ ଏହାକୁ ନିଜର ସାଂସ୍କୃତିକ ଐତିହ୍ୟ ଦର୍ଶାଇ ଦୀର୍ଘ ଦିନରୁ ଫେରସ୍ତ ମାଗି ଆସୁଛି। ନ୍ୟୁୟର୍କ ଭଳି ଏକ ପ୍ରଭାବଶାଳୀ ସହରର ମେୟର ଏହି ଦାବି ଉଠାଇବା ପରେ ବିଶ୍ୱ ସ୍ତରରେ ଏହାକୁ ନେଇ ପୁଣି ଚର୍ଚ୍ଚା ଆରମ୍ଭ ହୋଇଛି। ଜୋହରାନ ମାମଦାନୀ ହେଉଛନ୍ତି ବିଶିଷ୍ଟ ଭାରତୀୟ ଚଳଚ୍ଚିତ୍ର ନିର୍ଦ୍ଦେଶିକା ମୀରା ନାୟାରଙ୍କ ପୁଅ।

### ୯୦୦ କିମି ପର୍ଯ୍ୟନ୍ତ ଲମ୍ବିଲା ମେଘ ଖଣ୍ଡ

# ତାତି କମାଇଲା ବୈଶାଖୀ ଝଡ଼

ଭୁବନେଶ୍ବର,୩୦।୪(ସମିସ): ରାଜ୍ୟରେ ଆରମ୍ଭ ହୋଇଛି କାଳବୈଶାଖୀ ବର୍ଷା। ଦୁଇ ଦିନ ମଧ୍ୟରେ କାଳବୈଶାଖୀ ଯୋଗୁଁ ରାଜ୍ୟରେ ଲାଗି ରହିଥିବା ତାତି ଓ ଗୁଳୁଗୁଳିରୁ ଆଶ୍ବସ୍ତି ମିଳିଛି। ଗୁରୁବାର ରାଜଧାନୀ ଭୁବନେଶ୍ବର ସମେତ ରାଜ୍ୟର ଏକାଧିକ ସ୍ଥାନରେ କାଳବୈଶାଖୀ ଜନିତ ବର୍ଷା ଅନୁଭୂତ ହୋଇଛି। ଏହି ସମୟରେ ପ୍ରବଳ ବିଜୁଳି ଘଡ଼ଘଡ଼ି ସହ ପବନର ବେଗ ମଧ୍ୟ ୪୦ରୁ ୫୦ କିମି ପର୍ଯ୍ୟନ୍ତ ଟପିଛି। ରାଜଧାନୀରେ ପ୍ରାୟ ୨ ଘଣ୍ଟାରୁ ଅଧିକ ସମୟ ଧରି କାଳବୈଶାଖୀ ପ୍ରଭାବ ଅନୁଭୂତ ହୋଇଛି। ପଶ୍ଚିମବଙ୍ଗଠାରୁ ଓଡ଼ିଶା ଶେଷ ପର୍ଯ୍ୟନ୍ତ ପ୍ରାୟ ୯୦୦ କିମିର ଏକ ମେଘ ଖଣ୍ଡ ଆକାଶରେ ରହିଥିବା ଦେଖାଯାଇଛି। ସନ୍ଧ୍ୟା ୬ରୁ ମେଘୁଆ ପାଗ ସାଙ୍ଗକୁ ପବନ ଆରମ୍ଭ ହୋଇ ରାତି ପ୍ରାୟ ସାଢ଼େ ୮ଟା ପର୍ଯ୍ୟନ୍ତ ବର୍ଷା ସ୍ଥିତି ଲାଗି ରହିଥିଲା।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଭୁବନେଶ୍ବର ସମେତ ପାରଳାଖେମୁଣ୍ଡିରେ ସର୍ବାଧିକ ବର୍ଷା ୩୦ ମିମି ରେକର୍ଡ ହୋଇଛି। ଏହାସହିତ ଭଦ୍ରକରେ ୧୧ ମିମି, ସୋନପୁରରେ ୩୦ ମିମି, ଫୁଲବାଣୀରେ ୨୮ ମିମି, ଗୋପାଳପୁରରେ ୨୧ ମିମି, ଅନୁଗୁଳରେ ୧୮ ମିମି, ବାରିପଦାରେ ୧୨ ମିମି ଓ ସୁନ୍ଦରଗଡ଼ରେ ୧୩ ମିମି ବର୍ଷା ରେକର୍ଡ କରାଯାଇଛି। ପାଣିପାଗ କେନ୍ଦ୍ର କହିଛି ଯେ ଶୁକ୍ରବାର ମଧ୍ୟ ରାଜ୍ୟର ଅନେକ ସ୍ଥାନରେ କାଳବୈଶାଖୀ ଜାରି ରହିବ। ମୟୂରଭଞ୍ଜ ଓ ବାଲେଶ୍ବରରେ କାଳବୈଶାଖୀ ପ୍ରଭାବ ସବୁଠୁ ଅଧିକ ଅନୁଭୂତ ହେବା ସହ ଏଠାରେ ବର୍ଷା ସାଙ୍ଗକୁ ବିଜୁଳି ଘଡ଼ଘଡ଼ି ଓ ପବନର ବେଗ ୫୦-୬୦ କିମି ଉପରେ ରହିବ। ସେହିପରି ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, କେନ୍ଦୁଝର ଓ ନବରଙ୍ଗପୁରରେ ମଧ୍ୟ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଅନୁଭୂତ ହେବ। ଏହି ସ୍ଥାନରେ ପବନର ବେଗ ୪୦-୫୦ କିମି ପର୍ଯ୍ୟନ୍ତ ରହିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।

## ରାଜ୍ୟର ବିଭିନ୍ନ ସ୍ଥାନରେ ପବନ ଓ ବର୍ଷା

କାଳବୈଶାଖୀ ଯୋଗୁଁ ତାପମାତ୍ରାରେ ଦୃଷ୍ଟାନ୍ତମୂଳକ ଭାବେ ହ୍ରାସ ଘଟିଛି। ଫଳରେ ଗୁରୁବାର ମାତ୍ର ୮ ଟି ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରହିଛି। ବଲାଙ୍ଗିରରେ ତାପମାତ୍ରା ସର୍ବାଧିକ ୪୨.୨ ଡିଗ୍ରୀ ରେକର୍ଡ ହୋଇଛି। କାଳବୈଶାଖୀ ଯୋଗୁଁ ତାପମାତ୍ରାରେ ଏଭଳି ହ୍ରାସ ସହ ଆସନ୍ତା ୩ ଦିନ ମଧ୍ୟରେ ତାପମାତ୍ରାରେ ଆହୁରି ୨-୩ ଡିଗ୍ରୀ ହ୍ରାସ ହେବା ନେଇ ପାଣିପାଗ କେନ୍ଦ୍ର ଆକଳନ ଜାରି କରିଛି। କାଳବୈଶାଖୀ ପ୍ରଭାବ ଯୋଗୁଁ ବଙ୍ଗୋପସାଗର ଉପକୂଳ ମଧ୍ୟ ଅଶାନ୍ତ ରହିବ। ଓଡ଼ିଶା ଉପକୂଳ ସମୁଦ୍ର ମଧ୍ୟରେ ୧-୪ ତାରିଖ ପର୍ଯ୍ୟନ୍ତ ପବନର ବେଗ ୪୦-୫୦ ଓ ଝଟକା ପବନ ୬୦ କିମି ଛୁଇଁବାକୁ ଥିବାରୁ ଏହି ସମୟରେ ସମୁଦ୍ର ଅଶାନ୍ତ ରହିବ। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ସମୁଦ୍ରକୁ ନ ଯିବା ପାଇଁ ମତ୍ସ୍ୟଜୀବୀମାନଙ୍କୁ ପରାମର୍ଶ ଦିଆଯାଇଛି।

### ସିଆଇଏସସିଇ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶିତ

# ଛାତ୍ରଙ୍କ ତୁଳନାରେ ଆଗରେ ଛାତ୍ରୀ

ଭୁବନେଶ୍ବର, ୩୦।୪ (ସମିସ): ଭାରତୀୟ ସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ପରିଷଦ (ସିଆଇଏସସିଇ) ପରିଚାଳିତ ଆଇସିଏସଇ ବା ଦଶମ ଏବଂ ଆଇଏସସି ବା ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି।

## ଓଡ଼ିଶାରେ ପାସ୍ ହାର ଦଶମରେ ୯୮.୧୭% ଓ ଦ୍ୱାଦଶରେ ୯୯.୨୪%

ସର୍ବଭାରତୀୟସ୍ତରରେ ଦଶମ ଶ୍ରେଣୀ ପାସ୍ ହାର ୯୯.୧୮ ପ୍ରତିଶତ ଥିବା ବେଳେ ଦ୍ୱାଦଶ ଶ୍ରେଣୀ ପାସ୍ ହାର ୯୯.୧୩ ପ୍ରତିଶତ ରହିଛି। ସେହିପରି କେବଳ ଓଡ଼ିଶାରୁ ଦଶମ ଶ୍ରେଣୀ ପାସହାର ୯୮.୧୭ ପ୍ରତିଶତ ରହିଥିବା ବେଳେ ଦ୍ୱାଦଶ ଶ୍ରେଣୀ ପାସ୍ ହାର ୯୯.୨୪ ପ୍ରତିଶତ ରହିଛି। ଚଳିତବର୍ଷ ଓଡ଼ିଶାରୁ ୮୯୪୮ଜଣ ପିଲା ଦଶମ ଶ୍ରେଣୀ ପରୀକ୍ଷା ଦେଇଥିବା ବେଳେ ଛାତ୍ରଙ୍କ ତୁଳନାରେ ଛାତ୍ରୀମାନେ ଆଗରେ ରହିଛନ୍ତି। ୯୮.୬୯% ଛାତ୍ରୀ ସଫଳତାର ସହ କୃତକାର୍ଯ୍ୟ ହୋଇଥିବା ବେଳେ ୯୭.୬୯% ଛାତ୍ର ପାସ୍ କରିଛନ୍ତି। ଅନୁରୂପ ଭାବେ ମୋଟ୍ ୧୫୮୩ଜଣ ପିଲା ଦ୍ୱାଦଶ ପରୀକ୍ଷା ଦେଇଥିବା ବେଳେ ଛାତ୍ରୀମାନେ ଆଗରେ ରହିଛନ୍ତି। ୯୯.୩୭% ଛାତ୍ରୀ ଏବଂ ୯୯.୧୧ % ଛାତ୍ର କୃତକାର୍ଯ୍ୟ ହୋଇଛନ୍ତି।

ସର୍ବଭାରତୀୟସ୍ତରରେ ମୋଟ ୨୫୮୭୨୧ ଛାତ୍ରଛାତ୍ରୀ ଦଶମ ଶ୍ରେଣୀ ପରୀକ୍ଷା ଦେଇଥିବା ବେଳେ ଦ୍ୱାଦଶରେ ମୋଟ ୧୦୩୩୧୬ ଜଣ ପିଲା ପରୀକ୍ଷା ଦେଇଥିଲେ। ମୋଟ୍ ଉପରେ ଉଭୟ ଦଶମ ଓ ଦ୍ୱାଦଶ ଶ୍ରେଣୀରେ ପୁଅଙ୍କ ତୁଳନାରେ ଝିଅମାନେ ଅଧିକ ସଫଳ ହୋଇଛନ୍ତି।

# ମେ’ ୨ରେ ମାଟ୍ରିକ୍ ଫଳ

କଟକ, ୩୦।୪ (ସମିସ): ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ୨୦୨୬ ବର୍ଷର ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ବା ମାଟ୍ରିକ୍ ପରୀକ୍ଷାଫଳ ଆସନ୍ତା ମେ’ ୨ ତାରିଖ ଶନିବାର ଅପରାହ୍ଣ ୪ଟାରେ ପ୍ରକାଶ ପାଇବ। କଟକସ୍ଥିତ ବୋର୍ଡର ମୁଖ୍ୟ କାର୍ଯ୍ୟାଳୟରେ ବିଧିବଦ୍ଧ ଭାବେ ମାଟ୍ରିକ୍ ସହ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା(ଏସ୍ଓଏସ୍ସି ପ୍ରଥମ) ଓ ମଧ୍ୟମା ପରୀକ୍ଷା, ଫଳାଫଳ ଘୋଷଣା କରାଯିବ। ଛାତ୍ରଛାତ୍ରୀମାନେ ମେ’ ୨ ତାରିଖ ସନ୍ଧ୍ୟା ୬ଟା ପରଠାରୁ ନିମ୍ନଲିଖିତ ୱେବସାଇଟ୍ ମାଧ୍ୟମରେ ନିଜର ଫଳ ଦେଖିପାରିବେ ଏବଂ ମାର୍କସିଟ୍ ଡାଉନଲୋଡ୍ କରିପାରିବେ। ବୋର୍ଡର ୱେବସାଇଟ୍ www.bseodisha.ac.in ଓ www.bseodisha.nic.inରେ ଫଳ ଉପଲବ୍ଧ ହେବ ବୋଲି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି।







# ଫକୀରମୋହନଙ୍କ ଜନ୍ମପୀଠ ଶାନ୍ତିକାନନ ଅବହେଳିତ

## ପ୍ରସ୍ତାବିତ ମ୍ୟୁଜିୟମ, ପାଠାଗାର ସ୍ଥାପନ ହେଉ, ସରକାରୀ କାର୍ଯ୍ୟାଳୟ ସ୍ଥାନାନ୍ତର ଦାବି

ବାଲେଶ୍ୱର, ୩୦।୪(ସମିସ)



ଓଡ଼ିଆ ଭାଷା ସାହିତ୍ୟର ସାର୍ଥକ ସେନାପତି ବ୍ୟାସକବି ଫକୀରମୋହନଙ୍କ ପୂଣ୍ୟ ଜନ୍ମପୀଠ ମଲ୍ଲିକାଶପୁର ଶାନ୍ତିକାନନ ଏବେ ବିଭିନ୍ନ ଦୃଷ୍ଟିରୁ ଅବହେଳିତ। ଏଥିସହ ଏହା କ୍ରମଶଃ ପ୍ରମୋଦ ଉଦ୍ୟାନରେ ପରିଣତ ହେବାକୁ ବସିଛି। ଓଡ଼ିଶାର ଯେକୌଣସି ବରପୁତ୍ରଙ୍କ ଜନ୍ମପୀଠ ଯେଭଳି ବିକାଶ ଓ ସୁରକ୍ଷା ହୋଇଛି ସେହି ତୁଳନାରେ ଏଠାରେ କିନ୍ତୁ ଅନେକ ବ୍ୟତିକ୍ରମ ଦେଖାଦେଇଛି ବୋଲି ଗୁରୁବାର ଶାନ୍ତିକାନନ ପରିସରରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ ହୋଇଛି। ନିକଟରେ ପୌରପାଳିକା ଏଠାରେ ଏକ ଦିବ୍ୟାଙ୍ଗଙ୍କ ଭତ୍ତା ବଣ୍ଟନ ଓ ଭତ୍ତା ପ୍ରଦାନ ନିମନ୍ତେ ଦରଖାସ୍ତ ଗ୍ରହଣର କାର୍ଯ୍ୟାଳୟଟିଏ ମଧ୍ୟ ଖୋଲିଛନ୍ତି। ଏହାର ପଶ୍ଚିମ ପାର୍ଶ୍ୱରେ ପାଚେରି ନଥିଲା ବେଳେ ଦୁଇଟି ଅଙ୍ଗନବାଡି କେନ୍ଦ୍ର ସ୍ଥାପନ ହୋଇଛି। ପ୍ରାୟ ୨୦ ଡେସିମିଲ ଜାଗାର ବିକାଶ କରାଯାଇପାରିଲେ ଏହାର ସୌନ୍ଦର୍ଯ୍ୟ ଅନେକ ପରିମାଣରେ ବୃଦ୍ଧି ପାଇବ। ପୁନଶ୍ଚ ଓଡ଼ିଶା ସରକାର ରାଜ୍ୟର ବରପୁତ୍ରମାନଙ୍କ ଜନ୍ମପୀଠ ଗ୍ରାମକୁ ଐତିହ୍ୟ ଗ୍ରାମ ରୂପେ ଘୋଷଣା କରିଥିଲାବେଳେ ତହିଁରେ ବାଲେଶ୍ୱର ଜିଲ୍ଲାର ଏକମାତ୍ର ବରପୁତ୍ର ଫକୀରମୋହନଙ୍କ ଜନ୍ମପୀଠ ମଲ୍ଲିକାଶପୁରକୁ ଐତିହ୍ୟ ଗ୍ରାମରେ ଅନ୍ତର୍ଭୁକ୍ତ କରିଛନ୍ତି। ମାତ୍ର ପରିତାପର ବିଷୟ, ରାଜ୍ୟ ସରକାରଙ୍କ ପ୍ରସ୍ତାବିତ ଅତ୍ୟାଧୁନିକ ପାଠାଗାର, ମ୍ୟୁଜିୟମ, ରାଇଟର୍ସ କଟେଜ୍ ଇତ୍ୟାଦି ଏହି ସ୍ଥାନରେ ହେବାର ଥିଲେ ବି ତାହା ଏଡିଏମ୍ ଛକ ନିକଟରେ ଜିଲ୍ଲା ପ୍ରଶାସନ ଏହାକୁ କରିବାକୁ ଯାଉଛନ୍ତି। ପୁଣି ସେହି ସ୍ଥାନରେ ଫୁଡ୍ କୋର୍ଟ ରହିବାର ବ୍ୟବସ୍ଥା ହେଉଛି। ଯାହା ଭବିଷ୍ୟତରେ ସମସ୍ୟା ସୃଷ୍ଟି ହେବ ବୋଲି ଆବାହକ ଡ଼. କାଳୀପଦ ପଣ୍ଡା କହିଛନ୍ତି। ଯେକୌଣସି ନୂତନ ପ୍ରକଳ୍ପ ଯେଉଁଠାରେ ନିର୍ମାଣ ହୁଏ ସେତେବେଳେ ଜନସାଧାରଣଙ୍କ ମତାମତ ଆହ୍ୱାନ କରାଯାଏ। ମାତ୍ର ବାଲେଶ୍ୱର ପ୍ରଶାସନ ତାହା କରିନାହାନ୍ତି। ତେବେ ବାଲେଶ୍ୱର ପୌରପାଳିକା ତଥା ଜିଲ୍ଲା ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କୁ ନିବେଦନ ସେମାନେ ଫକୀରମୋହନଙ୍କ ପୂଣ୍ୟ ଜନ୍ମସ୍ଥଳରେ ପ୍ରସ୍ତାବିତ ପ୍ରକଳ୍ପ ଗୁଡ଼ିକ ଯେଭଳି ନିର୍ମାଣ ହୋଇପାରିବ ସେଦିଗରେ ପଦକ୍ଷେପ ନେବା ସହ ଅବିଳମ୍ବେ ଫକୀରମୋହନଙ୍କ ପୈତୃକ ସ୍ଥାନରେ ଥିବା ପୌରପାଳିକା ଦ୍ୱାରା ପରିଚାଳିତ ଅଙ୍ଗନବାଡ଼ି କେନ୍ଦ୍ର ଓ ଭତ୍ତା ବଣ୍ଟନ ଭଳି କାର୍ଯ୍ୟାଳୟକୁ ସ୍ଥାନାନ୍ତର କରିବାକୁ ଦାବି ହୋଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସୃଷ୍ଟିଧର ପରିଡ଼ା, ସୁଧାକର ସେଠୀ, ଡକ୍ଟର ପ୍ରଦୀପ୍ତ କୁମାର ମିଶ୍ର, ରମେଶ ଚନ୍ଦ୍ର ଜେନା, ଯୋଗେଶ ଚନ୍ଦ୍ର ପ୍ରଧାନ, ବିଜନ କୁମାର ଦେ ପ୍ରମୁଖ ଉପସ୍ଥିତ ଥିଲେ।

# ଇଟାଭାଟିରୁ ଶିଶୁପୁତ୍ର ଚୋରି ଘଟଣାରେ ପୁଲିସ ହାତ ଖାଲି

ସୋର, ୩୦।୪ (ସମିସ): ସୋର ଥାନା ଚମ୍ପୁ ଛକରେ ଥିବା ଏକ ଇଟା ଭାଟିରୁ ୨ ମାସର ଶିଶୁପୁତ୍ର ଚୋରି ଘଟଣାର ୨୪ ଘଣ୍ଟା ବିତି ଯାଇଥିଲେ ବି ପୁଲିସ ଟିମ ଛାନଭିନ ଜାରି ରଖିଛି। ସୂଚନା ଅନୁସାରେ ଏହି ଛକରେ ଥିବା ମା' ମଙ୍ଗଳା ଇଟାଭାଟିରେ କାମ କରୁଥିବା ରେମୁଣା ଅଞ୍ଚଳର ଭାଲୁ ସିଂଙ୍କ ଝିଅ ପଦ୍ମିନୀ ସିଂ ଦହିସଡା ପଞ୍ଚାୟତ ଜଗନ୍ନାଥପୁର ଅଞ୍ଚଳର ଜଣେ ଯୁବକଙ୍କୁ ବିବାହ କରିଥିଲେ। ବିବାହ ପରେ ପଦ୍ମିନୀ ଗର୍ଭବତୀ ଥିବା ବେଳେ ଯୁବକ ଜଣଙ୍କ ତାଙ୍କୁ ଛାଡି ଦେଇଥିଲା। ପରେ ପଦ୍ମିନୀ ଏବଂ ତାଙ୍କ ମାଆ ମିନା ସିଂ ମା' ମଙ୍ଗଳା ଇଟାଭାଟିରେ କାମ କରୁଥିଲେ। କିନ୍ତୁ ଗତକାଲି ମଧ୍ୟାହ୍ନରେ ପଦ୍ମିନୀ ତାଙ୍କର ଶିଶୁପୁତ୍ରକୁ ଇଟାଭାଟିରେ ଏକ ଶାଢ଼ୀରେ ଝୁଲଣା କରି ଶୋଆଇ ଦେଇ ଇଟା ଗାଡି ଖାଲି କରିବାକୁ ଯାଇଥିଲେ। ସେଠାରେ ତାଙ୍କ ମା ମିନା ସିଂ ତାଙ୍କୁ ଜଗିଥିଲେ। କିନ୍ତୁ ପଦ୍ମିନୀ ଫେରିବା ପରେ ସେଠାରେ ଶିଶୁପୁତ୍ରକୁ ନ ପାଇ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ନ ପାଇ ସନ୍ଧ୍ୟାରେ ସୋର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ସୋର ଥାନାଧିକାରୀ ମୁକୁନ୍ଦ ମୁରାରୀ ପାତ୍ର ଏକ ଟିମ ଗଠନ କରି ବିଭିନ୍ନ ସ୍ଥାନରେ ଛାନଭିନ ଆରମ୍ଭ କରିଛନ୍ତି। କିନ୍ତୁ ଅଭିଯୋଗ ହେବାର ୨୪ ଘଣ୍ଟା ପରେ ବି ପୁଲିସ ହାତ ଖାଲି ରହିଛି। ଏ ବାବଦରେ ଥାନାଧିକାରୀ ଶ୍ରୀ ପାତ୍ରଙ୍କୁ ପଚାରିବାରେ ପୁଲିସ ଟିମ ବିଭିନ୍ନ ସ୍ଥାନରେ ଛାନଭିନ କରୁଛି। ଖୁବ୍‌ଶୀଘ୍ର ଶିଶୁ ପୁତ୍ରର ସନ୍ଧାନ ମିଳିଯିବ ବୋଲି ସୂଚନା ଦେଇଛନ୍ତି।

# ମଧୁସୂଦନ ଦାସଙ୍କ ଜୟନ୍ତୀ ସମାରୋହ ଓ ପରିଷଦର ବାର୍ଷିକ ଉତ୍ସବ

ବାଲେଶ୍ୱର, ୩୦।୪ (ସମିସ): ଉତ୍କଳ ଗୌରବ ମଧୁସୂଦନ ସାଂସ୍କୃତିକ ପରିଷଦ ପକ୍ଷରୁ ସହରର ଷ୍ଟେସନ କ୍ଲବଠାରେ ମଧୁସୂଦନ ଦାସଙ୍କ ଜୟନ୍ତୀ ସମାରୋହ ଓ ପରିଷଦର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଆୟୋଜିତ ସଭାରେ ଶିକ୍ଷାବିତ ଡ଼ଃ. ପଙ୍କଜ କୁମାର ଜେନା ସଭାପତିତ୍ୱ କରିଥିଲେ। ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ଓଡିଆ ଜାତି ମଧୁସୂଦନ ଦାସଙ୍କୁ ଏଯାଏଁ ପ୍ରକୃତ ସମ୍ମାନ ଦେଇନାହିଁ କହି କ୍ଷୋଭ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ଡଃ. ରତ୍ନାକର ସିଂହ, ସମ୍ମାନିତ ବକ୍ତା ଭାବେ ସମାଜସେବୀ ଭାଗବତ ଦାସ ଓ ବିଶିଷ୍ଟ କଥାକାର ଡ. କାଳିପଦ ପଣ୍ଡା ଏହି ସଭାରେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପରିଷଦର ସାଧାରଣ ସମ୍ପାଦକ ପୁରୁଷୋତ୍ତମ ବିଶ୍ୱାଳ ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନର ଅନ୍ୟତମ ସଭ୍ୟା ଆଇନଜୀବୀ ପ୍ରଜ୍ଞା ପାରମିତା ବିଶ୍ୱାଳ ଅତିଥି ମାନଙ୍କୁ ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ମୀନତି ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ରାମେଶ୍ୱର ବେହେରା, ସଙ୍ଗୀତା ବେହେରା, ସମରେନ୍ଦ୍ର ଦାସ ପ୍ରମୁଖ ସଭା ପରିଚାଳନା କରିଥିଲେ।




# ବାଲେଶ୍ୱରରେ ବର୍ଷା; ତାତିରୁ ଆଶ୍ୱସ୍ତି

ବାଲେଶ୍ୱର, ୩୦।୪(ସମିସ): ଭାରତୀୟ ପାଣିପାଗ ବିଭାଗର ସନ୍ଧ୍ୟା ବୁଲେଟିନ୍ ଅନୁସାରେ, ଗତ ୨୪ ଘଣ୍ଟାରେ ବାଲେଶ୍ୱରରେ ୮.୭ ମିମି ବର୍ଷା ରେକର୍ଡ ହୋଇଛି। ବର୍ଷା ଯୋଗୁଁ ଜିଲ୍ଲାର ସର୍ବାଧିକ ତାପମାତ୍ରା ଖସି ୩୦.୮ ଡିଗ୍ରୀ ସେଲସିୟସ୍‌ରେ ପହଞ୍ଚିଛି, ଯାହା ରାଜ୍ୟର ଅନ୍ୟ ଜିଲ୍ଲା ତୁଳନାରେ ସବୁଠାରୁ କମ୍। ଆଜି ସର୍ବନିମ୍ନ ତାପମାତ୍ରା ୨୨.୦ ଡିଗ୍ରୀ ସେଲସିୟସ୍ ରେକର୍ଡ ହୋଇଛି। ଦିନରେ ବର୍ଷା ହୋଇନଥିଲେ ମଧ୍ୟ ମେଘୁଆ ପାଗ ଯୋଗୁଁ ଗରମରୁ ଆଶ୍ୱସ୍ତି ମିଳିଛି। ସନ୍ଧ୍ୟା ସମୟରେ ବାଲେଶ୍ୱରରେ ବର୍ଷା ସାଙ୍ଗକୁ ପବନ ହୋଇଥିଲା। ଘଡ଼ଘଡ଼ି ସହ ବିଜୁଳି ମଧ୍ୟ ମାରିଥିଲା। ପାଣିପାଗ ବିଭାଗ ଅନୁସାରେ, ଆସନ୍ତା ୨୪ ଘଣ୍ଟାରେ ବାଲେଶ୍ୱରରେ ଆକାଶ ମେଘୁଆ ରହିବା ସହ କିଛି ସ୍ଥାନରେ ହାଲୁକା ବର୍ଷା ସମ୍ଭାବନା ରହିଛି।

# ଧର୍ମ ପରିବର୍ତ୍ତନ କରିଥିବା ଆଦିବାସୀଙ୍କୁ ଜନଗଣନା ସଂରକ୍ଷଣରେ ଅନୁସୂଚିତ ଜନଜାତିରୁ ବାଦ ଦାବି

ଜଳେଶ୍ୱର ବ୍ଲକ, ୩୦।୪ (ସମିସ): ଭାରତରେ ଜନଗଣନା ୨୦୨୬-୨୭ କେନ୍ଦ୍ର ସରକାରଙ୍କ ଦ୍ୱାରା ହେଉଛି। ସମ୍ବିଧାନ ଅନୁସାରେ ଭାରତ ହେଉଛି ଧର୍ମ ନିରପେକ୍ଷ ରାଷ୍ଟ୍ର। ଭାରତରେ ୯୨% ଧର୍ମାବଲମ୍ବୀ ଆଉ ୮% ହେଉଛନ୍ତି ଆଦିବାସୀ। ଆଦିବାସୀମାନେ କୌଣସି ଧର୍ମ ଦ୍ୱାରା ପରିଚୟ ହୁଅନ୍ତି ନାହିଁ। ଆଦିବାସୀମାନଙ୍କୁ ସମ୍ବିଧାନ ଅନୁସାରେ ଅନୁସୂଚିତ ଜନଜାତି ବର୍ଗରେ ନିର୍ଦ୍ଦିଷ୍ଟ କରାଯାଇଅଛି। ତେଣୁ ଜନଗଣନାରେ ଅନୁସୂଚୀତ ଜନଜାତି ମାଧ୍ୟମରେ ଚିହ୍ନଟ କରାଯାଉଅଛି ବା ଜନଗଣନରେ ସାମିଲ କରାଯାଇଅଛି। ଆଦିବାସୀ ସମ୍ପ୍ରଦାୟର ଅନେକ ଆଦି ବାସୀମାନେ ଅନ୍ୟ ଧର୍ମ ଗ୍ରହଣ କରିଛନ୍ତି। ଆଦିବାସୀମାନେ ଧର୍ମ ଧର୍ମ ଗ୍ରହଣ କଲେ ଅନୁସୂଚିତ ଜନଜାତିର ଜନ ସଂରକ୍ଷଣରୁ ବଞ୍ଚିତ ହେବେ। ଏହା ସର୍ବୋଚ୍ଚ ଉଚ୍ଚନ୍ୟାୟାଳୟଙ୍କ ନିର୍ଦ୍ଦେଶ ବା ଆଦେଶ ସମ୍ବିଧାନର ଅନୁଚ୍ଛେଦ ୩୪୨ଅନୁ ଚ୍ଛେଦ ୩୪୨ ଅନୁସାରେ ଅନୁସୂଚୀତ ଜନଜାତି ତାଲିକାରୁ ବର୍ହିଭୁକ୍ତ ହୋଇ ପାରିବେ। ଆଦିବାସୀମାନଙ୍କର ବ୍ୟବସ୍ଥା ଅନୁଚ୍ଛେଦ ଉପବନ୍ଧ ଜନଗଣନାକାରୀ ଆଦି ବାସୀମାନଙ୍କୁ ସମୟରେ ଗ୍ରାମର ମାଝୀ ବାବାଙ୍କର ଶାସନ ୧୩ (୩)(କ) ର ୧ ତେଣୁ ଜନଗଣନା ଅନୁମତି ଅନୁସାରେ ଜନଗଣନା କରାଯାଉ। କାହିଁ କି ନା ଗାଁ ଗୁଡ଼ିକରେ ଅନେକ ଆଦିବାସୀମାନେ ଅନ୍ୟ ଧର୍ମ ଗ୍ରହଣ କରିଛନ୍ତି ସେମାନେ ଅନୁସୂଚୀତ ଜନଜାତି ଆସିବେ ନାହିଁ। ଜନନଗଣନାକାରୀ ଜାତିରେ ଆଦିବାସୀମାନଙ୍କ ଜନଗଣନାର ଅଧିକାରକୁ କ୍ଷୁଣ୍ଣ କରୁଛନ୍ତି।ତେଣୁ କ୍ଷମତାପ୍ରାପ୍ତ ପ୍ରେ ପ୍ରତ୍ୟେକ ତହସିଲଦାର, ତଦାରଖକାର ଅବଗତି ଜନଗଣନା କାରୀମାନଙ୍କୁ ଅବ ପୂର୍ବକ ଜନଗଣନା କରାଇବେ ଇବେ ହେବେ ଦାବି ନେଇ ବାଲେଶ୍ୱର ଜିଲ୍ଲା ମାଝୀ ପାରଗାନା ମହଲର ଜିଲ୍ଲା ପାରଗାନା ବୁଦ୍ଧି ରାମ ମାଝୀଙ୍କ ତତ୍ତ୍ୱାବଧାନରେ ଅନ୍ୟ କର୍ମକର୍ତ୍ତାମାନେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

# ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ପକ୍ଷରୁ ବସ୍ତା ଷ୍ଟେସନ ଆଗରେ ଚାଲିଥିବା ଆମରଣ ଅନଶନ ପ୍ରତ୍ୟାହୃତ



ବସ୍ତା ବ୍ଲକ, ୩୦।୪ (ସମିସ) : ବସ୍ତା ରେଲଷ୍ଟେସନରେ ନୂତନ ଏକ୍ସପ୍ରେସ ରହଣି ସହ ବିଭିନ୍ନ ଦାବି ନେଇ ବାଲେଶ୍ୱର ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାର ଜିଲ୍ଲା ସଭାପତି କମଳ ଲୋଚନ ବାରିକ ନେତୃତ୍ୱ ରେ ବସ୍ତା ଷ୍ଟେସନ ସମ୍ମୁଖରେ ଚାଲିଥିବା ଆମରଣ ଅନଶନ ପ୍ରତ୍ୟାହୃତ ହୋଇଛି।। ବସ୍ତା ଷ୍ଟେସନରେ ଓଡ଼ିଶା ସମ୍ପର୍କ କ୍ରାନ୍ତି, ହାୱଡ଼ା - ଭୁବନେଶ୍ୱର ଜନଶତାବ୍ଦୀ, ପୁରୀ - ଆନନ୍ଦ ବିହାର ନୀଳାଚଳ ଏକ୍ସପ୍ରେସ ରହଣି ସହିତ ବିଭିନ୍ନ ଦାବି ନେଇ ଦଳର ପୁରୁଷ ଓ ମହିଳା କର୍ମୀ ଆନ୍ଦୋଳନରେ ବୁଧବାର ବସିଥିଲେ। ରେଳ ପ୍ରଶାସନିକ ଅଧିକାରୀ ମାନେ ଅନଶନ ସ୍ଥଳରେ ପହଞ୍ଚି ଥିଲେ ମଧ୍ୟ ଆଲୋଚନା ସୁଫଳ ମିଳି ନ ଥିଲା। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅନଶନ ଜାରି ରହିବ ବୋଲି ଦଳ ପକ୍ଷରୁ କୁହା ଯାଇ ଥିଲା। ଅନଶନର ଦ୍ୱିତୀୟ ଦିନରେ ଇଷ୍ଟ କୋଷ୍ଟ ରେଳବାଇର ଭଦ୍ରକ ଓ ଦକ୍ଷିଣ ପୂର୍ବ ରେଳବାଇର ଖଡ଼ଗପୁରରୁ ରେଳବାଇ ପୁଲିସ ଓ ଅଧିକାରୀ ଗୁରୁବାର ଅନଶନ ସ୍ଥଳରେ ପହଞ୍ଚି ଆନ୍ଦୋଳନ କାରୀଙ୍କ ସହିତ ଦାବି ଉପରେ ଆଲୋଚନା କରିଥିଲେ। ସକାରାତ୍ମକ ଆଲୋଚନା ପରେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ପକ୍ଷରୁ ରେଳ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିବା ପରେ ଅନଶନ ପ୍ରତ୍ୟାହୃତ ହୋଇଥିଲା। ଏହି ଆଲୋଚନାରେ ଦଳର ଜିଲ୍ଲା ସଭାପତି କମଳ ଲୋଚନ ବାରିକ, ବସ୍ତା ବ୍ଲକ ସଭାପତି ମୀର ଯାହିଦ କାଦ୍ରି, ଉପସଭାପତି ପ୍ରଶାନ୍ତ କୁମାର ପାତ୍ର, କୁମୁଦ ରଞ୍ଜନ ଗିରିଙ୍କ ସମେତ ଶମ୍ଭୁନାଥ ବେହେରା, ଲିଲି ମୁଖୀ, ପଦ୍ମିନୀ ଦାସ, ବାସନ୍ତୀ ରାମ, ଆଶା ମଣୀ ରାମ, ବିନତି ରାମ, ରାଇକାନି ରାମ, , ଶେଖ୍ ରିଆଯୁଦ୍ଦିନ, ସମେତ ଅନେକ କର୍ମୀ ଓ ନେତୃବୃନ୍ଦ ଉପସ୍ଥିତ ଥିଲେ।

# ରେଞ୍ଜରଙ୍କ ମାଡ଼ ଘଟଣାରେ ୬ରେ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ପୀଡ଼ିତଙ୍କ ପତ୍ନୀ

ନୀଳଗିରି, ୩୦।୪ (ସମିସ): ମାର୍ଚ୍ଚ ୨୫ତାରିଖ ରାତିରେ ଜଣେ ନିଲମ୍ବିତ ଫରେଷ୍ଟଗାର୍ଡ ଏବଂ ତାଙ୍କର ବନ୍ଧୁଙ୍କୁ କୁଳଡିହା ଭାରପ୍ରାପ୍ତ ରେଞ୍ଜର ତଥା ଏସିଏଫ ସୁବ୍ରତ କୁମାର ବେହେରା ଏବଂ ତାଙ୍କ ଅଧୀନସ୍ଥ କର୍ମଚାରୀ ଅମାନୁଷିକ ମାଡ଼ମାରି ହାତଭାଙ୍ଗିବା ଏବଂ ଲହୁଲୁହାଣ କରିବା ଘଟଣାରେ ଅଦ୍ୟାବଧି ନ୍ୟାୟ ପାଇବାରୁ ବଞ୍ଚିତ ହୋଇଛନ୍ତି ସମ୍ପୃକ୍ତ ପୀଡ଼ିତ ଏବଂ ପରିବାର। ନ୍ୟାୟପାଇଁ ପରିବାର ସମେତ ନିକଟ ସମ୍ପର୍କୀୟ ନୀଳଗିରି ଏସଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ସେତେବେଳେ ପୀଡିତଙ୍କୁ ଉଚିତ ନ୍ୟାୟ ମିଳିବାର ପ୍ରତିଶ୍ରୁତିପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ମାତ୍ର ଏକମାସରୁ ଅଧିକ ସମୟ ଅତିବାହିତ ହୋଇଥିଲେ ହେଁ ପ୍ରଶାସନ ଉପରୁ ଭରସା ତୁଟି ଯାଇଥିବାରୁ ଆସନ୍ତା ମେ ମାସ ୬ତାରିଖ ବାଲେଶ୍ୱର ଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାଦେବାକୁ ନିଲମ୍ବିତ ଫରେଷ୍ଟଗାର୍ଡ ପଦ୍ମଲୋଚନ ପାତ୍ରଙ୍କ ସ୍ତ୍ରୀ ଦୀପ୍ତିମୟୀ ପାତ୍ର ଧାରଣାଦେବାକୁ ଚେତାବନୀ ଦେଇଛନ୍ତି। ଏହି ଧାରଣା ଡାକରାକୁ ସମର୍ଥନ ଜଣାଇଛନ୍ତି ନୀଳଗିରିର ପ୍ରମୁଖ ବିରୋଧୀଦଳ। ଏ ନେଇ ଏକ ଏକ ସ୍ୱଷ୍ଟୋକ୍ତି ପତ୍ର ଦେଇଛନ୍ତି ସିପିଆଇ (ଏମ) ଜିଲ୍ଲାସମ୍ପାଦକ ମଣ୍ଡଳୀସଭ୍ୟ ବିଜୟ କୁମାର ପାତ୍ର, ବିଜେଡ଼ିର ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ, କଂଗ୍ରେସଦଳର ଜିଲ୍ଲା ସାଧାରଣ ସମ୍ପାଦକ ଯଶୋଦାନନ୍ଦନ ସିଂହ, ବାଉଁଶବଣିଆ ସରପଞ୍ଚ ତଥା ସିପିଆଇ ନେତା ନିରଞ୍ଜନ ପ୍ରସାଦ ବାରିକ।

# ରାଜ୍ୟସ୍ତରୀୟ ସ୍ୱାଭିମାନ ଦିବସ ସମାରୋହ



ବାଲେଶ୍ୱର, ୩୦।୪ (ସମିସ): ଓଡ଼ିଶା ସ୍ୱାଭିମାନ ପରିଷଦ ଆନୁକୂଲ୍ୟରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୯ତମ ଜୟନ୍ତୀ ପାଳନ ଅବସରରେ ସ୍ୱାଭିମାନ ଦିବସ ପଦଯାତ୍ରା ଓ ରାଜ୍ୟସ୍ତରୀୟ ସ୍ୱାଭିମାନ ଦିବସ ସମାରୋହ ବାଲେଶ୍ୱର ଇନଷ୍ଟିଚ୍ୟୁଟ ଅଫ ଟେକ୍ନିକାଲ ଷ୍ଟଡିଜ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଯାଇଛି। ପ୍ରାକ୍ତନ ଅଧକ୍ଷ ପ୍ରଫୁଲ୍ଲ କୁମାର ବେହେରା ଅଧକ୍ଷତା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପକ ରସାନନ୍ଦ ବାଗ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଗୋପାଳ ଚନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ ରବୀନ୍ଦ୍ର କୁମାର ପଣ୍ଡା ପରିଷଦର ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରାକ୍ତନ ପ୍ରାଧ୍ୟାପକ ଡ. ଭାଗବତ ବେହେରା, ମୁଖ୍ୟବକ୍ତା ଭାବେ ଫକୀର ମୋହନ ସାହିତ୍ୟ ସଂସଦ ସମ୍ପାଦକ ଡ. ରତ୍ନାକର ସିଂହ, ସମ୍ମାନିତ ବକ୍ତା ଭାବେ ଓଡ଼ିଶା ଜାତୀୟସେବା ଯୋଜନାର ତାଲିମ ସଂଯୋଜକ ଡ଼. ନୀରଦ ବରନ ଖୁଣ୍ଟିଆ, ସମ୍ମାନିତ ଅତିଥି ଭାବେ ବିଟସ୍ କଲେଜ ନିର୍ଦ୍ଦେଶକ ନିର୍ମଳ ଚନ୍ଦ୍ର ଧଳ ଓ ପ୍ରାକ୍ତନ ଅଧକ୍ଷ ଡ. ଜୟନ୍ତ କୁମାର ଦ୍ୱିବେଦୀ ପ୍ରମୁଖ ଯୋଗ ଦେଇଥିଲେ। ସୁବେଦାର ମେଜର ଗିରୀଶ କୁମାର ଷଡ଼ଙ୍ଗୀ, ରବୀନ୍ଦ୍ର କୁମାର ବେହେରା, ଅଧ୍ୟାପକ ଗୌରାଙ୍ଗ ପଣ୍ଡା ଓ ମନୋଜ କୁମାର ବେହେରା ପ୍ରମୁଖ ମଧୁସୂଦନ ଦାସଙ୍କ ରଚିତ କବିତା ଆବୃତ୍ତି କରିଥିଲେ। ଅଧ୍ୟାପକ ଶ୍ରୀହରିଶଙ୍କର ପାଣିଗ୍ରାହୀ, ଅଧ୍ୟାପିକା ଡ. ମନିଷା ବର୍ଦ୍ଧନ, ଡ. ମଧୁସ୍ମିତା ଦାସ, ଡ. ପ୍ରେମାନନ୍ଦ ସେଠୀ, ଜିତେନ୍ଦ୍ର ନାଥ ପ୍ରଧାନ, ଜ୍ୟୋତିରେଖା ପ୍ରଧାନ, ଅସୀତ କୁମାର ଜେନା, ରାମଚନ୍ଦ୍ର ବେହେରା ଓ ମଞ୍ଜୁଲତା ବେହେରା ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶିଶୁ ବିକାଶ ବିଦ୍ୟା ମନ୍ଦିରର ସମ୍ପାଦକ ଜିତେନ୍ଦ୍ର ପ୍ରହରାଜ, ଶିକ୍ଷୟିତ୍ରୀ ରଶ୍ମିତାରାଣୀ ପଣ୍ଡା ଓ ପ୍ରିୟଙ୍କା ବେହେରାଙ୍କ ସଂଯୋଜନାରେ ସୁଶ୍ରୀ ଆଦ୍ୟାସା ଅଭିଲିପ୍ସା ପ୍ରହରାଜ, ଶ୍ରୀୟା ଶାଳିନୀ ମାଝୀ, ପ୍ରୀତିରେଖା ସାହୁ ଓ ଅଙ୍କିତା ମଲ୍ଲିକ ପ୍ରମୁଖ ନୃତ୍ୟ ପରିବେଷଣ କରିଥିଲେ। ନିରଞ୍ଜନ ବାରିକ, ରବୀନ୍ଦ୍ର ମହାନ୍ତି, ଚକ୍ରଧର ଆଚାର୍ଯ୍ୟ ଓ ଦେବେନ୍ଦ୍ର ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅମ୍ବୁଜା ଲୋଚନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ହୃଦ୍‌ଘାତରେ ବ୍ୟବସାୟୀଙ୍କ ପରଲୋକ

ନୀଳଗିରି, ୩୦।୪ (ସମିସ): ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ଗରଡିହି ପଞ୍ଚାୟତ କଳାକାତ ଗ୍ରାମର ବ୍ୟବସାୟୀଙ୍କ ହୃଦ୍‌ଘାତରେ ମୃତ୍ୟୁବରଣ କରିଥିବାରୁ ଅଞ୍ଚଳରେ ଶୋକାକୁଳ ପରିବେଶ ଦେଖିବାକୁ ମିଳିଛି। ମୃତ ବ୍ୟବସାୟୀ ଜଣକ ହେଲେ କଳାକାତ ଗ୍ରାମର ବାନାମ୍ବର ସ (୫୬)। ମୃତ୍ୟୁଶଯ୍ୟା ନିକଟରେ ପୁଅ, ଦୁଇଝିଅ ଉପସ୍ଥିତ ଥିଲେ। ତାଙ୍କ ମରଶରୀରକୁ ଘର କଳାକାତ ଅଣାଯାଇ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇ ଥିବା ବେଳେ ପୁଅ ମୁଖାଗ୍ନି ଦେଇଥିଲେ। ଏନେଇ ଗୁରୁବାର ସକାଳେ କଳାକାଦ ମା' ଜୟ ଦୁର୍ଗା ବଣିକ ସଂଘର ପକ୍ଷରୁ ଦୁଇ ଘଣ୍ଟିଆ ଦୋକାନ ବନ୍ଦ କରି ଶୋକ ପାଳିଥିଲେ।

# ମନ୍ଦିର ପ୍ରତିଷ୍ଠାତାଙ୍କ ପରଲୋକ

ଖଇରା, ୩୦।୪ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଝିଙ୍କିରିଆ ଗ୍ରାମର ଶୈବ ପୀଠର ପ୍ରତିଷ୍ଠାତା ତଥା ଶତାୟୁ ପୁରୁଷ ଗୋବିନ୍ଦ ଚନ୍ଦ୍ର ରାଉତ(୧୦୫) ୨୭ତାରିଖ ଦିନ ଆଖିବୁଜିଛନ୍ତି। ଶ୍ରୀ ରାଉତ କେବଳ ଜଣେ ଧର୍ମପରାୟଣା ବ୍ୟକ୍ତି ନଥିଲେ ବହୁ ସମୟରେ ଅସହାୟ ଏବଂ ଦିନଜନଙ୍କୁ ନିଜ ସଞ୍ଚିତ ଅର୍ଥରୁ ସାହାଯ୍ୟ କରି ନିଜର ପରୋପକାରୀ ଗୁଣର ପରିଚୟ ଦେଇଥିଲେ। ତାଙ୍କର ମୃତ୍ୟୁ ଖବର ପାଇ ଆଖପାଖ ଗ୍ରାମରୁ ବହୁ ଅଧିବାସୀ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ।

# ଅଧ୍ୟାପକ ସୁକାନ୍ତ ଗିରିଙ୍କ ଅବସର ଗ୍ରହଣ

କାଳିପଦା, ୩୦।୪ (ସମିସ): ଜାମଶୂଳୀସ୍ଥିତ ଲକ୍ଷ୍ମୀନାରାୟଣ କଲେଜର ଗଣିତ ବିଭାଗ ବରିଷ୍ଠ ଅଧ୍ୟାପକ ଡ. ସୁକାନ୍ତ ଗିରି ଗୁରୁବାର କାର୍ଯ୍ୟରୁ ଅବସର ଗ୍ରହଣ କରିଛନ୍ତି। ଏହି କଲେଜରେ ସେ ଦୀର୍ଘ ୩୪ ବର୍ଷ ଧରି କାର୍ଯ୍ୟ କରି ଆସୁଥିଲେ। ସେ ପେସାରେ ଜଣେ ଅଧ୍ୟାପକ ହୋଇ ଥିଲେ ବି ନିଶାରେ ଜଣେ ସାହିତ୍ୟିକ ଓ ସାମ୍ବାଦିକ। ଅବସର ଗ୍ରହଣ ଅବସରରେ ଡ଼ଃ ଶିବ ନାରାୟଣ ମହାପାତ୍ର, ଅଜିତ କୁମାର ଭୂୟାଁ, ନଗେନ୍ଦ୍ର ନାଥ ପାତ୍ର, ପଦାର୍ଥ ବିଜ୍ଞାନ ଅଧ୍ୟାପକ ପ୍ରଭାତ ରଞ୍ଜନ ଦାସ, ତାପସ ତନୟ ନନ୍ଦୀ, ନିର୍ମଳ ସାମଲ, ସବିର ହୋସେନ, ମସାଙ୍ଗ ଟୁଡୁ, ପର୍ଶୁରାମ ଗିରି, ସମ୍ବିତ ଦଳାଇ ଗୋପୀନାଥ ପଣ୍ଡା, ଆଶୁତୋଷ ଯତି, ବଂଶୀଧର ନାୟକ, ଶଶିକାନ୍ତ ଜେନା, ସନ୍ତୋଷ ସାହୁ, ସଞ୍ଜୟ ଦେ, ମନୋଜ ସାମନ୍ତ, ସୁଧାକର ଦାସ, ରାଧାକୃଷ୍ଣ ପ୍ରଧାନ ଆମ ସାମ୍ବାଦିକ ସନ୍ୟାସୀ ବେହେରା, ଜ୍ୟୋତି ପ୍ରକାଶ ପଟ୍ଟାୟତ, ଶ୍ରୀହରି ମଣ୍ଡଳ, ସୁଷମା ରାଣୀ ମହାନ୍ତି, ସତ୍ୟ ସାଧନା ଗିରି ପ୍ରମୁଖ ଉପସ୍ଥିତ ଥିଲେ।



# ବିଦାୟକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ




ରେମୁଣା, ୩୦।୪(ସମିସ): ଗୋଷ୍ଠୀ ଶିକ୍ଷା ଅଧିକାରୀ କାଳନ୍ଦୀ ସୋରେନଙ୍କୁ ଶ୍ରଦ୍ଧା, ସମ୍ମାନ ଓ ସମ୍ବର୍ଦ୍ଧନା ଉତ୍ସବ ରେମୁଣା ଶିକ୍ଷକ ଭବନ ଠାରେ ପାଳିତ ହୋଇଅଛି। ଏହି ଉତ୍ସବରେ ମଞ୍ଚାସିନ ଅତିଥି ଭାବେ ଏବିଇଓ ମଞ୍ଜୁରାଣୀ ବେହେରା, ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ବିଶ୍ୱନାଥ ପ୍ରଧାନ, ଏନ ପି ଏସ ସଂଘର ସଭାପତି କୃଷ୍ଣଚନ୍ଦ୍ର ପ୍ରଧାନ, ପ୍ରାଥମିକ ଶିକ୍ଷକ ସଂଘର ପୂର୍ବତନ ସଭାପତି ପ୍ରସନ୍ନ କୁମାର ହୋତା, ଏନପିଏସ ସଂଘର ପୂର୍ବତନ ସମ୍ପାଦକ ରମେଶ ଚନ୍ଦ୍ର ଖଣ୍ଡା ଉପସ୍ଥିତ ଥିଲେ। ସଭାପତି ଭାବରେ ଶ୍ରୀମତି ପଦ୍ମାବତୀ ଜେନାଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ରେମୁଣା ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଶତାଧିକ ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

# ଅଧୁରା ହୋଇପଡ଼ିଛି ଗ୍ରୀନ୍ ସେଡ୍ କାମ

ବାଲେଶ୍ୱର, ୩୦।୪ (ସମିସ)



ସହରରେ ମୁଖ୍ୟ ଟ୍ରାଫିକ ଛକରେ ଗ୍ରୀନ୍ ବା କେନୋପି ସ୍ଥାପନ ନେଇ ଟେଣ୍ଡର ହେବା ପରେ ତିନି ଦିନ ମଧ୍ୟରେ ଏହା ନିର୍ମାଣ ପାଇଁ ବାଲେଶ୍ୱର ପୌରପାଳିକା ପକ୍ଷରୁ ନିର୍ଦ୍ଦେଶ ଥିଲା। ହେଲେ ଏଯାଏଁ ସହରରେ ସରିଲାନି ସେଡ୍ ନିର୍ମାଣ। ଅଧୁରା ହୋଇପଡ଼ିଛି ଏହି କାମ। କାର୍ଯ୍ୟ ବିଳମ୍ବକୁ ନେଇ ପୌରପାଳିକା ପକ୍ଷରୁ ଗତ ମାସ ୨୨ ତାରିଖରେ ଏକ ଚିଠି କରାଯାଇଥିଲା। ହେଲେ ତାହା ପରେ ବି ଏହି କାମ ସମ୍ପୂର୍ଣ୍ଣ ହୋଇନଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ସହରବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ଟ୍ରାଫିକ ଛକରେ ଖରାରେ ନୟାନ୍ତ ପଥଚାରୀ, ଟ୍ରାଫିକ ପଏଣ୍ଟରେ ଏଯାଏଁ ହେଲାନି ସେଡ୍' ଶୀର୍ଷକରେ ଖବର ପ୍ରକାଶ ପାଇବା ପରେ ଆରମ୍ଭ ହୋଇଥିଲା ସେଡ୍ ସ୍ଥାପନ କାମ। ନିର୍ଦ୍ଦେଶ ପରେ ବି ବିଳମ୍ବରେ ଗ୍ରୀନ୍ ସେଡ୍ କାମ ଆରମ୍ଭ ହୋଇଥିଲା। ଏନେଇ ଟେଣ୍ଡର ମାଧ୍ୟମରେ କାମ ଆରମ୍ଭ ହୋଇ ଏଯାଏଁ ସମ୍ପୂର୍ଣ୍ଣ ହୋଇନାହିଁ। ଆଇଟିଆଇ ପରି ଆହୁରି ତିନୋଟି ଛକରେ ଗ୍ରୀନ୍ ସେଡ୍ ନିର୍ମାଣ ହେବ। ଯାହା ଏଯାଏଁ ହୋଇନାହିଁ। ପ୍ରକାଶ ଥାଉକି, ବାଲେଶ୍ୱର ପୌରପାଳିକା ଅଧୀନରେ ରାସ୍ତା ବ୍ୟବହାରକାରୀଙ୍କ ପାଇଁ ଟ୍ରାଫିକ୍ ଜଙ୍କସନ ତଥା ପୋଷ୍ଟରେ ଚାନ୍ଦୁଆ(କାନୋପି) ବା ଗ୍ରୀନ୍ ସେଡ୍ ସ୍ଥାପନ ପାଇଁ କାର୍ଯ୍ୟାଦେଶ ଦିଆଯାଇଛି। ବାଲେଶ୍ୱର ପୌରପାଳିକା ଅଧୀନରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଟ୍ରାଫିକ୍ ଜଙ୍କସନରେ ଘନ କପଡ଼ା ଆବରଣ (୨୦ ଫୁଟ ଉଚ୍ଚତା) ସହିତ ଦୃଢ଼ ବାଉଁଶ ଗଠନରେ ନିର୍ମିତ ଅସ୍ଥାୟୀ ଚାନ୍ଦୁଆ ସ୍ଥାପନ କାର୍ଯ୍ୟ କରିବାକୁ ବାଲେଶ୍ୱର ପୌରପାଳିକା ପକ୍ଷରୁ ଚଳିତ ମାସ ୧୫ ତାରିଖ ଦିନ ମାଣିଖମ୍ବ ଅଞ୍ଚଳର ସନ୍ତୋଷ କୁମାର ଦେଙ୍କୁ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦିଆଯାଇଥିଲା। ଆଇଟିଆଇ ଛକର ଉତ୍ତର, ଦକ୍ଷିଣ, ପୂର୍ବ ଓ ପଶ୍ଚିମ ପାର୍ଶ୍ୱ, ଷ୍ଟେସନ୍ ଛକର ଉତ୍ତର, ଦକ୍ଷିଣ, ପୂର୍ବ ଓ ପଶ୍ଚିମ ପାର୍ଶ୍ୱ, ପୁଲିସ୍ ଲାଇନ ଛକ ଉତ୍ତର, ଦକ୍ଷିଣ, ପୂର୍ବ ଏବଂ ପଶ୍ଚିମ ପାର୍ଶ୍ୱ ଏବଂ ଜିଲ୍ଲା ମୁଖ୍ୟ ହସ୍ପିଟାଲର ସମ୍ମୁଖରେ ଏହି ସେଡ୍ ନିର୍ମାଣ ହେବ। ଏହି ସେଡ୍ ଗୁଡିକ ଯେପରି ଯାତାୟାତରେ କୌଣସି ବାଧା ସୃଷ୍ଟି କରିବ ନାହିଁ ଏବଂ ପ୍ରତିକୂଳ ପାଗ ପରିସ୍ଥିତିକୁ ସହ୍ୟ କରିବା ପାଇଁ ଗଠନ ଯଥେଷ୍ଟ ମଜବୁତ ହେବା ଉଚିତ ବୋଲି ଚିଠିରେ ଉଲ୍ଲେଖ ରହିଛି। ତେବେ ଏହି କାର୍ଯ୍ୟଟି ତୁରନ୍ତ ଗ୍ରହଣ କରାଯିବ ଏବଂ ଏହି ନିର୍ଦ୍ଦେଶ ଜାରି ହେବାର ତାରିଖରୁ ତିନି ଦିନ ମଧ୍ୟରେ ପୌର ଯନ୍ତ୍ରୀ/ସହକାରୀ ଯନ୍ତ୍ରୀଙ୍କ ତତ୍ତ୍ୱାବଧାନରେ ସମାପ୍ତ କରାଯିବ। ହେଲେ ନିର୍ଦ୍ଦେଶ ଦେବା ପରେ ଏହି କାର୍ଯ୍ୟ ଏଯାଏଁ ଶେଷ ହୋଇନାହିଁ। ଏବେ କେବଳ ଆଇଟିଆଇ ଛକର ତିନି ପାଖେ ଗ୍ରୀନ୍ ସେଡ୍ ହୋଇଥିବା ବେଳେ ଗୋଟିଏ ପାଖ ଫାଙ୍କା। ସେହିପରି ପୋଲିସ ଲାଇନ ଏବଂ ଷ୍ଟେସନ ଛକରେ କେବଳ ବାଉଁଶ ପୋତା ଯାଇଛି। ଉପରେ ଗ୍ରୀନ୍ କପଡ଼ା ନାହିଁ। ଏହି ସେଡ୍ ନିର୍ମାଣ ପାଇଁ ପ୍ରାୟ ୮-୯ ଲକ୍ଷ ଟଙ୍କା ପୌରପାଳିକା ଫଣ୍ଡରୁ ଖର୍ଚ୍ଚ ହେଉଛି। ଏହି ସେଡ୍ ଦେଢ ମାସ ଯାଏଁ ରହିବ। ହେଲେ ଏହାରି ଭିତରେ ତ ଦେଢ ମିସ୍ ସହ ଖରା ମଧ୍ୟ ପଳାଇଯିବ। ହେଲେ ଏହି କାମ ସମ୍ପୂର୍ଣ୍ଣ ହୋଇପାରିବ ନାହିଁ ବୋଲି ଲୋକେ ଆଶଙ୍କା କରି କହିଛନ୍ତି। ଏନେଇ ପୌରପାଳିକା ନିର୍ବାହୀ ଅଧିକାରୀ ସିରିୟଲ ଶୁଭ୍ର ପଟେଲ କହିଛନ୍ତି, କାର୍ଯ୍ୟ ବିଳମ୍ବ ନେଇ ଲିଖିତ କାରଣ ମଗାଯିବ ଏବଂ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ'।




# ଚାନ୍ଦିପୁରରେ ଦନ୍ତାହାତୀ ଉପଦ୍ରବ, ବନ ବିଭାଗର ତନାଘନା

ବାଲେଶ୍ୱର, ୩୦।୪(ସମିସ)

ଗୋଟିଏ ଦନ୍ତା ହାତୀ ଗତ ଦୁଇ ଦିନ ହେଲା ଚାନ୍ଦିପୁର ଅଞ୍ଚଳରେ ଉପଦ୍ରବ ସୃଷ୍ଟି କରିଛି । କେତେବେଳେ ସ୍କୁଲ ଭିତରେ ପଶି ଝର୍କା ଭାଙ୍ଗୁଛି ତ କେତେବେଳେ କାହା ଘର ତାଟି । ଏମିତି ଚାନ୍ଦିପୁର ରାସ୍ତାରେ ବୁଲି ବୁଲି ବେଳାଭୂମି ଧରିଯାଇଛି ଦନ୍ତା ହାତୀ । ହାତୀଟି ଏବେ ଚାନ୍ଦିପୁରର କାଜୁ ଜଙ୍ଗଲ ଭିତରେ ପଶିଯାଇଥିବା ବେଳେ ମଝିରେ ମଝିରେ ଝାଉଁ ଜଙ୍ଗଲକୁ ମଧ ଚାଲିଯାଉଥିବା ଜଣାପଡ଼ିଛି । ଲୋକେ ଭୟଭୀତ ଥିବାବେଳେ ବନ ବିଭାଗ କର୍ମଚାରୀ ହାତୀକୁ ଖୋଜିବାରେ ଲାଗିଛନ୍ତି । କାଜୁ ଜଙ୍ଗଲ ସହ ଚାନ୍ଦିପୁର ବେଳାଭୂମି ନିକଟ ଝାଉଁ ଜଙ୍ଗଲରେ ହାତୀଙ୍କୁ ଖୋଜା ଯାଉଛି । ହାତୀଟି ସଂଧ୍ୟା ହେଲେ ବାହାରିବ । ସ୍ଥାନୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ହାତୀଟି ଚାନ୍ଦିପୁର ଓ





ଆଖପାଖ ସାହିରେ ଘର ତାଟି-ବାଡି ଭାଙ୍ଗି ଧାନ ବଖାରି ଓ ଚାଉଳ ଖାଇଯାଉଛି । ରାତିରେ ହାତୀ ଭୟରେ ଲୋକେ ଶୋଇପାରୁ ନାହାନ୍ତି । ଚାନ୍ଦିପୁର ବିଚ୍ ନିକଟସ୍ଥ ବାସିନ୍ଦା କହିଛନ୍ତି, ଗତକାଲି ରାତିରେ ଆମ ତାଟି ଭାଙ୍ଗିଯାଇଛି । ପିଲାମାନେ ଡରି କାନ୍ଦୁଛନ୍ତି । ଘଟଣା ସମ୍ପର୍କରେ ସୂଚନା ପାଇ ବନ ବିଭାଗର କର୍ମଚାରୀମାନେ କାଜୁ ଜଙ୍ଗଲ ଓ ଝାଉଁ ଜଙ୍ଗଲରେ ହାତୀ ଖୋଜା ଅଭିଯାନ ଜାରି ରଖିଛନ୍ତି । ଚାନ୍ଦିପୁର ରେଞ୍ଜର ମନୁଓ୍ୱାର ଖାନ୍ କହିଛନ୍ତି, ଏହି ଦନ୍ତା ହାତୀ ଆଗ୍ରାର ମାର୍କୋଣା ସୋର ହୋଇ ଏପଟକୁ ଆସିଛି । ଜଙ୍ଗଲ ଅତ୍ୟନ୍ତ ଘଞ୍ଚ ଓ ବିସ୍ତୃତ ଥିବାରୁ ହାତୀକୁ ଟ୍ରାକ୍ କରିବାରେ ସମୟ ଲାଗୁଛି । ଆମ ଟିମ୍ ଦିନ-ରାତି ନଜର ରଖିଛନ୍ତି । ସେ ସନ୍ଧ୍ୟା ସମୟରେ ବାହାରକୁ ବାହାରିବ । ତାପରେ ହାତୀକୁ ସୁରକ୍ଷିତ ଭାବେ ଜଙ୍ଗଲକୁ ଘଉଡ଼ାଇବା ପାଇଁ ଆମେ ଚେଷ୍ଟା କରୁଛୁ' । ବନ ବିଭାଗ ପକ୍ଷରୁ ସ୍ଥାନୀୟ ଲୋକଙ୍କୁ ସନ୍ଧ୍ୟା ୬ଟା ପରେ ଜଙ୍ଗଲ ଓ ବିଚ୍ ଅଞ୍ଚଳକୁ ନ ଯିବାକୁ ପରାମର୍ଶ ଦିଆଯାଇଛି । ପ୍ରାଣୀ ବିଶେଷଜ୍ଞଙ୍କ ମତରେ ଦନ୍ତା ହାତୀମାନେ ସାଧାରଣତଃ ଦଳରୁ ଅଲଗା ହୋଇ ଖାଦ୍ୟ ସନ୍ଧାନରେ ଜନବସତି ମୁହାଁ ହୋଇଥାନ୍ତି । ଚାନ୍ଦିପୁର ଅଞ୍ଚଳରେ କାଜୁ, ଧାନ ଓ ଚାଉଳ ସହଜରେ ମିଳୁଥିବାରୁ ହାତୀଟି ଏଠାରେ ରହିଯାଇଛି । ଉତ୍ତେଜିତ କଲେ ହାତୀ ହିଂସ୍ର ହୋଇପାରେ । ତେଣୁ ଲୋକେ ସଚେତନ ରହିବା ଉଚିତ ।

## ବିଏସ୍‌ଏନ୍‌ଏଲ୍ ଏକ୍ସଚେଞ୍ଜରୁ ଚୋରି, ଦୁଇ ଅଟକ

ସୋର, ୩୦।୪ (ସମିସ): ସୋର ଥାନା ପିତାକାଳିଆ ନିକଟରେ ଥିବା ବିଏସଏନଏଲ ଏକ୍ସଚେଞ୍ଜରୁ ଚୋର ସନ୍ଦେହରେ ଦୁଇ ଜଣଙ୍କୁ ସୋର ପୁଲିସ ଉଠାଇ ଆଣି ଥାନାରେ ଅଟକ ରଖିଛି । ସୂଚନା ଅନୁସାରେ ଏହି ସ୍ଥାନରେ ଥିବା ବିଏସଏନଏଲ ଏକ୍ସଚେଞ୍ଜ ଦାୟିତ୍ୱରେ ଥିବା କର୍ମଚାରୀ ରାମଚନ୍ଦ୍ର ଶିଅଳ ଆଜି ମଧ୍ୟାହ୍ନରେ ଖାଇବାକୁ ଯାଇଥିଲେ । କିନ୍ତୁ ଖାଇସାରି ଫେରିବା ପରେ ଘର କାଚ ଭଙ୍ଗାରୁଜା ହେବା ସହିତ ଘର ମଧ୍ୟରେ କେହି କଥା ହେଉଥିବାର ଜାଣିପାରି ସଟର ପକାଇ ଉପରିସ୍ଥ ଅଧିକାରୀଙ୍କୁ ଏ ବାବଦରେ ସୂଚନା ଦେଇଥିଲେ । ଫଳରେ ସୋରରେ କାର୍ଯ୍ୟରତ ଏସଡିଓ ପ୍ରଦୀପ କୁମାର ଦାସ ସୋର ଥାନାକୁ ଖବର ଦେଇଥିଲେ । ଖବର ପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଟକ ଥିବା ଦୁଇ ଯୁବକଙ୍କୁ ଥାନାକୁ ଆଣି ଅଟକ ରଖିଛନ୍ତି । ସୂଚନା ଯୋଗ୍ୟ ପୂର୍ବରୁ ଏହି ଏକ୍ସଚେଞ୍ଜରୁ ଡିଜି ବ୍ୟାଟେରୀ ଚୋରି ହେବା ସହିତ ଏହାର ମୁଖ୍ୟ ସଟର ଭାଙ୍ଗି ଚୋରି ଉଦ୍ୟମ ହୋଇଥିବା ବାବଦରେ ଏସଡିଓ ଶ୍ରୀ ଦାସ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ।

## କୁଶଗଡ଼-ବେଗୁନିଆ ରାସ୍ତାର ନାଉରିଆ ଖାଳରେ ହେବ ପୋଲ

ଜଳେଶ୍ୱର ବ୍ଲକ, ୩୦।୪ (ସମିସ): କୁଶଗଡ଼ ଓ ବେଗୁନିଆ ରାସ୍ତାର ନାଉରିଆ ଖାଳରେ ନିର୍ମାଣ ହେବ ପୋଲ । ଏଥିପାଇଁ ବ୍ୟୟ ହେବ ୭ କୋଟି ୬୬ଲକ୍ଷ ୮୪ ହଜାର ଟଙ୍କା । ଜଳେଶ୍ୱର ବ୍ଲକ ରାଇବଣିଆ ଅଞ୍ଚଳ ପଶ୍ଚିମବଙ୍ଗକୁ ଲାଗି ରହିଥିବା ଖୁଆଡ ଓ ଶ୍ୟାମନଗର ପଞ୍ଚାୟତର ଲୋକେ ପଶ୍ଚିମବଙ୍ଗ ଉପରେ ନିର୍ଭର କରନ୍ତି । ବ୍ଲକ କାର୍ଯ୍ୟାଳୟଠାରୁ ପ୍ରାୟ ୩୨ କିମି ଦୂରରେ ଥିବା ପଞ୍ଚାୟତର ଲୋକେ ଜଳେଶ୍ୱର ଅପେକ୍ଷା ଗାଁ ଠାରୁ ନିକଟରେ ପୂବ ଦାନ୍ତନ ଓ ନୟାଗ୍ରାମ, ଖଡ଼ିକା ସହର ଉପରେ ଅଧିକ ନିର୍ଭର କରନ୍ତି ଓ ଦୁଇ ପଞ୍ଚାୟତର ପ୍ରାୟ ୨୦ ହଜାରରୁ ଅଧିକ ଲୋକ ଚାଷ ଉପରେ ନିର୍ଭର କରନ୍ତି । ତେଣୁ ତାଙ୍କର ବଳକା ଶସ୍ୟ ଓ ପନିପରିବା ପଶ୍ଚିମବଙ୍ଗର ଏହି ସମସ୍ତ ସହରରେ ବିକ୍ରି କରିଥାନ୍ତି । ସ୍ଥାନୀୟ ଅଞ୍ଚଳର ଝିଅ ଓ ପୁଅ ନୟାଗ୍ରାମ ଥାନା ଅଧୀନ ବିଭିନ୍ନ ଗ୍ରାମରୁ ବିବାହ କରିଥିବାବେଳେ ଦୁଇ ପଡ଼ୋଶୀର ରାଜ୍ୟ ମଧ୍ୟରେ ସାଂସ୍କୃତିକ, ସାମାଜିକ ସମ୍ପର୍କ ରହିଆସିଛି । ବର୍ଷ ତମାମ ବନ୍ଧୁମାନେ ଯିବା ଆସିବା କରିବା ସହିତ ଖଜଗପୁରଓ କଲକାତାକୁ ଯିବା ଲାଗି ସହଜ ହୋଇଥାଏ । ନାଉରିଆ ଖାଳ ସେମାନଙ୍କ ଲାଗି ପ୍ରତିବନ୍ଧକ ସୃଷ୍ଟି କରୁଥିବାରୁ ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କ ପ୍ରଚେଷ୍ଟାରେ ୭କୋଟି ୬୬ ଲକ୍ଷ ୮୪ ହଜାର ଟଙ୍କାରେ ୪୦ ମିଟର ଲମ୍ବର ଏକ ପୋଲ ନିର୍ମାଣ ଲାଗି ଟେଣ୍ଡର ସରିଛି । ଏହା ସହିତ ପୋଲର ଦୁଇ ପାର୍ଶ୍ୱକୁ ୧୮ କିମି ଆପ୍ରୋଚ ରୋଡ ନିର୍ମାଣ ହେବ । ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ସମସ୍ତ ପ୍ରକ୍ରିୟା ଶେଷ ହୋଇ ୨୦/୪/୨୦୨୬ ରେ ଶ୍ରୀ ସଞ୍ଜୟ କୁମାର ଦେଙ୍କ ନାମରେ ଟେଣ୍ଡର ଅନୁମୋଦନ ହୋଇଛି ଖୁବ୍‌ଶୀଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ଗ୍ରାମ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ଦେବାଶିଷ ମୁଣ୍ଡା ସୂଚନା ଦେଇଛନ୍ତି । ଏହି ପୋଲ ନିର୍ମାଣ ହେଲେ ଦୁଇ ପଞ୍ଚାୟତବାସୀଙ୍କ ସହିତ ରାଇବଣିଆର ୧୪ଟି ପଞ୍ଚାୟତ ଉପକୃତ ହୋଇପାରିବେ ବୋଲି ଶ୍ୟାମନଗର ଗ୍ରାମ ପଞ୍ଚାୟତର ସରପଞ୍ଚ ଗିରିଜା ଶଙ୍କର ସାସମଲ, ସମିତି ସଭ୍ୟା ଫୁଲ ମୁର୍ମୁ, ଖୁଆର୍ଡ ସରପଞ୍ଚ ସୁସ୍ମିତା ବାରିକ୍, ପୂର୍ବତନ ବ୍ଲକ ଅଧ୍ୟକ୍ଷ ତପନ ଦାସ, ବସନ୍ତ ସେଠୀ କହିଛନ୍ତି । ଏ ନେଇ ଆଜି ସରପଞ୍ଚ ଗିରିଜା ଶଙ୍କର ସାସମଲଙ୍କ ଦ୍ୱାରା ବେଗୁନିଆ ଛକଠାରେ ସୂଚନା ଫଳକ ଉନ୍ମୋଚିତ କରାଯାଇଛି । ଗ୍ରାମବାସୀଙ୍କ ମଧ୍ୟରେ ବିକାଶ ପାତ୍ର, ରାଜେଶ୍ ମଲ୍ଲିକ୍, ହରିହର ଦାସ, ବିଜୟ ଗାନ୍ଧି, ଅଜିତ୍ ସାମଲ, ନିର୍ମଳ ମାନ୍ନା, ଅହିନ୍ ପାତ୍ର, ଉପସ୍ଥିତି ରହି ସରପଞ୍ଚଙ୍କ ସହିତ ବିଧାୟକଙ୍କୁ ଧନ୍ୟବାଦ୍ ଜଣାଇଛନ୍ତି ।

## ଜିଞ୍ଜର ସହ ସ୍କୁଟି ଜବତ, ୫ ଗିରଫ

ସୋର, ୩୦।୪ (ସମିସ): ସୋର ଅବକାରୀ ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଦେଶୀମଦ, ଜିଞ୍ଜର ସହିତ ସ୍କୁଟି ଜବତ ସହ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ବାଲେଶ୍ୱର ଅବକାରୀ ଅଧିକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶକ୍ରମେ ନୀଳଗିରି ଅବକାରୀ ନିରୀକ୍ଷକ କେଶବ ଚନ୍ଦ୍ର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସୋର ଆଦର୍ଶ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରହଲ୍ଲାଦ ସାମଲଙ୍କ ନେତୃତ୍ୱରେ ଏକ ଟିମ୍ ସୋର ଥାନା ଅନ୍ତର୍ଗତ ସୋର ବସଷ୍ଟାଣ୍ଡରେ ପେଟ୍ରୋଲିଙ୍ଗ



କରୁଥିବା ବେଳେ ବାଲେଶ୍ୱରରୁ ସିମୁଳିଆ ଅଞ୍ଚଳକୁ ଆସୁଥିବା ଓଡି ୦୧ବିଇ ୭୯୭୬ ନମ୍ବର ବିଶିଷ୍ଟ ସ୍କୁଟିକୁ ଅଟକାଇ ଯାଞ୍ଚ କରିଥିଲେ । ଯାଞ୍ଚ ପରେ ସ୍କୁଟିରୁ ୧୨୦ ଲିଟର ଦେଶୀମଦ ଜବତ କରିବା କଣ୍ଟାବଣିଆ ଅଞ୍ଚଳର ତପନ ଦାସକୁ ଗିରଫ କରିଥିଲେ । ସେହିପରି ଏହି ଟିମ ଅନନ୍ତପୁର ଥାନା ଟେଣ୍ଟେଇ ଗ୍ରାମରେ ଚଢ଼ାଉ କରି କନକ ମଲିକ ନିକଟରୁ ୯. ୪ ଲିଟର ଜିଞ୍ଜର, ସୀତା ମଲିକ ନିକଟରୁ ୭. ୨ ଲିଟର ଜିଞ୍ଜର, ସୁରତ ମଲିକ ନିକଟରୁ ୧୫ ଲିଟର ଦେଶୀମଦ ଓ ମଇନ ମଲିକ ନିକଟରୁ ୩୫ ଲିଟର ଦେଶୀମଦ ଜବତ କରିବା ସହିତ ସମସ୍ତଙ୍କୁ ଗିରଫ କରିଥିଲେ । ଅପରାହ୍ନରେ ସୋର ମେଡିକାଲରେ ସମସ୍ତଙ୍କ ଡାକ୍ତରୀ ମାଇନା ପରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ଜବତ ହୋଇଥିବା ମଦ, ଜିଞ୍ଜର ଓ ସ୍କୁଟିର ଆନୁମାନିକ ମୂଲ୍ୟ ୧ ଲକ୍ଷ ୪୦ ହଜାର ଟଙ୍କାରୁ ଅଧିକ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି । ଉକ୍ତ ଚଢ଼ାଉରେ ସହ ଉପ-ନିରୀକ୍ଷକ ବସନ୍ତ କୁମାର ବାରିକ, କ୍ଷୀରୋଦ କୁମାର ସାହୁ ଓ ଦୀପିକା ପରିଡ଼ା ପ୍ରମୁଖ ସାମିଲ ଥିଲେ । ଏ ନେଇ ସୋର ଆଦର୍ଶ ଅବକାରୀ ଥାନା ପକ୍ଷରୁ ୫ଟି ମାମଲା ରୁଜୁ କରାଯାଇଛି ।

## ରେଳ ଷ୍ଟେସନରୁ ଲୁଟେରା ଗିରଫ, ଚୋରି ଫୋନ୍ ଜବତ

ବାଲେଶ୍ୱର, ୩୦।୪ (ସମିସ): ବିଶେଷକରି ଧୀରେ ଚାଲୁଥିବା ଟ୍ରେନ୍ ଯାତ୍ରୀଙ୍କୁ ଟାର୍ଗେଟ କରାଯାଉଛି ଏବଂ ମୋବାଇଲ୍ ଛିନତାଇ ହେଉଛି । ବାଲେଶ୍ୱର ରେଳ ଷ୍ଟେସନ ସମେତ ୟାର୍ଡ ଅଞ୍ଚଳରେ ଏପରି ଛିନତାଇ ଲାଗିରହିଛି । ଏପରି ଘଟଣାରେ ବାଲେଶ୍ୱର ରେଳ ଷ୍ଟେସନରେ 'ଟିଓପିବି' ଅଭିଯାନରେ ଆରପିଏଫ୍ କୁ ଏକ ସଫଳତା ମିଳିଛି । ଜଣେ ଅଭ୍ୟାସଗତ ମୋବାଇଲ୍ ଲୁଟେରାକୁ ଗିରଫ କରିବା ସହ ତାଙ୍କ ନିକଟରୁ ଚୋରି ମୋବାଇଲ୍ ଉଦ୍ଧାର କରିଛି ରେଳ ସୁରକ୍ଷା ବଳ । ଗତ ୨୯ ତାରିଖରେ ଏଏସଆଇ ଅଭୟ କୁମାର ମହାଳିକ ଏବଂ ବାଲେଶ୍ୱର ଆରପିଏଫ୍ ପୋଷ୍ଟର କର୍ମଚାରୀମାନେ ମିଳିତ ଭାବେ ଷ୍ଟେସନ ପରିସରରେ ଚଢ଼ାଉ କରିଥିଲେ । ୨ ନମ୍ବର ପ୍ଲାଟଫର୍ମରେ ଘଟିଥିବା ଏକ ମୋବାଇଲ୍ ଛିନତାଇ ଘଟଣାର ସିସିଟିଭି ଫୁଟେଜ୍ ଆଧାରରେ ଅଭିଯୁକ୍ତକୁ ଖୋଜୁଥିବା ସମୟରେ ସକାଳ ପ୍ରାୟ ୮ ଟାରେ ଜଣେ ଯୁବକ ୧ ନମ୍ବର ପ୍ଲାଟଫର୍ମର ପରିସ୍ରାଗାର ନିକଟରେ ସନ୍ଦେହଜନକ ଭାବେ ବସିଥିବା ଦେଖିବାକୁ ମିଳିଥିଲା । ପଚରାଉଚରା ପରେ ତାଙ୍କର ପରିଚୟ ବାଲେଶ୍ୱର ଜିଲ୍ଲାର ଜତିନ ବିଶ୍ୱାଳ (୨୦) ବୋଲି ଜଣାପଡ଼ିଥିଲା । ଯାଞ୍ଚ ସମୟରେ ତାଙ୍କ ନିକଟରୁ ଏକ ନୀଳ ରଙ୍ଗର ମୋବାଇଲ୍ ଫୋନ୍ ଜବତ କରାଯାଇଛି, ଯାହାର ମୂଲ୍ୟ ପ୍ରାୟ ୧୫ ହଜାର ଟଙ୍କା ହେବ । ଏହି ଫୋନ୍ ବାବଦରେ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରିନଥିଲେ । ଜେରା ସମୟରେ ଅଭିଯୁକ୍ତ ସ୍ୱୀକାର କରିଛନ୍ତି ଯେ, ସେ ବାଲେଶ୍ୱର ଷ୍ଟେସନ ଓ ୟାର୍ଡ ଅଞ୍ଚଳରେ ଧୀରେ ଚାଲୁଥିବା ଟ୍ରେନ୍‌ରୁ ଯାତ୍ରୀଙ୍କ ମୋବାଇଲ୍ ଛିନତାଇ କରନ୍ତି । ରେକର୍ଡ ଯାଞ୍ଚରୁ ଜଣାପଡ଼ିଛି ଯେ ଜତିନ ଜଣେ ଅଭ୍ୟାସଗତ ଅପରାଧୀ ଏବଂ ପୂର୍ବରୁ ଗତ ଫେବୃଆରୀ ୨୩ ତାରିଖରେ ମଧ୍ୟ ଏକ ଚୋରି ମାମଲାରେ ଗିରଫ ହୋଇଥିଲେ । ଆରପିଏଫ୍ ପକ୍ଷରୁ ଅଭିଯୁକ୍ତଙ୍କୁ ବାଲେଶ୍ୱର ଜିଆରପିକୁ ହସ୍ତାନ୍ତର କରାଯାଇଛି ଏବଂ ଏହି ସମ୍ପର୍କରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି ।

## ବିଜେପିର ଜନ ଆକ୍ରୋଶ ମହିଳା ସମାବେଶ

କାଳିପଦା, ୩୦।୪ (ସମିସ): ଭାରତୀୟ ଜନତା ପାର୍ଟି ଉତ୍ତର ବାଲେଶ୍ୱର ସ୍ତରୀୟ ଜନ ଆକ୍ରୋଶ ମହିଳା ସମାବେଶ ଗୁରୁବାର ବାଲିଆପାଳ ନୂଆ ବସ୍‌ଷ୍ଟାଣ୍ଡ ପଡ଼ିଆରେ ଅନୁଷ୍ଠିତ ହୋଇଛି । ସାଂସଦ ପ୍ରତିନିଧି ପ୍ରଦୀପ କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସମାବେଶରେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ କଂଗ୍ରେସ ଓ ଇଣ୍ଡିଆ ମେଣ୍ଟକୁ ତୀବ୍ର ସମାଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନାରୀନେତ୍ରୀ ସିପ୍ରା ବାଜ ପେୟୀ, ମମତା ମହାପାତ୍ର, ସାଂସଦଙ୍କ ବାଲିଆପାଳ ବ୍ଲକ ପ୍ରତିନିଧି ରବୀନ୍ଦ୍ର ନାଥ ଅଣ୍ଡିଆ, ଜଳେଶ୍ୱର ବ୍ଲକ ପ୍ରତିନିଧି ବ୍ରଜ ମୋହନ ପ୍ରଧାନ, ଭୋଗରାଇ ବ୍ଲକ ପ୍ରତିନିଧି ଆଶିଷ କୁମାର ପାତ୍ର, ସରପଞ୍ଚ ପ୍ରତିନିଧି ହେମନ୍ତ କୁମାର ଦାସ, ଲମ୍ବୋଦର ମାହାନା, ସୁମତୀ ଦେ, ଅନିମା ପାଣିଗ୍ରାହୀ, ସଂଯୁକ୍ତା ମଣ୍ଡଳ, ହରପ୍ରିୟା ପାତ୍ର ପ୍ରମୁଖ ସମାବେଶରେ ଉଦବୋଧନ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ଏକ ରାଲି ବଜାର ପରିକ୍ରମା କରିଥିଲା ।

### ଜନାଦୃତ ହୋଇଛି ପିଏମ ସୂର୍ଯ୍ୟଘର ଯୋଜନା ଏବଂ ୟୁଏଲଏ ମଡେଲ

## ୬୩୦୦ରୁ ଊର୍ଦ୍ଧ୍ୱ ଉପଭୋକ୍ତାଙ୍କ ଶୂନ ୟୁନିଟ୍ ବିଲିଂ

ବାଲେଶ୍ୱର, ୩୦।୪(ସମିସ): ସୁଫଳ ଆଣିଛି ପିଏମ ସୂର୍ଯ୍ୟଘର ମୁଫତ ବିଜୁଳି ଯୋଜନା । ସରକାରଙ୍କ ଏହି ଯୋଜନାରେ ଘର ଛାତରେ ସୋଲାର ପ୍ୟାନେଲ ସ୍ଥାପନ କରି ଉପଭୋକ୍ତମାନେ ନିଜର ବିଜୁଳି ବିଲ୍ ରେ ଆଶାତୀତ ହ୍ରାସ କରିବାରେ ସଫଳ ହୋଇଥିବା ଦେଖିବାକୁ ମିଳିଛି । ବିଶେଷ କରି ଅନେକ ବିଜୁଳି ଉପଭୋକ୍ତାଙ୍କ



ଘରର ବିଦ୍ୟୁତ୍ ବ୍ୟବହାର ପାଇଁ ଶୂନ୍ୟ ୟୁନିଟ ବିଲିଂ ଆସିବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି ଓ ସାଧାରଣତଃ ଗ୍ରୀଷ୍ମରେ ଉପଭୋକ୍ତାମାନେ ବିଜୁଳି ବିଲ୍କୁ ନେଇ ଅଧିକ ଚିନ୍ତା ପ୍ରକଟ କରୁଥିଲେ ହେଁ ଏବେ ଏହି ଯୋଜନା ସେମାନଙ୍କ ପାଇଁ ବରଦାନ ସାଜିଛି । ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏନଓଡିଏଲ୍), ପିଏମ୍ ସୂର୍ଯ୍ୟଘର ମୁଫ୍ତ ବିଜୁଳି ଯୋଜନାର ୟୁଟିଲିଟି ଲେଡ ଏଗ୍ରିଗେସନ (ୟୁଏଲ୍ଏ) ମଡେଲ୍ ଅଧୀନରେ ରୁଫଟପ୍ ସୋଲାର ସ୍ଥାପନକୁ ଆହୁରି ତ୍ୱରାନ୍ୱିତ କରିଛି । ସଂସ୍ଥା ପକ୍ଷରୁ ୧-କିଲୋୱାଟ୍ ବିଦ୍ୟୁତ୍ ସଂଯୁକ୍ତ ଘରୋଇ ଉପଭୋକ୍ତାଙ୍କୁ ମାତ୍ର ୫୬୨୨ ଟଙ୍କାରେ ଉଚ୍ଚ ଗୁଣମାନ ଓ ସୁରକ୍ଷିତ ସୌର ପ୍ୟାନେଲ ସ୍ଥାପନା କରାଯାଉଛି ଓ ଏହି କ୍ରମରେ ଏଯାବତ ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ, କେନ୍ଦୁଝର ଓ ଯାଜପୁର ଜିଲ୍ଲାର ୧୦, ୫୦୭ ଜଣ ଉପଭୋକ୍ତା ନିଜ ଘର ଛାତରେ ୧ କିଲୋୱାଟର ସୌରତନ୍ତ୍ର ସ୍ଥାପନ କରିଛନ୍ତି ଓ ସେହିପରି, ପିଏମ ସୂର୍ଯ୍ୟଘର ମୁଫତ ବିଜୁଳି ଯୋଜନା ଅଧୀନରେ ମଧ ପାଞ୍ଚଟି ଜିଲ୍ଲାରେ ୧୧, ୫୦୦ରୁ ଅଧିକ ଉପଭୋକ୍ତା ୧ ରୁ ୩କିଲୋୱାଟ ପର୍ଯ୍ୟନ୍ତ ସୌର ପ୍ୟାନେଲ ସ୍ଥାପନ କରି ଲାଭବାନ ହୋଇଛନ୍ତି । ସୂଚନା ମୁତାବକ ପିଏମ ସୂର୍ଯ୍ୟଘର ମୁଫତ ବିଜୁଳି ଯୋଜନା ଏବଂ ୟୁଏଲ୍ଏ ମଡେଲରେ ବାଲେଶ୍ୱର ଜିଲ୍ଲାରେ ଏଯାବତ ୮, ୧୨୬ ଜଣ ଉପଭୋକ୍ତା ଘର ଛାତରେ ସୌର ପ୍ୟାନେଲ ସ୍ଥାପନ କରିଥିବାବେଳେ ଭଦ୍ରକରେ ୨୭୫୧, ଯାଜପୁରରେ ୩୫୭୩, କେନ୍ଦୁଝରରେ ୨୯୦୦ ଓ ମୟୂରଭଞ୍ଜରେ ୪୬୭୬ଜଣ ଉପଭୋକ୍ତା ସୌର ପ୍ୟାନେଲ ସ୍ଥାପନ କରିଛନ୍ତି । ଏହିପରି ଉତ୍ତର ଓଡ଼ିଶାରେ ଉପଭୋକ୍ତମାନେ ଏହି ଯୋଜନାରେ ଏ ଯାଏଁ ସର୍ବମୋଟ ୪୭ମେଗାୱାଟର ରୁଫ ଟଫ ସୋଲାର ସ୍ଥାପନ କରିଛନ୍ତି ଓ ସବୁଠୁ ଆନନ୍ଦର ବିଷୟ ହେଲା ଯେ ଗତ ମାସରେ ପ୍ରାୟ ୬, ୩୦୨ ଉପଭୋକ୍ତାଙ୍କ ଘରେ ମାସିକ ଶୂନ ୟୁନିଟ ବିଦ୍ୟୁତ ବିଲ୍ ଆସିଛି । ଏହା ସହ ଅର୍ଦ୍ଧାଧିକ ଉପଭୋକ୍ତାଙ୍କ ବିଲିଂରେ ମଧ ଆଶାତୀତ ହ୍ରାସ ଘଟିଥିବା ସେମାନେ ଦର୍ଶାଇବା ସହ ଏହାକୁ ନେଇ ବେଶ୍ ଖୁସି ବ୍ୟକ୍ତ କରିଛନ୍ତି । ଭଦ୍ରକ ଜିଲ୍ଲା ଧାମନଗର ଅଞ୍ଚଳର ରମ୍ଭାମଣୀ ସେଠୀ କହନ୍ତି ଯେ, ସେ ବିଗତ ଦୁଇ ମାସ ହେବ ୧-କିଲୋୱାଟର ସୋଲାର ପ୍ୟାନେଲ ଘରେ ସ୍ଥାପନ କରିଛନ୍ତି । ଦୁଇ ମାସ ହେଲା ବିଦ୍ୟୁତ ଦେୟ ବାବଦକୁ ଶୂନ୍ୟ ୟୁନିଟ ବିଲିଂ ମଧ ହୋଇଛି । ଏହି ଯୋଜନା ତାଙ୍କ ପରିବାର ପାଇଁ ବେଶ୍ ସହାୟକ ହୋଇଥିବା ସେ କହିଛନ୍ତି । ପିଏମ ସୂର୍ଯ୍ୟଘର ଯୋଜନାରେ ୩ କିଲୋୱାଟ ସୋଲାର ବ୍ୟବସ୍ଥା ସ୍ଥାପନ କରିଥିବା କେନ୍ଦୁଝର ଘଟଗାଁ ଅଞ୍ଚଳର ସବିତା ପଲେଇ କହିଛନ୍ତି ଯେ, ପୂର୍ବରୁ ମାସକୁ ୧୨୦୦/୧୫୦୦ ବିଦ୍ୟୁତ୍ ବିଲ୍ ଆସୁଥିବାବେଳେ ଏବେ ୧୫୦ରୁ ୨୦୦ଟଙ୍କାକୁ ତାହା ଖସି ଆସିଛି । ଏହି ଯୋଜନା ବିଷୟରେ ଟିପିଏନଓଡିଏଲ ପକ୍ଷରୁ ବହୁବିଧ ଜନ ସଚେତନତା କାର୍ଯ୍ୟକ୍ରମ ଜାରି ରହିଥିବାବେଳେ ଅଧିକ ଜାଣିବା ପାଇଁ ଉପଭୋକ୍ତାଙ୍କୁ ନିକଟସ୍ଥ ଟିପିଏନଓଡିଏଲ କାର୍ଯ୍ୟାଳୟ ଅଥବା ଦେୟମୁକ୍ତ ଗ୍ରାହକ ସେବା ନମ୍ବର ୧୮୦୦-୩୪୫୬-୭୧୮ କିମ୍ବା ୧୯୧୨ରେ ଯୋଗାଯୋଗ କରିବା ପାଇଁ ସଂସ୍ଥା ପକ୍ଷରୁ ଦର୍ଶାଯାଇଛି ।

TPNODL
TP NORTHERN ODISHA DISTRIBUTION LIMITED
(A Joint Venture of Tata Power and Government of Odisha)

**ସର୍ବସାଧାରଣ ବିଜ୍ଞପ୍ତି**

ସ୍ଥାୟୀ ଭାବରେ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ଉପଭୋକ୍ତାଙ୍କ ପାଇଁ ଦାବିହୀନ ସୁରକ୍ଷା ଜମା (SD) ଫେରସ୍ତ

ମାନ୍ୟବର ଓଡିଶା ବିଦ୍ୟୁତ ନିୟମକ ଆୟୋଗ (OERC) ତାଙ୍କ ୨୪.୦୩.୨୦୨୬ ତାରିଖର ଖୁଚୁରା ଯୋଗାଣ ଶୁଳ୍କ ଆଦେଶ ମାଧ୍ୟମରେ ସମଗ୍ର ଓଡିଶାର ସମସ୍ତ ସ୍ଥାୟୀଭାବେ ବିଚ୍ଛିନ୍ନ (PD) ଉପଭୋକ୍ତାଙ୍କ ପାଇଁ "ଏକକାଳୀନ ଦାବି" (One-Time Claim) ଯୋଜନା ଆରମ୍ଭ କରିଛନ୍ତି, ଯାହା ମାଧ୍ୟମରେ ସେମାନେ ବିତରଣ କମ୍ପାନୀଗୁଡ଼ିକ ନିକଟରେ ଦାବି ନହୋଇ ରହିଥିବା ସୁରକ୍ଷା ଜମା (SD) ଫେରସ୍ତ ପାଇପାରିବେ । ଟିପି ନର୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (TPNODL) ଅଧୀନରେ ଥିବା ସମସ୍ତ ଯୋଗ୍ୟ ପିଡି ଉପଭୋକ୍ତାଙ୍କୁ ଏହି ସୁଯୋଗର ଲାଭ ଉଠାଇବା ପାଇଁ ଅନୁରୋଧ କରାଯାଉଛି ।

A. ଯୋଗ୍ୟତା ଓ ପ୍ରକ୍ରିୟା:
୧) ଆବେଦକଙ୍କୁ ଟିପିଏନ୍‌ଓଡିଏଲ୍ ର ୱେବସାଇଟ୍ (www.tpnodl.com) ରେ ଉପଲବ୍ଧ ଥିବା ଆବେଦନ ପତ୍ରକୁ ସଠିକ୍ ଭାବରେ ପୂରଣ କରି ନିକଟସ୍ଥ ଗ୍ରାହକ ସେବା କେନ୍ଦ୍ର ରେ ଦାଖଲ କରିବାକୁ ପଡିବ ।
୨) ନିମ୍ନଲିଖିତ ଦଲିଲପତ୍ର ସହିତ ଆବେଦନ ପତ୍ରରେ ଉଲ୍ଲେଖ ହୋଇଥିବା ଅନ୍ୟାନ୍ୟ ଦସ୍ତାବିଜ ଦାଖଲ କରିବା ଆବଶ୍ୟକ:
I. ଉପଭୋକ୍ତା ପରିଚୟ ପ୍ରମାଣ:
ବିଦ୍ୟୁତ ବିଲ୍ / ଦେୟରସିଦ୍ / ନୂତନ ସଂଯୋଗ ସମୟରେ ଦାଖଲ କରାଯାଇଥିବା ଆବେଦନ ପତ୍ର / ବିଚ୍ଛିନ୍ନ ପତ୍ର
II. ବୈଧ ପରିଚୟ ପ୍ରମାଣ:
a. ଯଦି ଆବେଦକ ଜଣେ ବ୍ୟକ୍ତିବିଶେଷ, ତେବେ ତାଙ୍କର ଆଧାର କାର୍ଡ ଦାଖଲ କରିବା ଆବଶ୍ୟକ । ଯଦି ଆଧାର କାର୍ଡ ଉପଲବ୍ଧ ନଥାଏ, ତେବେ ନିର୍ବାଚନ ପରିଚୟପତ୍ର / ପାସପୋର୍ଟ / ଡ୍ରାଇଭିଂ ଲାଇସେନ୍ସ / ରାସନ୍ କାର୍ଡ ସହିତ ଫଟୋ ରହିଥିବା କୌଣସି ପରିଚୟପତ୍ର / ପାନ କାର୍ଡ ମଧ୍ୟ ଗ୍ରହଣଯୋଗ୍ୟ ।
III. ଯଦି ଆବେଦକ କୌଣସି କମ୍ପାନୀ, ଟ୍ରଷ୍ଟ, ଶିକ୍ଷାନୁଷ୍ଠାନ, ସରକାରୀ ବିଭାଗ ଇତ୍ୟାଦି ହୁଅନ୍ତି, ତେବେ ଆବେଦନ ପତ୍ରରେ ଯୋଗ୍ୟ କର୍ତ୍ତୃପକ୍ଷ (ଯଥା: ବ୍ରାଞ୍ଚ ମ୍ୟାନେଜର, ପ୍ରିନ୍ସିପାଲ, ଏକ୍ଜିକ୍ୟୁଟିଭ୍ ଇଞ୍ଜିନିୟର ଇତ୍ୟାଦି)ଙ୍କ ଦସ୍ତଖତ ରହିବା ଆବଶ୍ୟକ, ଏହା ସହିତ ସମ୍ପୃକ୍ତ ସଂସ୍ଥାର ସଂକଳ୍ପ / ଅଧିକାର ପତ୍ର ଦାଖଲ କରିବାକୁ ପଡିବ ।
IV. ବ୍ୟାଙ୍କ ଖାତା ବିବରଣୀ: ଡିଜିଟାଲ ଫେରସ୍ତ ପାଇଁ କ୍ୟାନସଲ୍ଡ ଚେକ୍ / ପାସବୁକ୍ କପି ଦାଖଲ କରିବା ଆବଶ୍ୟକ । ବ୍ୟାଙ୍କ ଖାତା ସ୍ଥାୟୀଭାବେ ବିଚ୍ଛିନ୍ନ ହେବାକୁଥିବା ଉପଭୋକ୍ତାଙ୍କ ନାମରେ ରହିବା ଆବଶ୍ୟକ ।
B. ଫେରସ୍ତ ପ୍ରକ୍ରିୟା : ଯଥୋଚିତ ସତ୍ୟାପନ ଓ ବକେୟା ଦେୟର ଯାଞ୍ଚ ପରେ, ଯଦି କିଛି ବକେୟା ସୁରକ୍ଷା ଜମା ରାଶି ରହିଥାଏ, ତାହା କେବଳ ବ୍ୟାଙ୍କ ଟ୍ରାନ୍ସଫର ମାଧ୍ୟମରେ ଫେରସ୍ତ ଦିଆଯିବ ।
C. ଯୋଜନାର ବୈଧତା: ଏହି ଯୋଜନା ୩୧ ମାର୍ଚ୍ଚ ୨୦୨୭ ପର୍ଯ୍ୟନ୍ତ ବୈଧ ରହିବ ।
ଅଧିକ ସୂଚନା ପାଇଁ ଆମ ଗ୍ରାହକ ସେବା କେନ୍ଦ୍ର କିମ୍ବା କଲ୍‌ସେଣ୍ଟର (1800-3456-718 କିମ୍ବା 1912) ସହିତ ଯୋଗାଯୋଗ କରନ୍ତୁ ।

## ବାଲି ଗାଡ଼ି ଜବତ

ସୋର, ୩୦।୪ (ସମିସ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ତଳନଗର ନିକଟରେ ଖଣି ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ଗୋଟିଏ ବାଲି ବୋଝେଇ ହାଇୱା ଜବତ କରାଯାଇଥିବା ବେଳେ ୨୦ ରୁ ଅଧିକ ବାଲି ଗାଡି ରାସ୍ତା ବଦଳାଇ ଫେରାର ହୋଇଯାଇଥିବା ଜଣାପଡ଼ିଛି । ଗାଡିକୁ ଜବତ କରି ସୋର ଥାନାରେ ଜିମା ଦେଇଛନ୍ତି ।

10001/92/2627

ଓଡ଼ିଶା ଶାସନ



# ଅଂଶୁଘାତ ସତର୍କତା



**ଲକ୍ଷଣ**
- ପ୍ରବଳ ଝାଳ ବୋହିବା
- ମୁଣ୍ଡ ବୁଲାଇ ଅନ୍ଧାର ଦିଶିବା ଓ ବାନ୍ତି ଲାଗିବା
- ପ୍ରବଳ ଶୋଷ ଲାଗିବା
- ମାଂସପେଶୀ ଟାଣି ହେବା
- ଚର୍ମ ଶୁଷ୍କ, ଲାଲ୍ ଓ ଉତ୍ତପ୍ତ ହେବା
- ଅଚେତ ହେବା କିମ୍ୱା ବାତ ମାରିବା

**ସତର୍କତା**
- ଦିନ ୧୧ଟା ରୁ ୩ଟା ମଧ୍ୟରେ ଖରା ତାତି ଅଧିକ ଥାଏ । ଏହି ସମୟ ମଧ୍ୟରେ ବାହାରକୁ ଯାଆନ୍ତୁ ନାହିଁ । ଜରୁରୀ କାମ ଥିଲେ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ ଓ ସାଥିରେ ଛତା, ଚପଲ ଓ ପିଇବା ପାଣି ନିଅନ୍ତୁ
- ଧଳା ରଙ୍ଗର ଢ଼ିଲା ପୋଷାକ, ଛତା ଓ ଜୋତା ବ୍ୟବହାର କରନ୍ତୁ
- ମଝିରେ ମଝିରେ ଛାଇରେ ବିଶ୍ରାମ ନିଅନ୍ତୁ
- ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ/ ଅଧିକ ଦୂର ଚାଲନ୍ତୁ ନାହିଁ
- କୌଣସି ପ୍ରକାର ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ

**ପ୍ରତିକାର**
- ଅଂଶୁଘାତ ଆକ୍ରାନ୍ତଙ୍କୁ ଖୋଲା ଓ ଥଣ୍ଡା ଯାଗାକୁ ନେଇଯାଆନ୍ତୁ, ଓ.ଆର୍.ଏସ୍./ ଚିନି ଲୁଣ ସର୍ବତ/ ସାଦାପାଣି ପିଆନ୍ତୁ
- ପୋଷାକ ଯଥାସମ୍ଭବ ଖୋଲି ଦିଅନ୍ତୁ
- ମୁଣ୍ଡ ଧୋଇ ଦିଅନ୍ତୁ, ଓଦା କପଡ଼ାରେ ପୋଛନ୍ତୁ
- ରୋଗୀକୁ ପଙ୍ଖା/ କୁଲର/ ଏସି ପବନରେ ଶୁଆଇ ଦିଅନ୍ତୁ ଓ ପାଣି ସିଞ୍ଚନ କରନ୍ତୁ
- ଅବସ୍ଥାରେ ଉନ୍ନତି ନହେଲେ ତୁରନ୍ତ ଡ଼ାକ୍ତରଖାନା ନେଇ ଚିକିତ୍ସା କରାନ୍ତୁ

**ବୟସ୍କ ତଥା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଅଂଶୁଘାତର ଆଶଙ୍କା ଅଧିକ**

OIPR-10001/10003/2/26-27/0009

NATIONAL HEALTH MISSION
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା
facebook.com/HFWOdisha
@HFWOdisha
http://www.health.odisha.gov.in/

ସକାଳ
THE SAKALA

# ସମ୍ପାଦକୀୟ



ସୁନା ରୁପା ନୁହେଁ, ଶ୍ରମ ଦ୍ୱାରା ହିଁ ପୃଥିବୀର ଯେକୌଣସି ସମ୍ପଦକୁ ବାସ୍ତବରେ କିଣାଯାଇପାରିବ।

-ଆଦାମ୍ ସ୍ମିଥ୍

## ନବ୍ୟ-ଦାସତ୍ୱ

ନବ୍ୟ ଆଧୁନିକ ଅର୍ଥନୀତିର ପରିଭାଷାରେ ଦ୍ରୁତ ସଂଶୋଧନ ସହିତ ଏହାର ଅନ୍ୟତମ କାରକ 'ଶ୍ରମ'ର ପରିସୀମା ଆଶାତୀତ ଭାବେ ବୃଦ୍ଧି ପାଇଚାଲିଛି। ଏହି ପରିବର୍ତ୍ତିତ ପୃଷ୍ଠଭୂମିରେ 'ଗିଗ୍ କର୍ମଚାରୀ'ଙ୍କ (ଆମେ ଜିନିଷ ଅର୍ଡର କରିବା ପରେ ଯେଉଁମାନେ ତାହା ଆମ ନିକଟରେ ପହଞ୍ଚାଇ ଦିଅନ୍ତି। ଉଦାହରଣ ସ୍ୱରୂପ ଫ୍ଲିପ୍‌କାର୍ଟ, ଆମାଜନ୍ ଆଦି ଇକମର୍ସ ସଂସ୍ଥାର ଡେଲିଭରି ବୟ କିମ୍ବା ଜମାଟୋ, ସ୍ୱିଗି ଭଳି ଅନ୍‌ଲାଇନ୍ ଅର୍ଡରରେ ଖାଦ୍ୟ ଯୋଗାଉଥିବା ସଂସ୍ଥା ଦ୍ୱାରା ଚୁକ୍ତିବଦ୍ଧ କର୍ମଚାରୀ କିମ୍ବା ବ୍ଲିଙ୍କିଟ୍ ଓ ଇନ୍‌ଷ୍ଟାମାର୍ଟ ଭଳି ଅର୍ଡର କରିବାର ମାତ୍ର ୧୦ ମିନିଟ ଭିତରେ ଗ୍ରାହକଙ୍କ ପାଖରେ ସାମଗ୍ରୀ ପହଞ୍ଚାଉଥିବା ସଂସ୍ଥାର ସର୍ତ୍ତବିହିତ ପ୍ରତିନିଧି କିମ୍ବା ଚାହିଦା ମୁତାବକ ଯାତ୍ରା ପାଇଁ ଆମ ପାଖରେ କାର, ଅଟୋ ଓ ମୋଟର ସାଇକଲ୍ ନେଇ ପହଞ୍ଚି ଯାଉଥିବା ଓଲା, ଉବେର, ରାପିଡୋ ଭଳି ପରିବହନ ସେବା ପ୍ରଦାନକାରୀ ସଂସ୍ଥାର କମିଶନଭିତ୍ତିକ ଡ୍ରାଇଭରମାନେ) ସ୍ଥିତି, ସମସ୍ୟା ଓ ସମ୍ଭାବନା ସମ୍ପର୍କରେ କିଞ୍ଚିତ ଆଲୋଚନା କରିବା ଆଜିର ଶ୍ରମିକ ଦିବସରେ ପ୍ରାସଙ୍ଗିକ ମନେ ହୁଏ।

୨୦୩୦ ସୁଦ୍ଧା ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି)ରେ ୧.୫% ଅବଦାନ ରଖିବାର ଆକଳନ କରାଯାଇଥିବା 'ଗିଗ୍ ଇକୋନୋମି'ର ପ୍ରମୁଖ ବାହକ ବା ସମ୍ପଦା ହେଉଛନ୍ତି ଏହାର ୭୭ ଲକ୍ଷରୁ ଊର୍ଦ୍ଧ୍ୱ ଡେଲିଭରି ବୟ ଓ ଡ୍ରାଇଭର। କ୍ରମଶଃ ସୁଖାଶ୍ରୟୀ ହୋଇପଡୁଥିବା ଆମ ସମାଜର ଶ୍ରମକାତରତା ଯେତିକି ବଢୁଛି ଡେଲିଭରି ବୟମାନଙ୍କ ପାଇଁ କର୍ମକ୍ଷେତ୍ରର ସୁଯୋଗ ଓ ସୀମା ସେହି ଅନୁପାତରେ ସମ୍ପ୍ରସାରିତ ହେଉଛି। କିନ୍ତୁ ଏଥିସହିତ ଯୋଡ଼ି ହୋଇଯାଇଥିବା ସମୟଭିତ୍ତିକ କାର୍ଯ୍ୟସମ୍ପାଦନାର ବାଧ୍ୟବାଧକତା ଓ ସମୟାନୁବର୍ତ୍ତିତା ଗିଗ୍ କର୍ମଚାରୀଙ୍କ ପାଇଁ ଆଜି ମୁଖ୍ୟ ଆହ୍ୱାନ ହୋଇଛି। ଏଥିସହିତ ସେମାନଙ୍କ ସାମାଜିକ ଓ ଆର୍ଥିକ ସୁରକ୍ଷା ଆଉ ଏକ ପ୍ରଶ୍ନ ହୋଇଛି।

ଗିଗ୍ କର୍ମଚାରୀମାନଙ୍କୁ ମୁକ୍ତ ବୃତ୍ତି ବା ସ୍ୱାଧୀନ ଶ୍ରମଜୀବୀ କୁହାଯାଉଥିଲେ ମଧ୍ୟ ସେମାନେ ଆଦୌ ନିଜ ଇଚ୍ଛାଧୀନ ନୁହନ୍ତି। ଗ୍ରାହକଙ୍କ ଅର୍ଡର ମିଳିବା ମାତ୍ରେ ନିର୍ଦ୍ଦିଷ୍ଟ ସମୟ ଭିତରେ ପହଞ୍ଚିବା ବା ସାମଗ୍ରୀ ପହଞ୍ଚାଇବାର ବାଧ୍ୟବାଧକତା ସେମାନଙ୍କୁ ବସ୍ତୁତଃ ଏକ ସର୍ତ୍ତଭିତ୍ତିକ ଦାସତ୍ୱ ବା ଶ୍ରମଜୀବୀରେ ପରିଣତ କରିଛି। ଏହି ବ୍ୟବସ୍ଥାରେ ଟାର୍ଗେଟ୍ ବା ଲକ୍ଷ୍ୟପୂରଣରେ ବିଫଳ ବା ବିଳମ୍ବ ହେଲେ ଗ୍ରାହକମାନଙ୍କଠାରୁ ଯେଉଁ ଅସନ୍ତୋଷର ସମ୍ମୁଖୀନ ହେବାକୁ ପଡ଼େ ତାହା ରେଟିଂ ଜରିଆରେ ସେମାନଙ୍କ କର୍ମଦକ୍ଷତା ପ୍ରଦର୍ଶନକୁ ପ୍ରଭାବିତ କରେ। ଅଧିକ ନକାରାତ୍ମକ ବା କମ୍ ସକାରାତ୍ମକ ରେଟିଂ ପାଉଥିବା ଗିଗ୍ କର୍ମଚାରୀଙ୍କୁ ସମ୍ପୃକ୍ତ ଡେଲିଭରି ସଂସ୍ଥା ପକ୍ଷରୁ ସାମୟିକ ବିରତି ବା ସେବା ନିବୃତ୍ତ କରିଦିଆଯାଏ। ତେଣୁ ଲକ୍ଷ୍ୟ ପୂରଣ କରିବା ପାଇଁ ସେମାନେ ଖରାବର୍ଷାକୁ ଖାତିର ନ କରି ଯେଉଁଳି ଗଳଦ୍‌ଘର୍ମ ଉଦ୍ୟମ କରନ୍ତି ଏବଂ ଜନ-ଯାନଗହଳି ରାସ୍ତାରେ କ୍ଷୀପ୍ର ଗତିରେ ଗାଡ଼ି ଚଳାଇ ଯାହାନ୍ତି ତାହା ସେମାନଙ୍କ ସୁରକ୍ଷା ପ୍ରତି ଆହ୍ୱାନ ସୃଷ୍ଟି କରେ। ଅଥଚ କର୍ତ୍ତବ୍ୟ ସମ୍ପାଦନ ବେଳେ କିମ୍ବା କର୍ମକ୍ଷେତ୍ରରେ କୌଣସି ଦୁର୍ଘଟଣାର ଶିକାର ହେଲେ କେବଳ ବ୍ୟବସାୟିକ ଲାଭ/କ୍ଷତି ସହିତ ଜଡ଼ିତ ସମ୍ପୃକ୍ତ ସଂସ୍ଥା କିମ୍ବା ଉପଭୋଗ ଲାଳସାରେ ଆସକ୍ତ ଉପଭୋକ୍ତା କେହି ମଧ୍ୟ ଉତ୍ତରଦାୟୀ ହୁଅନ୍ତି ନାହିଁ। ଏ ସମ୍ପର୍କିତ ଅଭିଯୋଗ ଦାଖଲ ଓ ସମାଧାନର ମଧ୍ୟ କୌଣସି ବ୍ୟବସ୍ଥା ଆମ ଦେଶରେ ନାହିଁ। ତେଣୁ ନିଜ ଜୀବନକୁ ବାଜି ଲଗାଇ ସଂସ୍ଥା ଓ ଉପଭୋକ୍ତାଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ଦେଉଥିବା ଗିଗ୍ କର୍ମଚାରୀମାନେ ମୁକ୍ତବୃତ୍ତି ବା ସ୍ୱାଧୀନ ପଦବାଚ୍ୟ କିଭଳି?

ଆଜିର ଡିଜିଟାଲ୍ ଯୁଗରେ ଅନ୍‌ଲାଇନ୍ ଡେଲିଭରି ବା ଗିଗ୍ ଇକନୋମି ଜନଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇଗଲାଣି। ଏହାର ଫାଇଦା ଓ ସୁଯୋଗ ନେଇ ଗିଗ୍ ଡେଲିଭରି ସଂସ୍ଥାମାନେ ବିପୁଳ ଲାଭ କରୁଥିଲେ ହେଁ ମୁଖ୍ୟ ବାହକ ବା ଗିଗ୍ କର୍ମଚାରୀମାନଙ୍କୁ ସେଥିରେ ଭାଗୀଦାର କରାଯାଏ ନାହିଁ। ସେମାନଙ୍କ ପାଇଁ ମାସିକ ବେତନ କିମ୍ବା ପ୍ରୋତ୍ସାହନ ରାଶିର ବ୍ୟବସ୍ଥା ମଧ୍ୟ ନାହିଁ। କେବଳ ଯିଏ ଯେତିକି ଅର୍ଡର ଦେଇପାରିଲା ସେହି ଅନୁଯାୟୀ ପାରିଶ୍ରମିକ ବା କମିଶନ୍ ପାଇବାର ବ୍ୟବସ୍ଥା ରହିଛି। ଏ ସମ୍ପର୍କିତ ନିର୍ଦ୍ଦିଷ୍ଟ ଆଇନ ନଥିବାରୁ ସମ୍ପୃକ୍ତ ସଂସ୍ଥାମାନେ ଗିଗ୍ କର୍ମଚାରୀଙ୍କ ପ୍ରତି ସମ୍ବେଦନଶୂନ୍ୟ ହୋଇପଡୁଛନ୍ତି। କେନ୍ଦ୍ର ସରକାରଙ୍କ ସମ୍ବେଦନଶୀଳତା କେବଳ ବଜେଟ୍ ଅଭିଭାଷଣ ଓ କାଗଜକଲମରେ ସୀମିତ ରହିଛି।

ସୁଖର କଥା କର୍ଣ୍ଣାଟକ, ରାଜସ୍ଥାନ, ଝାଡ଼ଖଣ୍ଡ ଓ ବିହାର ପରେ ପଞ୍ଚମ ରାଜ୍ୟ ଭାବେ ନିକଟରେ ତେଲଙ୍ଗାନା ସରକାର ଗିଗ୍ କର୍ମଚାରଙ୍କ କଲ୍ୟାଣ ଓ ସୁରକ୍ଷା ପାଇଁ ଏକ ଆଇନ ଆଣିବାର ଉଦ୍ୟମ କରଛନ୍ତି। କିନ୍ତୁ ଦୁଃଖର କଥା ଜାତୀୟସ୍ତରରେ କିମ୍ବା ଗିଗ୍ ଅର୍ଥନୀତିର ଅଧିକ ଚାହିଦାଭିତ୍ତିକ ମେଟ୍ରୋ ସହର ସମ୍ବଳିତ ରାଜ୍ୟମାନେ ଏ ଦିଗରେ ତତ୍ପରତା ପ୍ରକାଶ କରିନାହାନ୍ତି। ଆହୁରି ଉଦ୍‌ବେଗଜନକ ହେଲା ଆଇନ ଆଣିଥିବା ଉପରୋକ୍ତ ଚାରି ରାଜ୍ୟରେ ଏହା ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯାଇପାରିନାହିଁ। ଜୀବିକା, ଅଧିକାର ଓ ସମ୍ମାନର ସୁରକ୍ଷା ସହିତ ସାମାଜିକ-ଅର୍ଥନୈତିକ କଲ୍ୟାଣ ଓ ଭବିଷ୍ୟତର ନିଶ୍ଚିତତା, ଅଭିଯୋଗ ସମାଧାନ, ବୀମା ଆଦି ଲାଗି ଉକ୍ତ ଆଇନମାନଙ୍କରେ ବ୍ୟବସ୍ଥା ରହିଛି। ତେଲଙ୍ଗାନା ଆଣିଥିବା ସଦ୍ୟତମ ଚିଠା ଆଇନ୍‌ରେ ଉପଭୋକ୍ତାମାନଙ୍କ ଚାହିଦା ଆଧାରିତ ଦେଣନେଣର ସମସ୍ତ ବିବରଣୀ ପ୍ରତି ତିନିମାସରେ ଥରେ ସମ୍ପୃକ୍ତ ଡେଲିଭରି କମ୍ପାନୀମାନେ ସରକାରଙ୍କ ପାଖରେ ଦାଲ୍ କରିବା ବାଧ୍ୟତାମୂଳକ। ଏହି କାରବାର ଉପରେ ସରକାର ୧% ରୁ ୨% ଉପକର ଆଦାୟ କରି ଏକ କର୍ପସ ପାଣ୍ଠି ଗଠନ କରିବେ ଏବଂ ସେହି ପାଣ୍ଠିରୁ ସମ୍ପୃକ୍ତ ଗିଗ୍ କର୍ମଚାରୀମାନଙ୍କ କଲ୍ୟାଣାର୍ଥେ ଖର୍ଚ୍ଚ କରିବେ। ତଥ୍ୟ ଦାଖଲରେ ଖିଲାପୀ ଡେଲିଭରି ସଂସ୍ଥାଙ୍କ ପାଇଁ ଦଣ୍ଡବିଧାନର ବ୍ୟବସ୍ଥା ମଧ୍ୟ ଚିଠା ଆଇନରେ ରହିଛି। ସମସ୍ତ ପଞ୍ଜିକୃତ ଗିଗ୍ କର୍ମଚାରୀଙ୍କ ବୀମା, ପେନ୍‌ସନ୍ ଆଦି ଏହି ପାଣ୍ଠିରୁ ଭରଣା କରାଯିବ। ଏଥିପାଇଁ ଯେଉଁ ନିର୍ଦ୍ଦେଶକ ମଣ୍ଡଳୀ ଗଠନ ହେବ ସେଥିରେ ଗିଗ୍ କର୍ମଚାରୀଙ୍କ ପ୍ରତିନିଧି ସଦସ୍ୟ ରହିବେ ଏବଂ ଅଭିଯୋଗ ସମାଧାନ ପାଇଁ କମିଟି ଗଠନ କରାଯିବ। ବିହାର ଆଉ ଦୁଇପାଦ ଆଗକୁ ଯାଇ ପ୍ରୋଭିଡେଣ୍ଟ ଫଣ୍ଡ, ବାର୍ଦ୍ଧକ୍ୟ ଭତ୍ତା, ପ୍ରସବକାଳୀନ ଛୁଟି ଆଦି ବ୍ୟବସ୍ଥା କରିଛି। ଯଦି ଏହି ଚିଠା ଆଇନ ମଧ୍ୟ ଉପରୋକ୍ତ ଚାରି ରାଜ୍ୟ ଭଳି କେବଳ କାଗଜ କଲମରେ ସୀମିତ ରହିଯିବ ତେବେ ସେଥିରେ ଗିଗ୍ କର୍ମଚାରୀମାନଙ୍କର କୌଣସି ହିତ ସାଧନ ହେବ ନାହିଁ। ବରଂ 'ବଣରେ ବେଲ ପାଚିଲେ କୁଆର କି ଲାଭ' ଭଳି ନ୍ୟାୟରେ ସେମାନେ ସେଭଳି ଅବହେଳିତ ହୋଇ ରହିଯିବେ। ଗିଗ୍ କର୍ମଚାରୀମାନେ ପିରାମିଡ୍‌ର ସେହି ଭିତ୍ତି ଭଳି ଯାହାର ଅବଦାନର ସୁଫଳ ଲାଭ କରୁଛନ୍ତି ଶୀର୍ଷରେ ଥିବା ସଂସ୍ଥା। ତେଣୁ ଗିଗ୍ କର୍ମଚାରୀମାନେ ବରଂ ଦାସତ୍ୱର ନବ୍ୟ ଆଧୁନିକ ସଂଜ୍ଞା ପଦବାଚ୍ୟ। ଏବେ ସମୟ ଆସିଛି ଦାସତ୍ୱର ଏହି ନବ୍ୟ ଅବତାରର ଅସ୍ତିତ୍ୱର ବିଲୋପ ସାଧନ କରିବାର। ଏଥିଲାଗି ସରକାର, ସମ୍ପୃକ୍ତ ସଂସ୍ଥା ଏବଂ ସର୍ବୋପରି ଆମ ପରି ଉପଭୋକ୍ତାମାନଙ୍କର ସମ୍ବେଦଶନୀଳତା ଓ ଆନ୍ତରିକତା ଅପରିହାର୍ଯ୍ୟ। ●

## ମୋ ସ୍ୱପ୍ନର ଓଡ଼ିଶା

# ଆମ ସ୍ୱପ୍ନର ସୁବର୍ଣ୍ଣ ଦିଗନ୍ତ, ସଂସ୍କୃତି ଓ ସମୃଦ୍ଧିର ନବ-ଅଭିଯାନ

**ପ୍ରଶାନ୍ତ ନନ୍ଦ**

ଓଡ଼ିଶା - ଏହା କେବଳ ଏକ ଭୂମିର ନାମ ନୁହେଁ, ଏହା ଏକ ଜୀବନ୍ତ କାବ୍ୟ, ଏକ ନିରବ ସଙ୍ଗୀତ, ଏକ ଅଦୃଶ୍ୟ ଶକ୍ତି, ଯାହା ହୃଦୟର ଗଭୀରତାରେ ଅନୁଭୂତି ହୋଇ ରହିଯାଏ। ଏହି ମାଟିର ପ୍ରତ୍ୟେକ ଧୂଳିକଣାରେ ଲୁଚିଛି ଇତିହାସର ଗଭୀରତା, ପ୍ରତ୍ୟେକ ନଦୀର ଧାରାରେ ବହୁଛି ଏକ ଅନନ୍ୟ ସଂସ୍କୃତିର ଗୀତ ଏବଂ ପ୍ରତ୍ୟେକ ମନୁଷ୍ୟର ହୃଦୟରେ ଜାଗ୍ରତ ଅଛି ଜଗନ୍ନାଥଙ୍କର ଅପାର କୃପା।

ଯେତେବେଳେ ପୁରୀର ସମୁଦ୍ର ତରଙ୍ଗ ନୀଳଚକ୍ର ଆଡ଼େ ହାତବଢ଼ାଏ, ଯେତେବେଳେ କୋଣାର୍କ ପଥରର ସୂର୍ଯ୍ୟର କିରଣ ନୃତ୍ୟ କରେ, ଯେତେବେଳେ ଚିଲିକାର ଜଳରେ ଆକାଶର ପ୍ରତିଛବି ଆଙ୍କି ହେଇଯାଏ, ସେତେବେଳେ ମନେ ହୁଏ, ଓଡ଼ିଶା କେବଳ ଏକ ରାଜ୍ୟ ନୁହେଁ, ଏକ ସ୍ୱପ୍ନର ଅବତାର।

**ସ୍ୱପ୍ନ ଓ ସମ୍ଭାବନାର ଓଡ଼ିଶା:**

ଓଡ଼ିଶା କେବଳ ଭାରତର ଏକ ଭୌଗୋଳିକ ଭୂଖଣ୍ଡ ନୁହେଁ, ଏହା ହେଉଛି ଗୌରବମୟ ଇତିହାସ, ସମୃଦ୍ଧ, ସଂସ୍କୃତି ଏବଂ ଅସରନ୍ତି ପ୍ରାକୃତିକ ଓଡ଼ିଶାର ସମ୍ପଦର ଏକ ମହାନ୍ ସମାହାର। ଆଜି ଆମେ ୨୦୨୬ ମସିହାରେ ଠିଆ ହୋଇ ଯେତେବେଳେ ଆଗାମୀ ୨୦ବର୍ଷ ଅର୍ଥାତ୍ ୨୦୪୬ -୪୭ ର ଏକ 'ବିକଶିତ ଓଡ଼ିଶା' ବା 'ଭିଜିଟ୍ ଓଡ଼ିଶା' ବିଷୟରେ ଚିନ୍ତା କରୁଛୁ, ସେତେବେଳେ ଆମ ଆଖି ଆଗରେ ନୂତନ ସମ୍ଭାବନାର ଏକ ବିରାଟ ଦିଗନ୍ତ ଉନ୍ମୋଚିତ ହେଉଛି। ୨୦୩୬ ମସିହାରେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ଭାବରେ ଗଠନ ହେବାର ୧୦୦ବର୍ଷ ବା ଶତାବ୍ଦୀ ପୂରଣ କରିବାକୁ ଯାଉଥିବା ବେଳେ ୨୦୪୭ ରେ ଭାରତ ତା'ର ସ୍ୱାଧୀନତାର ଶହେ ବର୍ଷ ପୂରଣ କରିବାକୁ ଯାଉଛି। ଏହି ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟକୁ ଆଧାର କରି ପ୍ରସ୍ତୁତ କରାଯାଇଥିବା 'ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭' କେବଳ ସରକାରୀ ଦଲିଲ ନୁହେଁ, ବରଂ ପ୍ରତ୍ୟେକ ଓଡ଼ିଆଙ୍କ ଆଶା ଓ ଆକାଂକ୍ଷାର ପ୍ରତିଫଳନ।

ଆଗାମୀ ୨୦ବର୍ଷରେ ଆମେ କେମିତି ଏକ ଓଡ଼ିଶା ଚାହୁଁ? ସେହି ଓଡ଼ିଶା କେବଳ ଶିଳ୍ପ ଓ ଅର୍ଥନୀତିରେ ନୁହେଁ, ବରଂ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ସଂସ୍କୃତି ଏବଂ ମାନବ ସମ୍ବଳର ବିକାଶ କ୍ଷେତ୍ରରେ ବିଶ୍ୱସ୍ତରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରୁ। ଏହି ପ୍ରବନ୍ଧରେ ଆମେ ଆଲୋଚନା କରିବା କିପରି ଆମ ସ୍ୱପ୍ନର ବିକଶିତ ଓଡ଼ିଶା ଆଗାମୀ ଦୁଇଟି ଦଶନ୍ଧି ମଧ୍ୟରେ ବାସ୍ତବ ରୂପ ନେଇପାରିବ।

**ଅର୍ଥନୈତିକ ମହାଶକ୍ତି ଓ ଶିଳ୍ପାୟନର ନୂତନ ଦିଗନ୍ତ:**

ବିକଶିତ ଓଡ଼ିଶାର ସବୁଠାରୁ ବଡ଼ ସ୍ୱପ୍ନ ହେଉଛି ଆର୍ଥିକ ଆତ୍ମନିର୍ଭରଶୀଳତା। ସରକାରୀ ଆକଳନ ଅନୁଯାୟୀ ଓଡ଼ିଶାକୁ ଏକ ଟ୍ରିଲିୟନ ଡଲାର ଅର୍ଥନୀତିରେ ପରିଣତ କରିବା ଆମର ଲକ୍ଷ୍ୟ।

- **ମୂଲ୍ୟଯୁକ୍ତ ଶିଳ୍ପ ଓ ଖଣିଜ ସମ୍ପଦର ସଦୁପଯୋଗ:** ଓଡ଼ିଶା ଖଣିଜ ସମ୍ପଦରେ ପରିପୂର୍ଣ୍ଣ। କିନ୍ତୁ ଆଗାମୀ ୨୦ବର୍ଷରେ ଆମର ସ୍ୱପ୍ନ ହେଉଛି ଆମେ କେବଳ କଞ୍ଚାମାଲ୍ ରପ୍ତାନି କରିବା ନାହିଁ, ବରଂ ରାଜ୍ୟ ମଧ୍ୟରେ ବୃହତ୍ ଇସ୍ପାତ୍, ଆଲୁମିନିୟମ୍ ଓ ଆନୁଷଙ୍ଗିକ ଶିଳ୍ପ (ଡାଉନଷ୍ଟ୍ରିମ୍ ଇଣ୍ଡଷ୍ଟ୍ରିଜ୍) ଗଠନ କରିବୁ।
- **ଆଇଟି ଓ ଷ୍ଟାର୍ଟଅପ୍ ହବ୍:** ଭୁବନେଶ୍ୱର ସମେତ ରାଉରକେଲା, ବ୍ରହ୍ମପୁର ଓ ସମ୍ବଲପୁର ଭଳି ସହରଗୁଡ଼ିକୁ ଆଇଟି ଫିନଟେକ୍ ଓ ସେମିକଣ୍ଡକ୍ଟର ଶିଳ୍ପର ପ୍ରମୁଖ କେନ୍ଦ୍ର ଭାବେ ଗଢ଼ି ତୋଳିବା।
- **ସମୁଦ୍ର ଭିତ୍ତିକ ଅର୍ଥନୀତି(ବ୍ଲୁ ଇକୋନମି):** ଆମର ୪୮୦ କିଲୋମିଟର ଦୀର୍ଘ ଉପକୂଳବର୍ତ୍ତୀ ଅଞ୍ଚଳକୁ ବ୍ୟବହାର କରି ବନ୍ଦରଭିତ୍ତିକ ଶିଳ୍ପ, ସାମୁଦ୍ରିକ ଖାଦ୍ୟ ପ୍ରକ୍ରିୟାକରଣ ଏବଂ ଅନ୍ତର୍ଜାତୀୟ ବାଣିଜ୍ୟର ବିକାଶ କରାଯିବା, ପାରାଦୀପ, ଧାମରା ଓ ଗୋପାଳପୁର ବିଶ୍ୱର ପ୍ରମୁଖ ବାଣିଜ୍ୟିକ ପେଣ୍ଠସ୍ଥଳୀ ହେବା ଆମର ଲକ୍ଷ୍ୟ ହେଉ।

**ସଶକ୍ତ କୃଷି ଓ ଗ୍ରାମୀଣ ବିକାଶ:**

ଓଡ଼ିଶାର ପ୍ରାୟ ୭୦ଶତକଡ଼ା ଲୋକ ଗାଁରେ ବାସ କରନ୍ତି ଏବଂ ସେମାନଙ୍କ ଜୀବିକା କୃଷି ଉପରେ ନିର୍ଭରଶୀଳ। ବିକଶିତ ଓଡ଼ିଶାର ସ୍ୱପ୍ନ ସେତେବେଳେ ସଫଳ ହେବ, ଯେତେବେଳେ ଆମର ଚାଷୀ ଭାଇମାନେ ସମୃଦ୍ଧ ହେବେ।

- **ଆଧୁନିକ ତଥା ସ୍ମାର୍ଟ କୃଷି:** ପାରମ୍ପରିକ ଚାଷ ପଦ୍ଧତି ପରିବର୍ତ୍ତେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍‌ସ୍ (ଏଆଇ) ଡ୍ରୋନ୍ ଟେକ୍ନୋଲୋଜି ଏବଂ ସଠିକ୍ କୃଷି (ପ୍ରିସିସନ୍ ଫାର୍ମିଂ)ର ପ୍ରୟୋଗ କରାଯିବା ଆବଶ୍ୟକ।
- **ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ:** ଓଡ଼ିଶାର କୋଣ ଅନୁକୋଣରେ କୃଷିଭିତ୍ତିକ ପ୍ରକ୍ରିୟାକରଣ ଉଦ୍ୟୋଗ ପ୍ରତିଷ୍ଠା ହୋଇଥିବ। ଏହାଦ୍ୱାରା ଚାଷୀମାନେ ସେମାନଙ୍କ ଉତ୍ପାଦିତ ଦ୍ରବ୍ୟର ସଠିକ୍ ମୂଲ୍ୟ ପାଇପାରିବେ ଏବଂ ଖାଦ୍ୟ ନଷ୍ଟ ହେବାର ଆଶଙ୍କା ରହିବ ନାହିଁ।
- **ଗ୍ରାମୀଣ ଅର୍ଥନୀତି ଓ ଆତ୍ମନିର୍ଭର ଗାଁ:** ଗାଁ ଗୁଡ଼ିକରେ ୨୪ଘଣ୍ଟିଆ ବିଦ୍ୟୁତ୍, ସ୍ୱଚ୍ଛ ପାନୀୟ ଜଳ ଏବଂ ଉଚ୍ଚ ଗତିର ଇଣ୍ଟରନେଟ୍ ବ୍ୟବସ୍ଥା ଉପଲବ୍ଧ କରାଯାଇ ଗ୍ରାମୀଣ ଜୀବନଶୈଳୀକୁ ସହର ଭଳି ଉନ୍ନତ କରାଯିବା ଆମର ଧ୍ୟେୟ ହେବା ଉଚିତ୍।

**ବିଶ୍ୱସ୍ତରୀୟ ଶିକ୍ଷା ଓ ମାନବ ସମ୍ବଳ ବିକାଶ:**

'ଶିକ୍ଷିତ ଓଡ଼ିଶା ହିଁ ବିକଶିତ ଓଡ଼ିଶାର ମୂଳଦୁଆ'। ଆଗାମୀ ୨୦ବର୍ଷରେ ଆମର ଶିକ୍ଷା ବ୍ୟବସ୍ଥାକୁ ଏଭଳି ଭାବେ ରୂପାନ୍ତରିତ କରାଯାଉ, ଯଦ୍ୱାରା ଓଡ଼ିଶାର ଛାତ୍ରଛାତ୍ରୀମାନେ ବିଶ୍ୱର ଯେକୌଣସି କ୍ଷେତ୍ରରେ ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିପାରିବେ।

- **ଶତପ୍ରତିଶତ ସାକ୍ଷରତା ଓ ଗୁଣାତ୍ମକ ଶିକ୍ଷା:** ଓଡ଼ିଶାରୁ ସମ୍ପୂର୍ଣ୍ଣ ରୂପେ ନିରକ୍ଷରତା ଦୂର ହେଉ। ପ୍ରତ୍ୟେକ ବିଦ୍ୟାଳୟକୁ ସ୍ମାର୍ଟ ସ୍କୁଲ୍‌ରେ ପରିଣତ କରାଯାଇ ଡିଜିଟାଲ୍ ଶିକ୍ଷାଦାନର ବ୍ୟବସ୍ଥା କରାଯାଉ।
- **କୁଶଳୀ ଓଡ଼ିଶା:** ବିଶ୍ୱସ୍ତରୀୟ ଦକ୍ଷତା ବିକାଶ କେନ୍ଦ୍ର ଜରିଆରେ ଓଡ଼ିଶାର ଯୁବପିଢ଼ିଙ୍କୁ ବୈଷୟିକ ଜ୍ଞାନକୌଶଳରେ ନିପୁଣ କରାଗଲେ ଜଣେ ବି ଓଡ଼ିଆ ଯୁବକ କିମ୍ବା ଯୁବତୀ ବେକାର ରହିବେ ନାହିଁ।
- **ବିଶ୍ୱବିଦ୍ୟାଳୟଗୁଡ଼ିକର ବିଶ୍ୱ ର୍ୟାଙ୍କିଙ୍ଗ:** ଆମର ସ୍ୱପ୍ନ ରହିବ କି ଓଡ଼ିଶାର ଅନ୍ତତଃ ୫ଟି ପ୍ରମୁଖ ବିଶ୍ୱବିଦ୍ୟାଳୟ ବିଶ୍ୱର ଶ୍ରେଷ୍ଠ ୫୦୦ ଶିକ୍ଷାନୁଷ୍ଠାନ ମଧ୍ୟରେ ସ୍ଥାନ ପାଉ। ରାଜ୍ୟକୁ ଏକ ଅନ୍ତର୍ଜାତୀୟ ଶିକ୍ଷା ହବ୍‌ରେ ପରିଣତ କରିବା ଆମର ଲକ୍ଷ୍ୟ।

**ସ୍ୱାସ୍ଥ୍ୟ ସେବାରେ ବିପ୍ଳବ ଓ ସୁସ୍ଥ ଓଡ଼ିଶା:**

ନିରାମୟ ଓ ସୁସ୍ଥ ଜୀବନ ପ୍ରତ୍ୟେକ ନାଗରିକଙ୍କ ଅଧିକାର। ବିକଶିତ ଓଡ଼ିଶାର ସ୍ୱପ୍ନରେ ଏକ ସୁଦୃଢ଼ ଓ ସୁଲଭ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଅନ୍ତର୍ଭୁକ୍ତ।

- **ସାର୍ବଜନୀନ ସ୍ୱାସ୍ଥ୍ୟ ସେବା:** ପ୍ରତ୍ୟେକ ବ୍ୟକ୍ତି ଯେପରି ବିନା ଆର୍ଥିକ ବୋଝରେ ଉତ୍ତମ ଚିକିତ୍ସା ପାଇପାରିବେ, ତାହା ସୁନିଶ୍ଚିତ ହେବ। ସରକାରୀ ଡାକ୍ତରଖାନାଗୁଡ଼ିକୁ କର୍ପୋରେଟ୍ ଡାକ୍ତରଖାନା ଶୈଳୀରେ ଅତ୍ୟାଧୁନିକ ଉପକରଣଯୁକ୍ତ ହେଇଥିବା ଦରକାର।
- **ଡିଜିଟାଲ୍ ହେଲ୍‌ଥ୍ ଓ ଟେଲି ମେଡିସିନ୍:** ଦୂରଦୂରାନ୍ତ ଗ୍ରାମାଞ୍ଚଳରେ ରହୁଥିବା ଲୋକମାନେ ଯେପରି ଭିଡିଓ କନଫରେନ୍ସ ମାଧ୍ୟମରେ ଦେଶବିଦେଶର ବିଶେଷଜ୍ଞ ଡାକ୍ତରଙ୍କ ସହିତ ପରାମର୍ଶ କରିପାରିବେ, ସେଥିପାଇଁ ଡିଜିଟାଲ୍ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସୁଦୃଢ଼ କରାଯିବ।
- **ସ୍ୱାସ୍ଥ୍ୟ ଭିତ୍ତିଭୂମିର ସମ୍ପ୍ରସାରଣ:** ପ୍ରତି ଜିଲ୍ଲାରେ ମେଡିକାଲ୍ କଲେଜ୍ ଓ ସୁପର ସ୍ପେଶାଲିଟି ଚିକିତ୍ସାଳୟ ପ୍ରତିଷ୍ଠା କରାଯାଇ ଓଡ଼ିଶାକୁ ପୂର୍ବଭାରତର ସ୍ୱାସ୍ଥ୍ୟ ହବ୍ ଭାବରେ ପ୍ରତିଷ୍ଠିତ କରିବା ଆମ ଲକ୍ଷ୍ୟର ଅନ୍ତର୍ଭୁକ୍ତ ହେଉ।

**ନାରୀ ଶକ୍ତିର ଜୟଯାତ୍ରା:**

'ଯେଉଁ ଦେଶରେ ନାରୀ ପୂଜା ପାଆନ୍ତି, ସେଠାରେ ଦେବତାମାନେ ବାସ କରନ୍ତି। ଆଗାମୀ ୨୦ବର୍ଷରେ ମହିଳାମାନେ କେବଳ ପରିବାରର ସୀମା ଭିତରେ ରହିବେ ନାହିଁ, ବରଂ ଅର୍ଥନୀତି ଓ ସମାଜର ମୁଖ୍ୟସ୍ରୋତରେ ନେତୃତ୍ୱ ନେବେ।

- **ଲକ୍ଷପତି ଦିଦି ଓ ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି):** ମିଶନ ଶକ୍ତି ଓ ସୁଭଦ୍ରା ଯୋଜନା ଭଳି ମହିଳାକେନ୍ଦ୍ରିକ ଯୋଜନାଗୁଡ଼ିକୁ ଆହୁରି ବ୍ୟାପକ କରି ଗ୍ରାମୀଣ ମହିଳାମାନଙ୍କୁ ସଫଳ ଉଦ୍ୟୋଗୀରେ ପରିଣତ କରାଯାଉ।
- **ଉଦ୍ୟୋଗୀକରଣ ଓ ନେତୃତ୍ୱ:** ବୃହତ ଶିଳ୍ପ, ରାଜନୀତି ଓ ବୈଷୟିକ କ୍ଷେତ୍ରରେ ଓଡ଼ିଆ ମହିଳାମାନଙ୍କ ଭାଗିଦାରୀ ବୃଦ୍ଧି ପାଇବ। ମହିଳାଙ୍କ ସୁରକ୍ଷା ଓ ସମ୍ମାନକୁ ସର୍ବାଧିକ ଅଗ୍ରାଧିକାର ଦେବା ଉଚିତ୍।(କ୍ରମଶଃ...) ●

(ପ୍ରଖ୍ୟାତ ଚଳଚ୍ଚିତ୍ର ଅଭିନେତା, ନିର୍ଦ୍ଦେଶକ, ପ୍ରଯୋଜକ, ରାଜନୀତିଜ୍ଞ ତଥା ସ୍ତମ୍ଭକାର)

# ଜନଗଣନା ଓ ଜନମାନସିକତା

**ବୈଷ୍ଣବ ମେହେର**

ଦେଶର ସାଧାରଣ ଜନତାଙ୍କ ହିତସାଧନ ପାଇଁ ବିଭିନ୍ନ କଲ୍ୟାଣକାରୀ ଯୋଜନା ପ୍ରସ୍ତୁତିରେ ତୃଣମୂଳସ୍ତରୀୟ ସୂଚନା ପାଇବାର ଏକମାତ୍ର ନିର୍ଭରଯୋଗ୍ୟ ମାଧ୍ୟମ ହେଉଛି ଜନଗଣନା। ଏହି ମର୍ମରେ ସାରା ଭାରତରେ ୧୮୭୨ ମସିହା ପରଠାରୁ ଏବର୍ଷ ୧୬ତମ ଓ ଭାରତ ସ୍ୱାଧୀନତା ପରବର୍ତ୍ତୀ ୮ମ ଜନଗଣନା ଆମ ରାଜ୍ୟ ସମେତ ସାରା ଭାରତରେ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଗୃହତାଲିକା ଓ ଗୃହଗଣନା ପ୍ରକ୍ରିୟା ଜାରି ରହିଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଜନଗଣନା ଆରମ୍ଭ ହେବ। ଗୃହଗଣନାର ବିଶେଷ ଉପଯୋଗିତା ଏଇଥିପାଇଁ ରହିଛି ଯେ, ଏହାଦ୍ୱାରା ଜନବସତିର ଅବସ୍ଥା, ବାସଗୃହର ଅଭାବ ଏବଂ ଭବିଷ୍ୟତରେ ବାସଗୃହର ଆବଶ୍ୟକତା ପୂରଣ ଦିଗରେ ଗୃହନିର୍ମାଣ ପ୍ରଣୟନ ପାଇଁ ବ୍ୟାପକ ତଥ୍ୟ ମିଳିପାରିବ। ଏହାଦ୍ୱାରା ପରିବାରରେ ଉପଲବ୍ଧ ସୁବିଧା ସୁଯୋଗ ଏବଂ ଅପରିହାର୍ଯ୍ୟ ସାମଗ୍ରୀ ସମ୍ବନ୍ଧୀୟ ବ୍ୟାପକ ତଥ୍ୟ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗ, ବେସରକାରୀ ସଂସ୍ଥାକୁ ବିଭିନ୍ନ ଉନ୍ନୟନମୂଳକ ଯୋଜନା ପ୍ରଣୟନ ପାଇଁ ଯୋଗାଇ ଥାଏ। ଏକ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଦେଶର ପ୍ରତ୍ୟେକ ବ୍ୟକ୍ତିଙ୍କ ବିଷୟରେ ଏଭଳି ମୂଲ୍ୟବାନ ସୂଚନା ଆବଶ୍ୟକ, ଯାହାଦ୍ୱାରା ଦେଶବାସୀଙ୍କ କଲ୍ୟାଣ ପାଇଁ ଲକ୍ଷ୍ୟ ରଖି ସୁଦୃଢ଼ ନୀତି ଓ କାର୍ଯ୍ୟକ୍ରମ ବିକଶିତ କରିହେବ।

ଏସବୁ କେବଳ ଜନଗଣନା ମାଧ୍ୟମରେ ହିଁ ସମ୍ଭବ ହୋଇପାରୁଥିବାରୁ ଦେଶ ନିର୍ମାଣର ଏଭଳି ମହାନ କାର୍ଯ୍ୟରେ ଅଂଶୀଦାର ହୋଇଥିବା ସମସ୍ତ ଗଣନାକାରୀ, ପର୍ଯ୍ୟବେକ୍ଷକ ଓ ଅନ୍ୟାନ୍ୟ ଅଧିକାରୀ, କର୍ମଚାରୀ ନିଶ୍ଚିତ ଭାବରେ ସୌଭାଗ୍ୟଶାଳୀ। କିନ୍ତୁ ଦୁର୍ଭାଗ୍ୟର ବିଷୟ ଯେ, ଗତ ଏପ୍ରିଲ ୧୬ତାରିଖଠାରୁ ଆରମ୍ଭ ହୋଇଥିବା ଏହି ପ୍ରଥମ ପର୍ଯ୍ୟାୟ ଜନଗନଣନାର ଗୃହତାଲିକାକରଣରେ ନିଷ୍ଠାର ସହ ନିଜ ଦାୟିତ୍ୱ ସମ୍ପାଦନ କରୁଥିବା ଗଣନାକାରୀଙ୍କୁ ନାନା ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡ଼ିଛି। କେଉଁଠି କେହି ସାପ, କୁକୁର, ବାଗୁଡ଼ି ଆଦି କାମୁଡ଼ାର ଶିକାର ହେବା କିମ୍ବା ଅତ୍ୟଧିକ ଟାଣ ଖରା ଯୋଗୁଁ ଅଂଶୁଘାତର ଶିକାର ହୋଇ ଜୀବନ ଯିବାର ଅଭିଯୋଗ ହୋଇଛି। କେଉଁଠି ମହିଳା ଗଣନାକାରୀଙ୍କ ନିଖୋଜର ଖବର ଆସୁଛି ତ କେଉଁଠି ଅଧିକାରୀଙ୍କ ଚାପରେ କେହି କେହି ଭୟଭୀତ ହୋଇ ମାନସିକ ଚାପରେ ଥିବା ମଧ୍ୟ ଶୁଣିବାକୁ ମିଳୁଛି। ଆହୁରି ଚିନ୍ତାଜନକ ବିଷୟ ଯେ ଗଣନାକାରୀଙ୍କୁ ତଥ୍ୟ ଦେବାକୁ ଅନେକ ଜାଗାରେ ମନା କରିଦେବା। ଏହାଦ୍ୱାରା ଜନଗଣନାର ମୂଳ ଉଦ୍ଦେଶ୍ୟ ପୂରଣ ହେବ ନାହିଁ।

ଘଟଣାଟି ସେତେବେଳେ ଆହୁରି ସଂଗିନ ହୋଇଯାଉଛି ଯେତେବେଳେ ଗଣନାକାରୀ କିଛି ପରିବାରର ଆକ୍ରମଣର ଶିକାର ହେଉଛନ୍ତି। ସୂଚନା ଅନୁସାରେ ମୟୂରଭଞ୍ଜ ଜିଲ୍ଲା ଅମ୍ବାଯୋଡ଼ା ଅଞ୍ଚଳରେ ଜନଗଣନା ଅଧିକାରୀ ଭାବରେ ନିଯୋଜିତ ଜନୈକ ଶିକ୍ଷକଙ୍କୁ ଘରଗଣନା ସମୟରେ ପ୍ରଚୁର ନିଶାରେ ଥିବା ଜଣେ ଯୁବକ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ସେହିପରି ଅନ୍ୟ ଏକ ଅଶୋଭନୀୟ ଓ ଅଭାବନୀୟ ଘଟଣା, ଯାହା ଏବେ ସାରା ଓଡ଼ିଶାରେ ଚର୍ଚ୍ଚାର ବିଷୟ ହୋଇଛି ଯେ ଗତ ବୁଧବାର ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଏନଏସି ଅନ୍ତର୍ଗତ ତିନି ନମ୍ବର ୱାର୍ଡ ମହିମାନଗର ସାହିକୁ ଜନଗଣନା ତଥ୍ୟ ସଂଗ୍ରହ କରିବାକୁ ଯାଇଥିବା ଦୁଇ ମହିଳା ଅଧିକାରୀଙ୍କ ସହ ଚାରି ଜଣ ଅଧିକାରୀଙ୍କୁ ଜନୈକ ପରିବାର ମାଡ଼ ମାରିବା ସହ ବାଇକ ଓ ସ୍କୁଟିକୁ ଭାଙ୍ଗି ଦେଇଛନ୍ତି। ଅବଶ୍ୟ ଉଭୟ ଘଟଣାକୁ ଅତ୍ୟନ୍ତ ଗୁରୁତ୍ୱର ସହ ନେଇ ପୁଲିସ ତ୍ୱରିତ ପଦକ୍ଷେପ ନେବା ସହ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରି ଜେଲ ହଜତକୁ ପଠାଇ ଦେଇଛି।

ରାଜ୍ୟରେ ଏଭଳି ଏକାଧିକ ଘଟଣା ପରେ ଗଣନାକାରୀମାନେ ଭୟଭୀତ ହୋଇପଡ଼ିବା ସ୍ୱାଭାବିକ କଥା। ତେବେ ଦେଶର କଲ୍ୟାଣ ନିମନ୍ତେ ଦାୟିତ୍ୱ ନିର୍ବାହ କରୁଥିବା ଗଣନାକାରୀଙ୍କ ଉପରେ ଏଭଳି ଆକ୍ରମଣର ପ୍ରକୃତ କାରଣ କ'ଣ ହୋଇପାରେ? ସୌଭାଗ୍ୟବଶତଃ (ଯଦି ସେମିତି କିଛି ଅଘଟଣର ଶିକାର ନହୁଏ) ମୁଁ ମଧ୍ୟ ଜଣେ ଗଣନାକାରୀ ହେବାର ସୁଯୋଗ ପାଇଛି। ଏହା ମଧ୍ୟରେ ମୋ କ୍ଷେତ୍ରରେ ଯେତେ ପରିବାରକୁ ତଥ୍ୟ ସଂଗ୍ରହ କରିବାକୁ ଯାଇଛି, ସେଇଠି ସେମାନଙ୍କ ମନରେ ଗୋଟିଏ ଛନକା ପଶିଥିବା ଅନୁମାନ କରିଛି। ସେମାନଙ୍କ ଆଶଙ୍କା ହେଲା ଯଦି ଆମର ଛାତଘର, ଗାଡ଼ି, ଟିଭି, ମୋବାଇଲ, ଗ୍ୟାସ ଆଦି ଯେତେ ସବୁ ତଥ୍ୟ ମଗାଯାଇଛି ସେସବୁ ଯଦି ଅଛି ବୋଲି ସରକାରଙ୍କ ନିକଟକୁ ପହଞ୍ଚିଯାଏ ତେବେ ଆମକୁ ମିଳୁଥିବା ଚାଉଳ, ଭତ୍ତା, ଘର ଆଦି ସରକାରୀ ସୁବିଧା ସହଯୋଗ କଟି ଯିବ ନାହିଁ ତ! କିମ୍ବା ଭବିଷ୍ୟତରେ ସରକାରୀ ସୁବିଧା ପାଇବାକୁ ଆଶା ବାନ୍ଧିଥିବା ପରିବାର ଏସବୁ ତଥ୍ୟ ପ୍ରଦାନ ପାଇଁ ମନରେ ଦ୍ୱନ୍ଦ୍ୱ ରଖୁଥିବା ହୃଦବୋଧ ହୁଏ।

ଏପରିସ୍ଥଳେ ଗୋଟିଏ କଥା ସ୍ପଷ୍ଟ ହୁଏ ଯେ, ଜନଗଣନାର ବା ଗୃହତଥ୍ୟ ସଂଗ୍ରହର ପ୍ରକୃତ ଉଦ୍ଦେଶ୍ୟ ଠିକ ଢଙ୍ଗରେ ଲୋକଙ୍କ ନିକଟରେ ପହଞ୍ଚି ପାରିନାହିଁ। ଆମେ ଯଦି ଉଚିତ ଓ ନିର୍ଭୁଲ ତଥ୍ୟ ଗଣନାକାରୀଙ୍କୁ ଦେବା ତେବେ ଠିକ ସମୟରେ ଉଚିତ ସରକାରୀ ସୁବିଧା ସୁଯୋଗ ଆମ ନିକଟକୁ ପହଞ୍ଚିପାରିବ, ଏ ନିଶ୍ଚିତତାକୁ ସରକାରଙ୍କୁ ଦେବାକୁ ପଡ଼ିବ। ଏଥିନିମନ୍ତେ ସରକାରୀ କ୍ଷେତ୍ରରେ ପ୍ରଥମେ ପର୍ଯ୍ୟାପ୍ତ ପରିମାଣରେ ଜନଜାଗରଣ ଓ ସଚେତନତାର ନିହାତି ଆବଶ୍ୟକ ଥିବା ଅନୁଭବ ହୁଏ। ●

ସିନାପାଲି(ନୂଆପଡ଼ା),
ମୋ: ୯୭୭୭୭୫୩୯୩୫

ଓଜସ୍ୱିନୀ

# ରକ୍ଷକ ଦେବତା ବାଦୁଡ଼ି

**ବିଚିତ୍ର ବିଶ୍ୱାସ**

ପ୍ରକୃତିପୂଜନ ଓ ଜୀବେଦୟା ହେଉଛି ଭାରତୀୟ ସଂସ୍କୃତିର ଅନନ୍ୟ ପରିଚୟ। ତେଣୁ ଭାରତର ବିଭିନ୍ନ ରାଜ୍ୟର ଆଞ୍ଚଳିକ ପରମ୍ପରା ଅନୁସାରେ କ୍ଷୁଦ୍ରାତିକ୍ଷୁଦ୍ର ଜୀବ ମଧ୍ୟ ପୂଜନୀୟ। ଏହି ପରମ୍ପରା ଭିତ୍ତିରେ ବିହାରର ବୈଶାଳୀ ଜିଲ୍ଲା ସ୍ଥିତ ସରସଇ ନାମକ ଗାଁରେ ଏବଂ ମୁଜାଫର୍‌ପୁରର କେତେକ ଗ୍ରାମରେ ବାଦୁଡ଼ିକୁ ପୂଜା କରାଯାଉଛି।

ଅଶୁଭ ନିଶାଚର ପ୍ରାଣୀ ଭାବେ ନିନ୍ଦିତ ବାଦୁଡ଼ିକୁ ବୈଶାଳୀ ଗ୍ରାମର ଗ୍ରାମଦେବତା ଭାବେ ପୂଜା କରାଯାଏ। ଏଥିପାଇଁ ସେଠାରେ ଏକ ସ୍ୱତନ୍ତ୍ର ବାଦୁଡ଼ି ମନ୍ଦିର ମଧ୍ୟ ଅଛି। ସେହିଗ୍ରାମରେ ଶହଶହ ସଂଖ୍ୟାରେ ବାଦୁଡ଼ି ଦେଖାଯା'ନ୍ତି। ସ୍ଥାନୀୟ ଲୋକମାନଙ୍କର ବିଶ୍ୱାସ ରହିଛି ଯେ, ବାଦୁଡ଼ିମାନେ ହେଉଛନ୍ତି ସମ୍ପନ୍ନତା ଓ ସୁଖସମୃଦ୍ଧିର ପ୍ରତୀକ। ତେଣୁ ଯେଉଁଠାରେ ଏମାନେ ବାସ କରନ୍ତି, ସେହି ଅଞ୍ଚଳରେ କେବେ ମଧ୍ୟ ଧନର ଅଭାବ ରହେ ନାହିଁ। ଏହାବ୍ୟତୀତ ବାଦୁଡ଼ିମାନେ ଗ୍ରାମକୁ ବିପଦଆପଦରୁ ରକ୍ଷା କରିଥା'ନ୍ତି।

ଜନଶ୍ରୁତି ଅନୁସାରେ ବାଦୁଡ଼ିମାନଙ୍କର ଆବିର୍ଭାବ ହେବା ପରଠାରୁ ଗ୍ରାମର ଉନ୍ନତି ହୋଇଥିଲା। ତେଣୁ କୌଣସି ପରିବାରରେ ଶୁଭକାର୍ଯ୍ୟ ଅନୁଷ୍ଠିତ ହେବା ପୂର୍ବରୁ ବାଦୁଡ଼ିମାନଙ୍କୁ ପୂଜା କରିବାର ପରମ୍ପରା ରହିଛି। ସରସଇ ଗ୍ରାମରେ ଥିବା ଏକ ପୋଖରୀ ନିକଟରେ ବଡ଼ ବଡ଼ ଗଛଗୁଡ଼ିକରେ ବାଦୁଡ଼ିମାନେ ବସା ବାନ୍ଧିଥା'ନ୍ତି, ଯାହାକି ପ୍ରାୟ ୫୦ ଏକରରେ ପରିବ୍ୟାପ୍ତ। ୧୪୦୨ ମସିହାରେ ରାଜା ଶିବ ସିଂହଙ୍କ ଦ୍ୱାରା ଏହି ପୋଖରୀର ନିର୍ମାଣ କରାଯାଇଥିଲା। ଆଉ କେତେକ ଲୋକକଥା ଅନୁସାରେ ବାଦୁଡ଼ିମାନେ ଅନେକଥର ବାହ୍ୟଶତ୍ରୁକୁ ଆକ୍ରମଣ କରି ଗ୍ରାମକୁ ସୁରକ୍ଷା ପ୍ରଦାନ କରିଛନ୍ତି ଏବଂ ପ୍ରତିଦାନ ବା କୃତଜ୍ଞତା ସ୍ୱରୂପ ଗ୍ରାମବାସୀଙ୍କ ଦ୍ୱାରା ବାଦୁଡ଼ି ପୂଜନ ସମୟକ୍ରମେ ଏକ ପରମ୍ପରାରେ ପରିଣତ ହୋଇଛି।

ବିହାରର ମୁଜାଫର୍‌ପୁରସ୍ଥିତ ଛପରା ନାମକ ଏକ ଗାଁରେ ମଧ୍ୟ ବାଦୁଡ଼ି ପୂଜନର ପରମ୍ପରା ପ୍ରାୟ ୬୦୦ ବର୍ଷ ପୁରୁଣା। ବର୍ତ୍ତମାନ ଏହି ଗାଁ 'ବାଦୁର ଛପରା' ଭାବେ ପରିଚିତ। ଏଠାରେ ମଧ୍ୟ ବାଦୁଡ଼ିକୁ ଗ୍ରାମର ରକ୍ଷକ ଦେବତା ଭାବେ ପୂଜା କରାଯାଉଛି ଏବଂ ବିଶ୍ୱାସ ରହିଛି ଯେ, ଯେଉଁ ବ୍ୟକ୍ତି ବାଦୁଡ଼ିକୁ ଘୃଣା କରେ କିମ୍ବା ଶିକାର କରିବାକୁ ଚାହେଁ କିମ୍ବା ଘଉଡ଼େଇବା ପାଇଁ ଉଦ୍ୟମ କରେ, ଉକ୍ତ ବ୍ୟକ୍ତି ନାନା ଅସୁବିଧାର ସମ୍ମୁଖୀନ ହେବା ସହିତ ପରିବାରରେ କଳହ, ଆର୍ଥିକ ଅନଟନ ଏବଂ ରୋଗବ୍ୟାଧି ଦେଖାଦେଇଥାଏ। ଜନଶ୍ରୁତି ଅନୁସାରେ ପ୍ରାୟ ୬୦୦ ବର୍ଷ ପୂର୍ବେ ମେଘ ରାୟ ନାମକ ଜଣେ ବ୍ୟକ୍ତି ଏଠାକୁ ବସତି ସ୍ଥାପନ ପାଇଁ ଆସିଥିଲେ ଏବଂ ତାଙ୍କର ଚାରିଜଣ ପୁଅଙ୍କ ବଂଶଜଙ୍କ ଦ୍ୱାରା ବାଦୁଡ଼ି ପୂଜନ ଆରମ୍ଭ ହୋଇଥିଲା। ଲୋକକଥା ଅନୁସାରେ ଏକଦା ଗାଁର ଜଣେ ବ୍ୟକ୍ତି ବାଦୁଡ଼ିମାନଙ୍କୁ ମାରି ସେଠାରୁ ଘଉଡ଼ାଇ ଦେଇଥିଲା। ଏହାପରେ ଗାଁରେ ଅକାଳ ମରୁଡ଼ି ପଡ଼ିବା ସହିତ ବିଭିନ୍ନ ରୋଗବ୍ୟାଧି ଦେଖାଗଲା। ଖାଦ୍ୟ ଓ ଅର୍ଥର ଅଭାବ ଯୋଗୁଁ ଗ୍ରାମବାସୀ ଅନେକ ସମସ୍ୟାର ସମ୍ମୁଖୀନ ହେଲେ। ଏହାପରେ ଗାଁର ମୁଖିଆଙ୍କ ପରାମର୍ଶରେ ଯେଉଁଠି ବାଦୁଡ଼ିମାନେ ବସାବାନ୍ଧି ରହୁଥିଲେ, ସେଠାରେ ପୂଜାରୀଙ୍କ ଦ୍ୱାରା ବାଦୁଡ଼ିଙ୍କୁ କ୍ଷମାପ୍ରାର୍ଥନା କରିବା ସହିତ ବିଶେଷ ପୂଜାର୍ଚ୍ଚନା କରାଗଲା। ଅଲୌକିକ ଭାବେ ବାଦୁଡ଼ିମାନେ ଫେରିଆସିଲେ ଏବଂ ଧୀରେ ଧୀରେ ଗ୍ରାମର ସମସ୍ତ ସମସ୍ୟା ମଧ୍ୟ ଦୂର ହୋଇଗଲା। ଏହାପରଠାରୁ ଗ୍ରାମବାସୀମାନେ ବାଦୁଡ଼ିଙ୍କୁ ଗ୍ରାମର ରକ୍ଷକ ଦେବତା ଭାବେ ପୂଜା କରି ଆସୁଛନ୍ତି। ବର୍ତ୍ତମାନ ସମୟରେ ଏହି ଗାଁରେ ପ୍ରାୟ ୪୦ରୁ ୫୦ ହଜାର ବାଦୁଡ଼ି ଅଛନ୍ତି। 'ବାଦୁର ଛପରା'ଗାଁରେ ଆଉ ଏକ ମାନ୍ୟତା ରହିଛି ଯେ, ବାଦୁଡ଼ିମାନେ ସନ୍ଧ୍ୟା ସମୟରେ ଶିକାର ପାଇଁ ଯିବା ପୂର୍ବରୁ ପ୍ରଥମେ ଗାଁରେ ଥିବା 'ଦୁଧନାଥ' ମନ୍ଦିରର ପରିକ୍ରମା କରିଥା'ନ୍ତି। ଏହି ଦୃଶ୍ୟ ଦେଖିବା ପାଇଁ ଯେତିକି ଭୟଙ୍କର, ସେତିକି ରୋମାଞ୍ଚକର। ଏହି ବାଦୁଡ଼ିଗୁଡ଼ିକୁ ଦେବ ଦେବ ମହାଦେବଙ୍କ ନିଶାଚରଗଣ ବୋଲି ଗ୍ରାମବାସୀ ମାନ୍ୟ କରି ମହାଦେବଙ୍କୁ 'ବାଦୁର ବାବା' ଆଖ୍ୟା ଦେଇଛନ୍ତି।

ଆନ୍ଧ୍ରପ୍ରଦେଶର ପ୍ରକାଶମ୍ ଜିଲ୍ଲାସ୍ଥିତ ଭାଟ୍ଟିଭେପାନୁପଲ୍ଲେ ଏବଂ କୋଭିଲାମ୍ପୁଡ୍ଡୁ ଗ୍ରାମରେ ମଧ୍ୟ ବାଦୁଡ଼ି ପୂଜନର ପରମ୍ପରା ଅଛି। ସେଠାରେ ବାଦୁଡ଼ିଙ୍କୁ ସୁଖ, ସମୃଦ୍ଧିର ପ୍ରତୀକ ଭାବେ ପୂଜା କରାଯାଏ। ଆନ୍ଧ୍ରପ୍ରଦେଶର ଚିତ୍ତୁର୍ ଜିଲ୍ଲା ଅନ୍ତର୍ଗତ ନାଦଭଲୁର୍ ଗ୍ରାମବାସୀ ବାଦୁଡ଼ିଙ୍କୁ ଶିଶୁମାନଙ୍କ ରକ୍ଷକ ଦେବତା ଭାବେ ପୂଜା କରନ୍ତି। ବିଶ୍ୱାସ ରହିଛି ଯେ, ବାଦୁଡ଼ିଙ୍କ ପାଖରେ ଶିଶୁଙ୍କ ରୋଗ ନିବାରକ ଶକ୍ତି ରହିଛି। କୌଣସି ଶିଶୁ ରୋଗାକ୍ରାନ୍ତ ହେଲେ ବାଦୁଡ଼ିମାନେ ରହୁଥିବା ଗଛ ନିକଟକୁ ନେଇ ସ୍ନାନ କରାଇ ଗଛଶାଖାରେ ଝୁଲାଇ ରଖାଯାଏ। ଏହାପରେ ସେହି ଶାଖାରେ କପଡ଼ା ବାନ୍ଧି ଶିଶୁର ଆରୋଗ୍ୟ ପାଇଁ ବାଦୁଡ଼ିଙ୍କୁ ପ୍ରାର୍ଥନା କରାଯାଏ। ଏଭଳି ଅନନ୍ୟ ପରମ୍ପରା କେବେଠାରୁ ଆରମ୍ଭ ହେଲା, କୌଣସି ତଥ୍ୟ ନଥିଲେ ମଧ୍ୟ ଏହାଦ୍ୱାରା ଶିଶୁମାନେ ଆରୋଗ୍ୟଲାଭ କରିଥିବାର ଅନେକ ପ୍ରମାଣ ରହିଛି। ●

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଓଏସ୍ଏପି ବାଟାଲିଅନ୍‌ରେ ପୁଲିସକୁ ଆକ୍ରମଣ; ୩ ପୁଲିସ ଗୁରୁତର

### ୫ ଅଭିଯୁକ୍ତ ଗିରଫ; ବସୁନ୍ଧରା ଗଲା ଯୁବତୀ

କଟକ, ୩୦।୪ (ସମିସ): ସୁରକ୍ଷାବଳୟ ମଧ୍ୟରେ ଥାଇ ମଧ୍ୟ ସୁରକ୍ଷିତ ନୁହନ୍ତି ପୁଲିସ କର୍ମଚାରୀ। କଟକ ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ଓଏସ୍ଏପି ଷଷ୍ଠ ବାଟାଲିଅନ୍ କ୍ୟାମ୍ପସ୍ ପରିସରରେ ପୁଲିସ୍ ଉପରକୁ ମରଣାନ୍ତକ ଆକ୍ରମଣ ହୋଇଛି। ଏଥିରେ ୩ ପୁଲିସ୍ ଆହତ ହୋଇଛନ୍ତି। ସେମାନେ ହେଲେ, ମାନସ ରଣସିଂହ (ଡେପୁଟି ସୁବେଦାର), ବିପନ ଦାସ (ହୋମଗାର୍ଡ) ଓ ପ୍ରଶାନ୍ତ ମୁଦୁଲି (ସିପାହୀ)। ସମସ୍ତଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣା ଏବେ ରାଜ୍ୟବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଥିବା ବେଳେ ପୁଲିସ ୫ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ, ପ୍ରଶାନ୍ତ ପାତ୍ର, ପବିତ୍ର ପାତ୍ର, ବୁଟୁ ସାମଲ, ଅମିତ କୁମାର ସିଂହ ଏବଂ ଜ୍ୟୋତି ରଞ୍ଜନ ବେହେରା। ସେମାନଙ୍କ ମଧ୍ୟରୁ କିଛି ବ୍ୟକ୍ତି ରାପିଡୋ ଚାଳକ ଓ କିଛି ବେସରକାରୀ ସଂସ୍ଥା କର୍ମଚାରୀ ବୋଲି ଜଣାପଡ଼ିଛି। ଅଭିଯୁକ୍ତମାନଙ୍କ ବିରୋଧରେ ହତ୍ୟା ଉଦ୍ୟମ ଭଳି ସଙ୍ଗୀନ ଦଫାରେ ମାମଲା ରୁଜୁ ହୋଇଛି। ଘଟଣାସ୍ଥଳରୁ ସାଇଣ୍ଟିଫିକ୍ ଟିମ୍ ପ୍ରମାଣ ସଂଗ୍ରହ କରିବା ସହ ୪ଟି ବାଇକ୍ ଓ ଆକ୍ରମଣରେ ବ୍ୟବହୃତ ଧାରୁଆ ଅସ୍ତ୍ର ଜବତ କରିଛି। ସୂଚନାନୁଯାୟୀ, ବୁଧବାର ବିଳମ୍ବିତ ରାତିରେ ବାଟାଲିଅନ୍ ପରିସରରେ ଥିବା ଜଗନ୍ନାଥ ମନ୍ଦିର ନିକଟ ପୋଖରୀ କୂଳରେ ଏକ ପ୍ରେମୀଯୁଗଳ ଅସଂଯତ ଅବସ୍ଥାରେ ବସିଥିଲେ। ସେହି ବାଟ ଦେଇ ଯାଉଥିବା ଡେପୁଟି ସୁବେଦାର ମାନସ ରଣସିଂହ ସେମାନଙ୍କୁ ଦେଖି ସେଠାରୁ ଚାଲିଯିବାକୁ କହିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ପ୍ରବଳ ପାଟିତୁଣ୍ଡ ଓ ବଚସା ହୋଇଥିଲା। ସମ୍ପୃକ୍ତ ଯୁବକ ପ୍ରଶାନ୍ତ ପାତ୍ର ନିଜକୁ ନିର୍ଦ୍ଦୋଷ ଦର୍ଶାଇବା ସହ ମନ୍ଦିର ପୂଜକଙ୍କୁ ନେବାକୁ ଆସିଥିବା କହି ମାନସଙ୍କ ସହ ଯୁକ୍ତି କରିଥିଲେ।

## ରାଜ୍ୟରେ ଆଦିବାସୀ ଅବହେଳିତ, ଅସୁରକ୍ଷିତ: କଂଗ୍ରେସ

କେନ୍ଦୁଝର/ତୁରୁମୁଙ୍ଗା, ୩୦।୪(ସମିସ): ମୃତ ଭଉଣୀର କଙ୍କାଳ ଧରି ବ୍ୟାଙ୍କକୁ ଟଙ୍କା ଉଠେଇବା ପାଇଁ ଯିବା ଘଟଣା ଏବେ ସାରା ଦେଶରେ ହଇଚଇ ସୃଷ୍ଟି ହୋଇଛି। ଜଣେ ଆଦିବାସୀ ବ୍ୟକ୍ତି ଜିତୁ ମୁଣ୍ଡା ମୃତ୍ୟୁ ପ୍ରମାଣପତ୍ର ସ୍ୱରୂପ ଭଉଣୀର କଙ୍କାଳ ଧରି ଗ୍ରାମ୍ୟ ବ୍ୟାଙ୍କକୁ ଧରି ଆସିବା, ବ୍ୟାଙ୍କ କର୍ତ୍ତୃପକ୍ଷ ଦ୍ୱାରା ହଇରାଣ ଓ ହରକତ ହେବା ଏବଂ ଆଦିବାସୀଙ୍କୁ ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ଅବହେଳା କରାଯିବା ଘଟଣା ପ୍ରତି ଜିଲ୍ଲା କଂଗ୍ରେସ କ୍ଷୋଭ ପ୍ରକାଶ କରିବା ସହ ଖୋଦ ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝର ଜିଲ୍ଲାର ପ୍ରତିନିଧି ଏବଂ ଆଦିବାସୀ ସମ୍ପ୍ରଦାୟର ହେଲେ ବି ଏଭଳି ଘଟଣା ପ୍ରତି ନ୍ୟାୟ ପ୍ରଦାନ କରି ନଥିବା ଅଭିଯୋଗ କରିଛି କଂଗ୍ରେସ। ରାଜ୍ୟରେ ଆଦିବାସୀ, ଦଳିତ ଓ ମହିଳାମାନେ ସୁରକ୍ଷିତ ନାହାନ୍ତି ବୋଲି ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି। ଆଜି କଂଗ୍ରେସ ଦଳ ପାଟଣା ବ୍ଲକର ଡ଼ିଆନାଳି ଗ୍ରାମରେ ଜିତୁ ମୁଣ୍ଡାଙ୍କୁ ଭେଟି ଆଲୋଚନା କରିଥିଲେ। ପରେ ରାଜସ୍ୱ ବିଭାଗୀୟ କମିସନର ସଂଗ୍ରାମ କେଶରୀ ମହାପାତ୍ର ଏବଂ କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂହ ସହିତ ଆଲୋଚନା କରିଥିଲେ। ବ୍ୟାଙ୍କ କର୍ତ୍ତୃପକ୍ଷ ସହିତ ଭେଟିବା ପରେ ଉଦବେଗ



ପ୍ରକାଶ କରିଛନ୍ତି ପ୍ରତିନିଧି ଦଳ। ସେହିପରି ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ମଧ୍ୟ ଏହି ଘଟଣାକୁ ମୁଖ୍ୟମନ୍ତ୍ରୀ ଗଭୀର ଭାବେ ତଦନ୍ତ କରନ୍ତୁ ଏବଂ ମୃତକ ପରିବାରକୁ ତୁରନ୍ତ ୧୦ ଲକ୍ଷ ଟଙ୍କା ସାହାଯ୍ୟ କରନ୍ତୁ ବୋଲି ଦାବି କରିଥିଲେ। ରାଜ୍ୟ ଆଦିବାସୀ କଂଗ୍ରେସ ସଭାପତି ଯଶବନ୍ତ ସିଂହ ନାରାୟଣ ଲାଗୁରି, ଜିଲ୍ଲା କଂଗ୍ରେସ ସଭାପତି ମନୋଜ କୁମାର ଜେନା, ପୂର୍ବତନ ପିସିସି ସମ୍ପାଦକ ସଂଗ୍ରାମ ଦାସ, ପୂର୍ବତନ କଂଗ୍ରେସ ସାଂସଦ ପ୍ରାର୍ଥୀ ବିନୋଦ ବିହାରୀ ନାଏକ, ପୂର୍ବତନ ବ୍ଲକ ଅଧକ୍ଷ ବିଦ୍ୟାଧର ଦାଶ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀର, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜ, ଜିଲ୍ଲା କଂଗ୍ରେସ ସେବାଦଳ ଅଧକ୍ଷ ବୀରଭଦ୍ର ମହାନ୍ତ, ଜିଲ୍ଲା କଂଗ୍ରେସ ଉପସଭାପତି ଲଳିତ ମୋହନ ନାୟକ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ଗୌରହରି ନାଏକ, ସୁଜଳ ସେଠି, ବ୍ଲକ ସଭାପତି ଗୋବିନ୍ଦ ମହାନ୍ତ, ସରୋଜ ବଘେଲ ବାବୁ, ପାଟଣା ବିଧାନସଭା ଯୁବ କଂଗ୍ରେସ ସଭାପତି ପରମେଶ୍ୱର ନାଏକ, ବରିଷ୍ଠ କଂଗ୍ରେସ ନେତା କୈଳାଶଚନ୍ଦ୍ର ବାରିକ, ରତ୍ନାକର ଜେନା, ଲକ୍ଷ୍ମଣ ଦାଶ, ଦୀପକ ରାଜ, ଜ୍ଞାନରଞ୍ଜନ ମିଶ୍ର, ଶିବ ବେହେରା, ମୁକୁନ୍ଦ ଚରଣ ମହାନ୍ତ, ବିଦ୍ୟାଧର ସିଂହ, ଦିଲ୍ଲୀପ ଦାଶ, ପ୍ରଦୀପ କୁମାର ଦାସ, ଚିତ୍ତରଞ୍ଜନ ରାଉତ, ନିରଞ୍ଜନ ନାଏକ, ଗୌତମ ସାହୁ, ଟାଙ୍ଗରପଡା ସରପଞ୍ଚ ଅନିରୁଦ୍ଧ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ କଂଗ୍ରେସ ନେତା ଶ୍ରୀ ପଟ୍ଟନାୟକଙ୍କ ନେତୃତ୍ୱରେ ଏହି ଟିମ୍ ୨୪ହଜାର ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ କରିବା ସହ କେହି ତାଙ୍କ କଥା ବୁଝିନାହାନ୍ତି ବୋଲି ସରକାରଙ୍କ ଉପରେ ଦୋଷାରୋପ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୧୨୬ ଡଲାର...

କରାଯାଉଛି। ରିପୋର୍ଟ ଅନୁଯାୟୀ, ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ହର୍ମୁଜ୍ ପ୍ରଣାଳୀକୁ ପୁନଃ ଖୋଲିବା ପାଇଁ ଇରାନର ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଟ୍ରମ୍ପ୍ ଅଧିକାରୀମାନଙ୍କୁ ଇରାନ ବିରୁଦ୍ଧରେ ଦୀର୍ଘ ସମୟ ପାଇଁ ଅବରୋଧ ବଜାୟ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅପରପକ୍ଷେ ପରମାଣୁ ଚୁକ୍ତି ସମ୍ପର୍କରେ ଇରାନ ଏବଂ ଆମେରିକା ମଧ୍ୟରେ ଚାଲିଥିବା ଆଲୋଚନାରେ କୌଣସି ଅଗ୍ରଗତି ହୋଇନାହିଁ। ଏହା ଅଶୋଧିତ ତୈଳ ଯୋଗାଣରେ ଆହୁରି ହ୍ରାସର ସମ୍ଭାବନାକୁ ବୃଦ୍ଧି କରିଛି। ବଜାର ବିଶ୍ଳେଷକମାନେ ବିଶ୍ୱାସ କରନ୍ତି ଯେ ଯଦି ଏହି ଉତ୍ତେଜନା ଏବଂ ଅବରୋଧ ଜାରି ରହେ, ତେବେ ତେଲ ଦର ନୂତନ ରେକର୍ଡ ସ୍ତରରେ ପହଞ୍ଚିବ। ଯଦି ଏପ୍ରିଲ ପରେ ଯୋଗାଣ ବାଧା ଜାରି ରହେ, ତେବେ ବ୍ରେଣ୍ଟ ଅଶୋଧିତ ତୈଳ ପ୍ରତି ବ୍ୟାରେଲ ୧୫୦ ଡଲାର ପର୍ଯ୍ୟନ୍ତ ମଧ୍ୟ ପହଞ୍ଚିପାରେ। ନୁଭାମା ଇନଷ୍ଟିଚ୍ୟୁସନାଲ୍ ଇକ୍ୱିଟିଜ୍ ଫାର୍ମର ରିପୋର୍ଟ ଅନୁଯାୟୀ, ପ୍ରାୟ ୨୦ ନିୟୁତ ବ୍ୟାରେଲ ତେଲ ପ୍ରତିଦିନ ହର୍ମୁଜ୍ ପ୍ରଣାଳୀ ଦେଇ ପରିବହନ ହୋଇଥାଏ। ଏହି ମାର୍ଗ ଦୀର୍ଘ ଦିନ ଧରି ବନ୍ଦ ରହିବା ଦ୍ୱାରା ତୈଳ ମୂଲ୍ୟ ବ୍ୟାରେଲ ପିଛା ୧୫୦ ଡଲାର ପର୍ଯ୍ୟନ୍ତ ପହଞ୍ଚିପାରେ। ଅପରପକ୍ଷେ ଅଶୋଧିତ ତୈଳ ଦର ବୃଦ୍ଧିର ପ୍ରଭାବ ଭାରତ ଉପରେ ଜୋରଦାର ଅନୁଭୂତ ହେବ। ଭାରତ ଏହାର ତୈଳ ଆବଶ୍ୟକତାର ୮୦%ରୁ ଅଧିକ ଆମଦାନୀ କରେ। ଯଦି ଅଶୋଧିତ ତୈଳ ମୂଲ୍ୟ ୧୨୫ ଡଲାର ଅତିକ୍ରମ କରେ, ତେବେ ଏହା ଭାରତରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ବୃଦ୍ଧି ଘଟାଇବ। ଯେହେତୁ ବର୍ତ୍ତମାନ କ୍ରୁଡ୍ ବ୍ୟାରେଲ ପିଛା ୧୨୬ ଡଲାର ଅତିକ୍ରମ କରିଛି, ତେବେ ଏହା ଦେଶରେ ଇନ୍ଧନ ମୁଦ୍ରାସ୍ଫୀତି ଏବଂ ବୈଦେଶିକ ମୁଦ୍ରା ଭଣ୍ଡାର ଉପରେ ଚାପ ସୃଷ୍ଟି କରିପାରେ।

### ରାଜନୈତିକ ସଂରକ୍ଷଣ...

ଚରଣ ମାଝୀ କହିଛନ୍ତି । ଆଲୋଚନାକୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସ୍ୱାଧୀନତା ପରେ ପ୍ରାୟ ଆଠ ଦଶକରେ ମହିଳାମାନେ ସେନା, ଶିକ୍ଷା, ବିଜ୍ଞାନ ଓ ପ୍ରଶାସନ ସମେତ ସବୁ କ୍ଷେତ୍ରରେ ଅସାଧାରଣ ସଫଳତା ହାସଲ କରିଛନ୍ତି। ତଥାପି ରାଜନୀତିକ କ୍ଷେତ୍ରରେ ସମାନ ସୁଯୋଗ ଅଭାବ ଦେଖାଯାଉଛି। ପୁରୁଷ ପ୍ରାଧାନ୍ୟ ମନୋଭାବ ଏହାର ମୁଖ୍ୟ ବାଧା। ମହିଳା ସଂରକ୍ଷଣ ବିଷୟ ବର୍ଷ ଧରି ଚର୍ଚ୍ଚାରେ ରହିଛି; କିନ୍ତୁ ଏପର୍ଯ୍ୟନ୍ତ ତାହା ପୂର୍ଣ୍ଣ ଭାବେ ଲାଗୁ ହୋଇପାରି ନାହିଁ। ଏହା ପାଇଁ ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି ଆବଶ୍ୟକ। ପଞ୍ଚାୟତିରାଜ ବ୍ୟବସ୍ଥାରେ ମହିଳାଙ୍କ ସଫଳତା ସେମାନଙ୍କର ନେତୃତ୍ୱ ଦକ୍ଷତାକୁ ସ୍ପଷ୍ଟ କରିଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶରେ ମହିଳା ସଶକ୍ତୀକରଣ ପାଇଁ ଅନେକ ପଦକ୍ଷେପ ନିଆଯାଇଛି। ରାଷ୍ଟ୍ରପତି ଭାବରେ ଜଣେ ମହିଳା ନିର୍ବାଚିତ ହୋଇଛନ୍ତି, ନିର୍ମଳା ସୀତାରମଣ ୯ ବର୍ଷ ହେଲା କେନ୍ଦ୍ର ସରକାରଙ୍କ ବଜେଟ ଉପସ୍ଥାପନ କରୁଛନ୍ତି। ମୁଦ୍ରା, ମାତୃ ବନ୍ଦନା ଓ ପୋଷଣ ଅଭିଯାନ ପରି ଯୋଜନାଗୁଡ଼ିକ ମହିଳାଙ୍କ ଜୀବନମାନରେ ଦୃଶ୍ୟମାନ ପରିବର୍ତ୍ତନ ଆଣିଛି। ଓଡ଼ିଶାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡିକ ଆଜି ଗ୍ରାମାଞ୍ଚଳର ଆର୍ଥିକ ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ସେମାନଙ୍କୁ ଆର୍ଥିକ ଶକ୍ତି ପ୍ରଦାନ କରିବା ପାଇଁ ଆମେ ୨୦୨୫-୨୬ ବର୍ଷରେ ୩ ଲକ୍ଷ ୮୦ ହଜାର ଏସ୍ଏଚ୍‌ଜି ଗୋଷ୍ଠୀକୁ ୭୨୪ କୋଟି ୩୨ ଲକ୍ଷ ଟଙ୍କାର ସୁଧ ଫେରସ୍ତ କରିଛୁ। ଆଗାମୀ ଦିନରେ ୧୦ ଲକ୍ଷ ପର୍ଯ୍ୟନ୍ତ ବ୍ୟାଙ୍କ ଋଣରେ ସୁଧ ଫେରସ୍ତ ବ୍ୟବସ୍ଥା ଜାରି ରହିବ। ଓଡ଼ିଶାର ପ୍ରତିଟି ମା'ଙ୍କୁ 'ଲକ୍ଷପତି ଦିଦି' ଭାବେ ଗଢ଼ି ତୋଳିବା ଆମ ସରକାରଙ୍କ ଲକ୍ଷ୍ୟ। ଓଡ଼ିଶାରେ 'ସୁଭଦ୍ରା ଯୋଜନା' ଭଳି ପଦକ୍ଷେପ ମହିଳାଙ୍କୁ ଆର୍ଥିକ ଭାବେ ସ୍ୱାବଲମ୍ବୀ କରୁଛି। ଏସ୍ଏଚ୍‌ଜି ମାନେ ଗ୍ରାମୀଣ ଅର୍ଥନୀତିକୁ ଶକ୍ତିଶାଳୀ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଭାରତୀୟ ଗଣତନ୍ତ୍ରରେ ଆଜି ମହିଳାମାନେ କେବଳ ଭୋଟର ନୁହନ୍ତି; ବରଂ ସକ୍ରିୟ ଭାଗୀଦାର ହୋଇଛନ୍ତି। ଆମ ଦେଶର ତୃଣମୂଳ ସ୍ତରରେ ପ୍ରାୟ ୧୪.୫ ଲକ୍ଷ ମହିଳା ପଞ୍ଚାୟତିରାଜ ଅନୁଷ୍ଠାନମାନଙ୍କରେ ନିର୍ବାଚିତ ପ୍ରତିନିଧି ଭାବେ କାର୍ଯ୍ୟ କରି ଦକ୍ଷତା ପ୍ରମାଣିତ କରୁଛନ୍ତି। ନାରୀ ଶକ୍ତି ବନ୍ଦନ ଅଧିନିୟମ ଏହି ପ୍ରତିନିଧିତ୍ୱକୁ ଅଧିକ ଗତି ଦେବା ପାଇଁ ଉଦ୍ଦିଷ୍ଟ। ତେଣୁ ଏହାକୁ ୨୦୨୯ ସାଧାରଣ ନିର୍ବାଚନ ପାଇଁ ଲାଗୁ କରିବାକୁ ପ୍ରଧାନମନ୍ତ୍ରୀ ଯେଉଁ ପଦକ୍ଷେପ ନେଇଥିଲେ, ସେଥିରେ ବିରୋଧୀଦଳ ବାଧା ଦେଇ ନିଜର ସଙ୍କୁଚିତ ମାନସିକତାର ପ୍ରମାଣ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ଆସନ୍ତା ୨୦୨୯ରୁ ହିଁ ଲୋକସଭା ଓ ବିଧାନସଭାରେ ମହିଳାଙ୍କ ପାଇଁ ନିଶ୍ଚିତ ଭାବେ ଆରକ୍ଷଣ ବ୍ୟବସ୍ଥା କରିବେ, ଏହା ମୁଁ ନିଶ୍ଚିତ କରିବାକୁ ଚାହୁଁଛି।

ଏକ ସମୟରେ ଦେଶରେ କଂଗ୍ରେସ ତିନି ଚତୁର୍ଥାଂଶ ଆସନ ପାଇଥିଲା। ମାତ୍ର ସେମାନେ ମହିଳା ସଶକ୍ତୀକରଣ ବିଲ୍ ପାସ୍ କରି ନ ଥିଲେ। ଆଜି ଯେଉଁମାନେ ଆମ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛନ୍ତି, ସେମାନେ ନିଜର ଇତିହାସ ଜାଣିବା ଆବଶ୍ୟକ। ପଞ୍ଚାୟତିରାଜ ବ୍ୟବସ୍ଥାରେ ୫୦ ପ୍ରତିଶତ ମହିଳା ସଂରକ୍ଷଣକୁ ନେଇ ବାହାବା ନେବାକୁ ଚେଷ୍ଟା କରୁଥିବା ବିରୋଧୀ ବିଧାନସଭା ଓ ଲୋକସଭାରେ ମହିଳା ସଂରକ୍ଷଣ ପ୍ରସଙ୍ଗରେ ମହିଳା ବିରୋଧୀ ଆଭିମୁଖ୍ୟ ପୋଷଣ କରୁଥିବା ମୁଖ୍ୟମନ୍ତ୍ରୀ ଅଭିଯୋଗ କରିଛନ୍ତି।

### ମୁଁ ଥିବା ଯାଏଁ...

ସରକାରଙ୍କୁ ସିଧା ଚାଲେଞ୍ଜ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ।

ନବୀନ କହିଛନ୍ତି ମୁଁ ଚିଠିରେ କରିଥିବା ଅନୁରୋଧ ଅନୁଯାୟୀ ସରକାର ଅବଶେଷରେ '୧୩୧ତମ ସମ୍ବିଧାନ ସଂଶୋଧନ ବିଲ୍' ଉପରେ ଆଲୋଚନା କରିବା ପାଇଁ ଗୃହର ସ୍ୱତନ୍ତ୍ର ଅଧିବେଶନ ଡାକିଛନ୍ତି। ମାତ୍ର ଆଜି ଆମ ରାଜ୍ୟରେ ମହିଳାମାନଙ୍କ ଅଧିକାର ଏବଂ ସମ୍ମାନ ସହ ଜଡ଼ିତ ଏକ ଗମ୍ଭୀର ବିଷୟ ଉଠାଇବାକୁ ଯାଇ ମୁଁ ଅତ୍ୟନ୍ତ ମର୍ମାହତ। ଓଡ଼ିଶାର ମୁଣ୍ଡ ଆଜି ଲଜ୍ଜାରେ ନଇଁ ଯାଉଛି, ଜଣେ ମହିଳାଙ୍କ ମୃତ୍ୟୁ ପ୍ରମାଣିତ କରିବା ଏବଂ ତାଙ୍କର ପ୍ରାପ୍ୟ ପାଇବା ପାଇଁ ପରିବାର ଲୋକଙ୍କୁ ମହିଳାଙ୍କ କଙ୍କାଳ କବରରୁ ବାହାର କରି ବ୍ୟାଙ୍କକୁ ନେବାକୁ ପଡ଼ିଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ବ୍ୟାଙ୍କରେ ପ୍ରମାଣ ସ୍ୱରୂପ କଙ୍କାଳ ଦେଖାଇବା ପରେ ତାଙ୍କୁ ପୁଣି ସେହି କଙ୍କାଳକୁ ପାଦରେ ଚାଲି ଚାଲି ଘରକୁ ବୋହି ଆଣିବାକୁ ପଡ଼ିଥିଲା। ଏହା ଏକ ସମ୍ବେଦନହୀନ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ପ୍ରଶାସନର ଚରମ ଅବହେଳା ଓ ଶୂନ୍ୟ ଉତ୍ତରଦାୟିତ୍ୱକୁ ଦର୍ଶାଉଛି । ଏହା ହିଁ 'ନ୍ୟୁୟର୍କ ପୋଷ୍ଟ' ଏବଂ 'ବିବିସି' ଓଡ଼ିଶା ବିଷୟରେ ରିପୋର୍ଟ କରିଛନ୍ତି ଓ ସାରା ବିଶ୍ୱ ଆମ ବିଷୟରେ ଏହା ହିଁ ପଢୁଛି। ବ୍ୟାଙ୍କିଙ୍ଗ୍ ସେବା କେନ୍ଦ୍ରୀୟ ବିଷୟ ହୋଇଥିବା ବେଳେ 'ଡବଲ୍ ଇଞ୍ଜିନ୍ ସରକାର'ରେ ଗୋଟେ ସମ୍ବେଦନହୀନ ରାଜ୍ୟ ସରକାର ଓଡ଼ିଶାର ଲୋକଙ୍କ ପାଇଁ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଓଡ଼ିଶା ଇତିହାସରେ ଏଭଳି ଅମାନୁଷିକ ଶାସନ କେବେ ଦେଖିବାକୁ ମିଳିନଥିଲା। ଓଡ଼ିଶାରେ ମହିଳାମାନଙ୍କ ପ୍ରତି ହେଉଥିବା ଅତ୍ୟାଚାର ଉପରେ ଚିନ୍ତା ପ୍ରକଟ କରି ଓଡ଼ିଶା ନ ଆସିବା ପାଇଁ ପ୍ରଥମ ଥର ପାଇଁ ଯୁକ୍ତରାଷ୍ଟ୍ର ଆମେରିକା ନିଜ ନାଗରିକମାନଙ୍କୁ ଏକ ପରାମର୍ଶ ଦେଇଛି। ମହିଳାଙ୍କ ସମ୍ମାନ ଏବଂ ସଶକ୍ତିକରଣ ବିଷୟରେ କହିବାର କୌଣସି ଅଧିକାର ରାଜ୍ୟ ସରକାରଙ୍କର ନାହିଁ। ଶାସନ କେବଳ ମିଛ ପ୍ରଚାର ଏବଂ ଦେଖାଣିଆ ପ୍ରଦର୍ଶନରେ ସୀମିତ । ମୁଖ୍ୟମନ୍ତ୍ରୀ କୌଣସି ବିବୃତି ଦେବା ପୂର୍ବରୁ ନିଜର ଆତ୍ମସମୀକ୍ଷା କରିବା ଉଚିତ।

ନବୀନ ପୁଣି କହିଛନ୍ତି ଯେ ସମ୍ବିଧାନ ସଂଶୋଧନ ବିଲ୍ ପ୍ରସଙ୍ଗ କଥା ଯଦି ଉଠାଇବା, ତେବେ ଏଠାରେ ଦୁଇଟି ବିଷୟ ଉପରେ ଆଲୋଚନା କରିବାର ଆବଶ୍ୟକତା ରହିଛି। ପ୍ରଥମଟି ହେଉଛି 'ମହିଳା ସଂରକ୍ଷଣ ବିଲ୍'; ଯାହା ୨୦୨୩ରେ ସଂସଦରେ ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା। ବିଜେଡି ସଂସଦରେ ଏହି ବିଲ୍‌କୁ ଦୃଢ଼ ସମର୍ଥନ କରିଥିଲା ଏବଂ ଆଜି ମଧ୍ୟ ଆମେ ଦାବି କରୁଛୁ ଏହାକୁ ତୁରନ୍ତ ଲାଗୁ କରାଯାଉ। ବିଜୁ ପଟ୍ଟନାୟକଙ୍କ ନେତୃତ୍ୱରେ ପ୍ରଥମ ରାଜ୍ୟ ଭାବରେ ଓଡ଼ିଶା ସମସ୍ତ ପଞ୍ଚାୟତିରାଜ ଅନୁଷ୍ଠାନରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ କାର୍ଯ୍ୟକାରୀ କରିଥିଲା। ୨୦୧୧ ମସିହାରେ ମୋ ସରକାର ଏହାକୁ ୫୦ ପ୍ରତିଶତକୁ ବୃଦ୍ଧି କରିଥିଲେ। ଆମେ ୨୦୧୯ ଏବଂ ୨୦୨୪ ଲୋକସଭା ନିର୍ବାଚନରେ ମଧ୍ୟ ୩୩ ପ୍ରତିଶତ ମହିଳାଙ୍କୁ ଟିକେଟ୍ ଦେଇଥିଲୁ। ମହିଳାଙ୍କ ଅଧିକାର ବିଷୟରେ କେବଳ ବଡ଼ ବଡ଼ କଥା କହିବା ଏବଂ ଜନସାଧାରଣଙ୍କୁ ଭଣ୍ଡାଇବା ପାଇଁ ମିଛ କାହାଣୀ ଗଢ଼ିବା ବ୍ୟତୀତ ଓଡ଼ିଶାରେ ବିଜେପି ଆଉ କିଛି କରିନାହିଁ। ଲୋକଙ୍କୁ ସବୁବେଳେ ବୋକା ବନାଯାଇ ପାରିବ ନାହିଁ। ସଂସଦରେ ପାରିତ ହୋଇସାରିଥିବା 'ମହିଳା ସଂରକ୍ଷଣ ବିଲ୍'କୁ ପୁଣି 'ସୀମା ପୁନଃନିର୍ଦ୍ଧାରଣ ବିଲ୍' ସହିତ ଯୋଡ଼ିବା ହେଉଛି ବିନା ଆଲୋଚନାରେ ସୀମା ନିର୍ଦ୍ଧାରଣକୁ ଲୋକଙ୍କ ଉପରେ ଲଦି ଦେବାର ଏକ ହୀନ ଚକ୍ରାନ୍ତ। ଏହି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କୁ ମୋର ଚିଠି ଏବଂ ଓଡ଼ିଶାର ସମସ୍ତ ୨୧ଜଣ ସାଂସଦଙ୍କୁ ମୋର ନିବେଦନ ବିଜୁ ଜନତା ଦଳର ଆଭିମୁଖ୍ୟକୁ ସ୍ପଷ୍ଟ କରିଛି। ଓଡ଼ିଶାର ସ୍ୱତନ୍ତ୍ର ପରିଚୟ ଏବଂ ରାଜନୈତିକ ସ୍ୱରକୁ ଛଡ଼ାଇ ନେଉଥିବା ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ବିଜେପି ଭ୍ରମାତ୍ମକ ତଥ୍ୟ ପ୍ରସାର କରୁଛି। ଏହି 'ସୀମା ପୁନଃନିର୍ଦ୍ଧାରଣ ବିଲ୍' ଆମ ଲୋକଙ୍କର, ବିଶେଷ କରି ଭବିଷ୍ୟତ ପିଢ଼ିର ରାଜନୈତିକ ଅଧିକାରକୁ ହ୍ରାସ କରିବାକୁ ଚାହୁଁଛି। ମୁଁ ପୁଣି ଦୋହରାଉଛି, ଯଦି ଆମେ ଏହି 'ସୀମା ପୁନଃନିର୍ଦ୍ଧାରଣ ବିଲ୍'କୁ ସମର୍ଥନ କରୁ ତେବେ ଇତିହାସ ଆମକୁ କେବେ କ୍ଷମା କରିବ ନାହିଁ ବୋଲି ନବୀନ କହିଥିଲେ।

### ଇରାନର 'ହୃଦ୍‌ଘାତ୍'...

ଇତିମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କ ମଧ୍ୟରେ ଆଜି ଦୀର୍ଘ ୯୦ ମିନିଟ୍ ଧରି ଫୋନ ଯୋଗେ ବାର୍ତ୍ତାଳାପ ହୋଇଛି। ଏହି ଆଲୋଚନାରେ ପୁତିନ, ଇରାନ ପାଖରେ ଗଚ୍ଛିତ ଥିବା ୧୧ ଟନ୍ ପରିମାଣର 'ସମୃଦ୍ଧ ୟୁରାନିୟମ' ହଟାଇବା ପାଇଁ ସହଯୋଗର ପ୍ରସ୍ତାବ ଦେଇଥିବା ଜଣାପଡ଼ିଛି। ତେବେ ଟ୍ରମ୍ପ ଏହି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିବା ସହ ୟୁକ୍ରେନ ଯୁଦ୍ଧ ବନ୍ଦ କରିବାକୁ ପୁତିନଙ୍କୁ ପରାମର୍ଶ ଦେଇଛନ୍ତି। ଆନ୍ତର୍ଜାତୀୟ ଆଣବିକ ଶକ୍ତି ଏଜେନ୍ସି (ଆଇଏଇଏ) ର ରିପୋର୍ଟ ଅନୁଯାୟୀ, ଇରାନ ପାଖରେ ବର୍ତ୍ତମାନ ପ୍ରାୟ ୨୨,୦୦୦ ପାଉଣ୍ଡ ବା ୧୧ ଟନ୍ ସମୃଦ୍ଧ ୟୁରାନିୟମ ରହିଛି। ଏଥିମଧ୍ୟରୁ ପ୍ରାୟ ୪୪୦.୯ କିଲୋଗ୍ରାମ ୟୁରାନିୟମ ୬୦ ପ୍ରତିଶତ ପର୍ଯ୍ୟନ୍ତ ସମୃଦ୍ଧ, ଯାହା ଆଣବିକ ବୋମା ତିଆରି ପାଇଁ ଆବଶ୍ୟକ ୯୦ ପ୍ରତିଶତ ସ୍ତରର ଅତି ନିକଟତର। ୨୦୧୫ର ଆଣବିକ ଚୁକ୍ତିରୁ ଆମେରିକା ଓହରିଯିବା ପରେ ଇରାନ ଏହାର ୟୁରାନିୟମ ସମୃଦ୍ଧିକରଣ ପ୍ରକ୍ରିୟାକୁ ଦ୍ରୁତଗତିରେ ବଢ଼ାଇ ଚାଲିଛି। ଆଇଏଇଏ ମୁଖ୍ୟ ରାଫେଲ ଗ୍ରୋସିଙ୍କ କହିବା ଅନୁଯାୟୀ, ଏହି ୟୁରାନିୟମ ଭଣ୍ଡାର ବର୍ତ୍ତମାନ କେଉଁଠି ଅଛି, ତାହା ରହସ୍ୟାବୃତ୍ତ। ୨୦୨୫ ଜୁନ ମାସରେ ହୋଇଥିବା ଯୁଦ୍ଧ ପରଠାରୁ ଇରାନ ପରିଦର୍ଶନ ଉପରେ କଟକଣା ଲଗାଇଥିବାରୁ, ଅନ୍ତର୍ଜାତୀୟ ସଂସ୍ଥା ଏହାର ଯାଞ୍ଚ କରିପାରୁ ନାହିଁ। କେବଳ ସାଟେଲାଇଟ୍ ଚିତ୍ର ମାଧ୍ୟମରେ ଏହା ଉପରେ ନଜର ରଖାଯାଇଛି।

### ବ୍ୟାଙ୍କ, ମେଡିକାଲ...

ଜିଲ୍ଲାପାଳ ରବୀନ୍ଦ୍ର ପ୍ରଧାନ, ଉପଜିଲ୍ଲାପାଳ ଉମାଶଙ୍କର ଦଳାଇ, ପାଟଣା ତହସିଲଦାର ଅଶ୍ୱିନୀ ନାଏକ, ବିଡ଼ିଓ ମାନସ ଦଣ୍ଡପାଟ ପ୍ରମୁଖ ଜିତୁ ମୁଣ୍ଡାଙ୍କ ଗ୍ରାମକୁ ଯାଇ ମଶାଣିସ୍ଥଳ ଅନୁଧ୍ୟାନ କରିବା ସହ ଗ୍ରାମବାସୀ ଓ ଜିତୁ ମୁଣ୍ଡାଙ୍କ ସହ ଆଲୋଚନା କରିଥିଲେ। ପରେ ମଲ୍ଲୀପଶି ଗ୍ରାମ୍ୟ ବ୍ୟାଙ୍କରେ ଏକ ଘଣ୍ଟାରୁ ଅଧିକ ସମୟ ଧରି ପଚରାଉଚରା କରିବା ସହ ସିସିଟିଭିକୁ ଯାଞ୍ଚ କରିଥିଲେ। ତଦନ୍ତରେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ସମ୍ପୂର୍ଣ୍ଣ ଅବହେଳା ଯୋଗୁଁ ଏଭଳି ଅଭାବନୀୟ ଘଟଣା ଘଟିଥିବା ଆରଡିସି ଶ୍ରୀ ମହାପାତ୍ର ଟିପ୍ପଣୀ କରିଥିଲେ। ଏଥିସହ ମୃତ୍ୟୁ ପ୍ରମାଣପତ୍ର ଦେବାରେ କାହିଁକି ବିଳମ୍ବ ହେଲା କହି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ତଦନ୍ତ କରିଥିଲେ। ତଦନ୍ତରେ ମେଡ଼ିକାଲ କର୍ତ୍ତୃପକ୍ଷ ମଧ୍ୟ ଅବହେଳା କରିଥିବା ଜାଣିଥିଲେ। ମେଡ଼ିକାଲରେ ଗୁରୁବାରୀ ମୁଣ୍ଡା ନାମରେ ଏକ ସତ୍ୟପାଠ ମାଧ୍ୟମରେ କାଲାରା ମୁଣ୍ଡାଙ୍କ ମୃତ୍ୟୁ ପ୍ରମାଣପତ୍ର ପାଇଁ ଆବେଦନ କରିବାକୁ ଜାଣିବା ପରେ ଏଥିରେ ଆଉ କେହି ସମ୍ପୃକ୍ତ ଥିବା କହିଥିଲେ। ବ୍ୟାଙ୍କରୁ ଭଉଣୀଙ୍କ କଙ୍କାଳ ଧରି ଫେରିବା ବେଳେ ଜିତୁ ମୁଣ୍ଡାଙ୍କୁ ଗାଡ଼ି ଯୋଗାଇ ନଦେବା ଘଟଣାରେ ପାଟଣା ପୁଲିସ ଉପରେ ସେ କ୍ଷୋଭ ପ୍ରକାଶ କରିଥିଲେ। ପୂର୍ବରୁ ଜିତୁ ମୁଣ୍ଡା ନିଜ ଭଉଣୀ କାଲରା ମୁଣ୍ଡାଙ୍କ ସହ ୮ ଥର ଟଙ୍କା ଉଠାଣ କରିଥିବା ଜଣାପଡ଼ିଛି। ବ୍ୟାଙ୍କ କର୍ତ୍ତୃପକ୍ଷ ଜିତୁ ମୁଣ୍ଡା ଓ ତାଙ୍କ ଭଉଣୀଙ୍କୁ ଭଲଭାବେ ଜାଣିଥିବା ବେଳେ ଘଟଣା ଦିନ ବ୍ୟାଙ୍କରେ ପାଖାପାଖି ୧ ଘଣ୍ଟା ରହି ଟଙ୍କା ଉଠାଇବାକୁ ବ୍ୟାଙ୍କ ମ୍ୟାନେଜର୍ ଓ କ୍ୟାସିୟରଙ୍କ ନିକଟକୁ ଯାଇଥିବା ସିସିଟିଭିରୁ ଜଣାପଡ଼ିଛି। ଏହାର କିଛି ଘଣ୍ଟା ପରେ ଜିତୁ କଙ୍କାଳ ଧରି ବ୍ୟାଙ୍କରେ ପହଞ୍ଚିଥିବା ତଦନ୍ତରୁ ସ୍ପଷ୍ଟ ହୋଇଛି।

### 'ନବୀନ ଗଣିତ'କୁ...

୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ନିତି ଆୟୋଗ ଦ୍ୱାରା ପ୍ରକାଶିତ ଅର୍ଥନୈତିକ ସ୍ୱାସ୍ଥ୍ୟ ସୂଚକାଙ୍କରେ 'ନବୀନ ଓଡ଼ିଶା' ଦେଶର ଏକ ନମ୍ବର ସ୍ଥାନ ଅଧିକାର କରିଛି। ୭୩.୧ ନମ୍ବର ସହ ଓଡ଼ିଶା ଦେଶରେ ଏକ ନମ୍ବର ସ୍ଥାନ ହାସଲ କରିଥିବା ବେଳେ ୫୪.୭ ନମ୍ବର ରଖି ଗୋଆ ୨ ନମ୍ବର ସ୍ଥାନରେ ରହିଛି। ଓଡ଼ିଶା ଏବଂ ଗୋଆ ମଧ୍ୟରେ ୧୮.୪ ଅଙ୍କର ବ୍ୟବଧାନ ଥିବାବେଳେ ଅନ୍ୟ ରାଜ୍ୟଗୁଡ଼ିକ କାହିଁ କେତେ ପଛରେ ରହିଛନ୍ତି। ଏହାହିଁ ଓଡ଼ିଶାର ସୁଦୃଢ଼ ଆର୍ଥିକ ନୀତିକୁ ସୂଚାଉଚି ବୋଲି ଅର୍ଥନୈତିକ ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। ଏହି ରିପୋର୍ଟ ଅନୁଯାୟୀ ତାଲିକାରେ ଝାଡଖଣ୍ଡ ୫୦.୫ ଅଙ୍କ ସହ ତୃତୀୟ ସ୍ଥାନରେ ଥିବାବେଳେ ଗୁଜରାଟ ୪୯.୯ ଅଙ୍କ ସହ ଚତୁର୍ଥ, ମହାରାଷ୍ଟ୍ର ୪୫ ଅଙ୍କ ସହ ପଞ୍ଚମ ସ୍ଥାନରେ ରହିଛନ୍ତି। ସେହିପରି ଛତିଶଗଡ଼ ଓ ତେଲେଙ୍ଗାନା ୪୪.୩ ଉତ୍ତର ପ୍ରଦେଶ ୪୧.୯, କର୍ଣ୍ଣାଟକ ୪୧.୭, ମଧ୍ୟପ୍ରଦେଶ ୩୭.୮ ଅଙ୍କ ସହ ଯଥାକ୍ରମେ ଷଷ୍ଠରୁ ଦଶମ ସ୍ଥାନ ଯାଏଁ ରହିଛନ୍ତି।

ସାମଗ୍ରିକ ଭାବେ ଓଡ଼ିଶା ସୂଚକାଙ୍କରେ ଏକ ନମ୍ବର ଥିବାବେଳେ ଏଥିରେ ବିଭିନ୍ନ ବର୍ଗରେ ମଧ୍ୟ ନିଜର ପ୍ରାଧାନ୍ୟ ବଜାୟ ରଖିଛି। ଗୁଣାତ୍ମକ ଖର୍ଚ୍ଚ(କ୍ୱାଲିଟି ଅଫ୍ ଏକ୍ସପେଣ୍ଡିଚର)ରେ ୭୧.୨ ଅଙ୍କ ସହ ଓଡ଼ିଶା ଏହି ବର୍ଗରେ ଶୀର୍ଷରେ ରହିଛି। ରାଜସ୍ୱ ସଂଗ୍ରହ କ୍ଷେତ୍ରରେ ଓଡ଼ିଶାଠାରୁ ଗୋଆ ୦.୧% ଆଗରେ ରହିଛି। ଗୋଆ ୮୦.୪ ଅଙ୍କ ପାଇଥିବା ବେଳେ ଓଡ଼ିଶା ୮୦.୩ ଅଙ୍କ ସହ ଦ୍ୱିତୀୟ ସ୍ଥାନରେ ରହିଛି। ସେହିପରି ଫିସକାଲ ପ୍ରୁଡେନ୍ସ ବର୍ଗରେ ଓଡ଼ିଶା ୫୮.୭ ଅଙ୍କ ସହ ପ୍ରଥମ ସ୍ଥାନରେ ଥିବା ବେଳେ ଋଣ ପରିଚାଳନାରେ ୯୫.୮ ପ୍ରତିଶତ ସହ ଏହି ବର୍ଗରେ ସର୍ବୋଚ୍ଚ ସ୍ଥାନରେ ରହିଛି। ଋଣ ସ୍ଥିରତା କ୍ଷେତ୍ରରେ ମଧ୍ୟ ୫୯.୫ ପ୍ରତିଶତ ସହ ସର୍ବାଗ୍ରେ ରହିଛି ଓଡ଼ିଶା। ରିପୋର୍ଟରେ ଅନ୍ୟ ରାଜ୍ୟମାନେ ବହୁ ପଛରେ ରହିଥିବା ବେଳେ ଓଡ଼ିଶାର ସ୍ଥିତି ଏହାର କୁଶଳୀ ନେତୃତ୍ୱକୁ ଦର୍ଶାଉଛି ବୋଲି ଅର୍ଥନୈତିକ ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। ୫-ଟି ଉପକ୍ରମର ଅନୁପାଳନ, ଦୃଢ଼ ନେତୃତ୍ୱ, ଶାସନରେ ନୂତନତା ସହ ଦୁର୍ନୀତି ବିରୋଧୀ ଶୂନ୍ୟ ସହନଶୀଳ ନୀତି ପାଇଁ ଓଡ଼ିଶାକୁ ଏହି ସଫଳତା ମିଳିଛି ବୋଲି ଅର୍ଥନୈତିକ ମହଲରେ ମତପ୍ରକାଶ ପାଇଛି।


## ପୂର୍ବ ତଟ ରେଳପଥ

ଟେଣ୍ଡର ସଂ. 04-KUR-TRD-OT-2026-27

କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ୍ (KUR) ମଣ୍ଡଳରେ ଗଲ୍‌ଭାନାଇଜିଡ୍(Galvanized) ଷ୍ଟିଲ ୱାୟର ପରିବର୍ତ୍ତେ ଆଣ୍ଟି କ୍ରିପ୍ ୱାୟର (Anti Creep Wire) ଭାବେ କାଟେନାରୀ ୱାୟରର ବ୍ୟବସ୍ଥା ।

ବିଜ୍ଞାପିତ ମୂଲ୍ୟ (₹) : 79,10,763.04, EMD (₹) : 1,58,200.00, ଶେଷ ହେବା ଅବଧି : 365 ଦିନ ।

ବିଡ୍ ଆରମ୍ଭ ହେବା ତାରିଖ : ତା.05.05.2026 ରିଖ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.19.05.2025 ରିଖ 1300 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ୍

PR-96/R/26-27



## NOTICE FOR LOSS OF DOCUMENTS

Notice is hereby given from **Biraja Prasad Rath** that, he has applied for loan to LIC HFL. But at present, his vendor Sasmita Mohanty has lost the Original Link Documents i.e. **Sale Deed No. 11081314316 dtd. 30/09/2013 & ROR of Khata No. 456/447,** which were kept with her and inspite of her best efforts, failed to trace the same.

Therefore, notice is hereby given to general public that if anybody has got any right, title interest over the property on the missing documents, he/she has to claim before the LIC HFL AT: Chandrasekharpur, Bhubaneswar within 15 days from the date of publication. And after that the documents will lose their legal force and LIC HFL, Bhubaneswar will not be responsible for any claim What-so-ever on the property after 15 days.

**Address for Communication**
**LIC HFL, Chandrasekharpur, Bhubaneswar,**
**B. K. Pattanaik, Advocate,**
**Mob. No. 9337395558**



## ବିଶେଷ ସୂଚନା

ଏତଦ୍ୱାରା ହୀରାକୁଦ ସେଚାଞ୍ଚଳ ଅଧିନସ୍ଥ ସମସ୍ତ ଚାଷୀ ଭାଇ, ଭଉଣୀ ଓ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ବର୍ତ୍ତମାନ ଧାନ ଗର୍ଭଣୀ ଅବସ୍ଥାରେ ଥିବା ହେତୁ ଚାଷ ଜମିରେ ପାଣିର ଆବଶ୍ୟକତା କୁ ଦୃଷ୍ଟିରେ ରଖି ତା.୩୦-୦୪-୨୦୨୬ ରିଖ ଅପରାହ୍ନ ୫.୦୦ ଘଟିକା ସମୟରେ ବରଗଡ ମୁଖ୍ୟ କେନାଲ ଦ୍ୱାରା ସମସ୍ତ କେନାଲକୁ ଜଳଯୋଗାଣ ବନ୍ଦ କରାଯିବା ପୂର୍ବ ନିଷ୍ପତ୍ତିକୁ ବର୍ତ୍ତମାନ ସଂଯୁକ୍ତ କୃଷକ ସଙ୍ଗଠନ ବରଗଡ, ବିଭିନ୍ନ ପାଣି ପଞ୍ଚାୟତଙ୍କ ଅନୁରୋଧ ଏବଂ ଜିଲ୍ଲା କୃଷି ଅଧିକାରୀ ବରଗଡଙ୍କ ପତ୍ର ସଂଖ୍ୟା ୧୭୪୪ ତା.୨୯ -୦୪ -୨୦୨୬ ରିଖ ଅନୁଯାୟୀ ରବି ଧାନ ଅମଳ ପାଇଁ ବରଗଡ ମୁଖ୍ୟ କେନାଲ ଦ୍ୱାରା ଜଳଯୋଗାଣର ଅବଧିକୁ ତା.୧୦-୦୫-୨୦୨୬ ରିଖ ପର୍ଯ୍ୟନ୍ତ ବର୍ଦ୍ଧିତ କରାଗଲା ।

ନିବେଦକ
ଅଧିକ୍ଷଣ ଯନ୍ତ୍ରୀ
ବରଗଡ ଜଳସେଚନ ବିଭାଜନ, ବରଗଡ



## OFFICE OF THE PRINCIPAL
## PARBATIGIRI WOMEN'S COLLEGE: BARGARH
### NOTICE INVITING QUOTATION

Subject: Supply and Installation of Computer System, UPS, Printer. Sealed quotations are invited for Supply and Installation of Computer Server, Computer System, Printer as detailed below: I.S. No. Item Name Configuration/specification Required

| Sl. No. | Descriptions | Qty |
|---|---|---|
| 1. | HP/LENOVO ALL IN ONE I5 13th gen, 8GB RAM, 512 SSD, Window 11, 24" inch Monitor, BT/WIFI, with wireless Keyboard and Mouse | 8 Pc |
| 2. | UPS 650 KW (BIS/ISO-9001:2015 CERTIFICATE) | 8 Pc |
| 3. | Multifunction Printer Colour with Wi-fi (A4, A3 and Legal) | 1 Pc |

N.B.: The eligible firms may submit their quotation and relevant documents to "The Principal Parbatigiri Women's College, Bargarh-768028, Bargarh, Odisha" by Registered/Speed Post only by 01.00 PM of Dt.15.05.2026 along with copies of valid GST Registration Certificate/UDYAM Registration Certificate/GeM Registration/PAN and latest Income Tax Return Certificate. The authority reserves the right to cancel the quotation call without assigning any reason thereof.

**Sd/-Principal**
**Parbatigiri Women's College, Bargarh**



## OFFICE OF THE MUNICIPAL COUNCIL, BHAWANIPATNA, DIST.: KALAHANDI, PIN-766001

13001/337/2627

### 'e' Procurement NOTICE.
**Bid Identification No. BPM /03/2026-27**
**Bid Identification No. BPM /16/2, dt 29/04/2026**

The Executive Officer on behalf of Bhawanipatna Municipality invites tenders in double Cover System. Bid documents consisting of specification the Schedule of Quantities and the set of terms and conditions of contract and other necessary documents can be seen the Govt. Website i.e. https://tendersodisha.gov.in

1. Number of Civil works: **01 (one) numbers**
2. Estimated Costs: **2.09 Crore**
3. Period of completion: As per NIT
4. Date and time of availability of the bid documents in the portal: **From 02.00 P.M. of 29.04.2026 to 11.00 AM of 13.05.2026**
5. Last Date/ Time for receipt of bids in the portal: **11.00 AM of 13.05.2026**
6. Bids will be opened on: **11.30 AM of Dt. 13.05.2026**
7. Name and address of the officer inviting bid: **Executive Officer, Bhawanipatna Municipality**

Executive Officer
Bhawanipatna Municipality

OIPR-13001/13100/1/26-27/0005



## FOR SALE

**Ultrasound Machine – Voluson S8 BT22 (2022),** well-maintained with 4 probes. Ideal for diagnostic centers & hospitals. Location: Khordha. **Contact: 9136067570 / 9237158357 / 7873044100.**



## AFFIDAVIT

By virtue of an affidavit sworn before the Executive Magistrate, Nabarangpur, Vide No.: 764, dated: 28.04.2026, I, BHAGABAN BHATRA, S/o.: Lakhmana Bhatra, resident of Village: Dhamanapadar, P.O.: Pandikot, P.S.: Papadahandi, Dist.: Nabarangpur, Odisha, PIN-764071, do hereby declare that my name was wrongly recorded as BHAGANA BHTRA in certain records. I state that both names refer to one and the same person. Henceforth, I shall be known as **BHAGABAN BHATRA** for all purposes.



## AFFIDAVIT

By virtue of an affidavit sworn before the Executive Magistrate, Nabarangpur, Vide No.: 759, dated: 28.04.2026, I, Biswajeeta Padhy, wife of Mukteswar Padhy, resident of Village: Janguda, P.O.: Koraput, P.S.: Koraput Town, District.: Koraput, Odisha, PIN-764002, hereby declare that my former name was Biswajeeta Bagh. I have changed my name to **Biswajeeta Padhy** with effect from 29 April 2026, and henceforth I shall be known and identified by the name **Biswajeeta Padhy** for all purposes.

**Sd/- Biswajeeta Padhy**



## AFFIDAVIT

By virtue of an affidavit no-6, dt 29.04.2026 before Executive Magistrate, Kakatpur, I, Niranjan Kalia, S/o - Arjuna Kalia of vill-Tentulia, P.S-Kakatpur, Puri being the father of my minor daughter, changed her name from Subhalaxmi Kalia to Suprava Kalia as per her birth certificate to change her Aadhar card name.



## NOTICE

By virtue of an affidavit sworn before The Executive Magistrate, Sukruli, Mayurbhanj, dated 26.03.2026 I, Anita Naik, Address Village-Sukruli, PO-Sukruli, PS-Raruan, Dist-Mayurbhanj, Pin-757039 declare that I have changed my name from Mitali Naik to Anita Naik. Henceforth, I shall be known as **Anita Naik** for all purposes.

**Anita Naik**



## NOTICE

By virtue of an affidavit sworn before The Executive Magistrate, Sukruli, Mayurbhanj, dated 19.02.2026 I, Dali Mahakud, Address Village-Jhadghosda, PO-Jhadghosada, PS-Raruan, Dist-Mayurbhanj, Pin-757039 declare that I have changed my name from Sukanti Mahakud to Dali Mahakud. Henceforth, I shall be known as **Dali Mahakud** for all purposes.

**Dali Mahakud**



## Notice (for Minor)

By virtue of an affidavit sworn before The Executive Magistrate, Sukruli, Mayurbhanj, dated 16.04.2026 I, Manoj Kumar Soy, Address Village-Gobindasahi, PO-Bramarposi, PS-Raruan, Dist-Mayurbhanj, Pin-757039 declare that I have changed the name of my daughter from Anisha Soy to Alishka Soy. Henceforth, she shall be known as Alishka Soy for all purposes.

**Manoj Kumar Soy**



## Notice (for Minor)

By virtue of an affidavit sworn before The Executive Magistrate, Sukruli, Mayurbhanj, dated 31.03.2026 I, Shrinibas Naik, Address Village-Nuabeda, PO-Nuabeda, PS-Raruan, Dist-Mayurbhanj, Pin-757039 declare that I have changed the name of my daughter from Rupeli Naik to Rupanjali Naik. Henceforth, she shall be known as **Rupanjali Naik** for all purposes.

**Shrinibas Naik**



## NOTICE

By virtue of an affidavit sworn before Notary Public, Bhubaneswar, dated 29th April-2026. I, **Soumya Sudatta Nanda**, Permanent resident of Flat No. 7, 4th Floor, Suryamani Apartment, Plot No. N3/450, IRC Village, Bhubaneswar, Khorda, Odisha, Pin-75105 declare that I have changed my name from **Sudatta Nanda** to **Soumya Sudatta Nanda.** Henceforth, I shall be known as **Soumya Sudatta Nanda** for all purposes.

**Soumya Sudatta Nanda**

# ଜଳେଶ୍ୱର ଦୈନିକ ବଜାର ଓ ସାପ୍ତାହିକ ସୋମବାର ହାଟର ଦୁରବସ୍ଥା

ଜଳେଶ୍ୱର, ୩୦।୪ (ସମିସ)



## ଜିଲ୍ଲାପାଳଙ୍କୁ ଅଭିଯୋଗ

ଜଳେଶ୍ୱର ଦୈନିକ ବଜାର ଓ ସାପ୍ତାହିକ ସୋମବାର ହାଟର ଦୂରାବସ୍ଥାକୁ ନେଇ ଦୀର୍ଘଦିନ ଧରି ଜଳେଶ୍ୱର ବାସୀଙ୍କ ଅଭିଯୋଗକୁ ଆର.ଏମ.ସି ପ୍ରଶାସନ ଓ ଜନପ୍ରତିନିଧିଙ୍କ ଅଣଦେଖା ବିରୁଦ୍ଧରେ ଜିଲ୍ଲାପାଳଙ୍କ ଦାବୀପତ୍ର ପ୍ରଦାନ। ଜଳେଶ୍ୱର ସପ୍ତାହିକ ସୋମବାର ହାଟ ଜଳେଶ୍ୱର ଅଞ୍ଚଳର ଏକ ବ୍ୟବସାୟିକ ପେଣ୍ଠ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହି ହାଟକୁ ବିକ୍ରେତା ଓ କ୍ରେତା ସୁଦୂର ପଶ୍ଚିମବଙ୍ଗର ବେଲଦା ଠାରୁ ଉତ୍ତର ଓଡ଼ିଶାର ସୋର ଓ ବାହାନଗା ବ୍ଲକ ପର୍ଯ୍ୟନ୍ତ ହଜାର ହଜାର ବ୍ୟାପାରୀ ମାନେ ଆସିଥାନ୍ତି। ବହୁ ବର୍ଷ ପୂର୍ବରୁ ଦୈନିକ ବଜାର ଜଳେଶ୍ୱର ଏନ୍‌ଏସିଅଧୀନରେ ଥିବା ବେଳେ ଏକମାତ୍ର ସାପ୍ତାହିକୀ ସୋମବାର ହାଟ ଆର.ଏମ.ସି ଅଧିନରେ ରହିଥିଲା। ପରବର୍ତୀ ସମୟରେ ଏନ୍‌ଏସିନିକଟରୁ ଲିଜରେ କିଛି ବର୍ଷ ପାଇଁ ନେବା ପରେ ଜଳେଶ୍ୱର ଦୈନିକ ବଜାର ଆଜିଯାଏ ଆର.ଏମ.ସି କବଳରୁ ମୁକୁଳି ପାରିନାହିଁ ବୋଲି ଜଳେଶ୍ୱରର ବୟସ୍କ ନାଗରୀକ ମାନେ କହିଛନ୍ତି। ସେହିଦିନଠାରୁ ସବୁଦିନ ପାଇଁ ଆର.ଏମ୍.ସି ଦୈନିକ ବଜାର ଓ ସୋମବାର ହାଟରୁ ଟିକସ ଆଦାୟ କରିବାରେ ଲାଗିଛି। ଏଥିନେଇ ପୂର୍ବତନ ଏନ୍‌ଏସିଓ ଆରଏମସି ମଧ୍ୟରେ କୋର୍ଟ ପର୍ଯ୍ୟନ୍ତ କଥା ଯାଇଥିବା ଶୁଣିବାକୁ ମିଳେ। ଆର.ଏମ.ସି ଦୈନିକ ବଜାରକୁ କବଜା କରି ବ୍ୟବସାୟୀ ମାନଙ୍କର ସମସ୍ୟା ବା ସ୍ୱାର୍ଥ ପ୍ରତି ଦୃଷ୍ଟି ନଦେଇ ବ୍ୟବସାୟୀଙ୍କୁ ଶୋଷଣ କରିବାରେ ଲାଗିଛନ୍ତି। ଆର.ଏମ.ସିର କିଛି କର୍ମଚାରୀ ଦୀର୍ଘ ବର୍ଷଧରି ଏହି ଠାରେ ରହି ନିଜ ମନଇଚ୍ଛା ବ୍ୟବସାୟୀଙ୍କ ଠାରୁ କର ନାମରେ ଅର୍ଥ ଆଦାୟ କରିବାରେ ଲାଗିଛନ୍ତି ବୋଲି ଜନସାଧାରଣ ଅଭିଯୋଗ କରିଛନ୍ତି। ଏଥିନେଇ ୨୪-୧୧-୨୦୨୫ ଓ ୦୯-୦୩-୨୦୨୬ରେ ଜଳେଶ୍ୱର ବ୍ଲକରେ ହୋଇଥିବା ମିଳିତ ଜନଶୁଣାଣୀରେ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସୀ କାର୍ଯ୍ୟାନୁଷ୍ଠାନ ଆଜିଯାଏ ହୋଇପାରିନାହିଁ। ଅଭିଯୋଗ ଗୁଡିକ ମଧ୍ୟରେ ଜଳେଶ୍ୱର ହାଟଛକଠାରୁ ପଥରପୁରା ପ୍ରାଥମିକ ବିଦ୍ୟାଳୟ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାର ପ୍ରସ୍ଥ ସରକାରୀ ନକ୍ସା ଅନୁଯାୟୀ ୨୫ଫୁଟ ଥିବା ବେଳେ ଏବେ ଜବରଦଖଲକାରୀ ସ୍ଥାୟୀ ଦୋକାନୀ ଓ ଉଠା ଦୋକାନୀ ମାନେ ଦୋକାନ ମେଲାଇ ରାସ୍ତାକୁ ସଂକୁଚିତ କରିବାରୁ ଏବେ ୧୦ଫୁଟ ରହିଛି। ଫଳରେ ପ୍ରତିଦିନ ସକାଳ ୫ଟାରୁ ଦିନ ୧୨ଯାଏ ଉକ୍ତ ୱାର୍ଡ ବାସୀ ଓ ସାଧାରଣ ଲୋକେ ଯିବା ଆସିବାରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ହାଟକୁ ଆସୁଥିବା କ୍ରେତା ଓ ବିକ୍ରେତାଙ୍କ ପାଇଁ କୌଣସୀ ପାର୍କିଂ ସ୍ଥାନ ନଥିବାରୁ ରାସ୍ତା ପାଶ୍ୱର୍ ଅବରୋଧ ହେଉଛି। ତେଣୁ ପାର୍କିଂ ସ୍ଥାନ କରାଯାଉ। ବଜାରରେ କୌଣସି ପରିସ୍ରାଗାର ନଥିବାରୁ ଅସ୍ୱାସ୍ଥ୍ୟ ପରିବେଶ ସୃଷ୍ଟି ହେଉଛି ତାର ପ୍ରତିକାର, ଭିନ୍ନକ୍ଷମ ମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବା, ଆର.ଏମ.ସି କାର୍ଯ୍ୟାଳୟ ବଜାର ଠାରୁ ଦୁଇ କି.ମି. ଦୂରରେ ଥିବାରୁ ଲୋକଙ୍କ ସୁବିଧା ଅସୁବିଧା ବୁଝିବାକୁ କେହି ନାହାନ୍ତି। ତେଣୁ ବଜାର ନିକଟରେ କାର୍ଯ୍ୟାଳୟ ସ୍ଥାପନ କରାଯାଉ, ବଜାର ଓ ହାଟରେ ପ୍ରତିଦିନ ସଫେଇ ହେଉ ନଥରବାରୁ କୁଡକୁଡ ମଇଳା ବିଭିନମ୍ନ ଜାଗାରେ ଜମା ହୋଇ ଅସ୍ୱସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି, ଆର.ଏମ.ସିର କେତେକ କର୍ମଚାରୀ ୨୦ବର୍ଷରୁ ଉର୍ଦ୍ଧ୍ୱ କାର୍ଯ୍ୟ କରୁଛନ୍ତି ଫଳରେ ଲୋକଙ୍କୁ ଦୁର୍ବ୍ୟବହାର କରିବା ସହିତ ଅସାଧୁ ଉପାୟରେ ଅର୍ଥ ଆଦାୟ କରୁଛନ୍ତି ତେଣୁ ସେମାନଙ୍କୁ ବଦଳି କରାଯାଉ। ହାଟ ବା ବଜାର ପାଇଁ ସ୍ୱତନ୍ତ୍ର ମଇଳା ବହିବା ଯାନ ଓ ସୁପରଭାଇଜର ରଖିବା ନିତ୍ୟାନ୍ତ ଜରୁରୀ, ବର୍ଷଦିନେ ବଜାରରେ ଅପରିସ୍କାର ପାଣିଭର୍ତି ହେଉଛି। ତାର ପ୍ରତିକାର କରାଯାଉ, ଦୈନିକ ବଜାର ଓ ହାଟରେ ଉଠାଯାଉଥିବା ଅର୍ଥର ରେଟ ଚାର୍ଟ ସର୍ବସାଧାରଣଙ୍କ ପାଇଁ ଲଗାଯାଉ ବୋଲି ବିଷ୍ଣୁପଦ ମହାନ୍ତି, ବନମାଳୀ ଧଳ, ରବୀନ୍ଦ୍ର ନାଥ ପଣ୍ଡା, ରାମଚନ୍ଦ୍ର ଜେନା, ଅଜିତ ମହାନ୍ତି, କମଳ ଚକ୍ରବର୍ତୀ, ଅବନୀ ଚାନ୍ଦ, ସତ୍ୟନାରାୟଣ ଦାସଙ୍କ ସହିତ ବହୁ ଗ୍ରାମବାସୀ ଦାବି କରିଛନ୍ତି।

# ନବୀନଙ୍କୁ ଭେଟିଲେ ସୋର ବ୍ଲକ ବିଜେଡି ନେତା



ସୋର, ୩୦।୪ (ସମିସ): ଆଗାମୀ ପଞ୍ଚାୟତ ନିର୍ବାଚନକୁ ଆଖି ଆଗରେ ରଖି ସୋର ବ୍ଲକର ବିଜୁ ଜନତା ଦଳର କାର୍ଯ୍ୟକର୍ତ୍ତା ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଭେଟି ସାଂଗଠନିକ ଆଲୋଚନା କରିଥିବା ଜଣାପଡ଼ିଛି। ସୋର ବିଧାୟକ ମାଧବ ଧଡ଼ାଙ୍କ ନେତୃତ୍ୱରେ ସୋର ବ୍ଲକ ଅଧ୍ୟକ୍ଷା ଅନୁସୂୟା ମଳିକ, ଜିଲ୍ଲା ପରିଷଦ ସଭ୍ୟ ଜୟରାମ ଦାସ, ବ୍ଲକ ସଭାପତି ଶଙ୍କର୍ଷଣ ବାରିକ, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ସଭ୍ୟା, ଯୁବ, ଛାତ୍ର, ମହିଳା ସଭାପତି ମାନେ ନବୀନ ନିବାସରେ ପହଞ୍ଚି ନବୀନ ପଟ୍ଟନାୟକଙ୍କୁ ଭେଟି ଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳକୁ ତୃଣମୂଳ ସ୍ତରରେ କିଭଳି ଭାବେ ସୁଦୃଢ କରାଯିବ ଶ୍ରୀ ପଟ୍ଟନାୟକ ସମସ୍ତଙ୍କୁ ଗୁରୁମନ୍ତ୍ର ପ୍ରଦାନ କରିଥିଲେ। ଏଥି ସହିତ ସୋର ବ୍ଲକର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ବାବଦରେ ଆଲୋଚନା କରାଯାଇଥିଲା।

# ବଜ୍ରପାତରେ ଘର ପୋଡ଼ିଗଲା



ଖଇରା, ୩୦।୪ (ସମିସ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧୀନ ବାଉଁଶଗଡ଼ିଆ ଆଦିବାସୀ ସାହିରେ ବୁଧବାର ରାତିରେ ବଜ୍ରପାତ ଯୋଗୁଁ ଅଗ୍ନିକାଣ୍ଡ ଘଟି ବୁଦ୍ଧିଆ ସିଂଙ୍କର ୨ବଖରା ବାସଗୃହ ପୋଡି ପାଉଁଶ ହୋଇ ଯାଇଛି। ଏଥିରେ ୩ଟି ଛେଳି ଜିବନ୍ତ ଦଗ୍ଧ ହୋଇ ଯାଇଥିବା ବେଳେ ନଷ୍ଟ ହୋଇଥିବା ସମ୍ପତ୍ତିର ଆନୁମାନିକ ମୂଲ୍ୟ ଲକ୍ଷାଧିକ ହେବ ବୋଲି କୁହାଯାଉଛି। ଗୁରୁବାର କୁପାରୀ ରାଜସ୍ୱ ନିରୀକ୍ଷକ ଚନ୍ଦ୍ରଶେଖର ପଣ୍ଡା ଘଟଣାସ୍ଥଳକୁ ଯାଇ ପଲିଥିନ ପ୍ରଦାନ କରିବା ସହ କ୍ଷୟକ୍ଷତିର ଆକଳନ କରିଛନ୍ତି। ସମିତିସଭ୍ୟା ପ୍ରତିନିଧି ଶ୍ରୀକାନ୍ତ ବେହେରା, ଯୁବ ସଙ୍ଗଠକ ଦୈତାରୀ ପଣ୍ଡା, ମଙ୍ଗୁଲୁ ସିଂ ପ୍ରମୁଖ ସହାୟତା ପ୍ରଦାନ କରିଥିବା ବେଳେ ସରକାରୀ ଗୃହ ଅନ୍ୟାନ୍ୟ ସୁବିଧା ଯୋଗାଇଦେବାକୁ ଦାବି କରିଛନ୍ତି।

# ଚିତ୍ରଶିଳ୍ପୀ ଉଦୟ ଜେନାଙ୍କ ଜୟନ୍ତୀ



ବାଲେଶ୍ୱର, ୩୦।୪(ସମିସ): ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ କବିତୀର୍ଥ ଶାନ୍ତିକାନନରେ ପ୍ରଖ୍ୟାତ ଚିତ୍ରଶିଳ୍ପୀ ଉଦୟ ଜେନାଙ୍କ ୯୩ତମ ଜୟନ୍ତୀ ପାଳିତ ହୋଇଯାଇଛି। ପରିଷଦ ସଭାପତି ଡ. ସୁବାସ ଚନ୍ଦ୍ର ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ପରିଷଦର ପ୍ରାକ୍ତନ ସଭାପତି ଡ. ଶିରୀଶ ଚନ୍ଦ୍ର ଜେନା, ଚିତ୍ରଶିଳ୍ପୀ ନିତ୍ୟାନନ୍ଦ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରଖ୍ୟାତ ଚିତ୍ରଶିଳ୍ପୀ ଉଦୟ ଜେନା କିପରି କଳାର ବିକାଶ ପାଇଁ ଆଜୀବନ ଉଦ୍ୟମ କରିଥିଲେ ତାହା ଉଦାହରଣ ରଖିଥିଲେ। ବାଲେଶ୍ୱରରେ ପ୍ରଥମକରି ୧୯୫୯ ମସିହାରେ ଚିତ୍ରକଳା ପ୍ରଦର୍ଶନୀ ଆୟୋଜନ କରିବା ସହ ବହୁତ ମହାନ କରିଯାଇଥିଲେ ଏହି ପ୍ରଖ୍ୟାତ କଳାକାର ବୋଲି ଆଲୋଚନା ହୋଇଥିଲା। ଏହି ଅବସରରେ ଯୁବ ଚିତ୍ରଶିଳ୍ପୀ କରୁଣାପ୍ରିୟା ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଦସ୍ୟା ମାମିନା ମହାପାତ୍ର, ମମତା ଦାସ, ଅର୍ଚ୍ଚନା କରଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଷଦ ଯୁଗ୍ମ ସମ୍ପାଦକ ରାଜେଶ ଗିରି ମଞ୍ଚ ଆହ୍ୱାନ କରିବା ସହ ପ୍ରାକ୍ କଥା ରଖିଥିଲେ। କୋଷାଧ୍ୟକ୍ଷ ତପନ ରାୟ ସଭା ପରିଚାଳନା କରିଥିଲେ। ଶେଷରେ ପରିଷଦର ଯୁଗ୍ମ ସମ୍ପାଦିକା କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

● ଓଡିଆ ବିଭାଗ ମୁଖ୍ୟଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ

# ମୁହଁ ଖୋଲିଲେ ଛାତ୍ରୀ; କାର୍ଯ୍ୟାନୁଷ୍ଠାନ ଦାବି ତେଜିଲା

ବାଲେଶ୍ୱର, ୩୦।୪ (ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ବିଭାଗର ପୂର୍ବତନ ବିଭାଗୀୟ ମୁଖ୍ୟଙ୍କ ବିରୋଧରେ ଆସିଥିବା ନିର୍ଯାତନା ଘଟଣାରେ ଆଜି ଛାତ୍ରୀମାନେ ଗଣମାଧ୍ୟମ ଆଗରେ ମୁହଁ ଖୋଲିଛନ୍ତି। ଛାତ୍ରୀଙ୍କୁ ପ୍ରେମ ନିବେଦନ କରୁଛନ୍ତି ଏଚଓଡି। ଏନେଇ ପୂର୍ବରୁ ଜଣେ ଛାତ୍ରୀ ଅଭିଯୋଗ ଆଣିବା ପରେ ଏଚଓଡିଙ୍କୁ ପଦରୁ ଅନ୍ତର କରାଯାଇଛି। ଆଜି ବିଭାଗର ଅନ୍ୟ ଛାତ୍ରୀମାନେ ମୁହଁ ଖୋଲି ଅଭିଯୋଗ କରି କହିଛନ୍ତି ଯେ, 'ଓଡ଼ିଆ ବିଭାଗର ପୂର୍ବତନ ଏଚଓଡି ଡ. ସନ୍ତୋଷ କୁମାର ନାୟକ ଆମକୁ ଦୀର୍ଘ ଦିନରୁ ମାନସିକ ନିର୍ଯାତନା ଦେଇ ଆସୁଛନ୍ତି। ପାଠପଢ଼ାରେ ଆମେ ସୁରକ୍ଷା ପାଇପାରୁନେ। ଆମକୁ ଖରାପ ମେସେଜ କରୁଛନ୍ତି। ତାପରେ ଆମକୁ ତାଙ୍କ ରୁମ୍‌କୁ ଡାକୁଛନ୍ତି। ଚାନ୍ଦିପୁର ବୁଲିବାକୁ ବି ଡାକୁଛନ୍ତି। ପରେ ମେସେଜ ସବୁ ଡିଲିଟ କରିବା ପାଇଁ ମଧ୍ୟ ବାଧ କରାଯାଉଛି। ଏହାବ୍ୟତୀତ ବ୍ୟାକ୍ ଲଗାଇଦେବେ କହି ଧମକାଇ ରଖିଥିଲେ। ତଦନ୍ତ କଲେ ସବୁ କଥା ଜଣାପଡ଼ିବ। କଲେଜ ଅଧ୍ୟକ୍ଷ କହୁଛନ୍ତି ସରକାର ପଦକ୍ଷେପ ନେବେ ହେଲେ ଏଯାଏଁ ସରକାର କାହିଁକି କିଛି କରୁନାହାନ୍ତି। ଆମେ ପ୍ରଥମେ ଆଇସିସି କମିଟିକୁ ଅଭିଯୋଗ କରିଥିଲୁ। ସେମାନେ କଲେଜ ଅଧ୍ୟକ୍ଷଙ୍କୁ ଜଣାଇଥିଲେ। ୨୧ରୁ ୩୦ ତାରିଖ ହୋଇଗଲାଣି କୌଣସି ପଦକ୍ଷେପ ନିଆଯାଇନାହିଁ। ଆମକୁ ସୁରକ୍ଷା ମିଳୁ।

# ସମାଜସେବୀଙ୍କ ସ୍ମୃତିଚାରଣ ସଭା

ଅସୁରାଳି, ୩୦।୪(ସମିସ): କୋଠାର ପଞ୍ଚାୟତ ଅନ୍ତର୍ଗତ ଡାକ ବିଭାଗର ଅବସରପ୍ରାପ୍ତ କର୍ମଚାରୀ ତଥା ଅଞ୍ଚଳର ଜଣେ ଜଣାଶୁଣା ପରୋପକାରୀ ବ୍ୟକ୍ତି ଧନେଶ୍ୱର ବେହେରାଙ୍କ ଏକାଦଶାହ ଅବସରରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ରବୀନ୍ଦ୍ର ପାଣିଗ୍ରାହୀଙ୍କ ସଂଯୋଜନାରେ ଆୟୋଜିତ ଏହି ସଭାର ପ୍ରାରମ୍ଭରେ ବିଶ୍ୱଜିତ୍ ସାହୁ ବିଦେହୀ ଆତ୍ମାର ସଦ୍‌ଗତି କାମନା କରି ଶୋକାଞ୍ଜଳି ଗାନ କରିଥିଲେ। ଏହି ଅବସରରେ ସ୍ୱର୍ଗତ ବେହେରାଙ୍କ ତିନି ନାତୁଣୀ ରୁଦ୍ରାଣୀ, ଶୁଭଦର୍ଶିନୀ ଓ ଇନ୍ଦ୍ରାଣୀ ନିଜ ପ୍ରିୟ ଜେଜେବାପାଙ୍କ ଉଦ୍ଦେଶ୍ୟରେ ଏକ ସମବେତ ସଙ୍ଗୀତ ଗାନ କରି ଉପସ୍ଥିତ ସମସ୍ତଙ୍କୁ ଭାବବିହ୍ୱଳ କରିଥିଲେ। ସଭାରେ ଅତିଥି ଭାବେ ଯୋଗଦେଇ ବାଦଲ ଶିକଦାର, ବିଷ୍ଣୁ ଚରଣ ମହାନ୍ତି, ବିଜୟ ଦାଶ, ମଖନଲାଲ୍ ଗୁପ୍ତା, ସତ୍ୟସୁନ୍ଦର ପାଢ଼ୀ, ବିଜୟ ସାହୁ, ଅଧ୍ୟାପକ ଶ୍ରୀଧର ସାହୁ ପ୍ରମୁଖ ସ୍ୱର୍ଗତ ବେହେରାଙ୍କ ସମାଜସେବା ଓ ସରଳ ଜୀବନଯାପନ ଶୈଳୀ ଉପରେ ଆଲୋକପାତ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶେଷରେ ସ୍ୱର୍ଗତ ବେହେରାଙ୍କ ପୁତ୍ର ପ୍ରଶାନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହ

ବାରିକପୁର, ୩୦।୪(ସମିସ): ଭଣ୍ଡାରିପୋଖରୀ ବ୍ଲକ ରହଣିଆ ପଞ୍ଚାୟତ ରାଣୀଗଡ଼ିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ ଚୈତନ୍ୟ ଚରଣ ରାଉତଙ୍କ ପାଇଁ ଏକ ସମ୍ବର୍ଦ୍ଧନା ସମାରୋହ ଶିକ୍ଷାବିତ୍ ଗଦାଧର ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ସରପଞ୍ଚ ରଞ୍ଜନ କୁମାର ପରିଡ଼ା ଉଦ୍‌ଘାଟନ କରିଥିଲେ। ଆୟୋଜିତ ସଭାରେ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ରାମଚନ୍ଦ୍ର ମହାନ୍ତି, ବରେଣ୍ୟ ଅତିଥି ଅବସରପ୍ରାପ୍ତ ଶିକ୍ଷକ ନୀଳମଣି ନାୟକ, ସମ୍ମାନିତ ଅତିଥି ଭାବେ ସଞ୍ଜିତ ସାମଲ, ନିମନ୍ତ୍ରିତ ଅତିଥି ଶିକ୍ଷକ ପ୍ରଫୁଲ୍ଲ ନାୟକ, ନିର୍ମଳ ଚନ୍ଦ୍ର ଧଳ, ତ୍ରିଲୋଚନ ନାୟକ, ବିଶ୍ୱରଞ୍ଜନ ଷେଣ୍ଢ, ଦିଲ୍ଲୀପ ଓଝା ପ୍ରମୁଖ ଯୋଗଦେଇ ଅବସର ଗ୍ରହଣ ଶିକ୍ଷାଦାନର ସମାପ୍ତି ନୁହେଁ ବୋଲି ମତବ୍ୟକ୍ତ କରିଥିଲେ। ଏହାଛଡ଼ା ଶ୍ରୀ ରାଉତଙ୍କ ଗୁଣାବଳୀ ସମ୍ପର୍କରେ ଆଲୋକପାତ କରି ଅତିଥିମାନେ ତାଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏତଦ୍‌ବ୍ୟତୀତ ଶିକ୍ଷକ ଶିବଚରଣ ସ୍ୱାଇଁଙ୍କୁ ମରଣୋତ୍ତର ସମ୍ମାନ ଦିଆଯାଇଥିବା ବେଳେ ବିଦ୍ୟାଳୟ ପାଇଁ ଭୂମିଦାନ କରିଥିବା ଗ୍ରାମର କୈଳାସ ସାମଲଙ୍କୁ ମଧ୍ୟ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ଅର୍ଜୁନ ଚରଣ ବେହେରା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷକ ପ୍ରଶାନ୍ତ ସାମଲ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମାରୋହକୁ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରତାପ ସାହୁ, ବିଜୟ ସାମଲ, ମଞ୍ଜୁଲତା ନାୟକ, କାମିନୀ ରାଉତ, ରଘୁନାଥ ସାମଲ, ମାଣିକ ସ୍ୱାଇଁ, ବିଦ୍ୟାଧର ସାମଲ ପ୍ରମୁଖ ପରିଚାଳନା କରିଥିଲେ।

# ଧୂଷୁରୀ ପ୍ରେସ୍ ୟୁନିଅନର ୨ୟ ବାର୍ଷିକ ଉତ୍ସବ

ଅସୁରାଳି, ୩୦।୪(ସମିସ): ଧୂଷୁରୀ ଅଞ୍ଚଳର ଅଗ୍ରଣୀ ସାମ୍ବାଦିକ ସଂଗଠନ 'ଧୂଷୁରୀପ୍ରେସ୍‌ୟୁନିଅନ'ର୨ୟବାର୍ଷିକଉତ୍ସବ ଐତିହାସିକବାସନ୍ତୀପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ସାମ୍ବାଦିକତା ସହିତ ସାଂସ୍କୃତିକ ସମନ୍ୱୟର ଏହି ଭବ୍ୟ କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତିତ୍ୱ ଯୋଗଦେଇ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ୟୁନିୟନର ସଭାପତି ସନ୍ତୋଷ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପୁହାଣ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଶା ହାଇକୋର୍ଟର ବରିଷ୍ଠ ଅଧିବକ୍ତା ଦେବାଶିଷ ସାମଲ ଯୋଗଦେଇ ସାମ୍ବାଦିକଙ୍କ ସାମାଜିକ ଦାୟିତ୍ୱବୋଧ ବିଷୟରେ ଚର୍ଚ୍ଚା କରିଥିଲେ। ବରେଣ୍ୟ ଅତିଥି ଭାବେ ଧୂଷୁରୀ ଜିଲ୍ଲା ପରିଷଦ ଜୋନ୍ ସଦସ୍ୟ ପ୍ରଦୀପ କୁମାର ମଲ୍ଲିକ, ସମ୍ମାନିତ ଅତିଥି ଭାବେ ବିଜେପି ଜିଲ୍ଲା ଉପସଭାପତି ଚତୁର୍ଭୁଜ ନାୟକ, ଧୂଷୁରୀ ସରପଞ୍ଚ ଅନ୍ତର୍ଯ୍ୟାମୀ ପତି, ଅଧ୍ୟାପକ ଶ୍ରୀଧର ସାହୁ, ସମାଜସେବୀ ନିଶିକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ରହି ୟୁନିଅନର କାର୍ଯ୍ୟାବଳୀକୁ ପ୍ରଶଂସା କରିଥିଲେ। ୟୁନିଅନ ଉପସଭାପତି ଲକ୍ଷ୍ମୀନାରାୟଣ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବରିଷ୍ଠ ସାମ୍ବାଦିକ ତଥା ସମ୍ପାଦକ ଦୀପ୍ତି ରଞ୍ଜନ ନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ନିଜ ନିଜ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବହୁ ପ୍ରତିଭାଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷା ଓ ସାହିତ୍ୟରେ ଡ. ରାଜକିଶୋର ନାୟକ, ଶିକ୍ଷାବିତ୍ ନିରଞ୍ଜନ କର, ଅଧ୍ୟାପକ ପ୍ରଭାତ ଧଳ ଓ ରାଜ କିଶୋର ନାୟକ, ସାମ୍ବାଦିକ ବାବାଜୀ ପାଢ଼ୀ, ମାନସ ରଞ୍ଜନ ମହାନ୍ତି, ଶେଖ୍ ଜାଫର ଅଲ୍ଲୀ, ସୁଶାନ୍ତ ରାଉତ, ଆଲୋକ ପ୍ରସାଦ କାନୁନ୍‌ଗୋ, କାହ୍ନୁ ଚରଣ ଜେନା, ସଞ୍ଜୟ ସେଠୀ, ବିବେକାନନ୍ଦ ପଣ୍ଡା ଓ ଶିଶିର ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ପରିବେଶବିତ୍ କାହ୍ନୁ ଚରଣ ପଣ୍ଡା, କ୍ରୀଡ଼ାବିତ୍ ରମେଶ




ପୃଷ୍ଟି ଓ ଜ୍ୟୋତିର୍ମୟୀ ବେହେରା, କଳାକାର ବାଦଲ ସିକ୍‌ଦାର, ସମାଜସେବୀ ସଞ୍ଜୟ ମିଶ୍ର, ସଫଳ ବ୍ୟବସାୟୀ ରୁକ୍ମଣୀ ଗୁପ୍ତା, ଇଂ. ପ୍ରାଣବନ୍ଧୁ ବେହେରା, ପଣ୍ଡିତ ପଞ୍ଚାନନ ମିଶ୍ର ଓ ପ୍ରଭାତ ପଣ୍ଡା ଉପସ୍ଥିତ ଥିଲେ। ସଭା କାର୍ଯ୍ୟକ୍ରମ ପରେ 'ଷ୍ଟାର୍ ନାଇଟ୍ ମେଲୋଡି ପାର୍ଟି' ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ବିଭିନ୍ନ ବିଦ୍ୟାଳୟର କୁନିକୁନି ପିଲାଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ଅନୁଷ୍ଠାନର ସଦସ୍ୟ ଅନନ୍ତ ସାହୁ, ରବୀନ୍ଦ୍ର ପାଣି, ଗାୟତ୍ରୀ ସାହୁ, ସସ୍ମିତା ଦାସ, ଗାୟତ୍ରୀ ଦାସ, ଦୀପକ ବିଶ୍ୱାଳ, ମୃତ୍ୟୁଞ୍ଜୟ ସାହୁ, ରବୀନ୍ଦ୍ର ସେଠୀ, ବ୍ରଜେନ୍ଦ୍ର ମହାନ୍ତି ପ୍ରମୁଖ ସହଯୋଗ କରି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ। ପରିଶେଷରେ ୟୁନିଅନର କୋଷାଧ୍ୟକ୍ଷ ରତିକାନ୍ତ ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ନଛିମପୁର ନୀଳେଶ୍ୱର ମହାଦେବଙ୍କ ଚଡ଼କ ଯାତ୍ରା ସମ୍ପନ୍ନ



ଜଳେଶ୍ୱର, ୩୦।୪ (ସମିସ): ଚୈତ୍ରମାସ ଶେଷ ଓ ପହିଲା ବୈଶାଖରେ ବିଭିନ୍ନ ଶୈବପୀଠ ଗୁଡିକରେ ପାଟ ପର୍ବର ଘଟୋଉଳ ଉତ୍ସବ ଆରମ୍ଭ ହୋଇଥାଏ। ଜଳେଶ୍ୱର ବ୍ଲକ ନଛିମପୁର ଗାଁରେ ୧୩ଦିନର ବିଖ୍ୟାତ ପାଟପର୍ବ ଗୁରୁବାର ଧୁମଧାମରେ ସମାପନ ହୋଇଛି। ଶିବ ପୁରଣା ଅନୁସାରେ କୈଳାଶପତି ଶିବ ଶଙ୍କର ଜଗତ କଲ୍ୟାଣ ଲାଗି ମର୍ତ୍ତଲୋକର ଶୋଳାଷାପାଣ୍ଡକୁ ଚାଷ କରିବାକୁ ଆସିଥିଲେ। ଏହି ସମୟରେ ଅନନ୍ଦ ସୁନ୍ଦରୀ କାମନା ରାକ୍ଷସୀ ଭକ୍ତିରସ ପ୍ରେମରେ ମୁଗ୍ଧ ହୋଇ ତା ପାଖରେ ରହିଯାଇଥିଲେ। କୈଳାସରେ ମହାଦେବଙ୍କ ଅନୁପସ୍ଥିତି ଅନୁଭବ କରି ଧ୍ୟାନବଳରେ ମା ପାର୍ବତୀ ଜାଣି ମାଣିକୁ ଖୋଜି ଆସିଥିଲେ। କାମିନା ନାରଦ ମୁନୀଙ୍କ ଠାରୁ ସୂଚନା ପାଇ ପାର୍ବତୀଙ୍କ ତୃତୀୟ ନୟନ କ୍ରୁଧାଗ୍ନୀରେ ଭସ୍ମୀଭୂତ ହେବା ଭୟରେ ମହାଦେବ ତାକୁ ପାତାଳୀ ହେବାକୁ କହିଥିଲେ। କାମିନାର ଭକ୍ତିଅଶ୍ରୁ ଓ ଅନୁନୟରେ ପ୍ରତିବର୍ଷ ମହା ମିଳନ ହେବାର ଆର୍ଶିବାଦ କରି ମନ୍ଦିର ଉତ୍ତର ଦିଶାର ନେତ୍ରଦ୍ୱାଳାରେ ତ୍ରୀଶୂଳ କ୍ଷେପଣ କରି ତାକୁ ପାତାଳି କରାଇଥିଲେ। ଏଣୁ ପ୍ରତିବର୍ଷ ଏହି ତିଥିରେ କାମିନାକୁ ହାକାଣ୍ଡରୁ ନିଶାଭାଗ ଭାଗ ରାତି ରାତିରେ ପୂଜାର୍ଚ୍ଚନା, ଆହ୍ୱାନ ଓ ଭକ୍ତାଙ୍କ ପଇତା ଧାରଣ ଶୋଭାଯାତ୍ରାରେ ବଳି ପ୍ରଦାନ କରି ସନ୍ତୁଷ୍ଟ କରାଯାଇ ମନ୍ଦିରକୁ ପାଛୋଟି ନିଆଯାଇଥାଏ। ପ୍ରତିଦିନ ୧୩ ଭକ୍ତାଙ୍କୁ ନିଷ୍କାମ ସେବା, ଦାଢତ୍ୟା ଭକ୍ତିର ଜୀବନଚର୍ଯ୍ୟା, ମାଣିକ ଗଡ଼ାଣ, ପାର୍ଶ୍ୱଦେବତା ଚଣ୍ଡି, ଗଣେଶ, ଭଗବତୀ, କ୍ଷେତ୍ରପାଳ, ମହାକାଳଙ୍କ ପୂଜାର୍ଚ୍ଚନା, ଘଣ୍ଟ ଘଣ୍ଟା, ହକ ଧରା ଗ୍ରାମ ପରିବେଶକୁ ଭକ୍ତିମୟ ଓ ପବିତ୍ର କରିଥାଏ। ନୀଳରଙ୍ଗରେ ଘରେ ଘରେ ମହାମେଳୀ ପାଳନ ଓ ହାକାଣ୍ଡ ପାଖରୁ ଭକ୍ତ ଶଙ୍କର ର ସିଂଙ୍କ ମାନସିକ ପବିତ୍ର ଦଣ୍ଡଯାତ୍ରା ଆକର୍ଷଣୀୟ ଓ ହୃଦୟ ସ୍ପର୍ଶୀ ଥିଲା। ପାଟପର୍ବର ଅନ୍ତିମ ଦିବସରେ ୧୩ ଭକ୍ତା ହାକାଣ୍ଡରେ ପୂଜାର୍ଚ୍ଚନା, ନୂତନ ବସ୍ତ୍ର ପରିଧାନ, ସୁସଜ୍ଜିତ ବିମାନରେ (ମଣ୍ଡି) ଉପବେଶନ କରି ବିଶାଳ ପଟୁଆରରେ ମନ୍ଦିର ପ୍ରଦକ୍ଷଣ କରି ରାତ୍ରିର ଶେଷାର୍ଦ୍ଧରେ ବ୍ରତ ସମାପନ ଓ ମାର୍ଜନା କରିଥାନ୍ତି। ଚଳିତବର୍ଷ ପାଟଭକ୍ତ ନିରଞ୍ଜନ ପ୍ରଧାନ, ପୂଜକ ରବୀନ୍ଦ୍ର ମିଶ୍ର, ଲଲିନ ମିଶ୍ର, ଗ୍ରାମ୍ୟମୁଖ୍ୟ ସୈଲେନ ବିଶ୍ୱାଳ, ପରିଚାଳନା କମିଟି ପ୍ରମୁଖ ଦୁଇଦିନ ବ୍ୟାପି ଉଦ୍‌ଯାପନୀ ମେଳା ଓ ମୀନାବଜାରକୁ ପରିଚାଳନା କରିଥିଲେ। ହଜାର ହଜାର ଦର୍ଶକଙ୍କ ମେଳରେ ଦୁଇଦିନ ଧରି ସାଂସ୍କୃତିକ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା।

# ଗଛ ପଡ଼ି ଯୁବକ ଆହତ

ବସ୍ତା ବ୍ଲକ/ ରାଜଘାଟ, ୩୦।୪ (ସମିସ): ଗୁରୁବାର ସନ୍ଧ୍ୟାରେ ହୋଇଥିବା କାଳବୈଶାଖୀରେ ବସ୍ତା ବ୍ଲକ ଅନ୍ତର୍ଗତ ତାଡଦା ଗ୍ରାମର ଜଣେ ଯୁବକ ରିଣିପଦା ହାଟକୁ ଯାଇଥିବା ବେଳେ ରାସ୍ତାରେ ଗଛ ପଡ଼ି ଗୁରୁତର ଆହତ ହୋଇଛନ୍ତି। ଆହତ ଯୁବକ ତାଡଦା ଗ୍ରାମର ଝଡିବନ୍ଧୁ ସିଂ ଙ୍କ ପୁଅ ରାଜେଶ ସିଂ(୨୦)। ଆଜି ସନ୍ଧ୍ୟା ପ୍ରାୟ ସାତ ଟା ସମୟରେ ରାଜେଶ ସାଇକେଲରେ ରିଣିପଦା ହାଟକୁ ପନିପରିବା ଆଣିବାକୁ ଯାଉଥିଲା। ଏହି ସମୟରେ ହଠାତ୍ ପ୍ରବଳ ପବନ ସହ ବର୍ଷା ଆରମ୍ଭ ହୋଇଥିଲା। ଉକ୍ତ ହାଟ ନିକଟରେ ଏକ ବିରାଟ କାୟ ଅଶ୍ୱସ୍ଥ ଗଛର ଡାଳ ଭାଙ୍ଗି ରାଜେଶ ଉପରେ ପଡ଼ିଥିଲା। ଫଳରେ ତାଙ୍କ ମୁଣ୍ଡ, ହାତ ଓ ଗୋଡରେ ଗଭୀର ଆଘାତ ଲାଗିଛି। ସ୍ଥାନୀୟ ଲୋକ ଓ ପଥଚାରୀ ତୁରନ୍ତ ତାକୁ ଉଦ୍ଧାର କରି ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚାଇଥିଲେ। ଅପର ପକ୍ଷରେ ବସ୍ତା ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ରାସ୍ତା ରୁ ଗଛକୁ ହଟାଇ ଯାତାୟତ ସ୍ୱାଭାବିକ କରିଛନ୍ତି।

# ବଙ୍ଗୀୟ କୁଖ୍ୟାତ ଡକାୟତ ଓ ସହଯୋଗୀ କୋର୍ଟ ଚାଲାଣ

ବାଲେଶ୍ୱର(ଉତ୍ତର), ୩୦।୪(ସମିସ): ଭୋଗରାଇ ଥାନାରେ ପୁଲିସ ଅଟକ ରଖିଥିବା କୁଖ୍ୟାତ ବଙ୍ଗୀୟ ଡକାୟତ ଓ ତାର ସହଯୋଗୀକୁ କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି। ଚାଲାଣ ହୋଇଥିବା ଡକାୟତର ନାମ ହେଉଛି ପଶ୍ଚିମବଙ୍ଗ ପୂର୍ବ ମେଦିନାପୁର ଜିଲ୍ଲା ରାମନଗର ଥାନା ଅନ୍ତର୍ଗତ ସନ୍ତେସ୍ୱରପୁର ଗ୍ରାମର ଏସ କେ ଅଜିତ ଏବଂ ତାର ସହଯୋଗୀ ଏଗ୍ରା ଥାନା ଅନ୍ତର୍ଗତ ବିଲକୁଶଧା ଗ୍ରାମର ବିଶ୍ୱଜିତ କାମିଳିଆ। ସେମାନଙ୍କ ନାମରେ ଭୋଗରାଇ ଥାନାରେ ୧୦୯/୨୦୨୬ନଂ ମାମଲା ରୁଜୁ କରାଯିବା ସହିତ ସେମାନଙ୍କୁ କୋର୍ଟ କୁ ପଠା ଯାଇଛି। ସମ୍ପୃକ୍ତ ଅଭିଯୁକ୍ତଙ୍କ ନାମରେ ଏହି ଥାନାରେ ଚୋରି ଘଟଣାରେ ପୂର୍ବରୁ ୧୧ ଟି ମାମଲା ରୁଜୁ ହୋଇଥିଲା ବେଳେ ବିଭିନ୍ନ ରାଜ୍ୟରେ ମଧ୍ୟ ୪୦ ରୁ ଅଧିକ ମାମଲା ତା ନାଁରେ ରହିଥିବା ସୂଚନା ମିଳିଛି। ପୋଲିସ ତା ନିକଟରୁ ୫ ଲକ୍ଷରୁ ଅଧିକ ମୂଲ୍ୟର ସୁନା ଓ ରୁପା ସହିତ ନଗଦ ଟଙ୍କା ଜବତ କରାଯାଇଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ ଯେ ଏପ୍ରିଲ ମାସ ୭ ତାରିଖ ଦିନ ମନ୍ଦାରସାହି ସ୍ଥିତ ଶୀତଳା ମନ୍ଦିରରୁ ବହୁ ସୁନା, ରୂପା ଅଳଙ୍କାର ସମେତ ନଗଦ ୮ ହଜାର ଟଙ୍କା ଚୋରି ହୋଇଥଲା। ସେହିପରି ୧୩ ତାରିଖରେ ବାଟଗ୍ରାମର ରଶ୍ମିତା ପୁରୀଙ୍କ ଘରୁ ନଗଦ ୧୨ହଜାର ଓ ଦେଉଳା ସ୍ଥିତ ପରେଶ ଚନ୍ଦ୍ର ମହାନ୍ତିଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନା ରୁପା ଗହଣା ସହିତ ନଗଦ ୧୩ ହଜାର ଟଙ୍କା ଚୋରି ହୋଇଥଲା। ଅଭିଯୋଗ ପରେ ପରେ ଭୋଗରାଇ ପୁଲିସ ବିଭିନ୍ନ ସ୍ଥାନରେ ତଦନ୍ତ ଜାରି ରଖିଥିଲା। ଦେଉଳା ଶ୍ରୀ ମହାନ୍ତି ଙ୍କ ଘରୁ ଚୋରି ପରେ ସେଠାରୁ ମିଳିଥିବା ସିସି ଟିଭି ଫୁଟେଜ ସହାୟତାରେ ସନ୍ଦେହ କରି ପୁଲିସ ପଶ୍ଚିମବଙ୍ଗ ପୋଲିସ ର ସହାୟତା ନେଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଶେଖ ଅଜିତ ଉଠାଇ ଆଣି ଭୋଗରାଇ ଥାନାରେ ଅଟକ ରଖି ପଚରା ଉଚରା ଚଳାଇଥିଲା। ତଦନ୍ତ ପରେ ସମ୍ପୃକ୍ତ ଅଭିଯୁକ୍ତ ଓ ତାର ସହଯୋଗୀକୁ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

## ଧାମନଗରରେ 'ବନ୍ୟା ସୁରକ୍ଷା' ନାଁରେ ଚାନ୍ଦା ରାଜନୀତି

# ରୁଦ୍ଧଦ୍ୱାର ବୈଠକରେ ଠିକାଦାରଙ୍କୁ ଧମକ !

ଦୋବଲ, ୩୦।୪(ସମିସ)

ଧାମନଗର ଅଞ୍ଚଳରେ ନଦୀବନ୍ଧ ସୁଦୃଢ଼ୀକରଣ କାର୍ଯ୍ୟକୁ ନେଇ ଅନିଶ୍ଚିତତା ଲାଗି ରହିଥିବାବେଳେ ଏବେ 'ସଂସ୍କାର' ନାଁରେ ପିସି କାରବାର ଅଭିଯୋଗ ସାମ୍ନାକୁ ଆସିଛି। ଗତ ରବିବାର ଆନନ୍ଦପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ଏକ ଗୁପ୍ତ ବୈଠକକୁ ନେଇ ଏବେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। 'ଧାମନଗର ସ୍ଥାୟୀ ବନ୍ୟା ସୁରକ୍ଷା ମଞ୍ଚ' ବ୍ୟାନରରେ ଆୟୋଜିତ ଏହି ବୈଠକ ପ୍ରକୃତରେ ଅଞ୍ଚଳର ସୁରକ୍ଷା ପାଇଁ ଥିଲା ନା ଠିକାଦାରଙ୍କୁ ଭୟଭୀତ କରି ଚାନ୍ଦା ଆଦାୟ ପାଇଁ, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଦୋବଲ ଜୋନ୍‌ର ଜଣେ ପ୍ରଭାବଶାଳୀ ନେତାଙ୍କ ନେତୃତ୍ୱରେ ଆୟୋଜିତ ଏହି ବୈଠକରେ ଜଳସମ୍ପଦ, ପୂର୍ତ୍ତ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରାୟ ୧୦୦ରୁ ଅଧିକ ଠିକାଦାର ସାମିଲ୍ ହୋଇଥିଲେ। ବାହାରକୁ 'ଲେସ୍ ଟେଣ୍ଡର ନ ପକାଇବା' ପାଇଁ ସଚେତନତା ବାର୍ତ୍ତା ଦିଆଯାଉଥିବା କୁହାଯାଉଥିଲେ ହେଁ, ବାସ୍ତବରେ ଏହା ଏକ 'ଧମକପୂର୍ଣ୍ଣ' ବୈଠକ ଥିଲା ବୋଲି ଜଣେ ଠିକାଦାର ନାମ ଗୋପନ ରଖି ଅଭିଯୋଗ କରିଛନ୍ତି। ବୈଠକରେ ସିଧାସଳଖ ନିର୍ଦ୍ଦେଶ ଦିଆଯାଇଛି ଯେ, ଟେଣ୍ଡର ଯିଏ ବି ପାଉ, କାମର ଏକ ସିଂହଭାଗ ପ୍ରଭାବଶାଳୀ ନେତାଙ୍କ ନିକଟତମ ଲୋକଙ୍କୁ ଦେବାକୁ ପଡ଼ିବ। ଏପରିକି ୫ରୁ ୧୦ ପ୍ରତିଶତ 'ଦଳୀୟଚାନ୍ଦା' ଦେବା ପାଇଁ ମଧ୍ୟ ବାଧ କରାଯାଇଥିବା ଚର୍ଚ୍ଚା ହେଉଛି।

ଗୋଟିଏ ପଟେ ବୈତରଣୀ ଓ କୋଚିଲା ନଦୀବନ୍ଧ କାର୍ଯ୍ୟ ଅଧପନ୍ତରିଆ ହୋଇ ପଡ଼ି ରହିଛି। ଯାଜପୁର ପାର୍ଶ୍ୱ ବନ୍ଧ ସୁରକ୍ଷିତ ଥିବାବେଳେ ଧାମନଗର ପାର୍ଶ୍ୱ ବର୍ଷ ବର୍ଷ ଧରି ଅବହେଳାର ଶିକାର ହୋଇଛି। କୋଚିଲା ନଦୀର ଶଇଲଠାରେ ୨.୫୧ କୋଟିର କାର୍ଯ୍ୟ ପାଇଥିବା ଠିକାଦାର ସତ୍ୟଜିତ୍ ସାମଲ ୩୧% 'ଲେସ୍'ରେ ଟେଣ୍ଡର ନେଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଚୁକ୍ତିନାମା ସ୍ୱାକ୍ଷର କରିନାହାନ୍ତି। ସରକାର ଓପିଡବ୍ଲୁଡି କୋଡ୍ ସଂଶୋଧନ କରି ଏପିଏସ୍ ବ୍ୟବସ୍ଥା ଲାଗୁ କରିବା ପରେ ଠିକାଦାରମାନେ ଅତ୍ୟଧିକ କମ୍ ଦରରେ ଟେଣ୍ଡର ପକାଉଛନ୍ତି, ଯାହା କାର୍ଯ୍ୟର ମାନ ଏବଂ ସମୟସୀମାକୁ ପ୍ରଭାବିତ କରୁଛି। ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଅଞ୍ଚଳର ଉନ୍ନତି ପାଇଁ ନିରନ୍ତର ପ୍ରୟାସ କରୁଥିବାବେଳେ, ତାଙ୍କ ଅଗୋଚରରେ ଏଭଳି 'ସମାନ୍ତରାଳ ଶାସନ' ଓ 'ଚାନ୍ଦା ସଂସ୍କୃତି' ମନ୍ତ୍ରୀଙ୍କ ଭାବମୂର୍ତ୍ତିକୁ କ୍ଷୁଣ୍ଣ କରୁଥିବା ସ୍ଥାନୀୟ ଲୋକେ ଆଲୋଚନା କରୁଛନ୍ତି। ବର୍ଷା ଋତୁ ପୂର୍ବରୁ ଯଦି ଏହି ବିବାଦର ସମାଧାନ ନ ହୁଏ ଏବଂ ନଦୀବନ୍ଧ କାର୍ଯ୍ୟ ଶେଷ ନ ହୁଏ, ତେବେ ଧାମନଗରବାସୀ ଏକ ବଡ଼ ବନ୍ୟା ବିପର୍ଯ୍ୟୟର ସମ୍ମୁଖୀନ ହେବା ଆଶଙ୍କା ଜୋର୍ ଧରିଛି।

# ପୂର୍ତ୍ତ ବିଭାଗ ରାସ୍ତାରେ ନାଳ; ପଥଚାରୀଙ୍କୁ କାଳ

## ଭଣ୍ଡାରିପୋଖରୀ-ମଣୀନାଥପୁର ରାସ୍ତା ମରାମତି ଦାବି

ବାରିକପୁର,୩୦।୪(ସମିସ)

ଭଣ୍ଡାରିପୋଖରୀ ପାଳଦା ବାଙ୍କଠାରୁ ପଡ଼ୋଶୀ ଯାଜପୁର ଜିଲ୍ଲାକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ଅଧୀନରେ ଥିବା ରାସ୍ତାଟି ଏବେ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଫଳରେ ରାସ୍ତାରେ ଦୈନିକ କିଛି ନା କିଛି ଛୋଟମୋଟ ଦୁର୍ଘଟଣା ଘଟୁଛି। ରାସ୍ତାର ସରସଦା, ବରଦା ବଜାର, ପଟାପୋଲ ଆଦି ସ୍ଥାନରେ କିଛି ମାସ ପୂର୍ବରୁ ଅଳ୍ପ କେତେ ମିଟର ମରାମତି ହୋଇଥିବାବେଳେ ରାଢୋ, ହାଜିପୁର, ପୁରସ୍ତମପୁର, ଜଳହରି, ମାଳଦା, ମଣୀନାଥପୁର ଆଦି ସ୍ଥାନରେ ରକ୍ଷଣାବେକ୍ଷଣ ଜନିତ ଗୁରୁତର ସମସ୍ୟା ରହିଛି। ପ୍ରାୟ ୯ କି.ମି. ରାସ୍ତା ଏବେ ଜରାଜୀର୍ଣ୍ଣ ପାଲଟିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। କେଉଁଠି କଂକ୍ରିଟ୍ ଫାଟି ଆଁ କଲାଣି ତ ପୁଣି କେଉଁଠି ସେତୁ ଉପରେ ଲୁହା ଛଡ଼ ଦେଖାଯାଉଛି।

ସୂଚନା ମୁତାବକ, ମାଳଦା ନିକଟରେ ମନୁଷ୍ୟକୃତ ତ୍ରୁଟି ଯୋଗୁଁ ରାସ୍ତାର କେତେକାଂଶ ଦୀର୍ଘ ଦିନ ଧରି ବିପଦସଙ୍କୁଳ ଅବସ୍ଥାରେ ପଡ଼ିରହିଛି। ସ୍ଥାନୀୟ ବାସିନ୍ଦାଙ୍କ କହିବାନୁଯାୟୀ, ଜିଲ୍ଲା ଗ୍ରାମ୍ୟ ଜଳଯୋଗାଣ ବିଭାଗ ମେଗା ପାନୀୟ ଜଳ ପ୍ରକଳ୍ପ ପାଇଁ ଏଲ୍ ଆଣ୍ଡ ଟି କମ୍ପାନୀ ମାଧ୍ୟମରେ ଉକ୍ତ ଅଞ୍ଚଳକୁ ୨ବର୍ଷ ପୂର୍ବେ ପାଇପ୍ ଲାଇନ୍ ବିଛାଇଥିଲା। ପୂର୍ତ୍ତ ରାସ୍ତା ପାର୍ଶ୍ୱରେ ଜେସିବି ଦ୍ୱାରା ଅତି ଗଭୀର ଭାବେ ମାଟି ଖୋଳାଯାଇ କମ୍ପାନୀ ପାଇପ୍ ଲାଇନ୍ ସୃଷ୍ଟି କରିଥିଲା। ଏହାପରେ ଖୋଳାଯାଇଥିବା ସ୍ଥାନରେ ମାଟି ପଡ଼ି ନ ଥିଲା। କଂକ୍ରିଟ ନିର୍ମିତ ରାସ୍ତାଠାରୁ ପ୍ରାୟ ୧ କିମ୍ବା ୨ ଫୁଟ୍ ବ୍ୟବଧାନରେ ମାଟି ରହିଛି। ଏଥିପାଇଁ ଏହି ଜାଗାରେ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ସରଡା ପୋଲ ଉପରେ ଦୀର୍ଘ ଦିନ ଧରି ଲୁହା ଛଡ଼ ବାହାରିଥିବାବେଳେ ବାଇକ୍ ଆରୋହୀମାନେ ଏଥିପାଇଁ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ମାଳଦା ବଜାରଠାରେ ମଧ୍ୟ ରାସ୍ତା ଦବିଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ନିର୍ମିତ ରାସ୍ତାକୁ ୮/୧୦ ବର୍ଷ ଅତିକ୍ରମ ହୋଇଥିବାବେଳେ ଏବେ ଅନେକ ସ୍ଥାନରେ ସଂଯୋଗ ହୋଇଥିବା କଙ୍କ୍ରିଟ ପଥଟି ପରସ୍ପରଠାରୁ ବିଚ୍ଛିନ୍ନ ହୋଇଛି। ପାଖାପାଖି ଦୁଇ ବର୍ଷ ହେବ ରାସ୍ତା ମଝିରେ ଫାଟ ସୃଷ୍ଟି ହୋଇଛି। ବିଭିନ୍ନ ଜାଗାରେ ଏଭଳି ଫାଟ ଦେଖାଯାଇଛି। କିଛି ସ୍ଥାନରେ ମରାମତି ହୋଇଥିଲେ ସୁଦ୍ଧା ଅବସ୍ଥା କିନ୍ତୁ ପୂର୍ବ ଭଳି ରହିଛି। ରାସ୍ତାରେ ନାଳ ସଦୃଶ ଫାଟ ଦିନକୁ ଦିନ ବୃଦ୍ଧି ପାଉଥିବାବେଳେ ଏଥିରେ ମୋଟରସାଇକଲ ଓ ସାଇକଲ ଚାଳକମାନେ ଅନେକ ସମୟରେ ଦୁର୍ଘଟଣାର ଶିକାର ହେଉଛନ୍ତି। ଏବେ ପୂର୍ତ୍ତ ରାସ୍ତା ନାଳ ଜନସାଧାରଣଙ୍କ ପାଇଁ କାଳ ହୋଇଛି ବୋଲି ମତପ୍ରକାଶ ପାଇଛି। ରାସ୍ତା ମରାମତି ପାଇଁ ବାରମ୍ବାର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ସେ ଏହା ଉପରେ ଦୃଷ୍ଟି ନ ଦେବା ପରିତାପର ବିଷୟ ପାଲଟିଛି। ଏପରିକି ଫୋନ୍ ଉଠାଇ ରାସ୍ତା ନିର୍ମାଣ ବିଷୟରେ କୌଣସି ମତାମତ ମଧ୍ୟ ଦେଉନାହାନ୍ତି। ଏପଟେ ରାସ୍ତା ଦିନକୁ ଦିନ ମରଣଯନ୍ତା ପାଲଟିଥିବା ଅଭିଯୋଗ ହୋଇଛି। ଏହା ଉପରେ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ଦୃଷ୍ଟିଦେବାକୁ ଦାବି ହୋଇଛି।



## ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା



ଦୋଳସାହି,୩୦।୪(ସମିସ): ତିହିଡ଼ି ବ୍ଲକ୍ ଅଧୀନ ଦୋଳସାହି ପଞ୍ଚାୟତରେ ଅବସ୍ଥିତ ପିଏମ୍‌ଶ୍ରୀ ରାମନାରାୟଣ ଉଚ୍ଚ ବିଦ୍ୟାଳୟର ସୁନାମଧନ୍ୟ ହିନ୍ଦୀ ଶିକ୍ଷକ ସୁକୁମାର ସାହୁଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଗୁରୁବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ରାମନାରାୟଣ ଉଚ୍ଚ ବିଦ୍ୟାଳୟର ଜଣେ ଛାତ୍ରବତ୍ସଳ, ପରୋପକାରୀ, ସମୟାନୁବର୍ତ୍ତୀତା ତଥା ଦକ୍ଷତାସମ୍ପନ୍ନ ହିନ୍ଦୀ ଶିକ୍ଷକ ଭାବେ ଶ୍ରୀ ସାହୁ ପରିଚିତ। ପ୍ରଧାନଶିକ୍ଷକ ଅଧାର ରଞ୍ଜନ ତରାଇଙ୍କ ସଭାପତିତ୍ୱରେ ଶ୍ରୀ ସାହୁଙ୍କ ଉଦ୍ଦେଶ୍ୟରେ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ତାଙ୍କ କର୍ମମୟ ଜୀବନର ସ୍ମରଣ କରିବା ସହ ତାଙ୍କ ପାଇଁ ନିରାମୟ ଜୀବନକାମନା କରିଥିଲେ। ଏ ବିଦ୍ୟାଳୟରେ ୬୩୫ ଛାତ୍ରଛାତ୍ରୀ ପଢ଼ୁଥିବାବେଳେ ହିନ୍ଦୀ ଶିକ୍ଷକଙ୍କ ଅବସରରେ ସମସ୍ତ ଅଭିଭାବକଙ୍କ ମଧ୍ୟରେ ତାଙ୍କୁ ପୁନଃ ନିଯୁକ୍ତି ପ୍ରଦାନ କରିବା ପାଇଁ ଦାବି ଉଠିଥିଲା।

## ବନେଶ୍ୱର ମହାଦେବଙ୍କ ପ୍ରତିଷ୍ଠା ଉତ୍ସବ



ବାରିକପୁର,୩୦।୪(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଦକ୍ଷିଣବାଡ଼ ପଞ୍ଚାୟତ ବସନ୍ତାହି ଟେକା ପଥରଠାରେ ବନେଶ୍ୱର ମହାଦେବଙ୍କ ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଦୁଇ ଦିନ ଧରି ଚାଲିଥିବା ପ୍ରତିଷ୍ଠା ଉତ୍ସବରେ ଗ୍ରାମ ସମେତ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ପୂଜକ ଧ୍ରୁବଚରଣ ପତିଙ୍କ ତତ୍ତ୍ୱାବଧାନରେ ସମସ୍ତ ପୂଜା ନୀତି ସମ୍ପନ୍ନ ହୋଇଛି। ପ୍ରଥମ ଦିନରେ ଅଙ୍କୁରାରୋପଣ, ପଞ୍ଚଗବ୍ୟ, କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଉତ୍ସବର ଦ୍ୱିତୀୟ ଦିବସରେ ସୂର୍ଯ୍ୟ ପୂଜା, ବିଗ୍ରହ ସ୍ନାନ, ପ୍ରାଣ ପ୍ରତିଷ୍ଠା, ମହାଦେବ ଲିଙ୍ଗ ସ୍ଥାପନ, ଷୋଡ଼ଶ ଉପଚାର ପୂଜା, ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏଥିରେ ସଙ୍କଳ୍ପ କର୍ତ୍ତା ଭାବେ ରବି ନାରାୟଣ ପଣ୍ଡା ଓ ଶୁଭଲକ୍ଷ୍ମୀ ପଣ୍ଡା ଦାୟିତ୍ୱ ନିର୍ବାହ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମକୁ ସମସ୍ତ ଗ୍ରାମବାସୀ ପରିଚାଳନା କରିଥିଲେ।

## ୫ମ ଅର୍ଥ କମିଶନଙ୍କ ଅର୍ଥ ଖର୍ଚ୍ଚରେ ନରସିଂହପୁର ପ୍ରଥମ

ବାସୁଦେବପୁର,୩୦।୪(ସମିସ): ବାସୁଦେବପୁର ବ୍ଲକ୍‌ର ବିକାଶମୂଳକ କାର୍ଯ୍ୟରେ ସରକାରୀ ଅର୍ଥ ଖର୍ଚ୍ଚ କରିବାର ହାର କମିକମି ଯାଉଥିବାବେଳେ ୫ମ ଅର୍ଥ କମିଶନ ଅର୍ଥ ଖର୍ଚ୍ଚ କରିବାରେ ନରସିଂହପୁର ପଞ୍ଚାୟତ ବାସୁଦେବପୁର ବ୍ଲକ୍‌ରେ ପ୍ରଥମସ୍ଥାନ ଅଧିକାର କରିଛି। ଜିଲ୍ଲାର ଏହି ଅର୍ଥ ଖର୍ଚ୍ଚ କରିବାରେ ତୃତୀୟ ସ୍ଥାନ ହାସଲ କରିଛି। ଜିଲ୍ଲାସ୍ତରୀୟ ଉତ୍ସବରେ ନରସିଂହପୁର ପଞ୍ଚାୟତ ସରପଞ୍ଚ ଗୌରାଙ୍ଗଚନ୍ଦ୍ର ପଣ୍ଡାଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଭଦ୍ରକଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ଉତ୍ସବରେ ସାଂସଦ ଅଭିମନ୍ୟୁ ସେଠୀ, ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ ଓ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ଯୋଗଦେଇ ସରପଞ୍ଚ ଶ୍ରୀ ପଣ୍ଡାଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ।



## ଅଧ୍ୟାପକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା



କୋଠାର,୩୦।୪(ସମିସ): ଧାମନଗର ବ୍ଲକ୍ କୋଠାର ପଞ୍ଚାୟତ ଅନ୍ତର୍ଗତ ମା' ସାରଦା ଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମାଜ ବିଜ୍ଞାନ ବିଭାଗ ଅଧ୍ୟାପକ ସ୍ନେହାଂଶୁ ଶେଖର ମହାନ୍ତିଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷା ପ୍ରାଧ୍ୟାପିକା ପୁଷ୍ପାଞ୍ଜଳି ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସ୍ଥାନୀୟ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ରଶ୍ମୀ ରଞ୍ଜନ ନନ୍ଦ, ବରିଷ୍ଠ ଅଧ୍ୟାପକ ରବୀନ୍ଦ୍ର ପାଣିଗ୍ରାହୀ, ନବଘନ ସାହୁ, ଲୋକେଶ ଚନ୍ଦ୍ର ପଣ୍ଡା, ପ୍ରଭାତ ଧଳ, ନାରାୟଣଚନ୍ଦ୍ର ରାଉତରାୟ, ଗଣେଶ ଓଝା, ହିମାଂଶୁ ଭୂଷଣ ସାହୁ, ସତ୍ୟବ୍ରତ ଭାରତୀ, ଡେମୋନ୍‌ଷ୍ଟ୍ରେଟର ପରେଶ ରାଉତ, ଚିତ୍ତରଞ୍ଜନ ପରିଡ଼ା, ଶିକ୍ଷା କର୍ମଚାରୀ ମନୋଜ ବାରିକ, ଶଙ୍କର୍ଷଣ ଖଟୁଆ ପ୍ରମୁଖ ଯୋଗଦେଇ ଅବସରପ୍ରାପ୍ତ ଅଧ୍ୟାପକଙ୍କ ଗୁଣାବଳୀ ଉପରେ ଆଲୋକପାତ କରିବା ସହିତ ତାଙ୍କର ଅବସରକାଳୀନ ନିରାମୟ ଜୀବନ କାମନା କରିଥିଲେ। ଏହି ଅବସରରେ ବିଦାୟୀ ଅଧ୍ୟାପକଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ଶ୍ରୀଧର ସାହୁ ସଭା ସଞ୍ଚାଳନ ତଥା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଗୌରାଙ୍ଗ ଚନ୍ଦ୍ର ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ସୁଶାନ୍ତ ନାୟକ, କାଳନ୍ଦୀ ସାହୁ, ଶଶିକାନ୍ତ ମହାପାତ୍ର, ଅଧ୍ୟାପିକା ଅପର୍ଣ୍ଣା ପଣ୍ଡା, ରଚନା ଦାଶ, ପି. ତନୁଶ୍ରୀ, ଶିକ୍ଷା କର୍ମଚାରୀ ସୁଶାନ୍ତ ମଲ୍ଲିକ, ଗୌରୀ ରାଣୀ ନାୟକ, ପ୍ରଶାନ୍ତ ବେହେରା, ଗୌରାଙ୍ଗ ସେଠୀ, ବୀଣାପାଣି ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବାବାମଣିଙ୍କ ବିବାହ ପାଇଁ ସରିଲା ବର-କନ୍ୟା ପିତା ଚୟନ

# ଆଜି ଉଠିବ ଲଗ୍ନ ଚିଟାଉ ଥାଳି



ଭଦ୍ରକ/ଆରଡ଼ି,୩୦।୪(ସମିସ): ଆରଡ଼ିପୀଠ ବାବା ଆଖଣ୍ଡଳମଣିଙ୍କ ବିବାହ ଉତ୍ସବ ଆସନ୍ତା ଜୁନ୍ ୧୯ରେ ଅନୁଷ୍ଠିତ ହେବ। ଏଥିପାଇଁ ଗୁରୁବାର ବୈଶାଖ ମାସ ଶୁକ୍ଳପକ୍ଷ ନୃସିଂହ ଚତୁର୍ଦ୍ଦଶୀ ଅବସରରେ ବର ପିତା ଓ କନ୍ୟା ପିତା ଚୟନ ପ୍ରକ୍ରିୟା କାର୍ଯ୍ୟ ସମାପନ ହୋଇଛି। ଚଳିତ ବର୍ଷ ବର ପିତା ଭାବେ ସେବାୟତ ମନୋରଞ୍ଜନ ପାଢ଼ୀ ଓ ତାଙ୍କ ଦାତା ଚୟନ ହୋଇଥିବାବେଳେ କନ୍ୟାପିତା ଭାବେ ସେବାୟତ ବିଚିତ୍ର ପାଢ଼ୀ ଓ ତାଙ୍କ ଦାତା ସୌଭାଗ୍ୟପ୍ରାପ୍ତ ଲାଭ କରିଛନ୍ତି। ଶୁକ୍ରବାର ପବିତ୍ର ଚନ୍ଦନ ପୂର୍ଣ୍ଣିମା ଅବସରରେ ଲଗ୍ନ ଚିଟାଉ ଥାଳ ଉଠା ନୀତି ନିମନ୍ତେ ଉଭୟ ବର ଓ କନ୍ୟା ପିତାଙ୍କ ପକ୍ଷରୁ ପ୍ରସ୍ତୁତି ଚାଲିଥିବାବେଳେ ମନ୍ଦିର ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ଲଗ୍ନ ଥାଳ ଶୋଭାଯାତ୍ରାରେ ସାମିଲ୍ ହେବାକୁ ଥିବା ସଙ୍କୀର୍ତ୍ତନ ମଣ୍ଡଳୀଙ୍କ ସହ ତେଲିଙ୍ଗି ବାଦ୍ୟ, ଦୁଲୁଦୁଲି ବାଦ୍ୟ ଆଦି ବାଜା ବାଣ ରୋଷଣୀ ଦଳକୁ ବଇନା ଦିଆଯାଇଛି। ଲଗ୍ନ ଚିଟାଉ ନିମନ୍ତେ ବର ପିତାଙ୍କ ସ୍ୱଗୃହରୁ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରା ଆରଡ଼ି ପୀଠ ନଗରୀ ପରିକ୍ରମା କରିବା ପରେ କନ୍ୟା ପିତାଙ୍କ ଘରେ ବ୍ରାହ୍ମଣ ଜ୍ୟୋତିଷଙ୍କ ଦ୍ୱାରା ଲଗ୍ନ ଚିଟାଉ ଲେଖା ହେବା ପରେ ଦେବଦମ୍ପତିଙ୍କ ବିବାହ ପାଇଁ ଦିନ ସମୟ ନିର୍ଘଣ୍ଟ କରାଯିବ। ଦେବଦମ୍ପତିଙ୍କ ବିବାହ କାର୍ଯ୍ୟ ବୈଦିକ ରୀତିନୀତି ଓ ଲୋକାଚାରରେ ହେଉଥିବାରୁ ଦେବ-ଦାନବ-ମାନବ ଏହି ବିବାହ କାର୍ଯ୍ୟରେ ସାମିଲ୍ ହୋଇଥା'ନ୍ତି ବୋଲି ମନ୍ଦିରର ବରିଷ୍ଠ ସେବାୟତମାନେ କହିଛନ୍ତି।

## ରାସନ କାର୍ଡରୁ ବଞ୍ଚିତ ଘନଶ୍ୟାମଙ୍କ ବ୍ଲକ୍ ସମ୍ମୁଖରେ ଅନଶନ

ଧାମନଗର,୩୦।୪(ସମିସ): ମୁଖ୍ୟମନ୍ତ୍ରୀଠାରୁ ଆରମ୍ଭ କରି ମନ୍ତ୍ରୀ, ବିଧାୟକ କହିଛନ୍ତି ରାଜ୍ୟରେ ଚାଲିଛି ଡବଲ ଇଞ୍ଜିନ ଲୋକଙ୍କ ସରକାର। ହେଲେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ନିଜ ନିର୍ବାଚନମଣ୍ଡଳୀରେ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଧାମନଗର ବ୍ଲକ୍ ଅସୁରାଳି ପଞ୍ଚାୟତ ତୋରବନ୍ତିଆ ଗାଁର ବୃଦ୍ଧ ଘନଶ୍ୟାମ ଖଟୁଆ ଦୀର୍ଘ ୧୦ ବର୍ଷରୁ ଊର୍ଦ୍ଧ୍ୱ ହେବ ରାସନ ସାମଗ୍ରୀ ପାଇବାରୁ ବଞ୍ଚିତ ହୋଇଛନ୍ତି। ଏନେଇ ବାରମ୍ବାର ବିଡିଓ ଏବଂ ଯୋଗାଣ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ। ପ୍ରଶାସନ ତରଫରୁ କୌଣସି ପଦକ୍ଷେପ ନେଇ ନ ଥିବାରୁ ଶେଷରେ ବାଧ ହୋଇ ସମସ୍ତ ଅଧିକାରୀଙ୍କୁ ଅନଶନ କରିବା ପାଇଁ ଲିଖିତ ଜଣାଇଥିଲେ। ଗୁରୁବାର ସକାଳେ ବ୍ଲକ୍ କାର୍ଯ୍ୟାଳୟ ଆଗରେ ଆମରଣ ଅନଶନରେ ବସିବାବେଳେ ନିରାଶ ହୋଇ ଏହି କଠୋର ପଦକ୍ଷେପ ନେଇଥିବା ଶ୍ରୀ ଖଟୁଆ କହିଛନ୍ତି। ଖବର ପାଇ ମନ୍ତ୍ରୀଙ୍କ ବ୍ଲକ୍ ପ୍ରତିନିଧି ଆଶୋକ ପୁହାଣ, ବିଡିଓ ବନବିହାରୀ ଦିହା ପ୍ରମୁଖ ଅନଶନରେ ବସିଥିବା ଘନଶ୍ୟାମଙ୍କୁ ବହୁ ବୁଝାସୁଝା କରି ୧୦ ଦିନ ମଧ୍ୟରେ ସମସ୍ୟା ସମାଧାନ ହୋଇଯିବ ବୋଲି କହିଥିଲେ। ହେଲେ ସରକାର ରାସନ୍ ବ୍ୟବସ୍ଥାରେ ଅନିୟମିତତାର ଅଭିଯୋଗ କରି ମୋର ରାସନ ଚାଉଳ ନ ପାଇବା ଯାଏ ଅନଶନରୁ ଉଠିବି ନାହିଁ ବୋଲି ଘନଶ୍ୟାମ କହିଛନ୍ତି। ଏପଟେ ବହୁ ପୂର୍ବରୁ କଟିଯାଇଛି ଏବେ ଆଧାର କାର୍ଡ ଦେଲେ ଚାଉଳ ପାଇପାରିବେ କିନ୍ତୁ ସେ ଆଧାର କାର୍ଡ ଦେଉନାହାନ୍ତି ବୋଲି ବିଡିଓ କହିଛନ୍ତି। ଖବର ଲେଖା ହେବା ସୁଦ୍ଧା ଘନଶ୍ୟାମ ଅନଶନରେ ବସିଥିବା ଜଣାଯାଇଛି।



## ସରପଞ୍ଚଙ୍କ ଆମରଣ ଅନଶନ ପ୍ରତ୍ୟାହୃତ



ବାସୁଦେବପୁର, ୩୦।୪ (ସମିସ): ବାସୁଦେବପୁର ବ୍ଲକ୍ ପରିସରରେ ୪ଦିନ ଧରି ଚାଲିଥିବା ପଞ୍ଚାୟତ ପ୍ରତିନିଧିଙ୍କ ଆମରଣ ଅନଶନ ପ୍ରତ୍ୟାହୃତ ହୋଇଛି। ବାସୁଦେବପୁର ବ୍ଲକ୍‌ର 'ବିକଶିତ ଗାଁ ବିକଶିତ ଓଡ଼ିଶା' ପ୍ରକଳ୍ପ କାର୍ଯ୍ୟରେ ଅନିୟମିତତାକୁ ବିରୋଧ କରି ସରପଞ୍ଚ, ସମିତିସଭ୍ୟମାନେ ଦୀର୍ଘ ୪ ଦିନ ଧରି ଆମରଣ ଅନଶନ କରିଥିଲେ। ପ୍ରଶାସନ ଲୋକ ପ୍ରତିନିଧିମାନଙ୍କୁ ଗୁରୁତ୍ୱ ଦେଉ ନ ଥିବାର ସରପଞ୍ଚ ସଂଘ ଅଭିଯୋଗ କରି ବସି ରହିଥିଲେ। ନ୍ୟାୟ ପାଇଁ ଶାନ୍ତିପୂର୍ଣ୍ଣ ଭାବେ ବ୍ଲକ୍ ପରିସରରେ ଲୋକ ପ୍ରତିନିଧିମାନେ ଉଭୟ ମହିଳା ଓ ପୁରୁଷ ପ୍ରତିନିଧି ଆମରଣ ଅନଶନରେ ବସି ରହିଥିଲେ। ଅରଣ୍ଡୁଆ ପଞ୍ଚାୟତ ସରପଞ୍ଚ ନିରୁପମା ନାୟକ ଓ ବ୍ରାହ୍ମଣଗାଁ ସରପଞ୍ଚ ଶୁଭଶ୍ରୀ ତ୍ରିପାଠୀ ଅସୁସ୍ଥ ହେବା ପରେ ଗୁଆଗଡ଼ିଆ ସରପଞ୍ଚ ଉମାକାନ୍ତ ମଳିକ ଗୁରୁବାର ଅସୁସ୍ଥ ହୋଇ ଭଦ୍ରକ ଡାକ୍ତରଖାନାର ଭର୍ତ୍ତି ହୋଇଛନ୍ତି। ସନ୍ଧ୍ୟାରେ ପ୍ରଶାସନ ପକ୍ଷରୁ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଧାନେଇ ଚରଣ ଟୁଡୁ, ବିଡିଓ ତନ୍ମିତା କର, ଭଦ୍ରକ ସଦର ଏସ୍‌ଡିପିଓ ବିଚିତ୍ରାନନ୍ଦ ସେଠୀ, ବାସୁଦେବପୁର ଥାନାର ଇନ୍ସପେକ୍ଟର ନିରୋଜ ସାମଲ ପହଞ୍ଚି ଆଲୋଚନା କରିଥିଲେ। ଆସନ୍ତା ୫ ତାରିଖ ଆଲୋଚନା କରିବା ପାଇଁ ଲିଖିତ ପ୍ରତିଶ୍ରୁତି ଦେବା ପରେ ଆମରଣ ଅନଶନ ପ୍ରତ୍ୟାହୃତ ହୋଇଥିଲା।

## ବଜ୍ରପାତରେ ମହିଳା ଗୁରୁତର

ଭଦ୍ରକ,୩୦।୪(ସମିସ): ବୁଧବାର ରାତିରେ ବଜ୍ରପାତରେ ଭଦ୍ରକ ଜିଲ୍ଲା ବାସୁଦେବପୁର ଥାନା ଖରିଦା ବିନାୟକପୁର ଗାଁର ଜନୈକା ମହିଳା ଗୁରୁତର ହୋଇଛନ୍ତି। ଗୁରୁତର ଜଣକ ହେଲେ ଉକ୍ତ ଗ୍ରାମର ଯୁଧିଷ୍ଠିର ନାୟକଙ୍କ ସ୍ତ୍ରୀ କନକଲତା ନାୟକ। ପରିବାର ପକ୍ଷରୁ ତାଙ୍କୁ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ରାତି ସାଢ଼େ ୯ଟାବେଳେ ଖୁବ୍ ଜୋର୍‌ରେ ପବନ, ବର୍ଷା ସହିତ ବିଜୁଳି, ଘଡ଼ଘଡ଼ି ମାରିଥିଲା। ଏହି ସମୟରେ ଘରର ମୁଖ୍ୟ ଗେଟ୍ ବନ୍ଦ କରୁଥିବାବେଳେ କନକ ବିଜୁଳି ଆଘାତରେ ତଳି ପଡ଼ିଯାଇଥିଲେ।

## ହସ୍ତତନ୍ତ ଓ ହସ୍ତଶିଳ୍ପ ବିଭାଗ ସଚିବଙ୍କ ଭଦ୍ରକ ଜିଲ୍ଲା ଗସ୍ତ

ଭଦ୍ରକ,୩୦।୪(ସମିସ): ହସ୍ତତନ୍ତ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ସଚିବ ଗୁହା ପୁନମ୍ ତାପସ କୁମାର ଭଦ୍ରକ ଜିଲ୍ଲା ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସ୍ଥିତି ପର୍ଯ୍ୟବେକ୍ଷଣ କରିଛନ୍ତି। ଏହି ଅବସରରେ ଶ୍ରୀମତୀ ଗୁହା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଏଫ୍‌ଏସ୍‌ଟିପି ହରିପୁର, ଅନ୍ନପାଳ ଗ୍ରାମ ପଞ୍ଚାୟତରେ ଗ୍ରାମୀଣ ଆବାସ ଯୋଜନାର ହିତାଧିକାରୀଙ୍କ ଘର, ମା' ବାସୁଳେଇ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପରିଚାଳିତ ଫେୟାର ସପ୍, ଜନଗଣନା କାର୍ଯ୍ୟ, ବେତଡ଼ା ଗ୍ରାମର ପାଇପ୍ ଜଳ ଯୋଗାଣ ବ୍ୟବସ୍ଥା, ବାଗୁରାଇ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ୍ ଓ କୁଆଁସ ଶିଳ୍ପ ଗ୍ରାମ ପ୍ରଶିକ୍ଷଣ କେନ୍ଦ୍ର ପରିଦର୍ଶନ କରିଥିଲେ। ପରେ ସେ ନୂଆ ସର୍କିଟ୍ ହାଉସରେ ସିଏମ୍ କିଷାନ ହିତାଧିକାରୀଙ୍କ ସହ ମତବିନିମୟ କରିବା ସହ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କ ସହ ଏକ ସମୀକ୍ଷା ବୈଠକ କରିଥିଲେ। ଏହି ସମୀକ୍ଷା ବୈଠକରେ ଜିଲ୍ଲାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଓ ପ୍ରଗତି ସମ୍ପର୍କରେ ସମସ୍ତ ବିଭାଗୀୟ ଅଧିକାରୀମାନେ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ସମ୍ବନ୍ଧୀୟ ସୂଚନା ପ୍ରଦାନ କରିଥିଲେ। କମିଶନର ତଥା ସଚିବ ଶ୍ରୀମତୀ ଗୁହାଙ୍କ ଏହି ଗସ୍ତ ଜିଲ୍ଲାର ସମଗ୍ର ପ୍ରଗତିକୁ ଆହୁରି ତ୍ୱରାନ୍ୱିତ କରିବାରେ ଏକ ବହୁମୂଲ୍ୟ ପଦକ୍ଷେପ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି। ଶ୍ରୀମତୀ ଗୁହାଙ୍କ ଏହି ଗସ୍ତ ସମୟରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ ଓ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ଉପସ୍ଥିତ ଥିଲେ।

● ଭଦ୍ରକରେ ମହିଳା ଆୟୋଗଙ୍କ ଅଦାଲତ ଶିବିର

## ୩୨ ମାମଲା ଶୁଣାଣି; ୫ଟିର ଆପୋସ ସମାଧାନ




ଭଦ୍ରକ,୩୦।୪(ସମିସ): ରାଜ୍ୟ ମହିଳା ଆୟୋଗ ଅଧ୍ୟକ୍ଷା ଶୋଭନା ମହାନ୍ତି ଓ ସଦସ୍ୟା ପ୍ରତିଭା ଶତପଥୀଙ୍କ ନେତୃତ୍ୱରେ ଓଡ଼ିଶା ରାଜ୍ୟ ମହିଳା ଆୟୋଗର ଏକ ଟିମ୍ ଭଦ୍ରକ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଏକ କ୍ୟାମ୍ପ୍ କୋର୍ଟ ବା ଅଦାଲତ ଶିବିର ଆୟୋଜିତ ହୋଇଯାଇଛି। ରାଜ୍ୟ ମହିଳା ଆୟୋଗ ପକ୍ଷରୁ ଭଦ୍ରକ ଜିଲ୍ଲାରେ ଆୟୋଜିତ ଶିବିରରେ ମୋଟ୍ ୩୨ଟି ମାମଲା ଶୁଣାଣି ପାଇଁ ଧାର୍ଯ୍ୟ ହୋଇଥିଲା। ଏଥିରୁ ୨୨ଟି ମାମଲାରେ ପକ୍ଷମାନେ ଉପସ୍ଥିତ ହୋଇଥିଲେ। ୮ଟି ମାମଲାରେ ଉଭୟ ପକ୍ଷ, ୮ଟି ମାମଲାରେ କେବଳ ଆବେଦନକାରୀ ଏବଂ ୬ଟି ମାମଲାରେ କେବଳ ବିପକ୍ଷ ପକ୍ଷ ଉପସ୍ଥିତ ହୋଇଥିଲେ। ଶୁଣାଣି ସମୟରେ ୫ଟି ମାମଲାର ଆପୋସ ସମାଧାନ କରାଯାଇଥିବା ବେଳେ ୨ଟି ମାମଲାକୁ ପୁଲିସ ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟକୁ, ୨ଟି ମାମଲାକୁ ସୁରକ୍ଷା ଅଧିକାରୀଙ୍କ ନିକଟକୁ ଏବଂ ୧ଟି ମାମଲାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କ ନିକଟକୁ ପ୍ରେରଣ କରାଯାଇଥିଲା। ଅନ୍ୟାନ୍ୟ ୧୨ଟି ମାମଲାରେ ପୁନର୍ବାର ପକ୍ଷମାନଙ୍କ ଉପସ୍ଥିତି ପାଇଁ ନୋଟିସ୍ ଜାରି କରାଯାଇଥିଲା। ଏହି ଶିବିରରେ ନୂତନ ଭାବେ ୪ଟି ମାମଲା ଗ୍ରହଣ କରାଯାଇଛି। ଏଥିରେ ଭଦ୍ରକର ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ, ଅତିରିକ୍ତ ପୁଲିସ ଅଧୀକ୍ଷକ ବିଶ୍ୱପତି ପଣ୍ଡା, ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ ରୂପାଲି ମିତ୍ର ଓ ପ୍ରୋଟେକ୍ସନ୍ ଅଫିସର ସବିତା ବେହେରାଙ୍କ ଉପସ୍ଥିତିରେ ମୋଟ୍ ୩୨ଟି ମାମଲାର ଶୁଣାଣି କରାଯାଇଥିଲା।

## ପ୍ରହସନ ପାଲଟିଛି ଗୋଷ୍ଠୀ ପରିମଳ କେନ୍ଦ୍ର ନିର୍ମାଣ

# ଅପରିମଳ କେନ୍ଦ୍ରରେ ପରିଣତ ହେଲାଣି ପରିମଳ କେନ୍ଦ୍ର





ବନ୍ତ/ଆଗରପଡ଼ା,୩୦।୪(ସମିସ): ୨୦୨୦-୨୧ ଆର୍ଥିକ ବର୍ଷରେ ସରକାରଙ୍କ ତରଫରୁ ଗରିବ ରୋଜଗାର ଯୋଜନାରେ ଗୋଷ୍ଠୀ ପରିମଳ କେନ୍ଦ୍ରମାନ ନିର୍ମାଣ କରାଯାଇଥିଲା। ନିର୍ମାଣକୁ ୬ବର୍ଷ ପୂରି ଯାଇଥିଲେ ସୁଦ୍ଧା ୩ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣାଧୀନ କେନ୍ଦ୍ରଗୁଡ଼ିକ କାର୍ଯ୍ୟକ୍ଷମ ହୋଇପାରୁ ନ ଥିବାରୁ ଉକ୍ତ ଯୋଜନାର ସଫଳ ରୂପାୟଣକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବାବେଳେ ପରିମଳ କେନ୍ଦ୍ର ବର୍ତ୍ତମାନ ଅପରିମଳ କେନ୍ଦ୍ରରେ ପରିଣତ ହୋଇଥିବା ଦେଖିବାକୁ ମିଳିଛି। ଏହିପରି ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ୍ ଆଡ଼ିଆ ପଞ୍ଚାୟତର ଅଡାଳପଙ୍କ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ନିର୍ମିତ ଗୋଷ୍ଠୀ ପରିମଳ କେନ୍ଦ୍ରଠାରେ। ପୂର୍ବରୁ କାର୍ଯ୍ୟସ୍ଥଳୀ ନିକଟରେ ନିର୍ମିତ ଫଳକ ଗଡ଼ିପଡ଼ି ତଳେ ପଡ଼ିବା ପୂର୍ବରୁ ଏକ ଗଛ ଉପରେ ଶୋଇ ରହିବା ସହ ତା'ର ସୂଚନା ସବୁ ଲିଭିଯିବା ସହ ସୂଚନାଫଳକ ଏହାର ଅସ୍ତିତ୍ୱ ହରାଇ ବସିଥିଲା। ବର୍ତ୍ତମାନ ଏହାର ଭିତର ପରିବେଶକୁ ଦେଖିଲେ ପରିମଳ କେନ୍ଦ୍ର କାହା ସ୍ୱାର୍ଥରେ ନିର୍ମିତ ହୋଇଛି ବା ହୋଇଥିଲା ବୋଲି ମନରେ ପ୍ରଶ୍ନ ଉଙ୍କି ମାରୁଛି। ସରକାରଙ୍କ ଅର୍ଥ କିପରି ଅପବ୍ୟବହାର ହେଉଛି ତାହାର ଜ୍ୱଳନ୍ତ ଉଦାହରଣ ସୃଷ୍ଟି କରୁଛି ଉକ୍ତ ପରିମଳ କେନ୍ଦ୍ର। କୋ÷ଣସିଆଡୁ ଏହା ପରିମଳ କେନ୍ଦ୍ର ବୋଲି ଜଣାପଡୁନି। ପରିମଳ କେନ୍ଦ୍ର ନିମନ୍ତେ ବ୍ୟବହାର ହୋଇଥିବା ସମସ୍ତ ଜିନିଷ ବର୍ତ୍ତମାନ ନଷ୍ଟ ହୋଇ ତଳେ ପଡ଼ି ଅପରିଷ୍କାର ପରିବେଶ ସୃଷ୍ଟି କରୁଛି। କାର୍ଯ୍ୟକ୍ଷମ ହେବା ଆଗରୁ ଏହା ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳିଛି। ଉକ୍ତ ପରିମଳ କେନ୍ଦ୍ର ଏକ ପ୍ରମୁଖ ସ୍ଥାନରେ ନିର୍ମାଣ କରାଯାଇଥିଲେ ସୁଦ୍ଧା ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ନିଆ ନ ଯିବାରୁ ଏହା ନଷ୍ଟ ହେବା ସହ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ତେଣୁ ଏହାକୁ ପୁନଃ ମରାମତି କରିବା ସହ ବ୍ଲକ୍‌ର ଅନ୍ୟ କେନ୍ଦ୍ରର ପାରିପାର୍ଶ୍ୱିକ ଅବସ୍ଥାକୁ ଅନୁଧ୍ୟାନ କରିବାକୁ ବିଭିନ୍ନ ମହଲରୁ ଦାବି ହେଉଛି। ତେଣୁ ଉକ୍ତ ଯୋଜନା ନଷ୍ଟ ହେବା ସହ କାମଜକଲମରେ ସୀମିତ ହୋଇ ରହିଯିବା ଆଗରୁ କିପରି ସଫଳ ହୋଇପାରିବ ଏଥିପ୍ରତି ଦୃଷ୍ଟି ଦେବାକୁ ବିଭିନ୍ନ ପଞ୍ଚାୟତବାସୀଙ୍କ ପକ୍ଷରୁ ଦାବି ହେଉଛି।

## ବନ୍ଧ୍ୟାକରଣ ଅସ୍ତ୍ରୋପଚାର ପରେ ସନ୍ତାନ ଲାଭ

# ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପରେ ବି ମିଳୁନି କ୍ଷତିପୂରଣ

## ଧାମନଗରରେ ସରକାରୀ ନିୟମକୁ ବେଖାତିର୍

ଅସୁରାଳି,୩୦।୪(ସମିସ): ସରକାରୀ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଥିବା ତ୍ରୁଟି ଯୋଗୁଁ ଜଣେ ଗରିବ ମହିଳା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଚାନ୍ଦବାଲି ବ୍ଲକ୍ ସୁନ୍ଦରପୁର ପଞ୍ଚାୟତର ମନ୍ଦାକିନୀ ମଲ୍ଲିକ ପରିବାର ନିୟନ୍ତ୍ରଣ ପାଇଁ ବନ୍ଧ୍ୟାକରଣ ଅସ୍ତ୍ରୋପଚାର କରିଥିଲେ ମଧ୍ୟ ତାହା ବିଫଳ ହୋଇଥିଲା। ଅସ୍ତ୍ରୋପଚାରର ମାତ୍ର ୧୨ ମାସ ପରେ ସେ ପୁଣି ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ଏହି ଘଟଣାରେ ପୀଡ଼ିତାଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ ସ୍ଥାନୀୟ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ହେଁ, ଦୁର୍ଭାଗ୍ୟବଶତଃ ବର୍ଷେ ପରେ ବି ସେହି ସହାୟତା ମିଳିପାରି ନାହିଁ। ସୂଚନା ଅନୁଯାୟୀ, ମନ୍ଦାକିନୀଙ୍କ ଆର୍ôଥକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ। ପୂର୍ବରୁ ସନ୍ତାନ ଥିବା କାରଣରୁ ପରିବାରର ଭରଣପୋଷଣ ପାଇଁ ସେ ସରକାରୀ ନିୟମାନୁଯାୟୀ ବନ୍ଧ୍ୟାକରଣ କରିଥିଲେ। ମାତ୍ର ଡାକ୍ତରଙ୍କ ଅବହେଳା ଯୋଗୁଁ ସେ ପୁଣି ମାତୃତ୍ୱ ଲାଭ କରିବା ପରେ ତାଙ୍କ ପରିବାର ଉପରେ ଆର୍ôଥକ ବୋଝ ବଢ଼ିଯାଇଛି। ସରକାରୀ ଯୋଜନାରେ ଅସ୍ତ୍ରୋପଚାର ବିଫଳ ହେଲେ କ୍ଷତିପୂରଣର ପ୍ରାବଧାନ ରହିଛି। ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେବା ପରେ କ୍ଷତିପୂରଣ ମଞ୍ଜୁର କରିବାକୁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା।



କିନ୍ତୁ ବିଭାଗୀୟ ଟାଳଟୁଳ ନୀତି ଯୋଗୁଁ ହିତାଧିକାରୀ ଜଣକ ନିରାଶ ହୋଇ ଫେରୁଛନ୍ତି। ବାରମ୍ବାର ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଦୌଡ଼ି ଦୌଡ଼ି ପୀଡ଼ିତା ଏବେ ନୟାନ୍ତ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ବି ସ୍ୱାସ୍ଥ୍ୟ ବିଭାଗ ଗୁରୁତ୍ୱ ଦେଉନାହିଁ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଯଦି ଆଗାମୀ କିଛିଦିନ ମଧ୍ୟରେ କ୍ଷତିପୂରଣ ରାଶି ପ୍ରଦାନ କରା ନ ଯାଏ, ତେବେ ମନ୍ଦାକିନୀ ଆରଡ଼ି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

### ବାମନଘାଟିରେ ନାହିଁ ବୃହତ ଶିଳ୍ପ ଉଦ୍ୟୋଗ

# ଅଞ୍ଚଳରେ ବୃଦ୍ଧି ପାଉଛି ବେକାରୀ

ରାଇରଙ୍ଗପୁର,୩୦।୪(ସମିସ): ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାର ବାମନଘାଟି ଉପଖଣ୍ଡ ଲୌହ ଖଣିଜ ସମ୍ପଦରେ ପରିପୂର୍ଣ୍ଣ ଅଟେ। କିନ୍ତୁ ଏହାପରେ ମଧ୍ୟ ଜିଲ୍ଲାବାସୀ ତାଙ୍କ ହକ ପାଇବାରୁ ବଞ୍ଚିତ ରହିଛନ୍ତି। ବାମନଘାଟି ଉପଖଣ୍ଡରେ ବୃହତ ଶିଳ୍ପ ଉଦ୍ୟୋଗ ପ୍ରତିଷ୍ଠା ନହେବାରୁ ସ୍ଥାନୀୟ ଅଞ୍ଚଳର ଅଭିବୃଦ୍ଧି ଘଟିବା ସମ୍ଭବପର ହେଉନାହିଁ। ଦିନକୁ ଦିନ ବେରୋଜଗାରୀ ମାତ୍ରା ବୃଦ୍ଧି ପାଉଥିବା ବେଳେ ତାହାକୁ ନିୟନ୍ତ୍ରଣ କରିବା କଷ୍ଟକର ବ୍ୟାପାର ଅଟେ। ଶିଳ୍ପ ଅଭାବରୁ ନିଯୁକ୍ତି ନପାଇ ବେରୋଜଗାର ଯୁବକ ଓ ଯୁବତୀ ମାନେ ବାହାର ରାଜ୍ୟରେ ଦାଦନ ଖଟିବାକୁ ବାଧ୍ୟ ହେଉଛନ୍ତି। ତେଣୁକରି ବାମନଘାଟି ଉପଖଣ୍ଡରେ ବୃହତ ସରକାରୀ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ଭଞ୍ଜସେନା ପକ୍ଷରୁ ଦାବି ହୋଇଛି। ଏନେଇ ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ଏକ୍ସ ଯୋଗେ ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ ମନ୍ତ୍ରୀଙ୍କ ନିକଟରେ ଦାବି ଉପସ୍ଥାପନ କରିଛନ୍ତି। ନିକଟରେ ମୁଖ୍ୟମନ୍ତ୍ରୀ କେନ୍ଦୁଝର ଗସ୍ତ ଅବସରରେ କେନ୍ଦୁଝର ଜିଲ୍ଲାରେ ଦୁଇଟି ବୃହତ ଇସ୍ପାତ କାରଖାନା ପ୍ରତିଷ୍ଠା ହେବ ବୋଲି କହିଛନ୍ତି। ତେବେ କେନ୍ଦୁଝର ଜିଲ୍ଲାର ସଂଲଗ୍ନ ମୟୁରଭଞ୍ଜ ଜିଲ୍ଲାର ବାମନଘାଟି ଉପଖଣ୍ଡ ପାଇଁ କିଛି ଯୋଜନା ରୂପାୟନ ହେଇ ପାରୁନାହିଁ। ଯାହା ଫଳରେ ଖଣିଜ ସଂପଦରେ ଭରା ବାମନଘାଟିର ଉନ୍ନତି ସାଧିତ ହୋଇ ପାରୁନାହିଁ। ଗୋରୁମହିଶାଣୀ

### ବୃହତ ସରକାରୀ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ଭଞ୍ଜସେନାର ଦାବି

ଅଞ୍ଚଳରେ ଯେଉଁ ହାତ ଗଣତି ଶିଳ୍ପ ସଂସ୍ଥା ଗୁଡ଼ିକ ରହିଛନ୍ତି, ସେମାନେ ମନଇଚ୍ଛା କାମ କରୁଛନ୍ତି। ବାହାର ରାଜ୍ୟର ଲୋକଙ୍କୁ ଆଗ ନିଯୁକ୍ତି ଦେଉଛନ୍ତି। କିନ୍ତୁ ସ୍ଥାନୀୟ ଯୁବକ ଓ ଯୁବତୀଙ୍କୁ ରୋଜଗାର ପନ୍ଥା ମିଳୁନାହିଁ। ନିକଟରେ ଗୋରୁମହିଶାଣୀ ଅଞ୍ଚଳର କୁକୁଡିମୁଣ୍ଡି ଗ୍ରାମର ସିନଗୋ ହାଁସଦା ସ୍ଥାନୀୟ ଅଞ୍ଚଳରେ ନିଯୁକ୍ତି ସୁଯୋଗ ନପାଇ ଦାଦନ ଖଟିବା ପାଇଁ ବାହାର ରାଜ୍ୟକୁ ଯାଇଥିଲେ। ସେଠାରେ ତାଙ୍କୁ ନଜର ବନ୍ଦୀ କରି ରଖିଥିବାରୁ ଘରକୁ ପ୍ରତ୍ୟାବର୍ତ୍ତନ କରି ପାରୁନଥିଲେ। କୋଣସି ମତେ ୫ବର୍ଷ ପରେ ପରିବାର ଲୋକଙ୍କୁ ଯୋଗାଯୋଗ କରିବାରୁ ପୋଲିସ ହରିୟାଣାରୁ ତାଙ୍କୁ ଉଦ୍ଧାର କରି ଆଣିଛନ୍ତି। ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ଲୋକେ ନିର୍ଯ୍ୟାତନାର ଶିକାର ହୋଇ ଫେରୁଛନ୍ତି। ବାମନ ଘାଟି ଉପଖଣ୍ଡ ଖୋଦ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଞ୍ଚଳ ହୋଇଥିବା ସତ୍ତ୍ୱେ ବୃହତ ଲୌହ ଖଣିଜ ଶିଳ୍ପ ନାହିଁ। ସ୍ଥାନୀୟ ଅଞ୍ଚଳର ସମ୍ପଦ ବାହାର ରାଜ୍ୟକୁ ଚାଲାଣ ହେଉଥିବା ବେଳେ ବାମନ ଘାଟି ଉପଖଣ୍ଡ ଉପେକ୍ଷିତ ଅଟେ। ତେଣୁକରି ବାମନ ଘାଟି ଉପଖଣ୍ଡରେ ରାଜ୍ୟ ସରକାରଙ୍କ ପକ୍ଷରୁ ବୃହତ ସରକାରୀ ଉଦ୍ୟୋଗ ପ୍ରତିଷ୍ଠା କରିବାର ନିହାତି ଆବଶ୍ୟକ ଅଟେ। ଜିଲ୍ଲାବାସୀଙ୍କ ଉକ୍ତ ଦାବିକୁ ଦୃଷ୍ଟି ଦେବାକୁ ନିବେଦନ କରିଛନ୍ତି। ଜିଲ୍ଲାର ହକ ପାଇଁ ଭଞ୍ଜସେନା ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

### ଖୁଣ୍ଟା ଡିଗ୍ରୀ ମହାବିଦ୍ୟାଳୟରେ ଚାକିରି ନିୟମିତ ପାଇଁ ଠକେଇ

# ଥାନାରେ ମାମଲା ରୁଜୁ ପରେ ହେଉନି କାର୍ଯ୍ୟାନୁଷ୍ଠାନ

ବାରିପଦା,୩୦।୪(ସମିସ):




ଖୁଣ୍ଟା ଡିଗ୍ରୀ କଲେଜରେ ଦୁଇ କର୍ମଚାରୀଙ୍କ ଚାକିରିକୁ ନିୟମିତ କରିବା ପାଇଁ ଲକ୍ଷାଧିକ ଟଙ୍କା ଠକେଇ ଅଭିଯୋଗ ହୋଇଛି। କଲେଜର ଅଧ୍ୟକ୍ଷ ଦୁଇଜଣ କର୍ମଚାରୀଙ୍କଠାରୁ ୪ ଲକ୍ଷ ୩୦ ହଜାର ଟଙ୍କା ନେଇ ଚାକିରିକୁ ସ୍ଥାୟୀ କରିବା ପରିବର୍ତ୍ତେ ପ୍ରତାରଣା ପୂର୍ବକ ଅଶ୍ରାବ୍ୟ ଭାଷା ପ୍ରୟୋଗ କରୁଛନ୍ତି। ଯାହାକୁ ନେଇ ଅଭିଯୋଗକାରୀ ଖୁଣ୍ଟା ଥାନାରେ ଲିଖିତ ଅଭିଯୋଗ କରିଥିଲେ ହେଁ ୯ଦିନ ବିତିଥିଲେ ମଧ୍ୟ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଯାହାକୁ ନେଇ ଉଭୟ ଗୁରୁବାର ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ଅଭିଯୋଗପତ୍ର ପ୍ରଦାନ କରିଛନ୍ତି।

ସୂଚନା ମୁତାବକ, କଲେଜରେ ଅସ୍ଥାୟୀ କର୍ମଚାରୀ ?ଡସାହି ଥାନା ବୈଦପୁରର ଦିଲ୍ଲୀପ କୁମାର ସୋରେନ(ଦିବ୍ୟାଙ୍ଗ) ଓ ଲ୍ୟାବ ଆଟେଣ୍ଡାଣ୍ଟ କପ୍ତିପଦା ଥାନା ନୁଦଢିହାର ତପନ କୁମାର ଦଳେଇ ନିୟମିତ ଭାବେ କାର୍ଯ୍ୟ କରୁଥିଲେ। ଚାକିରୀକୁ ନିୟମିତ କରିବା ପାଇଁ ସରକାରଙ୍କ ନିୟମ ମୁତାବକ କାଗଜପତ୍ର ଦାଖଲ ସମ୍ପର୍କରେ ଅଧ୍ୟକ୍ଷ ସରୋଜ ରଞ୍ଜନ ତ୍ରିପାଠୀଙ୍କୁ ପଚାରିଥିଲେ। ଯାହାକୁ ନେଇ ସେ ପୂର୍ବରୁ ଚାକିରୀକୁ ସ୍ଥାୟୀ କରିବା ପାଇଁ ଜଣ ପିଛା ୫ଲକ୍ଷ ଟଙ୍କା ଦାବି କରିଥିଲେ। ଏଥିରେ ଅକ୍ଷମତା ପ୍ରକାଶ କରି ଦିଲ୍ଲୀପ ସୋରେନ ୧ଲକ୍ଷ ୮୦ହଜାର ଓ ତପନ ଦଳେଇ ୨ଲକ୍ଷ ୫୦ହଜାର ଟଙ୍କା ପ୍ରଦାନ କରିଥିଲେ। ମାତ୍ର ଟଙ୍କା ନେବା ପରେ ମଧ୍ୟ ଚାକିରୀ ନିୟମିତ ହେବାରେ ସମୟ ଅବିବାହିତ ହୋଇଥିଲା। ଏ ସମ୍ପର୍କରେ ବୁଝାସୁଝା କରିବାରୁ ଅଧ୍ୟକ୍ଷ ତ୍ରିପାଠୀ ଉଭୟଙ୍କୁ ଜାତିଆଣ ଗାଳିଗୁଲଜ ଏବଂ ଅଶ୍ରାବ୍ୟ ଭାଷା ପ୍ରୟୋଗ କରିଥିଲେ। ନିରୁପାୟ ହୋଇ ଉଭୟ ଖୁଣ୍ଟା ଥାନାରେ ଲିଖିତ ଅଭିଯୋଗ କରିଥିଲେ ହେଁ ପୁଲିସ କୌଣସି ପଦକ୍ଷେପ ଗ୍ରହଣ କରିନାହିଁ। ଏ ସଂକ୍ରାନ୍ତରେ ଖୁଣ୍ଟା ଥାନାଅଧିକାରୀ ଆଦିତ୍ୟ

### ଏସପିଙ୍କୁ ଭେଟିଲେ ଅଭିଯୋଗକାରୀ

ଜେନା କହନ୍ତି, କଲେଜ ପରିଚାଳନା କମିଟିରେ ସମସ୍ୟା ସମାଧାନ କରାଯିବ ବୋଲି ସଦସ୍ୟ କହିଛନ୍ତି। ଏଣୁ ଆପୋଷ ସମାଧାନ ପାଇଁ ଅପେକ୍ଷା କରାଯାଇଛି। ସେହିପରି କଲେଜ ଅଧ୍ୟକ୍ଷ ତ୍ରିପାଠୀଙ୍କୁ ପଚାରିବାରୁ କହନ୍ତି, ଅଭିଯୋଗ ଭିତ୍ତିହୀନ ଓ ସମ୍ପୂର୍ଣ୍ଣ ମିଥ୍ୟା। ତେବେ ଟଙ୍କା ଫେରସ୍ତ ନେଇ ଅଧ୍ୟକ୍ଷ ତ୍ରିପାଠୀଙ୍କ ବାର୍ତ୍ତାଳାପ ଅଭିଯୋଗକାରୀଙ୍କ ମୋବାଇଲ ରେକର୍ଡିଂ ପ୍ରମାଣ ଭାବେ ଉଭୟେ ରଖିଛନ୍ତି।

## ଅଣଆବାସିକ ଗ୍ରୀଷ୍ମକାଳୀନ କ୍ରୀଡ଼ା ପ୍ରଶିକ୍ଷଣ

ବାରିପଦା,୩୦।୪(ସମିସ): ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ଓ ଜିଲ୍ଲା ପ୍ରଶାସନ ମୟୂରଭଞ୍ଜଙ୍କ ତତ୍ତ୍ୱାବଧାନରେ ଆସନ୍ତା ୧ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ସକାଳ ୬.୩୦ରୁ ୮.୩୦ ଘଟିକା ଓ ସନ୍ଧ୍ୟା ୪.୩୦ରୁ ୬.୩୦ ଘଟିକା ପର୍ଯ୍ୟନ୍ତ ମୟୂରଭଞ୍ଜ ଜିଲ୍ଲାରେ ଅଣଆବାସିକ ଗ୍ରୀଷ୍ମକାଳୀନ କ୍ରୀଡ଼ାଭିତ୍ତିକ ପ୍ରଶିକ୍ଷଣ ଶିବିର ହେବାକୁ ସ୍ଥିର ହୋଇଛି। ଫୁଟବଲ, ବ୍ୟାଡମିଣ୍ଟନ, ଭାରୋତ୍ତୋଳନ ଓ ହକିରେ ରୁଚି ରଖୁଥିବା ୮ରୁ ୧୬ ବର୍ଷର ବାଳକ ଓ ବାଳିକା ଏଥିରେ ଅଂଶଗ୍ରହଣ କରିପାରିବେ। ଏଥିରେ ଅଂଶଗ୍ରହଣ କରିବା ନିମନ୍ତେ ଇଚ୍ଛୁକ ଖେଳାଳି ଅଫଲାଇନ୍ ମାଧ୍ୟମରେ ଆବେଦନ କରିପାରିବେ। ଉକ୍ତ ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିବା ଖେଳାଳିଙ୍କୁ ଉପଯୁକ୍ତ ତାଲିମପ୍ରାପ୍ତ ପ୍ରଶିକ୍ଷକ ପ୍ରଶିକ୍ଷଣ ପ୍ରଦାନ କରିବେ।

## 'ଜଳବାୟୁ ଅନିଶ୍ଚିତତା ଯୁଗରେ କୃଷି' ଶୀର୍ଷକ ଆଲୋଚନାଚକ୍ର



ବାରିପଦା, ୩୦।୪(ସମିସ): ସରକାରୀ ମହିଳା ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗ ପକ୍ଷରୁ 'ଜଳବାୟୁ ଅନିଶ୍ଚିତତା ଯୁଗରେ କୃଷି' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ ସାଗରିକା ସିଂହଙ୍କ ସଭାପତିତ୍ୱରେ କରିଥିଲେ। ଏହି ଆଲୋଚନାଚକ୍ରରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗ ସହକାରୀ ପ୍ରଫେସର ଡ ବିଷ୍ଣୁପ୍ରିୟା ହାଁସଦା ଯୋଗଦେଇ ଜଳବାୟୁର ଅନିଶ୍ଚିତତା କିପରି ଭାରତୀୟ କୃଷି ଉପରେ ସୁଦୂରପ୍ରସାରୀ ପ୍ରଭାବ ପଡୁଛି, ତାହା ସମ୍ପର୍କରେ ବିଶଦ ଭାବେ ଆଲୋଚନା କରିଥିଲେ। ଜଳବାୟୁ ପରିବର୍ତ୍ତନ ଆଗାମୀ ଦିନରେ ଖାଦ୍ୟ ସଂକଟକୁ ଗୁରୁତର ଭାବରେ ପ୍ରଭାବିତ କରିବା ସହିତ କୃଷି ଓ କୃଷକଙ୍କ ପାଇଁ ଆହ୍ୱାନ ସୃଷ୍ଟି କରିବ ବୋଲି କହିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ନିଜର ସ୍ୱାଗତ ଅଭିଭାଷଣରେ ଭାରତର କୃଷି କ୍ଷେତ୍ର ଜଳବାୟୁ ପରିବର୍ତ୍ତନର ପ୍ରଭାବ ଯୋଗୁଁ କ୍ଷତିଗ୍ରସ୍ତ ହେବା ସହିତ ଅନ୍ୟ ସମସ୍ତ ସମସ୍ୟାର କାରଣ ଭାବରେ ମୁଣ୍ଡ ଟେକିବ ବୋଲି କହିଥିଲେ। ଏଥିସହିତ କେବଳ ଜୟ ଯବାନ, ଜୟ କିସାନ- ନାରା ମଧ୍ୟରେ ସୀମିତ ନ ରହି କୃଷକମାନଙ୍କର କୃଷିକାର୍ଯ୍ୟ ସଂପର୍କିତ ସମସ୍ୟାଗୁଡିକର ଯଥା ସମୟରେ ସମାଧାନ କରିବାରେ ଆବଶ୍ୟକ ପଦକ୍ଷେପ ନିଆଗଲେ, ଭାରତ ବଳକା ଖାଦ୍ୟର ଦେଶ ଭାବେ ପରିଣତ ହୋଇପାରିବ ବୋଲି ଆଶାବ୍ୟକ୍ତ କରିଥିଲେ। ଉଦ୍ଭିଦ ବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ସୁଶ୍ରୀ ଶୁଭସ୍ମିତା ସିଂ କାର୍ଯ୍ୟକ୍ରମ ଆରମ୍ଭରେ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭାଗର ଅଧ୍ୟାପିକା ଅଙ୍କିତା ମାହାନା ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ ଜଣାଇଥିବାବେଳେ ବିଭାଗୀୟ ଅଧ୍ୟାପିକା ପ୍ରତିଜ୍ଞା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି ଆଲୋଚନାଚକ୍ରରେ ଉଦ୍ଭିଦ ବିଜ୍ଞାନ ବିଭାଗର ସମସ୍ତ ଶ୍ରେଣୀର ଛାତ୍ରୀମାନେ ଉପସ୍ଥିତ ରହି ଆଲୋଚିତ ବିଷୟବସ୍ତୁ ସଂପର୍କରେ ନିଜ ନିଜ ଜିଜ୍ଞାସାକୁ ବୃଦ୍ଧି କରାଇବାରେ ସହାୟକ ହୋଇଥିଲେ।

## ବଜ୍ରପାତରେ ଘର ଭାଙ୍ଗିଲା; ବର୍ତ୍ତିଲେ ପରିବାର ଲୋକେ



ତୁରୁମୁଙ୍ଗା, ୩୦।୪(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ ଅଞ୍ଚଳରେ ଗତକାଲି ହଠାତ୍ ବର୍ଷା ପବନ ସାଙ୍ଗକୁ ବଜ୍ରପାତ ହୋଇଥିଲା। ବଜ୍ରପାତରେ ଆଙ୍କୁରା ଝପା ସାହିର ସାଗର ପାତ୍ରଙ୍କ ୫ ବଖରା ଘରର କାନ୍ଥ ଫାଟିଯିବା ସହ ଆଜବେଷ୍ଟସ୍ ଛପର ଭାଙ୍ଗିପଡ଼ିଛି। ଏଥିସହ ଘର ଭିତରର ଆସବାବପତ୍ର, ବିଦ୍ୟୁତ ମିଟର ଏବଂ ଇଲେକ୍ଟ୍ରିକ୍ ସ୍ୱିଚ ବୋର୍ଡ ପୋଡିଯାଇଛି। ଘରର ଭିତର ଓ ବାହାର ଭାଗ କ୍ଷତି ସୃଷ୍ଟି ହୋଇଥିବା ବେଳେ ସୌଭାଗ୍ୟବଶତଃ ପରିବାର ଲୋକେ ଘର ଭିତରେ ଥିଲେ ମଧ୍ୟ କେହି ଆହତ ହୋଇନାହାନ୍ତି। ଅଳ୍ପକେ ବର୍ତ୍ତିଯାଇଛନ୍ତି। ପ୍ରଶାସନ ପକ୍ଷରୁ ଶୀଘ୍ର କ୍ଷତିପୂରଣ ଓ ସହାୟତା ଯୋଗାଇଦେବାକୁ ଦାବି ହୋଇଛି।

## ପଣ୍ଡିତ ରଘୁନାଥ ମୁର୍ମୁଙ୍କୁ ଭାରତ ରତ୍ନ ଓ ସାନ୍ତାଳୀକୁ ଦ୍ୱିତୀୟ ରାଜ୍ୟ ଭାଷା ଦାବି



ବାରିପଦା, ୩୦।୪(ସମିସ): ସାନ୍ତାଳୀ ଭାଷା ଅଲଚିକି ଲିପିର ଶହେ ବର୍ଷ ପୂର୍ତ୍ତି ଅବସରରେ ସାନ୍ତାଳୀ ଲିପିର ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁଙ୍କୁ ଭାରତ ରତ୍ନ ପ୍ରଦାନ ସହ ସାନ୍ତାଳୀ ଭାଷାକୁ ଓଡ଼ିଶାର ଦ୍ୱିତୀୟ ରାଜ୍ୟ ଭାଷା ମାନ୍ୟତା ପାଇଁ ମାସାଆର୍ମୀ ପକ୍ଷରୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଇଛି। ସାନ୍ତାଳୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ କେନ୍ଦ୍ର ସରକାର ୨୦୦୩ ଡିସେମ୍ବର ୨୨ ତାରିଖ ଦିନ ସ୍ୱୀକୃତି ଦେଇଛନ୍ତି। ସେବେଠାରୁ ଭାରତର ବିଭିନ୍ନ ରାଜ୍ୟରେ ସାନ୍ତାଳୀ ଭାଷାରେ ପଢାପଢି ଚାଲିଛି। ଝାଡ଼ଖଣ୍ଡ ସରକାର ସାନ୍ତାଳୀ ଭାଷାକୁ ଦ୍ୱିତୀୟ ରାଜ୍ ଭାଷାର ମାନ୍ୟତା ଦେଇଥିବାବେଳେ ପଶ୍ଚିମବଙ୍ଗ ସରକାର ମଧ୍ୟ ସାନ୍ତାଳୀ ଭାଷାକୁ ଦ୍ୱିତୀୟ ରାଜ୍ୟ ଭାଷା ଭଳି ସମ୍ମାନ ଦେଇଛନ୍ତି। କିନ୍ତୁ ଦୁଃଖର କଥା ଓଡିଶା ରାଜ୍ୟର ମୟୂରଭଞ୍ଜ ଜିଲ୍ଲାରୁ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଦ୍ୱାରା ସାନ୍ତାଳୀ ଭାଷାର ଲିପି ସୃଷ୍ଟି ହୋଇଥିଲେ ସୁଧା ଓଡିଶା ସରକାର କିନ୍ତୁ ଏ ପର୍ଯ୍ୟନ୍ତ ସାନ୍ତାଳୀ ଭାଷାକୁ ଦ୍ୱିତୀୟ ରାଜ୍ ଭାଷାର ମାନ୍ୟତା ଦେଇନାହାନ୍ତି କ୍ଷ ମାସାଆର୍ମୀ ସଂଗଠନ ପକ୍ଷରୁ ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡିଙ୍କ ନେତୃତ୍ୱରେ ବିଗତ ୨୦୦୮-୦୯ରୁ ବହୁ ଆନ୍ଦୋଳନ ପରେ ଯଦିଓ ମୟୂରଭଞ୍ଜର ବିଶ୍ୱ ବିଦ୍ୟାଳୟ ଏବଂ ସ୍ୱୟଂ ଶାସିତ ମହାବିଦ୍ୟାଳ ସମେତ କିଛି ମହା ବିଦ୍ୟାଳୟ ଗୁଡାକରେ ସାନ୍ତାଳୀ ଭାଷାରେ ପାଠ୍ୟକ୍ରମ ଖୋଲା ଯାଇଥିବା ବେଳେ ବାଲେଶ୍ୱରର କେବଳ ଗୋଟିଏ ସ୍ୱୟଂ ଶାସିତ ମହାବିଦ୍ୟାଳରେ ପାଠ୍ୟକ୍ରମ ଖୋଲାଯାଇଛି କ୍ଷ ତେଣୁ ସାନ୍ତାଳୀ ଭାଷାକୁ ଓଡିଶାର ଦ୍ୱିତୀୟ ରାଜ୍ ଭାଷାର ମାନ୍ୟତା ସହ ଓଡିଶାରେ କେଜିରୁ ପିଜି, ପିଏଚଡି ପର୍ଯ୍ୟନ୍ତ ପାଠ୍ୟକ୍ରମ ଖୋଲା ଯିବାକୁ ମାସା ଆର୍ମୀ ପକ୍ଷରୁ ଦୃଢ ଦାବି କରାଯାଇଛି କ୍ଷ ପଣ୍ଡିତ ରଘୁନାଥ ମୁର୍ମୁଙ୍କୁ ଭାରତ ରତ୍ନ ଓ ସାନ୍ତାଳୀ ଭାଷାକୁ ଓଡିଶାର ଦ୍ୱିତୀୟ ରାଜ୍ ଭାଷାର ମାନ୍ୟତା ପ୍ରଦାନ କରା ନ ଗଲେ ଆଗକୁ ଦାବି ହାସଲ ନିମନ୍ତେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ମାସାଆର୍ମୀ ସଂଗଠନ ପକ୍ଷରୁ କୁହାଯାଇଛି।

## ମୟୂରଭଞ୍ଜରେ ଖୁଚୁରା ସାର ବ୍ୟବସାୟୀଙ୍କ ଧର୍ମଘଟ

ବାରିପଦା, ୩୦।୪(ସମିସ): ସାରର ଉଚିତ୍ ମୂଲ୍ୟ ନିର୍ଦ୍ଧାରଣ ଓ ଅନାବଶ୍ୟକ ଟ୍ୟାଗିଂ ପ୍ରଥାର ସମାଧାନ ଦାବିରେ ମୟୂରଭଞ୍ଜ ଜିଲ୍ଲାର ଖୁଚୁରା ସାର ବ୍ୟବସାୟୀ ଗୁରୁବାରଠାରୁ ଆନ୍ଦୋଳନ ଆରମ୍ଭ କରିଛନ୍ତି। ମୟୂରଭଞ୍ଜ ଓ ବାମନଘାଟି ଫର୍ଟିଲାଇଜର ରିଟେଲର୍ସ ୟୁନିଅନ ପକ୍ଷରୁ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ, ଜିଲ୍ଲାର ସମସ୍ତ ଖୁଚୁରା ଦୋକାନରେ ସାର ବିକ୍ରି ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିବ। ୟୁନିଅନର ପ୍ରତିନିଧି ଜିଲ୍ଲା କୃଷି ଅଧିକାରୀ ଲୋକନାଥ ମିଶ୍ରଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସାର ପରିବହନ ଖର୍ଚ୍ଚ କ୍ରମାଗତ ଭାବେ ବଢୁଥିବାବେଳେ ସରକାରୀ ନିର୍ଦ୍ଧାରିତ ମାର୍ଜିନ (ଲାଭ) ଅତ୍ୟନ୍ତ କମ୍ ରହୁଛି। ଏହା ଖୁଚୁରା ବ୍ୟବସାୟୀଙ୍କ ପାଇଁ ଆର୍ଥିକ କ୍ଷତି ସୃଷ୍ଟି କରୁଛି। ସେହିପରି ହୋଲସେଲର୍ ୟୁରିଆ ସହିତ ଅନ୍ୟାନ୍ୟ କମ୍ପ୍ଲେକ୍ସ ସାରକୁ ବାଧ୍ୟତାମୂଳକ ଭାବେ ଟ୍ୟାଗିଂ କରି ବିକ୍ରି କରୁଛନ୍ତି। ଫଳରେ ଖୁଚୁରା ବ୍ୟବସାୟୀ ଅନାବଶ୍ୟକ ସାର କିଣିବାକୁ ପଡୁଛି ଓ ଆର୍ଥିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସମଗ୍ର ଜିଲ୍ଲାରେ ସାର ବିକ୍ରି ପାଇଁ ଏକ ସମାନ ଓ ସୁବିଧାଜନକ ମୂଲ୍ୟ ଧାର୍ଯ୍ୟ କରିବାକୁ ୟୁନିଅନ ଦାବି କରିଛି। ୟୁନିଅନ ପକ୍ଷରୁ ଚେତାବନୀ ଦିଆଯାଇଛି ଯେ, ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ସମସ୍ତ ଖୁଚୁରା ଦୋକାନୀ ସାର ଉଠାଇବା ଓ ବିକ୍ରି କରିବା ପ୍ରକ୍ରିୟାରୁ ସମ୍ପୂର୍ଣ୍ଣ ଭାବେ ନିବୃତ୍ତ ରହିବେ। ଏହି ଆନ୍ଦୋଳନ ଜାରି ରହିଲେ ଆଗାମୀ ଦିନରେ ମୟୂରଭଞ୍ଜ ଜିଲ୍ଲାର ଚାଷୀଙ୍କ ଚାଷ କାର୍ଯ୍ୟ ବ୍ୟାପକ ଭାବେ ପ୍ରଭାବିତ ହେବାର ଆଶଙ୍କା ରହିଛି। ବିଶେଷକରି ଖରିଫ ଚାଷ ପାଇଁ ସାର ସମୟମତ ଯୋଗାଣ ନହେଲେ ଉତ୍ପାଦନ ଉପରେ ଖରାପ ପ୍ରଭାବ ପଡ଼ିପାରେ। ଜିଲ୍ଲା କୃଷି ଅଧିକାରୀ ଲୋକନାଥ ମିଶ୍ରଙ୍କ ସହ ଆଲୋଚନା ପରେ କେଉଁ ପଦକ୍ଷେପ ନିଆଯିବ ସେ ଦିଗରେ ସମସ୍ତଙ୍କ ନଜର ରହିଛି। ଦାବିପତ୍ର ପ୍ରଦାନ



ବେଳେ ଫର୍ଟିଲାଇଜର ରିଟେଲର ୟୁନିଅନର ଜିଲ୍ଲା ସଭାପତି ପ୍ରବୋଧ କୁମାର ଦଣ୍ଡପାଟଙ୍କ ନେତୃତ୍ୱରେ ଅଭିମନ୍ୟୁ ସାହୁ ଗଦାଧର ସାହୁ, ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ବିକାଶ କୁମାର ନାୟକ, ତାପସ ବେହେରା, ସଞ୍ଜୟ ବେହେରା, ବୈଦ୍ୟନାଥ ମହାନ୍ତ, ସଞ୍ଜୟ ନାଏକ, ଅକ୍ଷୟ ଗିରି, ଜାନକୀ ଅଗ୍ରୱାଲ, ମନୋଜ କୁମାର ସାହୁ, ଦିଲ୍ଲୀପ କୁମାର ବେହେରା, ପ୍ରଭାକର ସାନ୍ତରା, ଦୁର୍ଗା ନାୟକ, ପ୍ରିୟନାଥ ମହାନ୍ତ, ଅମୀର କୁମାର ସାହୁ, ଗଜେନ୍ଦ୍ର ମହାନ୍ତ, ଦୀପକ ରାଉତ, ବୀରେନ୍ଦ୍ର କୁମାର ଗିରି, ଦିବ୍ୟରଞ୍ଜନ ମହାପାତ୍ର, ଅଭିଜିତ ପତି, ବାବି ଧଡ଼ା, ରାଜେନ୍ଦ୍ର ବସା ପ୍ରମୁଖ ଉପସ୍ଥିତ ଥିଲେ। ବ୍ୟବସାୟୀମାନେ ଆଶା କରୁଛନ୍ତି ଯେ ପ୍ରଶାସନ ଶୀଘ୍ର ସମସ୍ୟାର ସମାଧାନ ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ।

### ● ବାରିପଦା ଅର୍ବାନ କୋ-ଅପରେଟିଭ ବ୍ୟାଙ୍କ ଋଣ ଦୁର୍ନୀତି ମାମଲା

## ପୂର୍ବତନ ଶାଖା ପରିଚାଳକଙ୍କ ସମେତ ୪ ଜଣଙ୍କୁ ୩ବର୍ଷ ଲେଖାଏଁ ଜେଲ୍‌ଦଣ୍ଡ

ବାରିପଦା,୩୦।୪(ସମିସ): ବାରିପଦା ଅର୍ବାନ କୋ-ଅପରେଟିଭ ବ୍ୟାଙ୍କ ରାଇରଙ୍ଗପୁର ଶାଖାରେ ହୋଇଥିବା ବହୁଚର୍ଚ୍ଚିତ ଋଣ ଜାଲିଆତି ମାମଲାରେ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଗୁରୁବାର ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଣି କରିଛନ୍ତି। ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ବିଚାରପତି ପୂର୍ଣ୍ଣିମା ଜେନା ବ୍ୟାଙ୍କର ପୂର୍ବତନ ଶାଖା ପରିଚାଳକ ଓ ସଭାପତିଙ୍କ ସମେତ ୪ ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ପ୍ରତ୍ୟେକଙ୍କୁ ୩ ବର୍ଷ କାରାଦଣ୍ଡ ସହ ୫୦ ହଜାର ଟଙ୍କା ଜରିମାନା ଓ ଅନାଦେୟ ଅତିରିକ୍ତ ୩ ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ପ୍ରକାଶ କରିଛନ୍ତି। ସେମାନେ ହେଲେ ରାଇରଙ୍ଗପୁର ଶାଖାର ପୂର୍ବତନ ଶାଖା ପରିଚାଳକ ଆଶୁତୋଷ ମହାନ୍ତି, ପୂର୍ବତନ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କାନ୍ତିଲାଲ ମୁଗ୍ରୀ, ବାରିପଦା ଅର୍ବାନ କୋ-ଅପରେଟିଭ ବ୍ୟାଙ୍କର ପୂର୍ବତନ ସଭାପତି କୃପାସିନ୍ଧୁ ମହାନ୍ତ ଓ ରାଇରଙ୍ଗପୁର ଅଞ୍ଚଳର ଋଣଗ୍ରହିତା ସଲିଲ ଅଗ୍ରୱାଲ।

୨୦୧୨ ମସିହାରେ ହୋଇଥିବା ଏହି ଦୁର୍ନୀତି ମାମଲାରେ ବ୍ୟାଙ୍କ ଅଧିକାରୀମାନେ ଜାଲ୍ କାଗଜପତ୍ର ଆଧାରରେ ପ୍ରାୟ ୧୫,୫୮,୯୨୬ ଟଙ୍କାର ଋଣ ମଞ୍ଜୁର କରି ବ୍ୟାଙ୍କକୁ ଆର୍ଥିକ କ୍ଷତି ପହଞ୍ଚାଇଥିଲେ। ବାଲେଶ୍ୱର ଭିଜିଲାନ୍ସ ପୁଲିସ ଏହି ମାମଲାର (କେସ ନଂ-୩୪/୨୦୧୨) ତଦନ୍ତ କରି କୋର୍ଟରେ ଚାର୍ଜସିଟ୍ ଦାଖଲ କରିଥିଲା। ସମସ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଆଧାର କରି ଉପରୋକ୍ତ ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ରାୟ ପ୍ରକାଶ ପାଇବା ପରେ ଅଭିଯୁକ୍ତମାନଙ୍କ ପକ୍ଷରୁ କରାଯାଇଥିବା ଆବେଦନ ଆଧାରରେ ଅଦାଲତ ସେମାନଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ଭିଜିଲାନ୍ସ ପକ୍ଷରୁ ପୂର୍ବତନ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କାନ୍ତିଲାଲ୍ ମୁଗ୍ରୀଙ୍କ ସମ୍ପୂର୍ଣ୍ଣ ପେନସନ ବନ୍ଦ କରିବା ପାଇଁ କର୍ତ୍ତୃପକ୍ଷଙ୍କ ପାଖରେ ପ୍ରସ୍ତାବ ପଠାଯିବ ବୋଲି ଜଣାପଡ଼ିଛି। ଏହି ମାମଲାଟିକୁ ସରକାରୀ ଓକିଲ ଶାନ୍ତନୁ କୁମାର ଦାଶ ପରିଚାଳନା କରୁଥିଲେ।

## କପ୍ତିପଦା ଶିଶୁମନ୍ଦିର ଛାତ୍ରଙ୍କ ସଫଳତା



କପ୍ତିପଦା,୩୦।୪ (ସମିସ): ଶିକ୍ଷା ବିକାଶ ସମିତି ପକ୍ଷରୁ ଆୟୋଜିତ ଶ୍ରୀଭାରତୀ କୃଷ୍ଣ ଗଣିତ ପ୍ରତିଭା ପରୀକ୍ଷା ଓ ପ୍ରାଦେଶିକ ମେଧା ପରୀକ୍ଷାରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର କପ୍ତିପଦାର ଛାତ୍ର ବିଭିନ୍ନ ସ୍ତରରେ କୃତିତ୍ୱ ଅର୍ଜନ କରିଛନ୍ତି। ପ୍ରାଦେଶିକ ମେଧା ପରୀକ୍ଷାରେ ତୃତୀୟ ଶ୍ରେଣୀର ଏ.କେ. ମୟଙ୍କଶୁ ଗାଁଣ ସାରା ଓଡ଼ିଶାରେ ଷଷ୍ଠ ସ୍ଥାନ ଓ ଦିବ୍ୟାଂଶୁ ସଉ ସାରା ଓଡ଼ିଶାରେ ନବମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଶ୍ରୀଭାରତୀ କୃଷ୍ଣ ଗଣିତ ପ୍ରତିଭା ପରୀକ୍ଷାରେ ଦିବ୍ୟାଂଶୁ ସଉ ତୃତୀୟ ସ୍ଥାନ, ଏ. କେ. ମୟଙ୍କଶୁ ଗାଁଣ ଷଷ୍ଠ ସ୍ଥାନ ଓ ସପ୍ତମ ଶ୍ରେଣୀର ଛାତ୍ର ରବି ଶଙ୍କର ହାତୀ ପଞ୍ଚମ ସ୍ଥାନ ଅଧିକାର କରି ବିଦ୍ୟାଳୟ ପାଇଁ ଗୌରବ ଆଣି ପାରିଛନ୍ତି।

## ରାସଗୋବିନ୍ଦପୁର ପୁଲିସ ପକ୍ଷରୁ ଆଇନ ସଚେତନତା

ରାସଗୋବିନ୍ଦପୁର,୩୦।୪(ସମିସ): ଆମ ପୁଲିସ ସମିତି ରାସଗୋବିନ୍ଦପୁର ପକ୍ଷରୁ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଥାନା ଆଇଆଇସି ପଦ୍ମଲୋଚନ ପାଣିଗ୍ରାହୀ, ଏଏସଆଇ ସଞ୍ଜୟ କୁମାର ନାୟକ, ଏଏସଆଇ ମଞ୍ଜୁଲତା ବେହେରା ଓ ଏଏସଆଇ ନିଶିକାନ୍ତ ସାମଲ ଉପସ୍ଥିତ ଥିଲେ। ଏହି ଅବସରରେ ସେମାନେ ନୂତନ ଆଇନ (ଭାରତୀୟନ୍ୟାୟସଂହିତା) ଓ (ଭାରତୀୟନାଗରିକସୁରକ୍ଷାସଂହିତା) ବିଷୟରେ ସ୍ଥାନୀୟଲୋକଙ୍କୁ ସବିଶେଷ ଜଣାଇଥିଲେ। ଆଇନର ମୁଖ୍ୟ ବିଧାନ, ଦଣ୍ଡବିଧିର ପରିବର୍ତ୍ତନ ଓ ଲୋକମାନେ କେମିତି ଏହାର ଲାଭ ନେବେ, ସେ ବିଷୟରେ ସହଜ ଭାବରେ ବୁଝାଇଥିଲେ। ପୁଲିସ ଅଧିକାରୀ ଲୋକମାନଙ୍କୁ ଆଇନ ପ୍ରତି ସଚେତନ ହେବା ସହ ଯେକୌଣସି ଅପରାଧ ସମ୍ପର୍କିତ ଘଟଣା ତୁରନ୍ତ ପୋଲିସକୁ ଜଣାଇବାକୁ ଆହ୍ୱାନ କରିଥିଲେ। ଏହି କାର୍ଯ୍ୟକ୍ରମ ଦ୍ୱାରା ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆଇନ ସଚେତନତା ବୃଦ୍ଧି ପାଇଥିବା ନେଇ ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

## କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ସନ୍ତୁଳିତ ସାରର ବ୍ୟବହାର ପ୍ରଶିକ୍ଷଣ ଶିବିର

ବାରିପଦା, ୩୦।୪(ସମିସ): କୃଷି ବିଜ୍ଞାନ କେନ୍ଦ୍ର, ମୟୂରଭଞ୍ଜ-୧ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲା ଶ୍ୟାମାଖୁଣ୍ଟା ବ୍ଲକରେ ସନ୍ତୁଳିତ ସାରର ବ୍ୟବହାର ଶୀର୍ଷକ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର ବିଶେଷଜ୍ଞମାନେ ଚାଷୀମାନଙ୍କୁ ମାଟିର ଉର୍ବରତା ବଜାୟ ରଖିବା ପାଇଁ ରାସାୟନିକ ଓ ଜୈବିକ ସାରର ସନ୍ତୁଳିତ ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। ଅତ୍ୟଧିକ ସାର ବ୍ୟବହାର ଦ୍ୱାରା ମୃତ୍ତିକାର ହେଉଥିବା କ୍ଷତି ଏବଂ କମ୍ ଖର୍ଚ୍ଚରେ କିପରି ଅଧିକ ଅମଳ କରାଯାଇପାରିବ, ସେ ସମ୍ପର୍କରେ ଚାଷୀମାନଙ୍କୁ ସଚେତନ କରାଯାଇଥିଲା। ଏହି ପ୍ରଶିକ୍ଷଣରେ ଗ୍ରାମର ଅନେକ ମହିଳା ଓ ପୁରୁଷ ଚାଷୀ ଯୋଗଦେଇ ନିଜ ନିଜର ସମସ୍ୟା ବିଷୟରେ ଆଲୋଚନା କରିବା ସହ ସାର ପ୍ରୟୋଗର ସଠିକ ପ୍ରଣାଳୀ ବିଷୟରେ ଶିକ୍ଷା କରିଥିଲେ।

## ବ୍ଲକ୍‌ସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି

ଶୁଳିଆପଦା, ୩୦।୪(ସମିସ): ଶୁଳିଆପଦା ବ୍ଲକ ସମ୍ମିଳନୀ କକ୍ଷରେ ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଓ ଶୁଳିଆପଦା ବ୍ଲକର ମନରେଗା ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସମୀକ୍ଷା ବୈଠକରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା, ଡିଏସ୍‌ଏ ସୀମା ଦାସ, ବିଏସସି ହରାଧନ ମାଝୀ, ବିଡିଓ ଲକ୍ଷ୍ମୀସାଗର ମାଝୀ, ବ୍ଲକ୍ ଚେୟାରମ୍ୟାନ ପାନମଣି ମାର୍ଣ୍ଡି, ଭାଇସ ଚେୟାରମ୍ୟାନ ଜ୍ୟୋତିଲାଲ ବାରିକ, ଜିଲ୍ଲା ପରିଷଦ ସଭ୍ୟ ନଗେନ କିସ୍କୁ ପ୍ରମୁଖ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ଏହି ଶିବିରରେ ୧୬ଟି ପଞ୍ଚାୟତ ଓ ଅନ୍ୟାନ୍ୟ ଲାଇନ ଡିପାଟମେଣ୍ଟର କର୍ମଚାରୀ, ସରପଞ୍ଚ, ସମିତିସଭ୍ୟ, ପିଇଓ, କନିଷ୍ଠଯନ୍ତ୍ରୀଙ୍କ ସମେତ ବ୍ଲକର ସବୁ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ପଞ୍ଚାୟତରେ ଚାଲିଥିବା ମନରେଗା, (ରାସ୍ତା, ପୋଖରୀ, ଟଏଲେଟ୍ ଓ ବୃକ୍ଷରୋପଣ ଇତ୍ୟାଦି) କାର୍ଯ୍ୟର ସମୀକ୍ଷା କରାଯାଇଥିଲା। କାର୍ଯ୍ୟ କରି ମାସ ମାସ ଧରି ବିଲ ପାଉ ନ ଥିବାରୁ ବି କିଛି ଅସନ୍ତୋଷ ପ୍ରକାଶ ପାଇଥିଲା।

### ରାଇରଙ୍ଗପୁର ବିଧାୟକ ଓ ମହିଳାଙ୍କ ବିବାଦ ଘଟଣା

# ତିରିଂ ଥାନାରେ ମାମଲା ରୁଜୁ

ରାଇରଙ୍ଗପୁର,୩୦।୪(ସମିସ):

ରାଇରଙ୍ଗପୁର ବିଧାୟକ ଜଲେନ ନାଏକ ଜଣେ ମହିଳାଙ୍କ ବିବାଦ ଜାରି ରହିଛି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଆରତୀ ଲେଙ୍କାଙ୍କୁ ବିଧାୟକ ଶ୍ରୀ ନାଏକ ଗତ ୩୨ ବର୍ଷ ହେବ ଆର୍ଥିକ ଶୋଷଣ କରିବା ସହ ମାନସିକ ନିର୍ଯାତନା ଦେଇଛନ୍ତି। ଉକ୍ତ ଘଟଣା ନେଇ ମହିଳାଙ୍କ ଘରେ ବିଜେଡି ଫ୍ୟାକ୍ଟ ଫାଇଣ୍ଡିଂ ଟିମ ପହଞ୍ଚିବା ପରେ ତିରିଂ ଥାନାରେ ମାମଲା ରୁଜୁ କରାଯାଇଛି। ରାଇରଙ୍ଗପୁର ବିଧାୟକଙ୍କ ନାମରେ ମହିଳା ଜଣକ ସଙ୍ଗୀନ ଅଭିଯୋଗ କରିଛନ୍ତି। ଦୀର୍ଘ ୩୨ ବର୍ଷ ଧରି ବିଧାୟକଙ୍କ ସହ ମହିଳାଙ୍କ ସମ୍ପର୍କ ରହିଥିଲା। ଆର୍ଥିକ ସହାୟତା ନେବା ସହ ତାଙ୍କୁ ମାନସିକ ଶୋଷଣ କରୁଥିଲେ। ତାଙ୍କୁ ବିବାହ କରିବାର ପ୍ରତିଶ୍ରୁତି ଦେଇ ପ୍ରତାରଣା କରିଛନ୍ତି ବୋଲି ସଙ୍ଗୀନ ଅଭିଯୋଗ କରିଛନ୍ତି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଆରତୀ ଲେଙ୍କାଙ୍କ ସମେତ ପ୍ରାୟ ୩୨ ବର୍ଷରୁ ଉର୍ଦ୍ଧ୍ୱ ହେବ ରାଇରଙ୍ଗପୁର ବିଧାୟକ ଜଲେନ ନାଏକଙ୍କ ତାଙ୍କ ସହିତ ସମ୍ପର୍କ ରହିଥିବା କଥା ସମ୍ପୃକ୍ତ ମହିଳା କହିଛନ୍ତି। ବିଧାୟକ ଶ୍ରୀ ନାଏକ ପୂର୍ବରୁ ୨ଥର ଜିଲ୍ଲା ପରିଷଦ ସଦସ୍ୟ ଓ ବିଧାୟକ ନିର୍ବାଚନ ସମୟରେ ଅନେକ ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରିଥିଲେ ବୋଲି କହିଛନ୍ତି। ନିଜ ଦରମା ଟଙ୍କାରୁ ତାଙ୍କୁ କାର ଓ ବାଇକ ଆଦି ମଧ୍ୟ କିଣି ଦେଇଥିବାର ସେ କହିଛନ୍ତି। ସେ ବର୍ତ୍ତମାନ ବିଧାୟକ ହେବା ପରେ

### ଜାମିନରେ ଗଲେ ମହିଳାଙ୍କ ଭାଇ

ତାଙ୍କୁ ଆର୍ଥିକ ଶୋଷଣ କରି ସମସ୍ତ ସମ୍ପର୍କ ଛିନ୍ନ କରିଛନ୍ତି। ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଯାଇଥିବା ବିଜେଡି ଫ୍ୟାକ୍ଟ ଫାଇଣ୍ଡିଂ ଟିମକୁ ଘଟଣା ବାବଦରେ ସେ କହିଥିଲେ। ଉକ୍ତ ସମୟରେ ମହିଳାଙ୍କ ସାନଭାଇ ଅଭିରାମ ଲେଙ୍କା ବିଧାୟକ ଶ୍ରୀ ନାଏକଙ୍କ ପ୍ରରୋଚନାରେ ଅତର୍କିତ ଭାବେ ସେଠାରେ ଉପସ୍ଥିତ ହୋଇ ଆକ୍ରମଣ କରିଥିଲେ। ମହିଳାଙ୍କୁ ଆକ୍ରମଣ କରିବାରୁ ସେ କିଛି ସମୟ ପାଇଁ ମୂର୍ଚ୍ଛା ହୋଇ ଯାଇଥିଲେ। ମହିଳାଙ୍କ ଭାଇକୁ ହାତବାରିସି କରି ମାମଲା ରଫାଦଫା କରିବାକୁ ବିଧାୟକ ଶ୍ରୀ ନାଏକ ପ୍ରୟାସ କରୁଛନ୍ତି ବୋଲି ସମ୍ପୃକ୍ତ ମହିଳା ଅଭିଯୋଗ କରିଛନ୍ତି। ଭାଇ ଅଭିରାମ ଲେଙ୍କା ମହିଳାଙ୍କୁ ଜୀବନରୁ ମାରିଦେବେ ବୋଲି ସର୍ବସମ୍ମୁଖରେ ଧମକ ଦେଇଥିଲେ। ପୁଲିସ କେତେ ଦିନ ସୁରକ୍ଷା ଦେବ, ମୁଁ ତତେ ଜୀବନରୁ ମାରିଦେବି ବୋଲି କହିଥିଲେ ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ଟଙ୍କା ଫେରସ୍ତ ନ ଦେବାକୁ ବିଧାୟକ ଶ୍ରୀ ନାଏକ ତାଙ୍କୁ ଗୁଣ୍ଡା ସଜାଇ ପଠାଇଛନ୍ତି। ମହିଳାଙ୍କ ଜୀବନ ପ୍ରତି ବିପଦ ଥିବାର ଦର୍ଶାଇ ତିରିଂ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ବିଜେଡି ଟିମ ଏସପିଙ୍କୁ ଜଣାଇବା ପରେ ପୁଲିସ ଅଭିରାମ ଲେଙ୍କାଙ୍କୁ ଗିରଫ କରି ତିରିଂ ଥାନାକୁ ନେଇଥିଲେ। କିନ୍ତୁ ସର୍ବସମ୍ମୁଖରେ ମରଣାନ୍ତକ ଆକ୍ରମଣ ଓ ଜୀବନରୁ ମାରିଦେବାକୁ ଧମକ ଦେବା ସତ୍ତ୍ୱେ ପୁଲିସ ଗିରଫ କରି କୋର୍ଟ ଚାଲାଣ କଲେନାହିଁ। ତାଙ୍କୁ ପୁଲିସ ଥାନାରୁ ଉକ୍ତ ଦିନ ରାତିରେ ଜାମିନରେ ଛାଡି ଦେଇଛନ୍ତି। ପୂର୍ବରୁ ଆରତୀ ଲେଙ୍କା ବିଧାୟକ ଶ୍ରୀ ନାଏକଙ୍କ ବିରୁଦ୍ଧରେ ଦେଇଥିବା ଏତଲା କେବଳ ଷ୍ଟେସନ ଡାଏରୀ ହୋଇଥିବାବେଳେ କୌଣସି ମାମଲା ରୁଜୁ କରାଯାଇନାହିଁ। ତେବେ ବିଜେଡି ଘଟଣାରେ ସମ୍ପୃକ୍ତ ହେବାରୁ ଅନ୍ୟ ଏକ ଅଭିଯୋଗକୁ ମାମଲା ଦାୟର କରିଛନ୍ତି। ତାଙ୍କ ଭାଇ ପ୍ରତି ବିପଦ ଥିବା ସହ ଅଜଣା ନମ୍ବରରୁ ତାଙ୍କୁ ହତ୍ୟା ଧମକ ଆସୁଛି ବୋଲି ଦର୍ଶାଇବା ସତ୍ତ୍ୱେ ପୁଲିସ ତାଙ୍କୁ ଛାଡି ଦେଇଛନ୍ତି। ଯାହାକି ତିରିଂ ଥାନା ପୁଲିସର କାର୍ଯ୍ୟଧାରା ଉପରେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମହିଳା ଜଣକ ନ୍ୟାୟ ପାଇଁ ନିବେଦନ କରୁଥିବାବେଳେ ରାଇରଙ୍ଗପୁର ବିଧାୟକ ଜଲେନ ନାଏକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ପଛଘୁଞ୍ଚା ଦେଉଛନ୍ତି। ଯାହାକୁ କି ଜନସାଧାରଣ ନିନ୍ଦା କରିଛନ୍ତି। ଅନ୍ୟମାନେ ମହିଳାଙ୍କୁ ଆକ୍ରୋଶ କରୁଛନ୍ତି, କିନ୍ତୁ ବିଜେପି ମହିଳାଙ୍କୁ ସଂରକ୍ଷଣ ଦେଉଛନ୍ତି ବୋଲି ଡିଣ୍ଡିମ ପିଟୁଛନ୍ତି। କିନ୍ତୁ ରାଷ୍ଟ୍ରପତିଙ୍କ ନିଜ ଅଞ୍ଚଳରେ ମହିଳା ଜଣକ ନ୍ୟାୟ ଦେବାରେ ବିଫଳ ହୋଇଛନ୍ତି।

## ଆଜିର ରାଶିଫଳ

**ମେଷ:** ଅଚାନକ ଖୁସି ଖବର ମିଳିବ। ପରିବାର ସଦସ୍ୟଙ୍କ ସହିତ ଦିନଟି ହସଖୁସିରେ ଅତିବାହିତ ହେବ। ପୁରୁଣା ନିବେଶରୁ ଲାଭ ମିଳିପାରେ। ମହିଳାମାନଙ୍କ ମନୋସ୍କାମନା ପୂର୍ଣ୍ଣ ହୋଇପାରେ।

**ବୃଷ:** ସାମାଜିକ କାର୍ଯ୍ୟକ୍ରମରେ ସାମିଲ ରହିପାରନ୍ତି। ଅଚାନକ ଧନ ବୃଦ୍ଧି ପାଇବ। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିବେ। ଲୋକସମ୍ପର୍କ ବୃଦ୍ଧି ପାଇବ। ପିଲାମାନେ ଖେଳମନସ୍କ ହେବେ।

**ମିଥୁନ:** ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂଆ କାମ ଆରମ୍ଭ କରିପାରନ୍ତି। ପେଟଜନିତ ସମସ୍ୟା ଦେଖାଦେଇପାରେ। ଖର୍ଚ୍ଚ ନିୟନ୍ତ୍ରଣ କରନ୍ତୁ। ଅନ୍ୟମାନଙ୍କୁ ସାହାଯ୍ୟ କରି ପ୍ରଶଂସିତ ହୋଇପାରନ୍ତି।

**କର୍କଟ:** ଅଫିସ କାର୍ଯ୍ୟ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଯୋଜନା ମୁତାବକ କାମ କରନ୍ତୁ। ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖାଦେଇ ପାରେ। ଅଫିସ୍ ସହକର୍ମୀଙ୍କ ସହଯୋଗ ରହିବ।

**ସିଂହ:** ଯୋଗ ଓ ପ୍ରାଣାୟମରୁ ଦିନଟି ଆରମ୍ଭ କରିବେ। ଅଚାନକ ଧନ ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ନୂତନ ବ୍ୟବସାୟ ପାଇଁ ଭଲ ସମୟ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ମାନସମ୍ମାନ ବୃଦ୍ଧି ପାଇବ।

**କନ୍ୟା:** ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ। ଯୋଜନା ମୁତାବକ କାମ କରିବେ। ସକାରାତ୍ମକ ଚିନ୍ତା ଠିକ୍ ନିଷ୍ପତ୍ତି ନେବାରେ ସାହାଯ୍ୟ କରିବ। ଉଦ୍ଧାର ଦେଇଥିବା ଟଙ୍କା ଫେରି ପାଇବେ।

**ତୁଳା:** ଅଚାନକ ଖୁସି ଖବର ପାଇବେ। ଦୀର୍ଘ ଦିନର ଆଶା ପୂରଣ ହେବ। ପରିବାର ସଦସ୍ୟଙ୍କ ସହିତ ସମୟ ଅତିବାହିତ ହେବ। ଅତ୍ୟଧିକ କାମକୁ ନେଇ ଚିନ୍ତା ବଢ଼ିପାରେ। ପେଟଜନିତ ସମସ୍ୟା ହୋଇପାରେ।

**ବିଛା:** ସାମାଜିକ କାର୍ଯ୍ୟକ୍ରମରେ ସାମିଲ ରହିବେ। ଲକ୍ଷ୍ୟ ପୂରା ହେବ। କଣ୍ଠଶିଳ୍ପୀଙ୍କ ପାଇଁ ଆଜି ଦିନଟି ବହୁତ ଭଲ। ପତିପତ୍ନୀଙ୍କ ମଧ୍ୟରେ ଭୁଲ ବୁଝାମଣା ହୋଇପାରେ। ଚକ୍ଷୁ ସମସ୍ୟା ହୋଇପାରେ।

**ଧନୁ:** ଆଜିର ଦିନରେ ବ୍ୟସ୍ତ ରହିପାରନ୍ତି। ଅଟକି ଥିବା ଧନ ଫେରି ପାଇବେ। ବିଦ୍ୟାର୍ଥୀ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଚକ୍ଷୁ ସମସ୍ୟା ଭୋଗି ପାରନ୍ତି।

**ମକର:** ଦିନଟି ସୁଖପ୍ରଦାନ କରିବ। ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ। ଆୟ ଅନୁସାରେ ଅଧିକ ଖର୍ଚ୍ଚ ହେବ। ଲୋକସମ୍ପର୍କ ବୃଦ୍ଧି ପାଇବ। ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**କୁମ୍ଭ:** ନୂତନ ବ୍ୟବସାୟ ଆରମ୍ଭ କରିବାକୁ ବର୍ତ୍ତମାନ ସମୟ ଅନୁକୂଳ। ଅଟକି ଥିବା କାମ ପୂରା ହେବ। ଅଚାନକ ଖୁସି ଖବର ମିଳିପାରେ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂଆ କାମ ଆରମ୍ଭ କରିବେ।

**ମୀନ:** ସଫଳତା ପାଇବା ପାଇଁ କଠିନ ପରିଶ୍ରମ କରିବାକୁ ପଡ଼ିପାରେ। ଘର ପାଇଁ ମୂଲ୍ୟବାନ ସାମଗ୍ରୀ କିଣିବେ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ।

## ଆଜିର ଇତିହାସ

- ୧୮୯୭- ସ୍ୱାମୀ ବିବେକାନନ୍ଦ ରାମକୃଷ୍ଣ ମିଶନର ସ୍ଥାପନା କଲେ।
- ୧୯୨୩- ଭାରତରେ ମଇ ଦିବସ ପାଳନ ଆରମ୍ଭ ହେଲା।
- ୧୯୬୦- ମହାରାଷ୍ଟ୍ର ଓ ଗୁଜରାଟ ଅଲଗା ଅଲଗା ରାଜ୍ୟ ହେଲା।
- ୧୯୭୨-ଦେଶର କୋଇଲା ଖଣିଗୁଡ଼ିକର ଜାତୀୟକରଣ ଆରମ୍ଭ ହେଲା।
- ୨୦୦୪- ୟୁରୋପୀୟ ସଂଘରେ ୧୦ଟି ନୂଆ ରାଷ୍ଟ୍ର ସାମିଲ ହେଲେ।
- ୨୦୦୯ - ସ୍ୱିଡେନରେ ସମଲିଙ୍ଗୀ ବିବାହକୁ ଅନୁମତି ମିଳିଲା।



# ଅନ୍ତର୍ଜାତୀୟ ଶ୍ରମିକ ଦିବସ

ଶ୍ରମିକମାନଙ୍କ କଠିନ ପରିଶ୍ରମ ଓ ଅବଦାନକୁ ସମ୍ମାନ ଜଣାଇବା ପାଇଁ ପ୍ରତିବର୍ଷ ମଇ ୧ ତାରିଖକୁ ଅନ୍ତର୍ଜାତୀୟ ଶ୍ରମିକ ଦିବସ ବା ମଇ ଦିବସ ଭାବରେ ପାଳନ କରାଯାଏ। ଏହି ଦିନଟି ଶ୍ରମିକମାନଙ୍କ ଅଧିକାର ଓ ସାମାଜିକ ସୁରକ୍ଷା ପାଇଁ ସ୍ୱର ଉତ୍ତୋଳନ କରିବାର ଏକ ମାଧ୍ୟମ ଅଟେ। ଶ୍ରମିକମାନେ ରାଷ୍ଟ୍ର ନିର୍ମାଣର ମୁଖ୍ୟ ଆଧାର। ସେମାନଙ୍କ ଝାଳ ଓ ପରିଶ୍ରମ ବିନା ଦେଶର ପ୍ରଗତି ଅସମ୍ଭବ, ତେଣୁ ସେମାନଙ୍କୁ ଉପଯୁକ୍ତ ସମ୍ମାନ ଓ ଅଧିକାର ଦେବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଉଛି। ଶ୍ରମିକ କଥା ପଡ଼ିଲେ ମନକୁ ଆସେ, ତୁ ତୁ ଖରା, ମୂଷଳ ବର୍ଷା ଓ ହାଡ଼ଭଙ୍ଗା ଶୀତରେ କାମ କରୁଥିବା ମେହନତୀ ମଣିଷଟିଏ। ନଦୀବନ୍ଧ, ବିମାନବନ୍ଦର, ମେଡିକାଲ୍, ରାସ୍ତା, ଅଫିସ୍ ଠାରୁ ଆରମ୍ଭ କରି ସୁଉଚ୍ଚ ବିଲ୍ଡିଂ ସବୁ ପଛର ଶ୍ରେୟ ଯାଏ ଶ୍ରମିକମାନଙ୍କୁ। ଯେଉଁମାନେ ଦିନ ରାତି ଏକ କରି ରକ୍ତକୁ ପାଣି କରି ଏସବୁ ଗଢ଼ିବାରେ ନିଜ ଜୀବନକୁ ବାଜି ଲଗାଇଥାନ୍ତି। ଦିନ ଥିଲା, ବିଶ୍ୱରେ ପୁଞ୍ଜିପତି ଶ୍ରେଣୀ ଶ୍ରମିକମାନଙ୍କୁ ମନଇଚ୍ଛା ଖଟାଉଥିଲେ। କାମ କରିବାର କୌଣସି ସମୟ ନ ଥିଲା କି ପରିଶ୍ରମ ଅନୁଯାୟୀ ପ୍ରାପ୍ୟ ମଧ୍ୟ ମିଳୁ ନ ଥିଲା। ଏହାକୁ ବିରୋଧ କରି ଦୈନିକ ଆଠ ଘଣ୍ଟା କାର୍ଯ୍ୟ ଦାବିରେ ଆମେରିକାର ଶ୍ରମିକ ସଂଗଠନ ରାଜରାସ୍ତାକୁ ଓହ୍ଲାଇଥିଲା। ୧୮୮୬ ମସିହା ମେ' ୧ ତାରିଖରେ ଆମେରିକାର ପାଖାପାଖି ୩ ଲକ୍ଷ ୮୦ ହଜାର ଶ୍ରମିକ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ରାସ୍ତାରେ ବିକ୍ଷୋଭ ପ୍ରଦର୍ଶନ କରୁଥିବା ବେଳେ ପୋଲିସ ଆଖିବୁଜା ଗୁଳିମାଡ଼ କରିଥିଲା। ଏଥିରେ ଅନେକ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା। ଏହାର ୩ ବର୍ଷ ପରେ ୧୮୮୯ ମସିହାରେ ପ୍ୟାରିସ୍‌ଠାରେ ଅନ୍ତଃରାଷ୍ଟ୍ରୀୟ ସମାଜବାଦୀ ସମ୍ମିଳନୀ ହୋଇଥିଲା। ଏହି ସମ୍ମିଳନୀରେ ଶ୍ରମିକମାନେ ଦିନକୁ ୮ ଘଣ୍ଟା କାମ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏଥିସହ ମେ' ୧କୁ ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳନ କରାଯିବା ପ୍ରସ୍ତାବ ମଧ୍ୟ ପାରିତ ହୋଇଥିଲା। ଏହାପରଠୁ ସାରା ବିଶ୍ୱରେ ମେ' ୧କୁ ଶ୍ରମିକ ଦିବସ ଭାବେ ପାଳନ କରାଯାଉଛି। ଭାରତରେ ପ୍ରଥମ କରି ୧୯୨୩ ମସିହା ମେ' ୧ ତାରିଖରେ ମାଦ୍ରାଜ (ବର୍ତ୍ତମାନର ଚେନ୍ନାଇ) ଠାରେ 'ଲେବର କିଷାନ ପାର୍ଟି ଅଫ୍ ହିନ୍ଦୁସ୍ତାନ' ଦ୍ୱାରା ଏହି ଦିବସ ପାଳନ କରାଯାଇଥିଲା। ଅନିଶ୍ଚିତ ରୋଜଗାର ସାଙ୍ଗକୁ ମୌଳିକ ସୁବିଧା ପାଉ ନ ଥିବାରୁ ଆଜି ବି ବହୁ ଶ୍ରମିକ ହନ୍ତସନ୍ତ ହେଉଛନ୍ତି। ଶ୍ରମିମାନଙ୍କର ସମସ୍ୟାର ସମାଧାନ ହୋଇପାରିଲେ ଏହି ଦିବସ ପାଳନର ପ୍ରକୃତ ଉଦ୍ଦେଶ୍ୟ ପୂରଣ ହୋଇପାରିବ। ଏହି ଦିନ ବିଭିନ୍ନ ଶ୍ରମିକ ସଙ୍ଗଠନଗୁଡ଼ିକ ଦ୍ୱାରା ଶ୍ରମିକଙ୍କ ସ୍ଥିତି ମଜବୁତ କରିବା ପାଇଁ ସଭାସମିତିମାନ ଆୟୋଜନ କରାଯାଏ।

## ବାହାଘରରେ ଅଜବ ଦୃଶ୍ୟ

# ହୋଭରବୋର୍ଡରେ ଆସି ପରଷୁଛନ୍ତି ଖାଦ୍ୟ

ଭାରତୀୟ ବିବାହ ତା'ର ଭବ୍ୟତା ଏବଂ ପରମ୍ପରା ଲାଗି ଜଣାଯାଏ। ହେଲେ ଏବେ ବିବାହଗୁଡ଼ିକରେ ଆଧୁନିକତାର ସ୍ପର୍ଶ ଦେବାକୁ ଯାଇ ବହୁ ବିଚିତ୍ର ଜିନିଷ ମାନ ଦେଖିବାକୁ ମିଳୁଛି। ଏଥିପାଇଁ ବେଳେବେଳେ ଅପ୍ରୀତିକର ପରିସ୍ଥିତି ମଧ୍ୟ ସୃଷ୍ଟି ହେଉଛି। ଏହି କ୍ରମରେ ନିକଟରେ ଏକ ବାହାଘରର ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ଏହା ସଭିଙ୍କ ଦୃଷ୍ଟି ଆକର୍ଷଣ କରିଛି। ଏହି ବିବାହରେ ମହିଳା ୱେଟର୍‌ମାନେ ଚାଲିକି ନୁହେଁ, ବରଂ ହୋଭରବୋର୍ଡରେ ଆସି ଅତିଥିଙ୍କୁ ସେବା ପ୍ରଦାନ କରୁଥିବାର ଦେଖିବାକୁ ମିଳିଛି। ଭାଇରାଲ ଭିଡିଓରେ ପାରମ୍ପରିକ କ୍ୟାଟରିଂ ବଦଳରେ ଯୁବତୀମାନେ ହୋଭରବୋର୍ଡରେ ଆସି ଅତିଥିଙ୍କୁ ଖାଦ୍ୟ, ପାନୀୟ ପ୍ରଦାନ କରୁଥିବାର ଦେଖାଯାଇଛି। ଏହି ଯୁବତୀମାନେ ମିନି ଗାଉନ୍ ଓ ସ୍ନିକର୍ସ ପିନ୍ଧି ପୂରା ମଣ୍ଡପରେ ବୁଲୁଛନ୍ତି। ତା'ସହ ସେମାନେ ଅତିଥିଙ୍କୁ ଡ୍ରିଙ୍କସ୍ ଏବଂ ସ୍ନାକ୍ସ ପରଷୁଛନ୍ତି। ଅନେକ ଯୁବତୀ ହାତରେ ଭାରି ଟ୍ରେ ଏବଂ ଡ୍ରିଙ୍କସ୍ ଧରି ହୋଭରବୋର୍ଡରେ ସନ୍ତୁଳନ ରକ୍ଷା କରିବାକୁ ଚେଷ୍ଟା କରୁଥିବାର ଭିଡିଓରେ ଦେଖିବାକୁ ମିଳିଛି। ଅବଶ୍ୟ ସେଠାରେ ଉପସ୍ଥିତ ଥିବା ଲୋକ ଏହି ଦୃଶ୍ୟକୁ ଦେଖି ଆଶ୍ଚର୍ଯ୍ୟ ହୋଇନାହାନ୍ତି। ଏହି ଭିଡିଓରେ ପ୍ରତିକ୍ରିୟା ଦେଇ ଅଧିକାଂଶ ଲୋକ ଏଭଳି ବ୍ୟବସ୍ଥାକୁ ବାଜେ ଖର୍ଚ୍ଚ ବୋଲି କହିଛନ୍ତି। ଆଉ କିଛି ଜଣ ଯୁବତୀମାନଙ୍କୁ ଏପରି କରିବା ପାଇଁ ବାଧ କରାଯାଇଥିବ ବୋଲି କହିଛନ୍ତି। ସମାଜରେ ନିଜର ପ୍ରତିପତ୍ତି ଦେଖାଇବା ପାଇଁ କିଛି ଲୋକ ଏଭଳି ଧାରା ବିବାହରେ ଆପଣାଉଛନ୍ତି ବୋଲି ଅନ୍ୟ କିଛି ଜଣ ମତ ଦେଇଛନ୍ତି।



# ଆସିବ 'ଥ୍ରି ଇଡିଅଟ୍ସ'ର ସିକ୍ୱେଲ

ରାଜକୁମାର ହିରାନୀଙ୍କ ଫିଲ୍ମ 'ଥ୍ରି ଇଡିଅଟ୍ସ' ୨୦୦୯ରେ ଆସିଥିଲା। ଫିଲ୍ମର କାହାଣୀ ତିନିଜଣ ଇଞ୍ଜିନିୟରିଂ ଛାତ୍ର ରାଞ୍ଚୋ (ଅମିର ଖାନ୍), ଫରହାନ୍ (ଆର୍ ମାଧବନ୍) ଏବଂ ରାଜୁ (ଶର୍ମନ୍ ଯୋଶୀ) ଙ୍କ ବନ୍ଧୁତା ଏବଂ କଲେଜ ଜୀବନ ଉପରେ ଆଧାରିତ ଥିଲା। ଫିଲ୍ମରେ ପୁସ୍ତକ ଜ୍ଞାନ ଅପେକ୍ଷା ଶିକ୍ଷାର ପ୍ରାୟୋଗିକ ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହା ବକ୍ସ ଅଫିସ୍‌ରେ ସୁପରହିଟ୍ ସାବ୍ୟସ୍ତ ହୋଇଥିଲା। ଏବେ ଏହାର ସିକ୍ୱେଲ ଆଣିବା ପାଇଁ ରାଜକୁମାର ହିରାନୀ ଯୋଜନା କରିଛନ୍ତି। ଫିଲ୍ମରେ ରାଞ୍ଚୋ ଭୂମିକାରେ ଅଭିନୟ କରିଥିବା ଅଭିନେତା ଅମିର୍ ଖାନ୍ ନିକଟରେ ଗଣମାଧ୍ୟମକୁ ଦେଇଥିବା ଏକ ସାକ୍ଷାତକାରରେ କହିଛନ୍ତି, 'ରାଜକୁମାର ହିରାନୀ ଏବଂ ଲେଖକ ଅଭିଜାତ ଯୋଶୀ '୩ ଇଡିଅଟ୍ସ ୨' ଉପରେ କାମ ଆରମ୍ଭ କରିଦେଇଛନ୍ତି। ମୁଁ ଏହାର କାହାଣୀ ଶୁଣିଛି ଏବଂ ଏହା ଅତ୍ୟନ୍ତ ଚମତ୍କାର ହୋଇଛି। ଏହାର କାହାଣୀ ଉପରେ ଆଉ କିଛି କାମ ବାକି ଅଛି। ଏଥିରେ ରାଞ୍ଚୋ, ଫରହାନ୍ ଏବଂ ରାଜୁଙ୍କ ଜୀବନ ୧୦ ବର୍ଷ ପରେ କେଉଁ ମୋଡ଼ରେ ପହଞ୍ଚିଛି ଏବଂ ସେମାନଙ୍କ ବନ୍ଧୁତା କିଭଳି ରହିଛି, ତାହା ଦର୍ଶାଯିବ। ପୁଣିଥରେ ମୁଁ 'ଫୁନସୁଖ ୱାଙ୍ଗଡୁ' ଭୂମିକାରେ ଅଭିନୟ କରିବାକୁ ବହୁତ ଉତ୍ସାହିତ ଅଛି।' ଏଥିରେ ଅମିର୍‌ଙ୍କ ସହ ମୂଳ ଫିଲ୍ମର ଶର୍ମନ୍ ଯୋଶୀ, ଆର୍. ମାଧବନ୍ ଓ କରିନା କପୁର ନଜର ଆସିବେ ବୋଲି ଚର୍ଚ୍ଚା ହେଉଛି।







## 'ସକାଳ'ର ସ୍ୱାସ୍ଥ୍ୟ

# ୱିଲସନ୍ ଡିଜିଜ୍

**ଆଜିକାଲି ବିଶୃଙ୍ଖଳିତ ଜୀବନ ଶୈଳୀ ଯୋଗୁଁ ଅନେକ ସ୍ୱାସ୍ଥ୍ୟଗତ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଏମିତି ଏକ ରୋଗ ହେଉଛି ୱିଲସନ୍ ଡିଜିଜ୍। ଏକଲକ୍ଷ ଲୋକଙ୍କ ମଧ୍ୟରୁ ଜଣଙ୍କୁ ଏହି ରୋଗ ହୋଇଥାଏ। ପୀଡ଼ିତ ରୋଗୀଙ୍କୁ ଜୀବନସାରା ଔଷଧ ଉପରେ ନିର୍ଭର ରହିବାକୁ ପଡ଼ିଥାଏ।**



ୱିଲସନ୍ ଏକ ଦୁର୍ଲଭ ବଂଶାନୁଗତିକ ରୋଗ। ପିତାମାତାଙ୍କଠାରୁ ସନ୍ତାନଙ୍କୁ ଏହା ସ୍ଥାନାନ୍ତରିତ ହୋଇଥାଏ। ସାଧାରଣତଃ ମନୁଷ୍ୟ ଶରୀରରେ କପର ସ୍ନାୟୁ ଏବଂ ଯକୃତର ଗଠନ ଓ କାର୍ଯ୍ୟକ୍ଷମତା ପାଇଁ କାର୍ଯ୍ୟକରେ। ହେଲେ ଯେତେବେଳେ ATP7B ଜିନ୍‌ରେ ମ୍ୟୁଟେସନ୍ ତଥା କୌଣସି ପରିବର୍ତ୍ତନ ହୁଏ ସେତେବେଳେ ଶରୀରରେ କପର ମାତ୍ରା ମାତ୍ରାଧିକ ବଢ଼ିଯାଇଥାଏ। ଯାହାଫଳରେ କପର ଧୀରେ ଧୀରେ ଯକୃତ, ମସ୍ତିଷ୍କ, ଚକ୍ଷୁ ଏବଂ ଅନ୍ୟାନ୍ୟ ଅଙ୍ଗରେ ଜମା ହେବାକୁ ଲାଗେ। ଏହା ଦ୍ୱାରା ଗମ୍ଭୀର ସମସ୍ୟା ସୃଷ୍ଟି ହୋଇଥାଏ। ପୀଡ଼ିତଙ୍କଠାରେ ଥକ୍କାଲାଗିବା, ଭୋକ ନ ଲାଗିବା, ବାନ୍ତି, କାମଳ, ପେଟ ଜନିତ ସମସ୍ୟା, ମୁହଁ ଓ ପାଦ ଫୁଲିବା ଦେଖାଯାଏ। ହାତ ପାଦ ଥରିବାକୁ ଲାଗିବା, ଢୋକିବାରେ ସମସ୍ୟା, ବିଚଳିତ ଆଦି ଲକ୍ଷଣ ଦେଖାଯାଏ। ତେଣୁ ଉପରୋକ୍ତ ଲକ୍ଷଣ ଦେଖିବା ମାତ୍ରେ ତୁରନ୍ତ ଡାକ୍ତରଙ୍କୁ ପରାମର୍ଶ କରିବା ଆବଶ୍ୟକ। ପ୍ରାରମ୍ଭିକ ଅବସ୍ଥାରୁ ଡାକ୍ତରଙ୍କ ପରାମର୍ଶରେ ଔଷଧ ସେବନ କରାଯାଏ। ଏହା ସମୟ ସାପେକ୍ଷ। ପୀଡ଼ିତଙ୍କୁ ସାଧାରଣ ଜୀବନଯାପନ କରିବାକୁ ଦୀର୍ଘ ସମୟ ଧରି ଔଷଧ ଉପରେ ନିର୍ଭରଶୀଳ ରହିବାକୁ ପଡ଼ିଥାଏ।

## ଘର ବଇଦ

# ହୃଦ୍‌ରୋଗର ଉପଚାର



ଅର୍ଜ୍ଜୁନଛାଲି ଦୁଇ ତୋଳା, ଗାଈକ୍ଷୀର ୧୬ ତୋଳା, ପାଣି ୬୪ ତୋଳା ଏକତ୍ର ମାଟି ହାଣ୍ଡିରେ ସିଝାଇ ଅବଶେଷ ୧୬ ତୋଳା ରହିଲେ ଛାଣି ପିଇଲେ ହୃଦ୍‌ରୋଗ ଭଲ ହୁଏ।

ଘୃତ ଅଥବା କ୍ଷୀର ଅଥବା ଗୁଡ଼ପଣା ସହିତ ଅର୍ଜ୍ଜୁନ ଛାଲିର ଚୂର୍ଣ୍ଣ ଉପଯୁକ୍ତ ମାତ୍ରାରେ ସେବନ କଲେ ହୃଦ୍‌ରୋଗ, ଜୀର୍ଣ୍ଣଜ୍ୱର, ରକ୍ତପିତ୍ତ ପ୍ରଭୃତି ଶାନ୍ତ ହୁଏ ଏବଂ ରୋଗୀ ଦୀର୍ଘଜୀବୀ ହୁଏ।

ପୁଷ୍କର ମୂଳ(ଅଭାବେ କୁଡ଼) ଚୂର୍ଣ୍ଣ ମହୁ ସହିତ ଖାଇଲେ ହୃଦୟ ଶୂଳ, ଶ୍ୱାସ, କାଶ, କ୍ଷୟ ଓ ହିକ୍‌କା ଶାନ୍ତ ହୁଏ।

ତୈଳ, ଘୃତ ଓ ଗୁଡ଼ ଏ ସମଷ୍ଟିର ସମଭାଗ ଅର୍ଜ୍ଜୁନ ଛାଲିର ଚୂର୍ଣ୍ଣ କ୍ଷୀର ସହିତ ସାମାନ୍ୟ ଗରମ କରି ପାନ କଲେ ସକଳ ପ୍ରକାର ହୃଦ୍‌ରୋଗ ଶାନ୍ତ ହୁଏ।

ଅକରକରା ଚୂର୍ଣ୍ଣ ଓ ଅର୍ଜ୍ଜୁନ ଛାଲି ଚୂର୍ଣ୍ଣ ସମଭାଗ ଏକତ୍ର କରି ରଖିବେ। ସକାଳ ଓ ସନ୍ଧ୍ୟାରେ ଦୁଇ ଅଣି ଓଜନ ଚୂର୍ଣ୍ଣ ଉଷୁମ ଗାଈ କ୍ଷୀରରେ ଖାଇଲେ ହୃଦୟକମ୍ପନ ଓ ପୀଡ଼ା ନାଶ ହୁଏ। ହୃଦୟକମ୍ପନ ଯୋର ଥିଲେ ଉପରୋକ୍ତ ଚୂର୍ଣ୍ଣରେ ବଚ ଓ ଶୁଣ୍ଠିର କ୍ୱାଥ ଖାଇବେ।

(ଲକ୍ଷ୍ମଣ ମିଶ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକରୁ ଉଦ୍ଧୃତ)

# ତାଳି ମାରିବାର ଉପକାରିତା



**ସ୍ୱାସ୍ଥ୍ୟ ହିଁ ସମ୍ପଦ। ତେଣୁ ପ୍ରତିଦିନ ଯୋଗ, ବ୍ୟାୟାମ, ପ୍ରାଣାୟାମ, ସକାଳୁ ଚାଲିବା ସହିତ କିଛି ସମୟ ତାଳି ମାରିବା ଦ୍ୱାରା ଶରୀର ସୁସ୍ଥ ଓ ନିରୋଗ ରହିଥାଏ। ପ୍ରତ୍ୟହ ସକାଳୁ ଖାଲି ପେଟରେ ପାଞ୍ଚ ମିନିଟ୍ ପର୍ଯ୍ୟନ୍ତ ତାଳି ମାରିବା ଦ୍ୱାରା ଅନେକ ଶାରୀରିକ ଉପକାର ମଧ୍ୟ ମିଳିଥାଏ।**

**ତୁଳସୀ ଚରଣ ଦାଶ**

ହାତ ପାପୁଲିରେ ଅନେକ ଆକ୍ୟୁପ୍ରେସର ପଏଣ୍ଟ ଥାଏ। ଯାହା ହୃଦୟ, ବୃକ୍କ, ଫୁସ୍‌ଫୁସ୍, ଚକ୍ଷୁ ସହ ଜଡ଼ିତ। ତାଳି ବଜାଇଲେ ଉକ୍ତ ସମସ୍ତ ପଏଣ୍ଟକୁ ଏକା ସାଙ୍ଗରେ କାର୍ଯ୍ୟକ୍ଷମ କରିଥାଏ। ପ୍ରତ୍ୟହ ସକାଳୁ ତାଳିମାରିବା ଦ୍ୱାରା ଆକ୍ୟୁପ୍ରେସର ଭଳି କାମ କରିଥାଏ। ତାଳି ବଜେଇବା ଦ୍ୱାରା ରକ୍ତ ପ୍ରବାହ ଭଲ ହୁଏ।

ଦିନକୁ ୪ରୁ ୫ ମିନିଟ୍ ତାଳି ବଜାଇଲେ ହାଲୁକା କାର୍ଡିଓ ବ୍ୟାୟାମ ଭଳି ହୃଦୟ ସୁସ୍ଥ ରହିଥାଏ।

ଜୋର୍‌ରେ ତାଳି ବଜେଇଲେ ଫୁସ୍‌ଫୁସ୍ ସକ୍ରିୟ ହୁଏ, ଶ୍ୱାସର ବ୍ୟାୟାମ ହୁଏ। ଯୋଗରେ ଏହାକୁ 'କରତାଳି ଥେରାପି' ବା 'Clapping Therapy' କୁହାଯାଏ।

ତାଳି ମାରିବା ଦ୍ୱାରା ଆଙ୍ଗୁଠି ଓ ହାତପାପୁଲିର ମାଂସପେଶୀ ମଜବୁତ ହୁଏ, ବିଶେଷକରି ବୟସ୍କ ଲୋକଙ୍କ ପାଇଁ ଏହା ଏକ ଭଲ ବ୍ୟାୟାମ।

ତାଳିର ଶବ୍ଦ ଓ ଲୟ ମନକୁ ଶାନ୍ତ କରେ, ଚାପ କମିଥାଏ। ଏଣ୍ଡୋରଫିନ ହରମୋନ୍ ବାହାରି ଶରୀରକୁ ସୁସ୍ଥ ରଖିଥାଏ। ସେହିପରି ଗୋଷ୍ଠୀରେ ତାଳି ବଜେଇଲେ ଖୁସିର ମାହୋଲ ସୃଷ୍ଟି ହୁଏ, ସକାରାତ୍ମକ ଶକ୍ତି ଆସିବା ସହ ଏକୁଟିଆପଣ ଦୂର ହୁଏ। ପିଲାଙ୍କ ପାଇଁ ତାଳି ଖେଳ ଧ୍ୟାନ ଓ ସମନ୍ୱୟ ବଢାଏ ଏବଂ ଏକାଗ୍ରତା ବୃଦ୍ଧି ପାଏ। ତେଣୁ ପ୍ରତ୍ୟହ ସକାଳେ ୫ ମିନିଟ୍ ତାଳି ବଜେଇଲେ ସାରା ଶରୀରକୁ ଉପକାର ମିଳିଥାଏ। ଏହାକୁ 'ହସ୍ତତାଳି ଯୋଗ' ମଧ୍ୟ କୁହାଯାଏ।

ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଦୁଇ ହାତପାପୁଲିକୁ ସିଧା ରଖି ଆଙ୍ଗୁଠି- ଆଙ୍ଗୁଠି ଓ ହାତପାପୁଲି-ହାତପାପୁଲି ମିଳାଇ ପ୍ରତ୍ୟହ ସକାଳେ ୪ରୁ ୫ ମିନିଟ୍ ସାତଦିନ ପର୍ଯ୍ୟନ୍ତ ତାଳି ବଜାଇବେ। ପ୍ରଥମେ ଧୀରେ ଧୀରେ ତାପରେ ଜୋରରେ ମିନିଟ୍‌କୁ ୬୦-୭୦ ଥର ପରେ ନିଜର ସ୍ୱାସ୍ଥ୍ୟ ଦେଖି ବଢ଼େଇ ପାରିବେ। ତାଳି ବଜେଇବା ବେଳେ ଗଭୀର ନିଃଶ୍ୱାସ ନିଅନ୍ତୁ ଓ ଛାଡ଼ନ୍ତୁ। ତାଳି ବଜାଇବା ପୂର୍ବରୁ ହାତରେ ଘିଅ କିମ୍ବା ତେଲ ଲଗାଇ ଏହି ବ୍ୟାୟାମ କଲେ ଉତ୍ତମ ଫଳ ମିଳିଥାଏ। ଗଣ୍ଠି ବାତ ବା ହାତ ପାପୁଲିରେ ଆଘାତ ଥିଲେ ନିଜର ସ୍ୱାସ୍ଥ୍ୟ ଦେଖି ଏହି ବ୍ୟାୟାମ କରିବା ଆବଶ୍ୟକ।

- ବରଗଡ଼

## ଶରୀରକୁ ଥଣ୍ଡା ରଖେ

# ବେଲ ପଣା

**ବର୍ତ୍ତମାନ ତାପମାତ୍ରା ବୃଦ୍ଧି ଯୋଗୁଁ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ଯେପରିକି ଡିହାଇଡ୍ରେସନ୍, ହିଟ୍ ଷ୍ଟ୍ରୋକ୍, ଖାଦ୍ୟ ବିଷାକ୍ତ, ପାଚନତନ୍ତ୍ର ସମସ୍ୟା ଆଦି ଦେଖାଯାଉଛି। ତେଣୁ ଶରୀରକୁ ଥଣ୍ଡା ରଖିବା ସହ ଜଳୀୟ ଅଂଶ ବୃଦ୍ଧି ପାଇଁ ବେଲ ପଣା ପିଇବା ସବୁଠୁ ଫଳପ୍ରଦ। ବେଲରେ ପ୍ରୋଟିନ୍, ଭିଟାମିନ୍, କ୍ୟାଲ୍‌ସିୟମ୍, ଫସ୍‌ଫରସ୍ ଆଦି ପୋଷକତତ୍ତ୍ୱ ରହିଥାଏ। ତେଣୁ ବେଲ ପଣା ପିଇବା ସ୍ୱାସ୍ଥ୍ୟ ପକ୍ଷେ ଅତ୍ୟନ୍ତ ହିତକର।**

- ବେଲ ପଣା ପିଇବା ଦ୍ୱାରା ପେଟ ସମ୍ବନ୍ଧୀୟ ସମସ୍ୟା ତଥା ଗ୍ୟାସ୍, କୋଷ୍ଠକାଠିନ୍ୟରୁ ଆରାମ ମିଳିଥାଏ। ଏହି ପଣା ପେଟକୁ ଥଣ୍ଡା ରଖିଥାଏ।
- ଖରାଦିନେ ଅଧିକାଂଶ ଲୋକ ଲୁ' ବା ଗ୍ରୀଷ୍ମ ପ୍ରବାହର ଶିକାର ହୁଅନ୍ତି। ନିୟମିତ ବେଲ ପଣା ପିଇବା ଦ୍ୱାରା ଶରୀରର ଜଳୀୟ ଅଂଶ ସନ୍ତୁଳିତ ରହିବା ସହିତ ଲୁ'ରୁ ସୁରକ୍ଷା ମିଳେ।

ବେଲରେ ଆଣ୍ଟିଅକ୍ସିଡାଣ୍ଟ ଭରପୂର ମାତ୍ରାରେ ମିଳୁଥିବାରୁ ଏହା ଉଚ୍ଚ କୋଲେଷ୍ଟ୍ରଲକୁ କମ୍ କରିଥାଏ। ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରେ। ବେଲ ପଣା ପିଇବା ଦ୍ୱାରା ଶରୀରକୁ ଶକ୍ତି ମିଳିବା ସହ ରକ୍ତ ବୃଦ୍ଧି ହୁଏ। ପୋଡ଼ା ବେଲ ପଣା ପିଇବା ସ୍ୱାସ୍ଥ୍ୟ ପକ୍ଷେ ହିତକର। ପଣାରେ ଚିନି ବଦଳରେ ଗୁଡ଼ ମିଶାଇ ପିଇ ପାରିବେ। ପାଚିଲା ବେଲ ପଣା ମାତ୍ରା ଅନୁସାରେ ପିଇବା ଆବଶ୍ୟକ।



# ଗୁଜରାଟ ବୋଲରଙ୍କ କମାଲ; ଆର୍‌ସିବିର ବିପର୍ଯ୍ୟୟ



ଅହମ୍ମଦାବାଦ, ୩୦।୪ (ଏଜେନ୍ସି): ଚଳିତ ଆଇପିଏଲ୍‌ର ୪୨ତମ ଲିଗ୍ ମ୍ୟାଚରେ ଡିଫେଣ୍ଡିଂ ଚାମ୍ପିଅନ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଓ ଗୁଜରାଟ ଟାଇଟାନ୍ସ ସାମ୍ନାସାମ୍ନି ହୋଇଛନ୍ତି। ଗୁରୁବାର ରାତିରେ ଅନୁଷ୍ଠିତ ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭ୍ରମଣକାରୀ ବେଙ୍ଗାଲୁରୁ ଦେବଦତ୍ତ ପାଡିକଲଙ୍କ ଲଢୁଆ ବ୍ୟାଟିଂ ବଳରେ ଶେଷ ଖବର ସୁଦ୍ଧା ୧୬ ଓଭରରେ ୮ ୱିକେଟ ହରାଇ ୧୩୩ ରନ ସଂଗ୍ରହ କରି ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଏହି ମ୍ୟାଚ୍ ପୂର୍ବରୁ ବେଙ୍ଗାଲୁରୁ ୮ ମ୍ୟାଚ୍ ଖେଳି ୬ ବିଜୟ ଓ ୨ ପରାଜୟ ସହ ୧୨ ପଏଣ୍ଟ ପାଇ ଟେବଲର ଦ୍ୱିତୀୟ ସ୍ଥାନରେ ରହିଛି। ସେହିଭଳି ଗୁଜରାଟ ୪ଟି ଲେଖାଏ ବିଜୟ ଓ ପରାଜୟ ସହ ୮ ମ୍ୟାଚରୁ ୮ ପଏଣ୍ଟ ପାଇ ୫ମ ସ୍ଥାନରେ ରହିଛି।

## କୋହଲିଙ୍କ କ୍ରମାଗତ ୫ ଚୌକା

ଏହି ମ୍ୟାଚରେ ଟସ୍ ଜିତିବା ପରେ ଘରୋଇ ଗୁଜରାଟ ଅଧିନାୟକ ଶୁବମାନ ଗିଲ୍ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଆରସିବି ପାଇଁ ଦୁଇ ଓପନର୍ ବିରାଟ କୋହଲି ଓ ଜ୍ୟାକବ ବେଥେଲ ଭଲ ଆରମ୍ଭ କରିଥିଲେ। ଉଭୟ ଓପନିଂ ଯୋଡ଼ିରେ ୧୬ ବଲରେ ୩୪ ରନ ଉଠାଇଥିଲେ। ଇନିଂସର ଦ୍ୱିତୀୟ ଓଭର ବୋଲିଂ କରିଥିବା କାଗିସୋ ରାବାଡାଙ୍କ ପ୍ରଥମ ୫ଟି ବଲ୍‌କୁ କୋହଲି ଚୌକା ମାରି ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। କିନ୍ତୁ ବେଥେଲ (୫ ରନ)ଙ୍କୁ ଆଉଟ୍ କରି ମହମ୍ମଦ ସିରାଜ ଏହି ଯୋଡ଼ି ଭାଙ୍ଗିଥିଲେ। ଏହାପରେ ଆରସିବିର ବିପର୍ଯ୍ୟୟ ଆରମ୍ଭ ହୋଇଯାଇଥିଲା। ପରବର୍ତ୍ତୀ ଓଭର ବୋଲିଂ କରିଥିବା ରାବାଡା ୨୮ ରନ କରି ଖେଳୁଥିବା କୋହଲିଙ୍କୁ ଆଉଟ୍ କରି ଗୁଜରାଟକୁ ବିରାଟ ବ୍ରେକ୍-ଥ୍ରୁ ଦେଇଥିଲେ। ୧୩ଟି ବଲ ଖେଳିଥିବା କୋହଲି ୫ ଚୌକା ଓ ଗୋଟିଏ ଛକା ମାରିଥିଲେ। ଦେବଦତ୍ତ ପାଡିକଲ ଓ ରାଜତ ପାଟିଦାର କିଛିଟା ଲଢ଼େଇ କରିଥିଲେ ମଧ୍ୟ ବେଶୀ ସମୟ ତିଷ୍ଠି ପାରି ନ ଥିଲେ। ଅଧିନାୟକ ପାଟିଦାର ୧୫ ବଲରେ ୧୯ ରନ କରି ବାମହାତୀ ଦ୍ରୁତ ବୋଲର ଆର୍ଶଦ ଖାନଙ୍କ ଶିକାର ବନିଥିଲେ। ସେହିଭଳି ପାଡିକଲ ୫ ଚୌକା ଓ ୨ ଛକା ବଳରେ ୨୪ ବଲରେ ୪୦ ରନ କରି ରଶିଦ ଖାନଙ୍କୁ ବଲରେ ବୋଲ୍ଡ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜୀତେଶ ଶର୍ମା ୧, ଟିମ୍ ଡେଭିଡ୍ ୯, କ୍ରୁନାଲ ପାଣ୍ଡ୍ୟା ୪, ରୋମାରିଓ ଶେଫର୍ଡ ୧୭ ରନ କରି ଆଉଟ୍ ହୋଇଛନ୍ତି। ଶେଷ ଖବର ସୁଦ୍ଧା ଆରସିବି ୧୬ ଓଭରରେ ୮ ୱିକେଟ ହରାଇ ୧୩୩ ରନ ସଂଗ୍ରହ କରି ଲଢ଼େଇ କରୁଛି। ବୋଲିଂରେ ଗୁଜରାଟ ଟାଇଟାନ୍ସ ପାଇଁ ଜାସନ ହୋଲ୍ଡର, ଆର୍ଶଦ ଖାନ ଓ ରଶିଦ ଖାନ ୨ଟି ଲେଖାଏ ୱିକେଟ୍ ନେଇଛନ୍ତି। ସିରାଜ ଓ ରାବାଡାଙ୍କୁ ଗୋଟିଏ ଲେଖାଏ ୱିକେଟ ମିଳିଛି।

■ ଆଇପିଏଲ୍-୧୯ରେ ଦଶମଥର

## ୨୦୦ରୁ ଊର୍ଦ୍ଧ୍ୱ ସଫଳ ରନ ଚେଜ୍

ମୁମ୍ବଇ, ୩୦।୪ (ଏଜେନ୍ସି): ଆଇପିଏଲ୍‌ର ଚଳିତ ୧୯ତମ ସଂସ୍କରଣ ହାଇସ୍କୋର ପାଇଁ ସ୍ମରଣୀୟ ରହିବ। ଚଳିତ ସଂସ୍କରଣରେ ୧୦ମଥର ଲାଗି ୨୦୦ରୁ ଊର୍ଦ୍ଧ୍ୱ ରନକୁ ସଫଳତାର ସହ ଚେଜ୍ କରାଯାଇଛି। ଗତକାଲି ରାତିରେ ଘରୋଇ ମୁମ୍ବାଇ ଇଣ୍ଡିଆନ୍ସ ଓ ସନରାଇଜର୍ସ ମଧ୍ୟରେ ଅନୁଷ୍ଠିତ ହାଇସ୍କୋରିଂ ମ୍ୟାଚରେ ମଧ୍ୟ ଏକ ସଫଳ ରନଚେଜ ଦେଖିବାକୁ ମିଳିଥିଲା। ରିୟାନ ରିକ୍କେଟନ (୫୫ ବଲରେ ୧୨୩ ରନ)ଙ୍କ ପ୍ରଥମ ଆଇପିଏଲ୍ ଶତକ ବଳରେ ଏହି ମ୍ୟାଚରେ ମୁମ୍ବଇ ୫ ୱିକେଟରେ ୨୪୩ ରନ କରିଥିଲା। ଜବାବରେ ବିସ୍ଫୋରକ ବ୍ୟାଟରଙ୍କୁ ନେଇ ଖଚିତ ସନରାଇଜର୍ସ ୮ଟି ବଲ୍ ଓ ୬ଟି ୱିକେଟ୍ ବଳକା ଥାଇ ସହଜରେ ବିଜୟୀ ହୋଇଥିଲା। ଫଳରେ ଚଳିତ ବର୍ଷ ଆଇପିଏଲ୍‌ରେ ରେକର୍ଡ ୧୦ମଥର ଲାଗି ୨୦୦ ରନରୁ ଊର୍ଦ୍ଧ୍ୱ ଟାର୍ଗେଟ ସଫଳତାର ସହ ପିଛା ହୋଇଛି। ଏଥିପୂର୍ବରୁ ୨୦୨୫ରେ ୯ ଥର, ୨୦୨୩ରେ ୮ ଥର ଓ ୨୦୨୪ରେ ୬ ଥର ୨୦୦ କିମ୍ବା ଏହାଠାରୁ ଊର୍ଦ୍ଧ୍ୱ ରନ ଚେଜ୍ ହୋଇଥିଲା।




| ଶୁକ୍ରବାର ଆଇପିଏଲ୍ ମ୍ୟାଚ୍ |
| --- |
| ରାଜସ୍ଥାନ ବନାମ ଦିଲ୍ଲୀ |
| ଭେନ୍ୟୁ - ଜୟପୁର |
| **ଶନିବାର ଆଇପିଏଲ୍ ମ୍ୟାଚ୍** |
| ଚେନ୍ନାଇ ବନାମ ମୁମ୍ବଇ |
| ଭେନ୍ୟୁ - ଚେନ୍ନାଇ |
| ଖେଳ ଆରମ୍ଭ : ରାତି ୭.୩୦ |
| ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର |

## ଆଇପିଏଲ୍ ପଏଣ୍ଟ ଟେବଲ୍

| ଦଳ | ମ୍ୟା. | ବି. | ପ. | ବା. | ପ. | ଏନ୍‌ଆର୍‌ଆର୍ |
| --- | --- | --- | --- | --- | --- | --- |
| ପଞ୍ଜାବ | ୮ | ୬ | ୧ | ୧ | ୧୩ | +୧.୦୪୩ |
| ବେଙ୍ଗାଲୁରୁ* | ୮ | ୬ | ୨ | ୦ | ୧୨ | +୧.୯୧୯ |
| ହାଇଦରାବାଦ | ୯ | ୬ | ୩ | ୦ | ୧୨ | +୦.୮୩୨ |
| ରାଜସ୍ଥାନ | ୯ | ୬ | ୩ | ୦ | ୧୨ | +୦.୬୧୭ |
| ଗୁଜରାଟ* | ୮ | ୪ | ୪ | ୦ | ୮ | -୦.୪୭୫ |
| ଚେନ୍ନାଇ | ୮ | ୩ | ୫ | ୦ | ୬ | -୦.୧୨୧ |
| ଦିଲ୍ଲୀ | ୮ | ୩ | ୫ | ୦ | ୬ | -୧.୦୬୦ |
| କୋଲକାତା | ୮ | ୨ | ୫ | ୧ | ୫ | -୦.୭୫୧ |
| ମୁମ୍ବଇ | ୮ | ୨ | ୬ | ୦ | ୪ | -୦.୬୮୪ |
| ଲକ୍ଷ୍ନୌ | ୮ | ୨ | ୬ | ୦ | ୪ | -୧.୧୦୬ |

ବି.ଦ୍ର.: ମ୍ୟା-ମ୍ୟାଚ୍, ବି- ବିଜୟ, ପ- ପରାଜୟ, ବା- ବାତିଲ, ପ- ପଏଣ୍ଟ

■ ଡ୍ରେସିଂରୁମରେ ଇ-ସିଗାରେଟ୍ ବ୍ୟବହାର

## ପରାଗଙ୍କ ୨୫ ପ୍ରତିଶତ ପାଉଣା କଟିଲା



ନୂଆଦିଲ୍ଲୀ, ୩୦।୪ (ଏଜେନ୍ସି): ଆଇପିଏଲ୍ ମ୍ୟାଚ୍ ଚାଲିଥିବାବେଳେ ଡ୍ରେସିଂ ରୁମରେ ଭାପିଂ (ଇ-ସିଗାରେଟ) ବ୍ୟବହାର କରି ରାଜସ୍ଥାନ ରୟାଲ୍ସର ଅଧିନାୟକ ରିୟାନ ପରାଗ ବିବାଦ ଘେରରେ ଫସିଛନ୍ତି। ମ୍ୟାଚ ସମୟରେ ଆଚରଣ ସଂହିତା ଉଲ୍ଲଂଘନ କରିଥିବାରୁ ପରାଗଙ୍କ ଉପରେ ଜରିମାନା ଲାଗିଛି। ତାଙ୍କ ମ୍ୟାଚ୍ ପାଉଣାର ୨୫ ପ୍ରତିଶତ ଜରିମାନା କରାଯାଇଛି। ଏଥିସହ ତାଙ୍କୁ ଗୋଟିଏ ଡିମେରିଟ୍ ପଏଣ୍ଟ ମିଳିଛି। ପରାଗ ତାଙ୍କ ଅପରାଧ ସ୍ୱୀକାର କରିଛନ୍ତି ଏବଂ ମ୍ୟାଚ ରେଫରି ଅମିତ ଶର୍ମାଙ୍କ ଦ୍ୱାରା ଲାଗୁ ହୋଇଥିବା ଦଣ୍ଡାଦେଶକୁ ଗ୍ରହଣ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଗତ ମଙ୍ଗଳବାର ନ୍ୟୁ ଚଣ୍ଡିଗଡ଼ରେ ଅନୁଷ୍ଠିତ ପଞ୍ଜାବ କିଙ୍ଗସ ବିପକ୍ଷ ମ୍ୟାଚରେ ଏହି ଅଘଟଣ ଘଟିଥିଲା। ଏହି ମ୍ୟାଚରେ ପଞ୍ଜାବ ପକ୍ଷରୁ ଧାର୍ଯ୍ୟ ୨୨୩ ରନର ବିଶାଳ ଲକ୍ଷ୍ୟକୁ ରାଜସ୍ଥାନ ପିଛା କରୁଥିବାବେଳେ ପରାଗ ଡ୍ରେସିଂ ରୁମରେ ଇ-ସିଗାରେଟ୍ ବ୍ୟବହାର କରୁଥିବାରୁ ଭିଡିଓ ଭାଇରାଲ ହୋଇଥିଲା।

## ମାଦ୍ରିଦ ଓପନ: ରୁଡ୍‌ଙ୍କୁ ହରାଇ ସେମିରେ ବ୍ଲୋକ୍ସ

ମାଦ୍ରିଦ, ୩୦।୪ (ଏଜେନ୍ସି): ବେଲଜିୟମର ଯୁବ ଟେନିସ ଖେଳାଳି ଆଲେକ୍ସଜାଣ୍ଡର ବ୍ଲୋକ୍ସ ଏଠାରେ ଚାଲିଥିବା ମାଦ୍ରିଦ ଓପନ୍‌ରେ ଗୁରୁବାର ବଡ଼ ବିପର୍ଯ୍ୟୟ ଘଟାଇଛନ୍ତି। ପୁରୁଷ ସିଙ୍ଗଲ୍ସର କ୍ୱାର୍ଟର ଫାଇନାଲ ମୁକାବିଲାରେ ବ୍ଲୋକ୍ସ ୬-୪, ୬-୪ ସିଧାସଳଖ ସେଟ୍‌ରେ ଡିଫେଣ୍ଡିଂ ଚାମ୍ପିଅନ ତଥା ବିଶ୍ୱର ୧୨ ନମ୍ବର ଖେଳାଳି କାସ୍ପର ରୁଡ୍‌ଙ୍କୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଏଥିସହ ୨୧ ବର୍ଷୀୟ ଆଲେକ୍ସଜାଣ୍ଡର ତାଙ୍କ କ୍ୟାରିୟରର ପ୍ରଥମ ଏଟିପି ମାଷ୍ଟର-୧୦୦୦ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ ଖେଳିବେ। ବିଶ୍ୱ ମାନ୍ୟତାର ୬୯ତମ ସ୍ଥାନରେ ରହିଥିବା ଆଲେକ୍ସଜାଣ୍ଡରଙ୍କୁ ଏହି ମ୍ୟାଚ୍ ଜିତିବା ଲାଗି ଏକ ଘଣ୍ଟା ୩୬ ମିନିଟ ସମୟ ଲାଗିଥିଲା। ଅପରପକ୍ଷରେ ମହିଳା ବିଭାଗ କ୍ୱାର୍ଟର ଫାଇନାଲରେ ଅଷ୍ଟ୍ରିଆର ଆନାସ୍ତାସିଆ ପୋଟାପୋଭା ମଧ୍ୟ ବିପର୍ଯ୍ୟୟ ଘଟାଇଛନ୍ତି। ପୋଟାପୋଭା ୬-୧, ୬-୭, (୭/୪) ସେଟରେ ପୂର୍ବତନ ଏକ ନମ୍ବର ଖେଳାଳି କାରୋଲିନା ପ୍ଲିସ୍କୋଭାଙ୍କୁ ମାତ୍ ଦେଇ ସେମିଫାଇନାଲରେ ସ୍ଥାନ ପକ୍କା କରିଛନ୍ତି।

### ଶ୍ରୀଲଙ୍କା କ୍ରିକେଟର କାୟାକଳ୍ପ ପାଇଁ ନୂଆ କମିଟି

## ସାମିଲ ହେଲେ ସାଙ୍ଗକାରା ଓ ମାହାନାମା

କଲମ୍ବୋ,୩୦।୪(ଏଜେନ୍ସି): ଶ୍ରୀଲଙ୍କା କ୍ରିକେଟ୍ (ଏସ୍‌ଏଲ୍‌ସି)ରେ ସଂସ୍କାର ଆଣିବା ଏବଂ ଏହାର ପରିଚାଳନା ପାଇଁ ଏକ ୯ ଜଣିଆ 'ଟ୍ରାନ୍ସଫରମେସନ୍ କମିଟି' ଗଠନ କରାଯାଇଛି। ପୂର୍ବତନ ବୋର୍ଡ ସଦସ୍ୟମାନଙ୍କ ଇସ୍ତଫା ପରେ ଏହି ନୂତନ ଅନ୍ତରୀଣ କମିଟିକୁ ଦାୟିତ୍ୱ ଦିଆଯାଇଛି। ପୂର୍ବତନ ରାଷ୍ଟ୍ରମନ୍ତ୍ରୀ ତଥା ବ୍ୟବସାୟୀ ଏରାନ ବିକ୍ରମରତ୍ନଙ୍କୁ ଏହି କମିଟିର ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଛି। ଶ୍ରୀଲଙ୍କାର ପୂର୍ବତନ ଅଧିନାୟକ କୁମାର ସାଙ୍ଗାକାରା, ରୋଶନ ମାହାନାମା ଏବଂ ସିଦ୍ଧାର୍ଥ ୱେଟ୍ଟିମୁନିଙ୍କ ଭଳି କିମ୍ବଦନ୍ତୀ କ୍ରିକେଟରମାନେ ଏହି କମିଟିର ସଦସ୍ୟ ରହିଛନ୍ତି।

## ହାଇଦରାବାଦର ଶତକୀୟ ବିଜୟ

ମୁମ୍ବଇ, ୩୦।୪ (ଏଜେନ୍ସି): ସନରାଇଜର୍ସ ହାଇଦରାବାଦ୍ ଦଳ ଆଇପିଏଲ୍ ଇତିହାସରେ ୧୦୦ତମ ମ୍ୟାଚ୍ ବିଜୟ ସ୍ୱାଦ ଚାଖିଛି। ଗତକାଲି ୱାଙ୍ଖେଡେ ଷ୍ଟାଡିୟମରେ ଅନୁଷ୍ଠିତ ଏକ ହାଇ-ସ୍କୋରିଂ ମ୍ୟାଚରେ ସନରାଇଜର୍ସ ୬ ୱିକେଟରେ ରୋମାଞ୍ଚକ ଭାବେ ଘରୋଇ ମୁମ୍ବଇ ଇଣ୍ଡିଆନ୍ସକୁ ପରାସ୍ତ କରିଥିଲା। ରିୟାନ ରିକ୍କେଟନ (୧୨୩)ଙ୍କ ଶତକ ବଳରେ ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବଇ ୫ ୱିକେଟରେ ୨୪୩ ରନ କରିଥିଲା। ଜବାବରେ ଟ୍ରାଭିସ ହେଡ୍ (୩୦ ବଲରେ ୭୬ ରନ), ହେନରିଚ କ୍ଲାସେନ (୩୦ ବଲରେ ୬୫ ରନ) ଓ ଅଭିଷେକ ଶର୍ମା (୨୫ ବଲରେ ୪୫ ରନ)ଙ୍କ ମିଳିତ ବିସ୍ଫୋରକ ବ୍ୟାଟିଂ ବଳରେ ହାଇଦରାବାଦ୍ ୧୮.୪ ଓଭରରେ ୪ ୱିକେଟ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଆଇପିଏଲ୍‌ରେ ୨୦୬ତମ ମ୍ୟାଚରୁ ହାଇଦରାବାଦ ଦଳର ଏହା ୧୦୦ତମ ବିଜୟ ହୋଇଛି। ଦଳ ୧୦୧ଟି ମ୍ୟାଚ୍ ହାରିଥିବାବେଳେ ୪ଟି ଟାଇ ରହିଛି। ଗୋଟିଏ ମ୍ୟାଚର ଫଳାଫଳ ବାହାରିନାହିଁ।

**ଆଇପିଏଲ୍‌ରେ ୧୦୦ରୁ ଊର୍ଦ୍ଧ୍ୱ ମ୍ୟାଚ୍ ଜିତିଥିବା ଦଳ**

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ବିଜୟ ପ୍ରତିଶତ |
| --- | --- | --- | --- | --- |
| ମୁମ୍ବଇ | ୨୮୫ | ୧୫୩ | ୧୨୮ | ୫୪.୩୮ |
| ଚେନ୍ନଇ | ୨୬୧ | ୧୪୫ | ୧୧୩ | ୫୫.୯୮ |
| ବେଙ୍ଗାଲୁରୁ | ୨୮୦ | ୧୩୮ | ୧୩୪ | ୫୦.୯୦ |
| କୋଲକାତା | ୨୭୩ | ୧୩୬ | ୧୨୯ | ୫୧.୧୧ |
| ପଞ୍ଜାବ | ୨୬୧ | ୧୨୫ | ୧୪୦ | ୪୭.୫୮ |
| ଦିଲ୍ଲୀ | ୨୭୪ | ୧୨୧ | ୧୪୫ | ୪୬.୧୨ |
| ରାଜସ୍ଥାନ | ୨୪୫ | ୧୨୦ | ୧୧୮ | ୫୦.୪୧ |
| ହାଇଦରାବାଦ୍ | ୨୦୬ | ୧୦୦ | ୧୦୧ | ୪୯.୦୧ |

● ଫିଫା ବିଶ୍ୱକପ୍

## ସୁରକ୍ଷା ଲାଗି କାନାଡା ସରକାରଙ୍କ ୧୩୭୭ କୋଟି ଆବଣ୍ଟନ

ଓଟ୍ଟାୱା, ୩୦।୪ (ଏଜେନ୍ସି): ଫୁଟବଲର ମହାକୁମ୍ଭ ଫିଫା ବିଶ୍ୱକପ୍‌ର ୨୩ତମ ସଂସ୍କରଣ ଜୁନ ୧୧ରୁ ଆରମ୍ଭ ହେବ। ଏଥର ଆମେରିକା, କାନାଡା ଓ ମେକ୍ସିକୋ ମିଳିତ ଭାବେ ଏହି ମେଗା ଇଭେଣ୍ଟକୁ ଆୟୋଜନ କରୁଛନ୍ତି। ଏହି ଅବସରରେ କାନାଡା ସରକାର ଗୁରୁବାର ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ବିଶ୍ୱକପ୍ ସମୟରେ ସୁରକ୍ଷା ବ୍ୟବସ୍ଥା ପାଇଁ କାନାଡା ସରକାର ୧୪୫ ମିଲିୟନ ଡଲାର ଆବଣ୍ଟନ କରିଛନ୍ତି। ଯାହାକି ଭାରତୀୟ ମୁଦ୍ରାରେ ପ୍ରାୟ ୧୩୭୭.୫୦ କୋଟି ଟଙ୍କା ହେବ। ଆଗାମୀ ବିଶ୍ୱକପ୍‌ର ୧୩ଟି ମ୍ୟାଚ୍ କାନାଡାର ଟରୋଣ୍ଟୋ ଓ ଭାନକୋଭର ସହରରେ ଖେଳାଯିବ। ଟରୋଣ୍ଟୋର ସୁରକ୍ଷା ବ୍ୟବସ୍ଥା ପାଇଁ ୪୫ ମିଲିୟନ ଡଲାର ଓ ଭାନକୋଭର ପାଇଁ ୧୦୦ ମିଲିୟନ ଡଲାର ଆବଣ୍ଟନ କରାଯାଇଛି ବୋଲି କାନାଡାର ସୁରକ୍ଷା ମନ୍ତ୍ରୀ ଗ୍ୟାରୀ ଆନନ୍ଦସାଙ୍ଗରୀ କହିଛନ୍ତି। ଏହି ପାଣ୍ଠି ସୁରକ୍ଷା ଏଜେନ୍ସିଗୁଡ଼ିକୁ ଇଭେଣ୍ଟ ସୁପରିଚାଳନା ଲାଗି ସହାୟତା ରାଶି। ଯାହା ବିଶ୍ୱକପ୍ ଉପଭୋଗ କରିବା ସମୟରେ ଲୋକଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବ ବୋଲି ଗ୍ୟାରୀ କହିଛନ୍ତି।

● ସ୍ୱାମୀ ବିବେକାନନ୍ଦ ଫୁଟ୍‌ବଲ ଚାମ୍ପିଅନସିପ୍

## ଲାକ୍ଷାଦୀପ ବିପକ୍ଷରୁ ଓଡ଼ିଶାର ଅଭିଯାନ



ଭୁବନେଶ୍ୱର, ୩୦।୪ (ସମିସ): ଜାତୀୟ ୨୦ ବର୍ଷରୁ କମ୍ ଫୁଟ୍‌ବଲ ଚାମ୍ପିଅନସିପ୍ ସ୍ୱାମୀ ବିବେକାନନ୍ଦ ଟ୍ରଫି ମେ ୨ ତାରିଖରୁ ଛତିଶଗଡ଼ର ନାରାୟଣପୁରରେ ଆରମ୍ଭ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ଲାଗି ୧୮ ଜଣିଆ ଓଡ଼ିଶା ଦଳ ଛତିଶଗଡ଼ ଗସ୍ତ କରିଛି। ଏହି ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ଗ୍ରୁପ୍-ଇ'ରେ କର୍ଣ୍ଣାଟକ, ପଶ୍ଚିମବଙ୍ଗ ଓ ଲାକ୍ଷାଦୀପ ସହ ସ୍ଥାନ ପାଇଛି। ଉଦଘାଟନୀ ଦିବସରେ ଲାକ୍ଷାଦୀପ ସହ ଖେଳି ଓଡ଼ିଶା ପ୍ରତିଯୋଗିତାରେ ଅଭିଯାନ ଆରମ୍ଭ କରିବ। ଏହାପରେ ମେ ୪ରେ କର୍ଣ୍ଣାଟକ ଓ ୬ ତାରିଖରେ ପଶ୍ଚିମବଙ୍ଗ ସହ ଓଡ଼ିଶା ତା'ର ଶେଷ ମ୍ୟାଚ୍ ଖେଳିବ। ଏହି ଅବସରରେ ଫୁଟବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ସମ୍ପାଦକ ଆଶୀର୍ବାଦ ବେହେରା ଓ ଅନ୍ୟ କର୍ମକର୍ତ୍ତା ରାଜ୍ୟ ଦଳକୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

**ଓଡ଼ିଶା ଦଳ:** କୁଅଁର ବରଜ, ନାସିରୁଦ୍ଦିନ ଖାନ (ଉଭୟ ଗୋଲକିପର), ଦିସାନ ମୁଣ୍ଡା, ଅରକ୍ଷିତ ମାଝୀ, ପ୍ରମୋଦ ବାରବିହା, ମନୋଜ ସନ୍ତ, ପ୍ରେମ ପିୟୁଷ ବାଗ, ଆଲୋକ କୁମାର ଦାସ, ବରିଆଲ ଟୁଡୁ, ଅବିନାଲ କିଶାନ, ଜଗବନ୍ଧୁ ସନ୍ତ, ମନିଷ ଭୋଇ, ସରୋଜ କୁମାର ନନ୍ଦ, ରୋନିକ ମାଝୀ, ଶଙ୍କ ଶେଖର ହେମ୍ବ୍ରମ, ସୁମିତ ଭୂମିଜ, ପଙ୍କଜ ତନ୍ତୀ ଓ ମୋହନ ଗୁଣ୍ଡା।

### ନୀଳାଚଳ ଟ୍ରଫି

## ରାଉରକେଲାକୁ ୧ ରନରେ ହରାଇ ସେମିରେ ଦିଲ୍ଲୀ




ପୁରୀ, ୩୦।୪ (ସମିସ): ସ୍ଥାନୀୟ ଜଗନ୍ନାଥ ଷ୍ଟାଡିୟମରେ ଚାଲିଥିବା ୧୭ତମ ଜଗଦୀଶଚନ୍ଦ୍ର ରାଉତରାୟ ସ୍ମାରକୀ ନୀଳାଚଳ ଟ୍ରଫିର ୪ର୍ଥ କ୍ୱାର୍ଟର ଫାଇନାଲରେ ଦିଲ୍ଲୀର ପାଲମ ବିହାର ଦଳ ୧ ରନରେ ରାଉରକେଲାର ଆରୱାଇସିସିକୁ ପରାସ୍ତ କରିଛି। ଗୁରୁବାର ଅନୁଷ୍ଠିତ ଏହି ରୋମାଞ୍ଚକ ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ପାଲମ ବିହାର ୩୫ ଓଭରରେ ୮ ୱିକେଟ ହରାଇ ୨୪୦ ରନ କରିଥିଲା। ଦଳ ପକ୍ଷରୁ ସୁମିତ ସିଂ ୯ ଛକା ଓ ୪ ଚୌକା ସହାୟତାରେ ୮୭ ବଲରେ ୧୦୬ ରନର ଶତକୀୟ ପାଳି ଖେଳିଥିଲେ। ସେହିଭଳି ଅଧିନାୟକ ସିମରନଜିତ୍ ସିଂହ ୭୯ ରନର ଉପଯୋଗୀ ପାଳି ଖେଳିଥିଲେ। ରାଉରକେଲାର ସଫଳ ବୋଲର ଭାବେ ଆକାଶ ଠାକୁର ୫ଟି ଏବଂ ଗୋବିନ୍ଦ ପୋଦ୍ଦାର, ସୌମ୍ୟ ଲେଙ୍କା ଓ ପିଣ୍ଟୁ ଗୋଟିଏ ଲେଖାଏ ୱିକେଟ୍ ନେଇଥିଲେ। ଜବାବରେ ଗୋବିନ୍ଦ ପୋଦ୍ଦାରଙ୍କ ଦ୍ରୁତ ୮୬ ରନ (୫୯ ବଲ୍, ୪ ଚୌକା ଓ ୬ ଛକା) ସତ୍ତ୍ୱେ ରାଉରକେଲା ୩୫ ଓଭରରେ ୬ ୱିକେଟ ହରାଇ ୨୩୯ ରନ କରି ମାତ୍ର ୧ ରନରେ ପରାସ୍ତ ହୋଇଥିଲା। ୱାଲ୍ଟର ଟପ୍ପୋ ୩୯, ଜ୍ଞାନରଞ୍ଜନ ନାୟକ ୪୩, ରାହୁଲ ଛେତ୍ରୀ ଅପରାଜିତ ୨୫ ରନ କରିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ। ଦିଲ୍ଲୀର ସଚିନ ଢିଲୋଙ୍କୁ ସର୍ବାଧିକ ୩ଟି ୱିକେଟ୍ ମିଳିଥିଲା।

ସୁମିତଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ଓ ଆକାଶଙ୍କୁ 'ଇମ୍ପାକ୍ଟ' ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା। ସୋମନାଥ ବାନାର୍ଜୀ ଓ ନରେନ୍ଦ୍ର ମହାପାତ୍ର ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଶୁକ୍ରବାର ପ୍ରଗତି ସ୍ପୋର୍ଟିଂ ଓ ଦିଲ୍ଲୀ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ।

■ ଥୋମାସ କପ୍

## କ୍ୱାର୍ଟରରେ ଭାରତ-ଚାଇନିଜ ତାଇପେଇ ଲଢ଼େଇ

କୋପେନହେଗେନ, ୩୦।୪ (ଏଜେନ୍ସି): ଡେନମାର୍କରେ ଚାଲିଥିବା ଥୋମାସ କପ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ଶୁକ୍ରବାରଠାରୁ ଆରମ୍ଭ ହେବ। ଭାରତୀୟ ପୁରୁଷ ଦଳ କ୍ୱାର୍ଟର ଫାଇନାଲରେ ଆସନ୍ତାକାଲି ଚାଇନିଜ ତାଇପେଇକୁ ଭେଟିବ। ପୂର୍ବରୁ ଗ୍ରୁପ୍ ପର୍ଯ୍ୟାୟରେ ଭାରତ ୩ ମ୍ୟାଚ୍ ଖେଳି ଦୁଇ ବିଜୟ ଓ ଗୋଟିଏ ପରାଜୟ ସହ ଦ୍ୱିତୀୟ ସ୍ଥାନରେ ରହି ନକ୍‌ଆଉଟକୁ ପ୍ରବେଶ କରିଥିଲା। ୨୦୨୨ ସଂସ୍କରଣ ଚାମ୍ପିଅନ ଭାରତ ଗ୍ରୁପ୍ ପର୍ଯ୍ୟାୟରେ ୪-୧ରେ କାନାଡାକୁ ଓ ୫-୦ରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଥିଲା। କିନ୍ତୁ ଅନ୍ତିମ ମ୍ୟାଚରେ ୨-୩ରେ ଚାଇନା ନିକଟରୁ ହାରି ଭାରତ ଦ୍ୱିତୀୟ ସ୍ଥାନରେ ରହିଥିଲା। ଅପରପକ୍ଷରେ ଚାଇନିଜ ତାଇପେଇ ଗ୍ରୁପ୍-ସି'ରେ ୩ ମ୍ୟାଚରୁ ୨ ବିଜୟ ସହ ନକ୍‌ଆଉଟକୁ ଯୋଗ୍ୟତା ଅର୍ଜନ କରିଛି। ତେଣୁ ଉଭୟ ଭାରତ ଓ ତାଇପେଇ ସମାନ ପ୍ରଦର୍ଶନ କରିଥିବାରୁ କ୍ୱାର୍ଟର ଫାଇନାଲ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି। ଲକ୍ଷ୍ୟ ସେନ, ଆୟୁଷ ସେଟ୍ଟୀ, ଚିରାଗ ସେଟ୍ଟୀ ଓ ସାତ୍ୱିକସାଇରାଜ ରାନକିରେଡ୍ଡୀଙ୍କ ଭଳି ଅଭିଜ୍ଞ ଖେଳାଳି ଥିବାରୁ ଭାରତର ପଲା ଭାରି ରହିଛି।

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନଚୈନଂ କ୍ଳେଦୟନ୍ତ୍ୟାପୋଃ ନ ଶୋଷୟତି ମାରୁତଃ॥

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ଭବାନୀ ଶଙ୍କର ମହାପାତ୍ର (ଟିକି)
ପଳାଶପିଠିଆ, ଗୋଡା
ଆବିର୍ଭାବ: ୦୨.୦୮.୧୯୭୭
ତିରୋଧାନ: ୨୧.୦୪.୨୦୨୬

ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, ପରୋପକାରିତା ଓ ଧର୍ମପରାୟଣ ମନୋଭାବ ସବୁଦିନ ଆମକୁ ପ୍ରେରଣା ଦେଉଥିବ। ତୁମ ଆବର୍ତ୍ତମାନରେ ଆମେ ଝୁରୁଛୁ ଆଉ ଝୁରୁଥିବୁ ଅହରହ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଚରଣରେ ଆନ୍ତର ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ
କନିଷ୍ଠ ଭ୍ରାତା - ଦେବୀପ୍ରସାଦ, ପତ୍ନୀ - ବନ୍ଦିତା, ଝିଅ - ମାର୍ଭି ମେଘାବିନି,
ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS